R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୪୩
ତିଥି : ଅଷ୍ଟମୀ
୦୮ ଜୁନ୍ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 243
08 June 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# ୪ ଦିନରେ ଓଡ଼ିଶା ଛୁଇଁବ ମୌସୁମୀ

- କାଳବୈଶାଖୀ ବର୍ଷା ଯୋଗୁ ତାତିରୁ ଆଶ୍ୱସ୍ତି
- ଆର୍ଦ୍ରତା ଯୋଗୁ ପ୍ରବଳ ଗୁଳୁଗୁଳି ଅନୁଭୂତ



ଭୁବନେଶ୍ୱର,୭।୬,(ସବ୍ୟୁ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୋରସୋରରେ ଆଗକୁ ବଢୁଛି। ରବିବାର ମୌସୁମୀ ନାଗାଲାଣ୍ଡ, ମଣିପୁର ଓ ମିଜୋରାମର ସମ୍ପୂର୍ଣ୍ଣ ଅଞ୍ଚଳକୁ ଛୁଇଁଥିବା ବେଳେ ତ୍ରିପୁରା, ଆସାମ ଏବଂ ଅରୁଣାଚଳପ୍ରଦେଶର କିଛି ଅଂଶକୁ ପ୍ରବେଶ କରିଛି । ଆଗାମୀ ୩ରୁ ୪ ଦିନ ଭିତରେ ଛତିଶଗଡ଼ ଓ ଓଡ଼ିଶାକୁ ଏହା ପ୍ରବେଶ କରିବା ଲାଗି ପାଗ ପୂରା ଅନୁକୂଳ ରହିଛି । ଏଭଳି ଆକଳନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗର କହିବା ଅନୁସାରେ, ରାଜ୍ୟରେ କାଳବୈଶାଖୀ ବର୍ଷା ଜାରି ରହିଛି । ଆଜି କଟକରେ ସର୍ବାଧିକ ୩୧ ମିଲିମିଟର ବର୍ଷା ହୋଇଥିବା ବେଳେ ଭୁବନେଶ୍ୱରରେ ୬.୮ କିମି, ବାରିପଦାରେ ୧୧ ମିମି ବର୍ଷା ରେକର୍ଡ ହୋଇଛି । ଅନେକ ସ୍ଥାନରେ ବର୍ଷା ହୋଇଥିବା ଜଣାପଡିଛି । ତେବେ ବର୍ଷା ସତ୍ତ୍ୱେ ମଧ୍ୟ ଉପକୂଳ ଓଡ଼ିଶାରେ ଆର୍ଦ୍ରତା ବୃଦ୍ଧି ଯୋଗୁ ଗୁଳୁଗୁଳି ଅନୁଭୂତ ହେଉଛି । ଯେଉଁଠି ବର୍ଷା ହେଉଛି ସେଠାରେ ତାପମାତ୍ରା କେତେକାଂଶରେ ହ୍ରାସ ପାଇବା ସହ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି ।

ଆସନ୍ତାକାଲି (ସୋମବାର) ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗରଙ୍ଗପୁର, କୋରାପୁଟ, ମାଲକାନାଗିରି ଆଦି ଜିଲ୍ଲାକୁ କାଳବୈଶାଖୀ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟରେ ପବନ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ବୋହିପାରେ । ଏହାସହ ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଅନୁଗୁଳ, ଢ଼େଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ କାଳବୈଶାଖୀ ବର୍ଷା ହୋଇପାରେ । ଏସବୁ ଜିଲ୍ଲା ଗୁଡିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ତେବେ ବୌଦ୍ଧ, ବଲାଙ୍ଗୀର ଓ କଳହାଣ୍ଡି ଜିଲ୍ଲାର ଅଧିକାଂଶ ସ୍ଥାନରେ ରାତି ସମୟରେ ଗରମ ଅନୁଭୂତ ହେବ । ଏହିଭଳି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ବହୁ ସ୍ଥାନରେ ଗରମ ସହ ଗୁଳୁଗୁଳି ଅନୁଭୂତି ହେବାର ସମ୍ଭାବନା ଅଛି ।

ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ବିଗତ ୪୮ ଘଣ୍ଟା ମଧ୍ୟରେ ପରିବର୍ତ୍ତନ ବଙ୍ଗୋପସାଗରରେ ମୌସୁମୀ ପ୍ରକ୍ରିୟା ଯାହା ମନ୍ଥର ରହିଥିଲା, ଗତ ଦୁଇ ( ୯ ପୃଷ୍ଠାରେ)

## କଟାକ୍ଷ କଲେ ଇରାନ ବୈଦେଶିକ ମନ୍ତ୍ରୀ

# ଟ୍ରମ୍ପଙ୍କ ସହ କଥାବାର୍ତ୍ତା କେବେ ନୁହେଁ



ତେହେରାନ,୭।୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବା ଖେମିନିଙ୍କ ମଧ୍ୟରେ ଆଗାମୀ ଦିନରେ ଏକ ସାକ୍ଷାତକାର ହେବା ନେଇ ୱାଶିଂଟନ ପକ୍ଷରୁ କରାଯାଉଥିବା ଦାବିକୁ ଶେଷରେ ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଗଚି ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସହ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ଭିତରେ ଏଭଳି ଆଶା ରଖିବା ସମ୍ପୂର୍ଣ୍ଣ "ଅବାସ୍ତବ" ଓ କାଳ୍ପନିକ ବୋଲି କହିଛନ୍ତି । ଲେବାନନର ପ୍ରସିଦ୍ଧ ଗଣମାଧ୍ୟମ "ଅଲ୍ ମାୟାଦିନ" କୁ ଦେଇଥିବା ଏକ ସାକ୍ଷାତକାରରେ ଆରାଗଚି କହିଛନ୍ତି ଯେ ଟ୍ରମ୍ପ ବାସ୍ତବ ଦୁନିଆରେ ଭାବିବା ଓ ବଞ୍ଚିବା ଉଚିତ୍, କାରଣ ଦୁଇ ଦେଶ ମଧ୍ୟରେ କୌଣସି ଉଚ୍ଚସ୍ତରୀୟ ବୈଠକ ପାଇଁ କୌଣସି ନିଷ୍ପତ୍ତି ହୋଇନାହିଁ । ଚଳିତ ସପ୍ତାହ ପ୍ରାରମ୍ଭରେ ଟ୍ରମ୍ପ ଦାବି କରିଥିଲେ ଯେ ସେ ଆଗାମୀ ଦିନରେ ଇରାନର ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କରିବାକୁ ଆଗ୍ରହୀ ଏବଂ ୱାଶିଂଟନ-ତେହେରାନ ମଧ୍ୟରେ ଆଲୋଚନା ସକାରାତ୍ମକ ଦିଗରେ ଆଗେଇଲେ ଏହି ଐତିହାସିକ ବୈଠକ ସମ୍ଭବ ହୋଇପାରେ । ଟ୍ରମ୍ପ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଆଞ୍ଚଳିକ ସୁରକ୍ଷା ଉପରେ ଏକ ବ୍ୟାପକ ଚୁକ୍ତି ପାଇଁ ରାଜି ଥିବା ସଙ୍କେତ ଦେଇଥିଲେ ମଧ୍ୟ ଇରାନ ବୈଦେଶିକ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଆମେରିକାର ପ୍ରତିବନ୍ଧକ ଓ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସଂଘର୍ଷ ଯୋଗୁଁ ବର୍ତ୍ତମାନ ପରିପ୍ରେକ୍ଷୀରେ କୌଣସି ବାର୍ତ୍ତାଳାପ ସହଜ ନୁହେଁ ।

# ବକୁଳବନ ଢାଞ୍ଚାରେ ହେବ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ବିକାଶ : ମୁଖ୍ୟମନ୍ତ୍ରୀ

- ଖୋର୍ଦ୍ଧା ମାଟିରୁ ଆଉ ୨୦୪ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ
- ୧୨ ହଜାର କୋଟିରେ ନିର୍ମାଣ ହେବ ୨୨୦୦ ଆଦର୍ଶ ବିଦ୍ୟାଳୟ
- ବର୍ତ୍ତମାନ ୩୨୨ ଆଦର୍ଶ ବିଦ୍ୟାଳୟର ନିର୍ମାଣ ପ୍ରକ୍ରିୟା ଆରମ୍ଭ



ଖୋର୍ଦ୍ଧା/ଭୁବନେଶ୍ୱର,୭।୬,(ସବ୍ୟୁ): ପଞ୍ଚସଖା ଯେପରି ସତ୍ୟବାଦୀଠାରେ ବକୁଳବନ ବିଦ୍ୟାଳୟ ସ୍ଥାପନ କରିଥିଲେ, ସେଠାରେ ପିଲାମାନଙ୍କୁ ଯେପରି ସମସ୍ତ ପ୍ରକାର ଶିକ୍ଷାଦାନ କରାଯାଉଥିଲା, "ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଗୁଡିକ ମଧ୍ୟ ସେହିପରି ଢାଞ୍ଚାରେ ପ୍ରସ୍ତୁତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଖୋର୍ଦ୍ଧା ଜିଲ୍ଲା କୁମାରବସ୍ତ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରାଥମିକ ଶିକ୍ଷା ହେଉଛି ଜଣେ ଛାତ୍ରର ଶିକ୍ଷାଗ୍ରହଣର ମୂଳଦୁଆ । ମୂଳଦୁଆ ଯେତିକି ସୁଦୃଢ଼ ହେବ, ପିଲାର ଭବିଷ୍ୟତ ସେତିକି ଉଜ୍ଜ୍ୱଳ ହେବ । ତେଣୁ ଆମ ସରକାର ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହା ମାଧ୍ୟମରେ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶିକ୍ଷାର ବାତାବରଣ ସୁଦୃଢ଼ ଏବଂ ସଂଗଠିତ କରାଯିବ । ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ଦିଆଯିବ । ପିଲାମାନେ ସର୍ବୋତ୍ତମ ଓ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ମୟୂରଭଞ୍ଜ ଜିଲ୍ଲା ଦେଉଳୀ ସ୍କୁଲର ଛାତ୍ରୀ ଅଭିଲିପ୍ସା ସିଂ, କୋରାପୁଟ ଜିଲ୍ଲା ମାଛକୁଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ ସତ୍ୟପ୍ରକାଶ ଭୂୟାଁ ଓ ରାଧିକା, ବାଲେଶ୍ୱର ଜିଲ୍ଲା ଗେଙ୍ଗୁଟି ପ୍ରାଥମିକ ବିଦ୍ୟାଳୟର ଛାତ୍ର ଆୟୁଷ କୁମାର ଘଡା ଏବଂ ନୂଆପଡା ଜିଲ୍ଲାର ଶିକ୍ଷୟିତ୍ରୀ ପ୍ରମିଳା କୁଣ୍ଡୁଙ୍କ ସହିତ ସେମାନଙ୍କର ପାଠପଢା ଓ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ । ଚଳିତବର୍ଷ ଜାନୁଆରୀରେ ବାଣପୁର ଠାରେ ଏହି ଯୋଜନା ଆରମ୍ଭ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୨,୦୦୦ କୋଟି ଟଙ୍କା ବିନିଯୋଗରେ ରାଜ୍ୟବ୍ୟାପୀ ୨୨୦୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ । ପ୍ରଥମ ପର୍ଯ୍ୟାୟରେ ( ୯ ପୃଷ୍ଠାରେ)

## ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲା

# ବନ୍ଧା ହେଲେ କୋଟିପତି ଯନ୍ତ୍ରୀ

ଫୁଲବାଣୀ,୭।୬,(ସବ୍ୟୁ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରାଙ୍କୁ ଗିରଫ କରିଛି ଭିଜିଲାନ୍ସ । ଗତକାଲି ଶ୍ରୀ ବେହେରାଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ ବେଳେ ଭିଜିଲାନ୍ସ ବିପୁଳ ସଂପତ୍ତି ଠାବ କରିଥିଲା । ସେଥିମଧ୍ୟରେ ରହିଛି ୫ଟି କୋଠା ଓ ୧୪ଟି ଦାମୀ ପ୍ଲଟ୍ । ତାଙ୍କଠାରୁ ୨.୦୪ କୋଟିରୁ ଅଧିକ ନଗଦ ଟଙ୍କା ଓ ୫୦୦ ଗ୍ରାମର ସୁନା ଜବତ କରାଯାଇଛି । ସେହିପରି ସେ ବ୍ୟାଙ୍କରେ ୪୫ ଲକ୍ଷ ଟଙ୍କା ଜମା ରଖିଛନ୍ତି । ତା' ସହିତ ଅନ୍ୟାନ୍ୟ ସଂପତ୍ତି ଠାବ କରାଯାଇଛି । ତାଙ୍କର ୫ଟି କୋଠା ମଧ୍ୟରୁ ୪ଟି ଭୁବନେଶ୍ୱରରେ ରହିଛି । ସେ ରହୁଥିବା ଘରର ଇଣ୍ଟେରିଅର ଦେଖିଲେ ଯେ କେହି ବି ଚକିତ ହୋଇଯିବେ । ତେବେ ସେ କିଭଳି ଏତେ ସଂପତ୍ତି ଠୁଳ କଲେ, ତା'ର କୌଣସି ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି । ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରାଙ୍କ ପତ୍ନୀଙ୍କ ନାମରେ ଥିବା ଏକ ଲକରକୁ ଭିଜିଲାନ୍ସ ଏଯାଏ ଖୋଲି ନାହିଁ ବୋଲି କହିଛି । ୨୦୦୧ ମସିହାରୁ ୨୦୦୭ ମସିହା ମଧ୍ୟରେ ଶ୍ରୀ ବେହେରା ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଏବଂ ନବରଙ୍ଗପୁର ଆଇଟିଡିଏରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୨୦୧୬ ମସିହାରେ ତାଙ୍କର ପଦୋନ୍ନତି ହୋଇ ପୁନର୍ବାର ନବରଙ୍ଗପୁର ଆଇଟିଡିଏରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ସେଠାରେ ସେ ୨୦୨୨ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏହାପରେ ସେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଆଇଟିଡିଏରେ ଯୋଗ ଦେଇଥିଲେ । ନିକଟରେ ୨୦୨୬ ମସିହା ଫେବ୍ରୁଆରି ୧୨ ତାରିଖରେ ତାଙ୍କର ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ମିଳିଥିଲା ଏବଂ ସେ ବାଲିଗୁଡ଼ା ଆଇଟିଡିଏ କାର୍ଯ୍ୟାଳରେ କାର୍ଯ୍ୟ ଜାରି ରଖିଥିଲେ । ୧୯୯୯ରେ କନିଷ୍ଠ ଯନ୍ତ୍ରୀ ଭାବେ ଚାକିରି ଆରମ୍ଭ କରିଥିଲେ ବୈକୁଣ୍ଠ । ନବରଂଗପୁର ବ୍ଲକ କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିଲା ଚାକିରି ଜୀବନ । ( ୯ ପୃଷ୍ଠାରେ)

## ଜଗବନ୍ଧୁ ଷ୍ଟୋନ କ୍ରସରରେ ବିସ୍ଫୋରଣ: ଜଣେ ମୃତ, ୫ ଆହତ



ଢେଙ୍କାନାଳ,୭।୬,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଲପ୍ରସାଦ ଥାନା କଷ୍ଟିପାଳ ଠାରେ ଥିବା ଜଗବନ୍ଧୁ ଷ୍ଟୋନ କ୍ରସରରେ ବିସ୍ଫୋରଣ ଘଟି ଜଣେ ଶ୍ରମିକର ଜୀବନ ଚାଲିଯାଇଥିବା ବେଳେ ଏକାଧିକ ଆହତହୋଇ ଚିକିତ୍ସିତ ହେଉଥିବାର ଜଣାପଡିଛି । ନିହଲପ୍ରସାଦ ଥାନା କଷ୍ଟିପାଳରେ ଜଗବନ୍ଧୁ ଷ୍ଟୋନ କ୍ରସର ରହିଛି । ଏହି ଖଣିରେ ଆଜି ଅପରାହ୍ଣରେ ବିସ୍ଫୋରଣ ସମୟରେ ଜଣେ ଶ୍ରମିକର ମୃତ୍ୟୁ ଘଟିଥିବା ବେଳେ ୫ରୁ ଅଧିକ ଶ୍ରମିକ ଆହତ ହୋଇଥିଲେ । ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତେବେ ମୃତାହତଙ୍କ ସଂଖ୍ୟା ଏବଂ ଆହତଙ୍କ ସଂଖ୍ୟା ନେଇ ସନ୍ଦେହ ସୃଷ୍ଟି ହୋଇଛି । ପୋଲିସ ଏହି ଖଣିର ଲାଇସେନସ ଥିବା ବେଳେ ବ୍ଲାଷ୍ଟିଂ ପାଇଁ ମଧ୍ୟ ଅନୁମତି ରହିଛି ବୋଲି ପ୍ରକାଶ କରିଛି । ଏ ଦିଗରେ ତଦନ୍ତ ଜାରିରହିଛି । ବ୍ଲାଷ୍ଟିଂ ଯୋଗୁ ଜଣକର ମୃତ୍ୟୁ ଘଟିଥିବାର ପୋଲିସ ସୂଚନା ଦେଇଛି । ତେବେ ବିନା ସୁରକ୍ଷା ସରଞ୍ଜାମରେ ଏବଂ ଅସୁରକ୍ଷିତ ଭାବରେ ବ୍ଲାଷ୍ଟିଂ କରାଯାଉଥିବାର ସ୍ଥାନୀୟ ଲୋକଙ୍କ ଠାରୁ ଜଣାପଡିଛି । ତେତେ ରାତିରେ କୌଣସି ସଠିକ ଖବର ଜଣାପଡିନାହିଁ । ପୋଲିସ ଏବଂ ଅଧିକାରୀ ସେଠାରେ ତଦନ୍ତ କରୁଥିବାର ଜଣାପଡିଛି ।

## ପୁଣି ବଢିଲା ଘରୋଇ ଗ୍ୟାସ ଦର

ନୂଆଦିଲ୍ଲୀ,୭।୬: ପୁଣି ବଢିଲା ଘରୋଇ ଗ୍ୟାସ ଦର । ୧୪.୨ କେଜି ବିଶିଷ୍ଟ ଘରୋଇ ଗ୍ୟାସ ଦର ୨୯ ଟଙ୍କା ବଢିଛି । ଆଜି ଠାରୁ ସାରା ଦେଶରେ ଏହି ଦର ଲାଗୁ କରାଯାଇଛି । ଭୁବନେଶ୍ୱରରେ ଘରୋଇ ଗ୍ୟାସ ଦର ସିଲିଣ୍ଡର ପିଛା ୯୩୯ ଟଙ୍କା ଥିବା ବେଳେ ଏବେ ଏହା ୯୬୮ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ଦିଲ୍ଲୀରେ ଘରୋଇ ଗ୍ୟାସ ଦର ୯୧୩ ଟଙ୍କା ଥିବା ବେଳେ ଏବେ ୯୪୨ ଟଙ୍କାକୁ ବୃଦ୍ଧି ହୋଇଛି । ଏହା ପୂର୍ବରୁ ଗତ ମାର୍ଚ୍ଚ ମାସରେ ଘରୋଇ ଗ୍ୟାସ ଦର ସିଲିଣ୍ଡର ପିଛା ୬୦ ଟଙ୍କା ବଢ଼ିଥିଲା । ସରକାର ସଫେଇ ଦେଇଛନ୍ତି, ଭାରତୀୟ ରନ୍ଧନ ଗ୍ୟାସ୍ ବିଶ୍ୱର ସବୁଠାରୁ ଶସ୍ତା ଗ୍ୟାସ୍ ମଧ୍ୟରେ ରହିଛି । ଦର ବଢ଼ିବା ନେଇ ସମାଲୋଚନା ମଧ୍ୟରେ ଏପରି କହି କେନ୍ଦ୍ର ସରକାର ବୃଦ୍ଧିକୁ ସମର୍ଥନ କରିଛନ୍ତି । ସରକାର ( ୯ ପୃଷ୍ଠାରେ)

# ଭାରତରେ କମୁଛି ଜନ୍ମ ହାର



ନୂଆଦିଲ୍ଲୀ,୭।୬: ଭାରତରେ ପ୍ରଥମ ଥର ପାଇଁ ମୋଟ ପ୍ରଜନନ ହାର ଜନସଂଖ୍ୟା ସ୍ଥିର ରଖିବା ପାଇଁ ଆବଶ୍ୟକ ହେଉଥିବା ଜାତୀୟ ମାନଦଣ୍ଡ ୨.୧ ରୁ ୧.୯ କୁ ହ୍ରାସ ପାଇବା ଘଟଣା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ, ଏହାକୁ ନେଇ ବିଶ୍ୱର ପ୍ରମୁଖ ଶିଳ୍ପପତି ଏଲନ୍ ମସ୍କ ଏବଂ ମିଳିତ ଜାତିସଂଘର ଜନସଂଖ୍ୟା ପାଣ୍ଠି ଗଭୀର ଚିନ୍ତା ପ୍ରକାଶ କରିବା ସହ ଭବିଷ୍ୟତରେ ଦେଶର କାର୍ଯ୍ୟକ୍ଷମ ଯୁବ ଶ୍ରମଶକ୍ତି, ଅର୍ଥନୀତିଏବଂ ସାମାଜିକ ସଂରଚନା ଗମ୍ଭୀର ଭାବେ ପ୍ରଭାବିତ ହେବା ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି । ଏକ ଦଶନ୍ଧି ପୂର୍ବେ ଏହି ଜନ୍ମ ହାର ୨.୩ ରହିଥିବା ବେଳେ ବର୍ତ୍ତମାନ ଏହା ପ୍ରଥମ ଥର ପାଇଁ ରିପ୍ଲେସମେଣ୍ଟ ଲେଭଲ୍ ତଳକୁ ଖସିଆସିଛି, ଯେଉଁଥିରେ ଦେଶର ରାଜଧାନୀଦିଲ୍ଲୀମାତ୍ର ୧.୨ ପ୍ରଜନନ ହାର ସହ ୟୁରୋପୀୟ ଦେଶ ଫିନଲ୍ୟାଣ୍ଡଠାରୁ ବି ନିମ୍ନରେ ରହିଛି । ମସ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି ଯେ, ଭାରତର ଉଚ୍ଚଶିକ୍ଷିତ ବର୍ଗଙ୍କ ମଧ୍ୟରେ ଏହି ହାର ବହୁ ବର୍ଷ ପୂର୍ବରୁ ହିଁ ହ୍ରାସ ପାଇସାରିଥିଲା । ପରିସଂଖ୍ୟାନ ଅନୁଯାୟୀ, ଦେଶର କେବଳ ବିହାର ଏବଂ ଉତ୍ତର ପ୍ରଦେଶ ଭଳି କେତେକ ସୀମିତ ଉତ୍ତର ଭାରତୀୟ ରାଜ୍ୟରେ ଏହି ହାର ଏବେ ମଧ୍ୟ ନିର୍ଦ୍ଧାରିତ ମାନଦଣ୍ଡରୁ ଉପରେ ଥିବା ବେଳେ, ତାମିଲନାଡୁ ସମେତ ଦକ୍ଷିଣ ଭାଗର ବିକଶିତ ରାଜ୍ୟ ଓ ସହରାଞ୍ଚଳଗୁଡ଼ିକରେ ଏହା ଅତି ଦ୍ରୁତ ଗତିରେ ହ୍ରାସ ପାଇଛି । ଜାତିସଂଘ ଅନୁଯାୟୀ, ବର୍ତ୍ତମାନ ଭାରତର ସାମ୍ପ୍ରତିକ ଜନସଂଖ୍ୟା ୧୪୦ କୋଟିରୁ ଅଧିକ ରହିଛି ଏବଂ "ପପୁଲେସନ୍ ମୋମେଣ୍ଟମ୍" ଯୋଗୁଁ ଯୁବପିଢ଼ିଙ୍କ ଦ୍ୱାରା ଜନସଂଖ୍ୟା ସାମୟିକ ଭାବେ ବଢୁଛି । ତେବେ ବାଲ୍ୟ ବିବାହ, ଲିଙ୍ଗଗତ ବ୍ୟବଧାନ ଏବଂ ସ୍ୱାସ୍ଥ୍ୟସେବାର ଅଭାବ ଏବେ ବି ଜନସଂଖ୍ୟାକୁ ପ୍ରଭାବିତ କରୁଛି । ଯଦି ପ୍ରଜନନ ହାର ଏଭଳି ନିମ୍ନଗାମୀ ହୋଇ ରହେ, ତେବେ ଆଗାମୀ ବର୍ଷଗୁଡ଼ିକରେ ଦେଶର ଜନସଂଖ୍ୟା ବୃଦ୍ଧି ସମ୍ପୂର୍ଣ୍ଣ ସ୍ଥିର ହୋଇ ଓଲଟା ହ୍ରାସ ପାଇବା ଆରମ୍ଭ କରିବ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ।

# ସବୁଠାରୁ ଚଉଡା ଜିଭ



ଆମେରିକାର ଜଣେ ବ୍ୟକ୍ତି ଏବଂ ତାଙ୍କ ଝିଅ ବିଶ୍ୱର ସବୁଠାରୁ ଓସାରିଆ ଜିଭ ପାଇଁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସରେ ନିଜ ନାମ ସାମିଲ କରିଛନ୍ତି । ନ୍ୟୁୟର୍କର ସିରାକ୍ୟୁଜ୍‌ରେ ରହୁଥିବା ବାୟରନ୍ ଶ୍ଲେଙ୍କରଙ୍କ ଜିଭର ଓସାର ପ୍ରାୟ ୮.୫୭ ସେଣ୍ଟିମିଟର ରହିଛି । ତାଙ୍କୁ ଏହି ଅଦ୍ଭୁତ ବିଶେଷତ୍ୱ ବିଷୟରେ ହଠାତ୍ ପଡ଼ିଥିଲା । ସେ ନିଜ ଝିଅ ଏମିଲିଙ୍କର ଏକ ସ୍କୁଲ ପ୍ରୋଜେକ୍ଟ ପାଇଁ ଲାଇବ୍ରେରୀ ଯାଇଥିବା ସମୟରେ ଗିନିଜ୍ ରେକର୍ଡ ବହି ଦେଖିବାକୁ ପାଇଥିଲେ । ସେଠାରେ ଉଲ୍ଲେଖ ଥିବା ପୂର୍ବର ବିଶ୍ୱ ରେକର୍ଡ ତାଙ୍କ ନିଜ ଜିଭ ତୁଳନାରେ ଛୋଟ ବୋଲି ଜାଣିବାକୁ ପାଇବା ପରେ ସେ ଆଧିକାରିକ ଭାବେ ମାପ କରାଇ ଏହି ନୂଆ ୱାର୍ଲ୍ଡ ରେକର୍ଡ ନିଜ ନାମରେ କରିଥିଲେ । ପରବର୍ତ୍ତୀ ସମୟରେ ବାୟରନ୍‌ଙ୍କ ଝିଅ ଏମିଲି ଶ୍ଲେଙ୍କର ମଧ୍ୟ ମହିଳାମାନଙ୍କ ମଧ୍ୟରେ ସବୁଠାରୁ ଓସାରିଆ ଜିଭର ବିଶ୍ୱ ରେକର୍ଡ ନିଜ ନାମରେ କରିଛନ୍ତି । ଯାହାଙ୍କ ଜିଭର ଓସାର ୭.୩୩ ସେଣ୍ଟିମିଟର ରହିଛି । ବର୍ତ୍ତମାନ ଏହି ବାପ-ଝିଅଙ୍କ ଯୋଡ଼ି ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛନ୍ତି ।

# ଜର୍ମାନ ଭାଷା ପାଇଁ ରହିଛି ଆଗ୍ରହ

ନିଜର ଆକ୍ସନ - ଡ୍ରାମା ଫିଲ୍ମ 'ଡକୈତ: ଏକ ପ୍ରେମ କଥା'କୁ ନେଇ ଚର୍ଚ୍ଚାରେ ଅଛନ୍ତି ଅଭିନେତା ଆଦିବିଶେଷ। ନିକଟରେ ଏକ ସାକ୍ଷାତକାରରେ ନିଜ ଆଗାମୀ ସିନେମା ଓ କ୍ୟାରିୟର ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା ସେୟାର କରିଛନ୍ତି । 'କ୍ଷଣମ', 'ଗୁଡ୍ଡାଚାରୀ' ଓ 'ମେଜର' ଭଳି ସୁପରହିଟ୍ ଫିଲ୍ମ ଜରିଆରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆଦି କହିଛନ୍ତି ଯେ 'ଡକୈତ' କେବଳ ଏକ ଆକ୍ସନ ଫିଲ୍ମ ନୁହେଁ, ବରଂ ଏହା ମୂଳତଃ ଏକ ନିଛକ ଓ ପବିତ୍ର ପ୍ରେମ କାହାଣୀ ଉପରେ ଆଧାରିତ । ଭାଷା ଅପେକ୍ଷା କାହାଣୀକୁ ଅଧିକ ପ୍ରାଧାନ୍ୟ ଦେଉଥିବା ଏହି ଅଭିନେତା ସ୍ପଷ୍ଟ କରିଛନ୍ତି ଯେ ଯଦି ଭଲ ସ୍କ୍ରିପ୍ଟ ମିଳେ, ତେବେ ସେ ଜର୍ମାନ ଭାଷାରେ ମଧ୍ୟ ସିନେମା କରିବାକୁ ପ୍ରସ୍ତୁତ ଅଛନ୍ତି । 'ମେଜର' ଫିଲ୍ମର ସଫଳତା ପରେ ତାଙ୍କୁ ହିନ୍ଦୀ ଏବଂ ସାଉଥ୍ ଇଣ୍ଡଷ୍ଟ୍ରିରୁ ଅନେକ ବଡ଼ ବଡ଼ ଯୁଦ୍ଧ ଭିତ୍ତିକ ସିନେମା ଓ ବାୟୋପିକ୍ ଅଫର୍ ହୋଇଥିଲେ ସୁଦ୍ଧା, ମେଜର ସନ୍ଦୀପ ଉନ୍ନିକ୍ରିଷ୍ଣନଙ୍କ ଚରିତ୍ର ଏବଂ ତାଙ୍କ ପରିବାରର ଭାବନା ପ୍ରତି ବିଶ୍ୱସ୍ତ ରହିବା ପାଇଁ ସେ ତୁରନ୍ତ ଅନ୍ୟ କୌଣସି ସୈନିକ ଭୂମିକା ଗ୍ରହଣ କରିନଥିଲେ । ଭାବପ୍ରବଣ ସମ୍ପର୍କ ଏବଂ ଭଲପାଇବା କୌଣସି ସାମାଜିକ ବିଷୟ ନୁହେଁ, ବରଂ ଏହା ସମ୍ପୂର୍ଣ୍ଣ ରୂପେ ଏକ ବ୍ୟକ୍ତିଗତ ଅନୁଭୂତି । ସେହିଭଳି ଆଗକୁ ଆହୁରି ଭଲଭଲ ପ୍ରୋଜେକ୍ଟ ସେ ଦର୍ଶକଙ୍କୁ ଭେଟିଦେବା ପାଇଁ ଯୋଜନା ରଖିଛନ୍ତିବୋଲି ଆଶା ରଖିଛନ୍ତି ।





# ବଦଳାନ୍ତୁ ଜୀବନଶୈଳୀ

ଆଜିକାଲି ଏଭଳି ଅନେକ ରୋଗ ହେଉଛି, ଯାହାର କାରଣ ଆମର ଖରା ଜୀବନଶୈଳୀ । ତେଣୁ ଜୀବନଶୈଳୀରେ ଅତି ସହଜରେ କରାଯାଇପାରୁଥିବା କେତେକ 'ମାଇକ୍ରୋ ହେଲଥ୍ ହାବିଟ୍ସ' ବା କ୍ଷୁଦ୍ର ସ୍ୱାସ୍ଥ୍ୟ ଅଭ୍ୟାସ ପରିବର୍ତ୍ତନ ଦ୍ୱାରା ଓଜନ ନିୟନ୍ତ୍ରଣ କରିବା ସହ ଶରୀରକୁ ସୁସ୍ଥ ରଖାଯାଇପାରିବ । ସକାଳୁ ଉଠିବା ମାତ୍ରେ ଏବଂ ପ୍ରତିଥର ଖାଇବାର ୧୫-୨୦ ମିନିଟ୍ ପୂର୍ବରୁ ଗୋଟିଏ ଗ୍ଲାସ ପାଣି ପିଇବା, ଖାଦ୍ୟକୁ ଅତିକମରେ ୨୦ ପ୍ରତିଶତ ଧୀରେ ଧୀରେ ଚୋବାଇ ଖାଇବା, ସକାଳର ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସି ମାତ୍ର ୧୦ ମିନିଟ୍ ଚାଲିବା ଦ୍ୱାରା ହଜମ ପ୍ରକ୍ରିୟା ସ୍ୱାଭାବିକ ହେବା ସହ ରାତିରେ ଭଲ ନିଦ ହୋଇଥାଏ । ଯାହା ଅଦରକାରୀ ଖାଦ୍ୟ ଖାଇବାର ଇଚ୍ଛାକୁ ପ୍ରାକୃତିକ ଭାବେ କମାଇଦିଏ । ଏହା ସହିତ ସନ୍ଧ୍ୟା ସମୟରେ ପ୍ରୋଟିନ୍ ଓ ଫାଇବରଯୁକ୍ତ ହାଲୁକା ଜଳଖିଆ ଖାଇବା, ମଧ୍ୟାହ୍ନ ଓ ରାତି ଭୋଜନ ପରେ ୧୦ ମିନିଟ୍ ଚାଲିବା ଦ୍ୱାରା ରକ୍ତରେ ଶର୍କରା ବା ବ୍ଲଡ୍ ସୁଗାରର ପରିମାଣ ନିୟନ୍ତ୍ରିତ ରହିଥାଏ । ଖାଦ୍ୟ ଖାଇବା ସମୟରେ ଛୋଟ ପ୍ଲେଟ୍ କିମ୍ବା ଗିନାର ବ୍ୟବହାର କରିବା ଦ୍ୱାରା ଅଧିକ କ୍ୟାଲୋରି ଗ୍ରହଣ କରିବାର ଆଶଙ୍କା ଦୂର ହୋଇଥାଏ । ସେହିଭଳି ଦିନସାରା ବସି ନରହି ଫୋନରେ କଥା ହେବା ସମୟରେ ଚାଲିବା କିମ୍ବା ପ୍ରତି ଘଣ୍ଟାରେ ୨ ମିନିଟ୍ ପାଇଁ ଛିଡ଼ା ହେବା ଭଳି 'ନନ୍-ଏକ୍ସରସାଇଜ୍ ଆକ୍ଟିଭିଟି ଥର୍ମୋଜେନେସିସ୍' ପ୍ରକ୍ରିୟାକୁ ଆପଣାଇବା ଦ୍ୱାରା ଏହାର ଖୁବ ଭଲ ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ପଡିଥାଏ । ସେହିଭଳି ନିଜ ଖାଦ୍ୟ ଥାଳିରେ ସାଲାଡ୍ କିମ୍ବା ସବୁଜ ପନିପରିବା ସାମିଲ କରି ଫାଇବରର ମାତ୍ରା ବଢ଼ାନ୍ତୁ ଏବଂ ରାତିରେ ଡିନର୍ ସରିବା ପରେ ବିଭିନ୍ନ ପ୍ୟାକେଜ ଫୁଡ ଖାଇବାରୁ ଦୂରେଇ ରୁହନ୍ତୁ । ସେହିଭଳି ଶୋଇବାର ୩୦ ମିନିଟ୍ ପୂର୍ବରୁ ମୋବାଇଲ୍-ଟିଭି ବନ୍ଦ କରି ଏକ ନିର୍ଦ୍ଦିଷ୍ଟ ସମୟରେ ଶୋଇବା ଦ୍ୱାରା କୌଣସି ଅତିରିକ୍ତ ପରିଶ୍ରମ ବିନା ଶରୀରକୁ ସମ୍ପୂର୍ଣ୍ଣ ସୁସ୍ଥ ଓ ରୋଗମୁକ୍ତ ରଖାଯାଇପାରିବ ।

# ବିଶ୍ୱ ମହାସାଗର ଦିବସ

ପ୍ରତିବର୍ଷ ଜୁନ୍ ୮ ତାରିଖକୁ ବିଶ୍ୱ ମହାସାଗର ଦିବସ ରୂପେ ପାଳନ କରାଯାଉଛି । ୧୯୯୨ ମସିହାରେ କାନାଡାର ଇଣ୍ଟରନ୍ୟାସ୍‌ନାଲ୍ ସେଣ୍ଟର୍ ଫର୍ ଓସେନ୍ ଡେଭେଲପ୍‌ମେଣ୍ଟ ଏବଂ ଦି ଓସେନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାନାଡା ପକ୍ଷରୁ ବ୍ରାଜିଲ୍‌ରେ ଅନୁଷ୍ଠିତ ପରିବେଶ ଏବଂ ଉନ୍ନୟନ ସମ୍ବନ୍ଧିତ ଯୁକ୍ତରାଷ୍ଟ୍ର ସମ୍ମିଳନୀ ବା ରିଓ ସମ୍ମିଳନୀରେ ଏ ସମ୍ପର୍କରେ ଘୋଷଣା କରାଯାଇଥିଲା । ୨୦୦୨ରେ ଏହି ଓସେନ୍ ପ୍ରୋଜେକଫ ବିଶ୍ୱସ୍ତରୀୟ ହୋଇଥିଲା । ମହାସାଗରର ଗୁରୁତ୍ୱ ଏବଂ ଏହାସହ ସମ୍ବନ୍ଧିତ ବିଷୟ ଖାଦ୍ୟ ସୁରକ୍ଷା, ଜୈବ ବିବିଧତା, ପରିବେଶ ସନ୍ତୁଳନ ଆଦି ପ୍ରସଙ୍ଗରେ ରାଜନୀତିକ ଏବଂ ସାମାଜିକ ଧ୍ୟାନ ଆକର୍ଷଣ କରିବା ହେଉଛି ଏହି ଦିବସ ପାଳନର ଉଦ୍ଦେଶ୍ୟ ।



# ଇତିହାସ

୧୭୮୩- ଦକ୍ଷିଣ ଆଇଲ୍ୟାଣ୍ଡରେ ଲକି ନାମକ ଏକ ଜ୍ୱାଳାମୁଖୀ ଦୀର୍ଘ ୮ ମାସ ପର୍ଯ୍ୟନ୍ତ ବିସ୍ଫୋରଣ ହୋଇଥିଲା । ଏହା ଜୁନ୍ ୮ ତାରିଖରୁ ଆରମ୍ଭ ହୋଇଥିଲା ।

୧୮୩୫- ଜନ୍ ବ୍ୟାଟ୍‌ମ୍ୟାନ୍ ଏବଂ ଜନ୍ ପାସ୍କୋକୋ ଫୋକନରଙ୍କ ଦ୍ୱାରା ଅଷ୍ଟ୍ରେଲିଆର ମେଲ୍‌ବର୍ଣ୍ଣ ସହର ସ୍ଥାପିତ କରାଗଲା ।

୧୯୦୯- ଭୂମିକମ୍ପ ଏବଂ ସୁନାମି ଆସି ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ଥିବା କୋରିନଚୀ ସହରକୁ ନଷ୍ଟ କରିଦେଇଥିଲା । ଏଥିରେ ପ୍ରାୟ ୨୩୦ ଜଣ ମୃତ୍ୟୁବରଣ କରିଥିଲେ ।

୧୯୩୬- ଭାରତର ସରକାରୀ ରେଡିଓ ନେଟ୍‌ୱର୍କ ଷ୍ଟେଟ୍ ବ୍ରଡ୍‌କାଷ୍ଟିଙ୍ଗ୍ ସର୍ଭିସ୍‌ର ନାମ ପରିବର୍ତ୍ତିତ ହୋଇ ଅଲ୍ ଇଣ୍ଡିଆ ରେଡିଓ ରଖାଗଲା ।

୧୯୩୭- ଆମେରିକାରେ ନ୍ୟୁୟର୍କର ଏକ ବଟାନିକାଲ୍ ଗାର୍ଡେନ୍‌ରେ ବିଶ୍ୱର ସବୁଠୁ ବଡ ଫୁଲର ସନ୍ଧାନ କରାଗଲା ।

୧୯୮୨-ବ୍ରାଜିଲର ଏକ ବିମାନ ବି-୭୨୭ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୩୫ ଜଣ ମୃତ୍ୟୁବରଣ କରିଥିଲେ ।

୧୯୪୮- ଭାରତର ପ୍ରଥମ ବିମାନ ସେବା ଏୟାର ଇଣ୍ଡିଆ ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ବିମାନ ସେବା ଆରମ୍ଭ କଲା ।

୨୦୧୧- ଭାରତୀୟ ସାମାଜିକ କାର୍ଯ୍ୟକର୍ତ୍ତା ଆନା ହଜାରେ ଭ୍ରଷ୍ଟାଚାର ବିରୋଧରେ ଦ୍ୱିତୀୟ ହଙ୍ଗର ଷ୍ଟ୍ରାଇକ୍ ଆରମ୍ଭ କଲେ । ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନକୁ ସ୍ୱତନ୍ତ୍ର ଭାରତର ସର୍ବବୃହତ୍ ସାର୍ବଜନୀନ ଆନ୍ଦୋଳନ ରୂପେ ଜଣାଯାଏ ।



# ମମି ପେଟରୁ ଇଷ୍ଟ ଆବିଷ୍କାର

ବୈଜ୍ଞାନିକମାନେ ଏକ ୫,୩୦୦ ବର୍ଷ ପୁରୁଣା ବରଫାବୃତ ମମିର ଶରୀରରୁ ମିଳିଥିବା ଇଷ୍ଟ୍ ସାହାଯ୍ୟରେ ସଫଳତାର ସହ 'ସରଡୋ ବ୍ରେଡ୍' ପ୍ରସ୍ତୁତ କରିଛନ୍ତି । ଅଷ୍ଟ୍ରିଆ-ଇଟାଲୀ ସୀମାରେ ଆଲ୍ପସ ପର୍ବତମାଳାରୁ ମିଳିଥିବା ଏହି 'ଓଟ୍‌ଜୀ' ନାମକ ମମିର ମୃତ୍ୟୁ ପିଠିରେ ତୀର ବାଜିବା କାରଣରୁ ହୋଇଥିଲା । ୧୯୯୧ ମସିହାରେ ପର୍ବତାରୋହୀମାନଙ୍କ ଦ୍ୱାରା ଉଦ୍ଧାର କରାଯିବା ପରଠାରୁ ଏହି ବରଫ ଜମାଟ ବାନ୍ଧିଥିବା ଶରୀରକୁ -୬ଡିଗ୍ରୀ ତାପମାତ୍ରାରେ ସଂରକ୍ଷିତ କରି ରଖାଯାଇଛି । ଗବେଷକମାନେ ମମିର ଅନ୍ତ୍ରପୁଟ, ଚର୍ମ ଏବଂ ତରଳିଥିବା ବାଦାମୀ ରଙ୍ଗର ପାଣିରୁ ଶୀତଳ ପରିବେଶରେ ବଢ଼ିପାରୁଥିବା ୪ ପ୍ରକାରର ଇଷ୍ଟ୍ ଆବିଷ୍କାର କରିଛନ୍ତି । ଯାହା ମୃତ୍ୟୁର ତୁରନ୍ତ ପରେ ଶରୀର ମଧ୍ୟକୁ ପ୍ରବେଶ କରି ହଜାର ହଜାର ବର୍ଷ ଧରି ସେଠାରେ ରହିଥିଲା ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି । ଲାବୋରେଟୋରୀରେ ଏହି ଇଷ୍ଟ୍‌କୁ ପୁନର୍ବାର ବିକଶିତ କରିବା ପାଇଁ ପ୍ରାରମ୍ଭିକ ପ୍ରୟାସ ବିଫଳ ହୋଇଥିଲେ ମଧ୍ୟ ପ୍ରାୟ ୩ ମାସର କଠିନ ପରିଶ୍ରମ ପରେ ବୈଜ୍ଞାନିକମାନେ ଏକ ଉତ୍କୃଷ୍ଟ ମାନର ସରଡୋ ବ୍ରେଡ୍ ପ୍ରସ୍ତୁତ କରିବାରେ ସଫଳତା ପାଇଛନ୍ତି । ଏହା ବ୍ୟତୀତ ମମିର ପେଟରୁ ଏଭଳି କେତେକ ଅନ୍ତ୍ର ବ୍ୟାକ୍ଟେରିଆ ମଧ୍ୟ ମିଳିଛି, ଯାହା ଆଜିକାଲିର ବିକଶିତ ଦେଶର ଲୋକଙ୍କ ଶରୀରରୁ ପ୍ରାୟ ଗାୟବ ହୋଇଯାଇଛି । ଏହି ବ୍ୟାକ୍ଟେରିଆ ବର୍ତ୍ତମାନ ଆଫ୍ରିକା ଓ ଦକ୍ଷିଣ ଆମେରିକାର କେତେକ ଜନଜାତିଙ୍କ ମଧ୍ୟରେ ଦେଖିବାକୁ ମିଳୁଛି ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି । ତେବେ ଏଥିରୁ ସ୍ପଷ୍ଟ ସଙ୍କେତ ମିଳୁଛି ଯେ ଆଧୁନିକ ମାନବ ତୁଳନାରେ ପ୍ରାଚୀନ ମଣିଷମାନଙ୍କର ଖାଦ୍ୟପେୟ ଅଧିକ ଫାଇବର ଏବଂ ଗୋଟା ଶସ୍ୟ ଆଧାରିତ ଥିଲା । ଆଗକୁ ଏହାକୁନେଇ ଆହୁରି ଅନେକ ପରୀକ୍ଷଣ ହେବାର ବାକିଥିବା ବୈଜ୍ଞାନିକ ପ୍ରକାଶ କରିଛନ୍ତି ।

# ସୋସିଆଲ କୋଟ୍ସ



ମୁଁ ଆକ୍ଟିଂ ପ୍ୟାସନ ପାଇଁ କରିଥାଏ । ଘର ଚଳାଇବା ପାଇଁ ଅନେକ ଅପସନ୍ ଅଛି । ମୁଁ ଅନେକ ପ୍ରକାରର ବ୍ୟବସାୟ କରୁଛି । ଅନେକ ସ୍ଥାନରେ ମୁଁ ଇନ୍‌ଭେଷ୍ଟମେଣ୍ଟ କରିଛି ।

ବିବେକ ଓବରୟ, ଅଭିନେତା



ଖୁବ ପୂର୍ବରୁ ଜାଣିଥିଲି କି ଏହି ବିବାହ ବହୁତ କମଦିନ ଚାଲିବ । ହେଲେ ଚେଷ୍ଟା କରିଥିଲି ରିଲେସନ୍ ସିପ୍‌କୁ ବଞ୍ଚାଇବାକୁ । କିନ୍ତୁ ୮ ବର୍ଷ ପରେ ଆଉ ହୋଇନଥିଲା ।

ଦିପଶିଖା ନାଗପାଲ, ଅଭିନେତ୍ରୀ



ମୁଁ ଯେ କେବଳ ଚରିତ୍ରରେ ରାମଙ୍କ ଅଭିନୟ କରିଛି ତାହା ନୁହେଁ । ନିଜର ଅସଲ ଜୀବନରେ ବି ମୁଁ ରାମଙ୍କର ସବୁ ଗୁଣକୁ ଅନୁକରଣ କରିଥାଏ । ତେଣୁ ଲୋକମାନେ ମୋତେ ଭଲ ପାଇବା ଦେଇଥାଆନ୍ତି ।

ଅରୁଣ ଗୋଭିଲ୍, ଅଭିନେତା



**ମେଷ:** ଅଯଥା ଭୟ, କର୍ମକ୍ଷେତ୍ରରେ ଅଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଉଚ୍ଚ ଆଶାରେ ସଫଳ, ବନ୍ଧୁ ଲାଭ, ଦେବଦର୍ଶନ, ଶତ୍ରୁ ସମସ୍ୟା, ଅର୍ଥ ସମସ୍ୟା, ପାରିବାରିକ ବିବାଦ, ଦାମ୍ପତ୍ୟ ଖୁସି, ଦୂର ଯାତ୍ରା ସଫଳ, କିଛି କାର୍ଯ୍ୟରେ ବିବାଦ । ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**ବୃଷ:** ଶାରୀରିକ କଷ୍ଟ, କର୍ମକ୍ଷେତ୍ରରେ ପରିଶ୍ରମ, ନୂତନ କାର୍ଯ୍ୟରେ ବିଳମ୍ବ, ଯାତ୍ରାରେ ସତର୍କ, ହେବା କାର୍ଯ୍ୟରେ ବିଳମ୍ବ, ଶତ୍ରୁ ସମସ୍ୟା, ବନ୍ଧୁ ସହଯୋଗ, ବ୍ୟବସାୟରେ ସ୍ୱଳ୍ପ ଲାଭ, ସମ୍ପତ୍ତି ବିବାଦ, ଦୂରଯାତ୍ରା, ବିଶିଷ୍ଟ ବ୍ୟକ୍ତି ସହାୟତା । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା- ପ୍ରଭୁ ହନୁମାନ ।

**ମିଥୁନ:** କର୍ମକ୍ଷେତ୍ରରେ ଲାଭ, ସମସ୍ୟା ସମାଧାନ, ଧାର୍ମିକ କାର୍ଯ୍ୟରେ ଆନନ୍ଦ, ବ୍ୟବସାୟରେ ଲାଭ, ଶରୀର ସୁସ୍ଥ, ଶତ୍ରୁ ପରାଜିତ, ଦାମ୍ପତ୍ୟ ସୁଖ, ଖୁସି ଖବର, ନୂତନ ବନ୍ଧୁଲାଭ, ଦୂର ଯାତ୍ରାରେ ସଫଳ, କାର୍ଯ୍ୟରେ ବିଳମ୍ବ । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ମା' ଭଗବତୀ ।

**କର୍କଟ:** ଧନଲାଭ, ଉଚ୍ଚ ବ୍ୟକ୍ତିଙ୍କ ସହାୟତା, ପାରିବାରିକ ବିରୋଧ, ଶାରୀରିକ ସୁସ୍ଥତା, ଦାମ୍ପତ୍ୟ ଖୁସି, ଶତ୍ରୁ ସମସ୍ୟା, ନୂତନ କର୍ମନିଯୁକ୍ତି, ଦୂର ଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ଅଯଥା ବିବାଦ, ମାନସିକ ଶାନ୍ତି, ବନ୍ଧୁ ଲାଭ, ସମ୍ପତ୍ତି ଖୁସି । ଅଶ୍ଲେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସିଲଭର, ସଂଖ୍ୟା-୮, ଆରାଧନା- ମା' ବିମଳା ।

**ସିଂହ:** କର୍ଣ୍ଣପିଡ଼ା, ବ୍ୟବସାୟରେ ସ୍ୱଳ୍ପ ଲାଭ, ସ୍ୱାଦିଷ୍ଟ ଭୋଜନ, ପାରିବାରିକ ବିବାଦ, ଶତ୍ରୁ ସମସ୍ୟା, ଦ୍ରବ୍ୟ ନଷ୍ଟ, ହେବା କାର୍ଯ୍ୟ ବିଳମ୍ବ, ପୁତ୍ର ପାଇଁ ଚିନ୍ତା, ବିଦ୍ୟାରେ ସଫଳତା । ପୂର୍ବା ଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସିଲଭର, ସଂଖ୍ୟା-୭, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ଶାରୀର କଷ୍ଟ, ନୂତନ କର୍ମଲାଭ, ଦୂର ଯାତ୍ରାରେ କଷ୍ଟ, ବ୍ୟବସାୟରେ ସନ୍ତୁଷ୍ଟ, ଗୃହେ ଉତ୍ସବ, ଶତ୍ରୁ ଦ୍ୱାରା ପୀଡ଼ିତ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟ ଲାଭ, ସମ୍ପତ୍ତି ଲାଭ, ବିଦ୍ୟାରେ ଅସଫଳ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୬, ଆରାଧନା- ମା' ଭୁବନେଶ୍ୱରୀ ।

**ତୁଳା:** କାର୍ଯ୍ୟରେ ସଫଳ, ମାନସିକ ଶାନ୍ତି, ଉଚ୍ଚ ଆଶା ସଫଳ, ଅନୁଷ୍ଠାନରୁ ଲାଭ, ଶତ୍ରୁ ପରାଜିତ, ଶୁଭ ଆଲୋଚନା, ଅର୍ଥ ଚିନ୍ତା, ବ୍ୟବସାୟରେ ସନ୍ତୁଷ୍ଟ, ସନ୍ତାନ ଲାଭ । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା- ମା' ଦକ୍ଷିଣକାଳୀ ।

**ବିଛା:** ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମକ୍ଷେତ୍ରରେ ଶାନ୍ତି, ଦୂରଯାତ୍ରାରେ ଲାଭ, ଅର୍ଥ ଲାଭ, ମାନସିକ ଶାନ୍ତି, ସମ୍ପତ୍ତି ଗଣ୍ଡଗୋଳ, ପୁରାତନ ବିବାଦ ସମାଧାନ । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା- କୁବେର ଭଗବାନ ।

**ଧନୁ:** ଦ୍ରବ୍ୟ ଲାଭ, ପଦବୀ ଲାଭ, ଶତ୍ରୁ ପରାଜିତ, ବିବାଦମୁକ୍ତ, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟ ଖୁସି, ନୂତନ ବ୍ୟବସାୟ, ତୀର୍ଥଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ବିଦ୍ୟାରେ ସଫଳତା । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧବଳ, ସଂଖ୍ୟା-୧୦, ଆରାଧନା- ମା' ଭଗବତୀ ।

**ମକର:** କାର୍ଯ୍ୟରେ ଅଶାନ୍ତି, ଅଯଥା ଖର୍ଚ୍ଚ, ହେବା କାର୍ଯ୍ୟ ବିଳମ୍ବ, ଅର୍ଥ ସମସ୍ୟା, ମାନସିକ ଅବସାଦ, ଗାଡ଼ି ଚାଳନାରେ ସାବଧାନ, ଶତ୍ରୁ ସମସ୍ୟା, ଦାମ୍ପତ୍ୟ ସୁଖ, ବିଦ୍ୟାରେ କଷ୍ଟ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୮, ଆରାଧନା- ମା' ଲୋକମାତା ।

**କୁମ୍ଭ:** ଯାତ୍ରାରେ ଶୁଭ, ଖୁସି ଖବର, ଅର୍ଥ ଲାଭ ସମ୍ପତ୍ତି ଲାଭ, ଲୋକସମ୍ପର୍କ ବୃଦ୍ଧି, ବିଶିଷ୍ଟ କାର୍ଯ୍ୟରେ ଅସନ୍ତୁଷ୍ଟ, ବ୍ୟବସାୟରେ ଲାଭ, ଶତ୍ରୁ ସମସ୍ୟା, ଦାମ୍ପତ୍ୟ ସୁଖ, ମାନସିକ ଶାନ୍ତି । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୯, ଆରାଧନା- ଭଗବାନ ବିଷ୍ଣୁ ।

**ମୀନ:** ପାରିବାରିକ ଶାନ୍ତି, କର୍ମନିଯୁକ୍ତି, ଶୁଭ ଖବର, ସମସ୍ୟା ସମାଧାନ, ନୂତନ ବ୍ୟବସାୟ, ବାକି ଧନ ପ୍ରାପ୍ତି, ଶତ୍ରୁ ପରାଜିତ, ଦାମ୍ପତ୍ୟ ସୁଖ, ସନ୍ତାନ ଖୁସି । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ମା' ବାଟମଙ୍ଗଳା ।

ଜ୍ୟେଷ୍ଠ କୃଷ୍ଣପକ୍ଷ ଅଷ୍ଟମୀ
୮.୬.୨୦୨୬, ସୋମବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ପୁଣି ଗୃହିଣୀଙ୍କ ହାଣ୍ଡିଶାଳରେ ଯୁଦ୍ଧ ମାଡ଼

## ଝଟକା ଦେଲା ଘରୋଇ ଏଲପିଜି ସିଲିଣ୍ଡର ବୃଦ୍ଧି

ଭୁବନେଶ୍ୱର (ସବ୍ୟୁ) : ଦେଶରେ ପୁଣି ଉପରମୁହାଁ ରନ୍ଧନ ଗ୍ୟାସ । ତିନି ମାସରେ ଦ୍ୱିତୀୟଥର ପାଇଁ ବଢ଼ିଲା ଦାମ୍ । ୨୯ ଟଙ୍କା ବଢ଼ିବା ସହିତ ଭୁବନେଶ୍ୱରରେ ୯୬୮ ଟଙ୍କାରେ ପହଞ୍ଚିଛି ସିଲିଣ୍ଡର ଦର । ଗ୍ୟାସ୍ ଦରବୃଦ୍ଧି ସିଧାସଳଖ ଘରୋଇ ବଜେଟ୍ ଉପରେ ପ୍ରଭାବ ପକାଇଥିବା ବେଳେ ଗୃହିଣୀଙ୍କ ରୋଷେଇ ଖର୍ଚ୍ଚକୁ ନେଇ ଚିନ୍ତା ବଢ଼ିଛି ।



ତିନି ମାସରେ ଘରୋଇ ଏଲପିଜି ସିଲିଣ୍ଡର ବଢ଼ିଲାଣି ୮୯ ଟଙ୍କା । ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ବିଶ୍ୱବ୍ୟାପୀ ଗ୍ୟାସ ସଂକଟ ଭିତରେ ଭାରତରେ ତିନି ମାସରେ ଦ୍ୱିତୀୟ ଥର ପାଇଁ ବଢ଼ିଛି ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଦାମ୍ । ନୂଆ ଦର ଅନୁସାରେ, ଏବେ ଭୁବନେଶ୍ୱରରେ ୧୪.୨ କିଲୋଗ୍ରାମ ସିଲିଣ୍ଡରର ମୂଲ୍ୟ ୯୬୮ ଟଙ୍କାକୁ ବୃଦ୍ଧି ପାଇଛି । ସଂଶୋଧିତ ମୂଲ୍ୟ ଆଜି(ରବିବାର)ଠୁ ଲାଗୁ ହୋଇଛି । କ୍ରମାଗତ ଦ୍ୱିତୀୟ ଦରବୃଦ୍ଧି ଗ୍ରାହକଙ୍କ ମାସିକ ବଜେଟ୍ ଉପରେ ପକାଇଛି ଅତିରିକ୍ତ ବୋଝ ।

କେବଳ ବଜେଟ ବିଗାଡ଼ିନି, ବରଂ ଖାଇବା ଥାଳିରୁ ଆଇଟମକୁ ବି ଉଭାନ କରିଦେଇଛି । ଏଇ ଯେମିତି ଭଦ୍ରକର ମମତାରାଣୀଙ୍କ ଘରର କାହାଣୀ । ପୂର୍ବରୁ ୪ରୁ ୫ ପ୍ରକାରର ତରକାରୀ ହେଉଥିଲା, ହେଲେ ଗ୍ୟାସ୍ ଦାମ ବଢ଼ିବା ପରେ ଦୁଇରେ ସୀମିତ ହେଉଛି । ରାଉରକେଲାରୁ ବଲାଙ୍ଗିର ପର୍ଯ୍ୟନ୍ତ ଟେନସନ ବଢ଼ାଇଦେଇଛି ଗ୍ୟାସ ଦରବୃଦ୍ଧି । ଖାଲି ଘରେ ନୁହେଁ, ରାସ୍ତାକଡ଼ର ଛୋଟ ଛୋଟ ବ୍ୟବସାୟୀଙ୍କ ଉପରେ ବି ପଡ଼ିଛି ସାଂଘାତିକ ପ୍ରଭାବ ।

ତେବେ କାହିଁକି ହେଉଛି ଗ୍ୟାସ୍ ଦରବୃଦ୍ଧି ? ଆଉ କେତେ ବଢ଼ିବ ? କେବେ ଲଗାମ ଲାଗିବ? ବିଶେଷଜ୍ଞଙ୍କ କହିବା ଅନୁସାରେ, ଏଲପିଜି ଦରବୃଦ୍ଧିର ମୂଳ କାରଣ ହେଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧ। ତିନି ମାସରୁ ଅଧିକ ସମୟ ଧରି ହର୍ମୁଜ ସଙ୍କଟ ଜାରି ରହିଛି । ଆମେରିକା-ଇରାନ ଯୁଦ୍ଧ ବାଣିଜ୍ୟ କାରବାରକୁ ପ୍ରଭାବିତ କରିଛି । ତେଣୁ ଅନ୍ତରାଷ୍ଟ୍ରୀୟ ବଜାରରେ ଦରବୃଦ୍ଧିର ପ୍ରଭାବ ଭାରତରେ ବି ପଡୁଛି । ଆଗାମୀ ଦିନରେ ସ୍ଥିତି ନ ସୁଧୁରିଲେ ଆହୁରି ଦର ବଢ଼ିବା ଆଶଙ୍କାକୁ ଏଡ଼ାଇ ହେବନି ।

ଅନ୍ତର୍ଜାତୀୟ ବଜାରରେ ୧୪.୨ କେଜି ବିଶିଷ୍ଟ ଏଲପିଜି ସିଲିଣ୍ଡର ଯୋଗାଣ ମୂଲ୍ୟ ୧୬୦୦ ଟଙ୍କା ପାର୍ କରିଛି । ତେବେ ତୈଳ କମ୍ପାନୀଗୁଡ଼ିକୁ ସହାୟତା ପ୍ରଦାନ କରି ଦେଶରେ ସୁଲଭ ମୂଲ୍ୟରେ ସିଲିଣ୍ଡର ଯୋଗାଉଛନ୍ତି ସରକାର । ପୂର୍ବରୁ ୧୯ କେଜି ବିଶିଷ୍ଟ ବାଣିଜ୍ୟିକ ଗ୍ୟାସ୍ ଓ ୫ କେଜି ବିଶିଷ୍ଟ ସିଲିଣ୍ଡର ଦାମରେ ମଧ୍ୟ ବୃଦ୍ଧି କରାଯାଇଥିଲା ।

### କ୍ରୀଡ଼ା ବିଭାଗ ପକ୍ଷରୁ ରାଜ୍ୟର କ୍ରୀଡ଼ା ବିକାଶ ଲାଗି ଚିନ୍ତନ ଶିବିର

## ବିଶ୍ୱସ୍ତରୀୟ ଚମ୍ପିଆନ୍ ତାଲିକାରେ ଶୀର୍ଷରେ ରହିବେ ଓଡ଼ିଶାର କ୍ରୀଡ଼ାବିତ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): କ୍ରୀଡ଼ା କେବଳ, ମେଡାଲ, ରେକର୍ଡ କିମ୍ବା ଜୟ-ପରାଜୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଜୀବନରେ ଅନୁଶାସନ, ଟିମ୍ ୱାର୍କ ଏବଂ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ଧୈର୍ଯ୍ୟ ଶିଖାଇଥାଏ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ "ଚିନ୍ତନ ଶିବିର"ର ଉଦଯାପନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଏହା କହିଛନ୍ତି ।




ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ କ୍ରୀଡ଼ାର ବିକାଶ ପାଇଁ ଏକ ବଡ଼ ରୋଡ଼ମ୍ୟାପ୍ ଓ ଫ୍ରେମ୍‌ୱାର୍କ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି । ଗତକାଲି ଠାରୁ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ, କ୍ରୀଡ଼ାବିତ ପ୍ରମୁଖ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶା ଏବେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ସ୍ପୋର୍ଟ୍ସ ଇଭେଣ୍ଟ ସଫଳତାର ସହ ଆୟୋଜନ କରି ସାରା ବିଶ୍ୱରେ ସ୍ୱୀକୃତି ଲାଭ କରିଛି । ଆଗାମୀ ୨୦୨୮ ମସିହାରେ ଓଡ଼ିଶାରେ ବିଶ୍ୱ ଆଥ୍ଲେଟିକ୍ସ ଏବଂ ଏସିଆନ ଇନଡୋର ଆଥ୍ଲେଟିକ୍ସ ଚମ୍ପିଆନସିପ୍ ଆୟୋଜନ ହେବାକୁ ଯାଉଛି । ଗତବର୍ଷ ସଫଳତାର ସହ ୱାର୍ଲ୍ଡ ଆଥ୍ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ୍ ପ୍ରତିଯୋଗୀତା ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାର ସିଲଭର୍ ସ୍ତରର ପ୍ରତିଯୋଗୀତା ଓଡ଼ିଶାରେ ଅନୁଷ୍ଠିତ ହେବ । ସେହିପରି ଗୋଠପାଟଣା ଠାରେ ପ୍ରାୟ ୧୦୦୦ କୋଟି ଟଙ୍କା ବିନିଯୋଗରେ ଏକ ମଲଟି ପରପୋଜ୍ ସ୍ପୋର୍ଟସ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଇଛି ।

କ୍ରୀଡ଼ାର ବିକାଶ ନହେଲେ ଯୁବ ପ୍ରତିଭାର ବିକାଶ ଅସମ୍ଭବ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ବ୍ଲକ ସ୍ତରରେ ୪ ହଜାର କୋଟିରୁ ଅଧିକ ଟଙ୍କାର ବିନିଯୋଗରେ ଅତ୍ୟାଧୁନିକ ବହୁମୁଖୀ ଷ୍ଟାଡିୟମ ନିର୍ମାଣ କରାଯାଉଛି । ଏହା ସହିତ "ମୁଖ୍ୟମନ୍ତ୍ରୀ ଟ୍ରଫି" ଜରିଆରେ ଗ୍ରାମାଞ୍ଚଳର ଉଦୀୟମାନ ପ୍ରତିଭାମାନଙ୍କୁ ଚୟନ କରାଯାଇ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର "ଗ୍ରୋଥ୍ ଇଞ୍ଜିନ' ହେବା ଲକ୍ଷ୍ୟରେ କ୍ରୀଡ଼ା କ୍ଷେତ୍ରର ଏକ ବଡ଼ ଭୂମିକା ରହିବ । ଆଗାମୀ ଦିନରେ ଓଡ଼ିଶା କେବଳ ଏକ ଉତ୍ତମ ଆୟୋଜକ ରାଜ୍ୟ ଭାବେ ନୁହେଁ, ବରଂ ବିଶ୍ୱସ୍ତରୀୟ ଚମ୍ପିଆନ୍ ତାଲିକାରେ ଓଡ଼ିଶାର କ୍ରୀଡ଼ାବିମାନଙ୍କ ନାମ ରହିବା ଏକ ନିୟମିତ ଘଟଣାରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

- ୨୦୩୬ ସୁଦ୍ଧା ବିଶ୍ୱ ଚମ୍ପିଆନ୍ ତାଲିକାରେ ଉଭାସିତ ହେବେ ଓଡ଼ିଶାର ପୁଅଝିଅ
- ଏବର୍ଷ ଆୟୋଜନ ହେବ ୱାର୍ଲ୍ଡ ଆଥ୍ଲେଟିକ୍ସ ସିଲଭର୍ ପ୍ରତିଯୋଗିତା
- ପ୍ରତି ବ୍ଲକରେ ହେବ ବହୁମୁଖୀ ଷ୍ଟାଡିୟମ୍, ଖର୍ଚ୍ଚ ହେବ ୪ ହଜାର କୋଟି
- "ମୁଖ୍ୟମନ୍ତ୍ରୀ ଟ୍ରଫି' ଜରିଆରେ ଗ୍ରାମାଞ୍ଚଳରୁ ବଛାଯିବେ ଉଦୀୟମାନ ପ୍ରତିଭା
- ଗୋଠପାଟଣାରେ ୧୦୦୦ କୋଟିରେ ନିର୍ମାଣ ହେବ ମଲ୍ଟି ପରପିସ ସ୍ପୋର୍ଟସ କମ୍ପ୍ଲେକ୍ସ

କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, ଆଜିର ଆଲୋଚନା ଯଦିଓ ଏସି ରୁମ୍ ରେ ହେଉଛି ମାତ୍ର ଏହାର କାର୍ଯ୍ୟକାରୀ ୪୦ ଡିଗ୍ରୀ ଖରାରେ ହେବ । ବଣ ମଲ୍ଲୀ ଆଉ ବଣରେ ଫୁଟି ଝଡ଼ିଯିବ ନାହିଁ, ଏବେ ସମୟ ଆସିଛି ବଣ ମଲ୍ଲୀ ବିଶ୍ୱ ଦରବାରରେ ମହକିବ । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତଥା ହକି ଇଣ୍ଡିଆର ସଭାପତି ଦିଲ୍ଲୀପ ତିର୍କୀ, ବିଭାଗୀୟ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ , କ୍ରୀଡ଼ା ନିର୍ଦ୍ଦେଶକ ଡ଼ା ଯେଦୁଲା ବିଜୟଙ୍କ ସମେତ କ୍ରୀଡ଼ା ବିଶେଷଜ୍ଞ, ପ୍ରଶାସକ ଓ କ୍ରୀଡ଼ାବି ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

### ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ପକ୍ଷରୁ କୃତୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ

## ଜୀବନର ଲକ୍ଷ୍ୟକୁ ସାକାର ପାଇଁ ଆତ୍ମସଂଯମତା ସଫଳତାର ମୂଳମନ୍ତ୍ର: ଜଷ୍ଟିସ ସି ଆର୍ ଦାଶ

କଟକ, (ସବ୍ୟୁ): ବିଦ୍ୟା ହେଉଛି ଅସରନ୍ତି ଭଣ୍ଡାର । ଶିକ୍ଷାର ପରିସମାପ୍ତି ନାହିଁ।ସତ୍ ଉପାୟ, କଠିନ ପରିଶ୍ରମ, ଶୃଙ୍ଖଳିତ ଜ୍ଞାନ ଭଳି ଆତ୍ମସଂଯମତା ବଜାୟ ରଖିଲେ ଜଣେ ବିଦ୍ୟାର୍ଥୀ ସଫଳତା ହାସଲ କରିଥାଏ ବୋଲି ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ପକ୍ଷରୁ ଆୟୋଜିତ ସିଏଚ୍‌ଏସ୍‌ଇ +୨ ବିଜ୍ଞାନ ପରୀକ୍ଷା ଏବଂ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାର କୃତୀ ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଚିତ୍ତ ରଞ୍ଜନ ଦାଶ ମୁଖ୍ୟ ଅତିଥୀ ଭାବେ ଯୋଗଦେଇ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଛାତ୍ରଛାତ୍ରୀମାନେ କେବଳ ପରୀକ୍ଷାରେ କେତେ ମାର୍କ ରଖିଲ ତାହା ତୁମ ସଫଳତାର ମାପ କାଠି ନୁହେଁ , ଜୀବନର ବଡ ଲକ୍ଷ୍ୟକୁ ସାକାର ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ହେଲେ କଠିନ ପରିଶ୍ରମ, ନିୟମିତତା, ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ସକାରାତ୍ମକ ଚିନ୍ତାଧାରାକୁ ସଫଳତାର ମୂଳମନ୍ତ୍ର ଭାବେ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ବିଫଳତାକୁ ଭୟ କରିବା ନୁହେଁ, ବରଂ ତାହାକୁ ସଫଳତାର ସିଡ଼ି ଭାବେ ବ୍ୟବହାର କରି ଆଗକୁ ବଢ଼ିବାକୁ ସେ ବିଦ୍ୟାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ। କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ବେଲଗଛିଆ ସ୍ଥିତ ନିଜସ୍ୱ ପରିସରରେ ଅନୁଷ୍ଠିତ ଏହି କୃତୀ ବିଦ୍ୟାର୍ଥୀ ସମାରୋହରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ଦାଶ ଅନୁଷ୍ଠାନର ନିରନ୍ତର ଶିକ୍ଷାଗତ ସଫଳତାକୁ ପ୍ରଶଂସା କରି ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚତର ଲକ୍ଷ୍ୟ ଅଭିମୁଖେ ଅଗ୍ରସର ହେବାକୁ ପ୍ରେରଣା ଦେଇଥିଲେ।ଅନୁଷ୍ଠାନର ଅଧ୍ୟକ୍ଷ ଡ. ଦେବଦତ୍ତ ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ କରି ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା, ଶୃଙ୍ଖଳା, ଶୈକ୍ଷିକ ପରିବେଶ, ସର୍ବାଙ୍ଗୀନ ବିକାଶ ପ୍ରତି ଏସ୍‌ଜିଆଇର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଚଳିତ ବର୍ଷର ଉଲ୍ଲେଖନୀୟ ସଫଳତା ପାଇଁ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।




ପ୍ରିନ୍ସିପାଲ୍ ଅନୁଷ୍ଠାନର ଶିକ୍ଷାଗତ ବିବରଣୀ ଉପସ୍ଥାପନ କରି କହିଥିଲେ ଯେ ସିଏଚ୍‌ଏସ୍‌ଇ +୨ ବିଜ୍ଞାନ ପରୀକ୍ଷା ୨୦୨୬ରେ ୩୮୩ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ୯୯% ପାସ୍ ହାର ହାସଲ ହୋଇଛି। ୭୦ ଜଣ ୯୦% ରୁ ଅଧିକ, ୧୯ ଜଣ ୯୫% ରୁ ଅଧିକ ମାର୍କ ପାଇଛନ୍ତି। ୧୯୨ ଜଣ ୮୦% ରୁ ଅଧିକ ଏବଂ ୨୮୫ ଜଣ ୭୦% ରୁ ଅଧିକ ମାର୍କ ସୁରକ୍ଷିତ କରିଛନ୍ତି। ଜଣେ ଛାତ୍ର ୬୦୦ ରୁ ୫୯୬ ମାର୍କ ପାଇ ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ସମୁଦାୟ ୫୬ଟି ପୂର୍ଣ୍ଣ ମାର୍କ (୧୦୦ ରୁ ୧୦୦) ରେକର୍ଡ ହୋଇଛି, ଯାହାମଧ୍ୟରୁ ପଦାର୍ଥ ବିଜ୍ଞାନରେ ୩୦ ଏବଂ ରସାୟନ ବିଜ୍ଞାନରେ ୨୮ ରହିଛି। ମାନସ ରଞ୍ଜନ ସ୍ୱାଇଁ ଇଂରାଜୀ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତରେ ୧୦୦/୧୦୦ ମାର୍କ ପାଇ ବିଶେଷ ସଫଳତା ଅର୍ଜନ କରିଛନ୍ତି। ସିବିଏସ୍‌ଇ ଦ୍ୱାଦଶ ବିଜ୍ଞାନ ପରୀକ୍ଷା ୨୦୨୬ରେ ସରସ୍ୱତୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ମଧ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଦ୍ୱିତୀୟ ବ୍ୟାଚ୍‌ରେ ଜଣେ ଛାତ୍ର ୯୩.୪% ମାର୍କ ପାଇଥିବା ବେଳେ ୧୦ ରୁ ଅଧିକ ଛାତ୍ରଛାତ୍ରୀ ୮୦% ରୁ ଅଧିକ ମାର୍କ ହାସଲ କରିଛନ୍ତି। ସମାରୋହରେ ସିଏଚ୍‌ଏସ୍‌ଇ ଓ ସିବିଏସ୍‌ଇ ଉଭୟ ବିଭାଗର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏଥିରେ ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ର ପରିଚାଳନା କମିଟି ସଦସ୍ୟ, ଅଧ୍ୟାପକ/ ଅଧ୍ୟାପିକା, କର୍ମଚାରୀ,ଅଭିଭାବକ ବୃନ୍ଦ ଉପସ୍ଥିତ ଥିଲେ।

## କୃଷକଙ୍କ ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇବ ହିନ୍ଦୁ ମହାସଭା ଓଡ଼ିଶା ପ୍ରଦେଶ

ଭୁବନେଶ୍ୱର, (ସବ୍ୟୁ) : କୃଷକ, ଶ୍ରମିକ ଓ ସୈନିକଙ୍କ ହକ୍ ପାଇଁ ରାଜରାସ୍ତାକୁ ଓହ୍ଲାଇବ ଅଖିଳ ଭାରତ ହିନ୍ଦୁ ମହାସଭା ଓଡ଼ିଶା ପ୍ରଦେଶ। ହିନ୍ଦୁ ମହାସଭା ଓଡ଼ିଶା ପ୍ରଦେଶର ସଭାପତି ଶ୍ରୀମତୀ ଗୀତା ଚଇନୀଙ୍କ ସଭାପତିତ୍ୱରେ ମାଷ୍ଟର କ୍ୟାଣ୍ଟିନଛକସ୍ଥିତ ବୁଲନଭାଇ ସଭାଗୃହରେ ଅନୁଷ୍ଠିତ ରାଜ୍ୟ କାର୍ଯ୍ୟକାରିଣୀ ଓ କୃଷକ ସମାବେଶରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ମୁଖପାତ୍ର ସୂର୍ଯ୍ୟନାରାୟଣ ରଥ ସ୍ୱାଗତ ଭାଷଣ ପ୍ରଦାନ କରି କୃଷକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଦେଶ ସ୍ୱାଧୀନତାପ୍ରାପ୍ତିର ଅନେକ ବର୍ଷ ବିତି ଯାଇଥିଲେ ମଧ୍ୟ କୃଷକମାନେ ଅବହେଳିତ ଅବସ୍ଥାରେ ଅଛନ୍ତି। ସେମାନେ ଉତ୍ପାଦିତ ଦ୍ରବ୍ୟର ଉଚିତ୍ ବଜାର ମୂଲ୍ୟ ପାଇପାରୁ ନାହାଁନ୍ତି। ନବନିଯୁକ୍ତ କୃଷକମୋର୍ଚ୍ଚା ସଭାପତି ଶ୍ରୀଯୁକ୍ତ ବିଷ୍ଣୁ ଚରଣ ସ୍ୱାଇଁଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ପରେ କହିଲେ ଯେ, ସରକାର ଆସୁଛି, ଯାଉଛି। ସମସ୍ତେ କୃଷକଙ୍କ ଭୋଟ ହାତେଇବା ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦିଅନ୍ତି, କିନ୍ତୁ ନିର୍ବାଚନ ପରେ ଯଥା ପୂର୍ବଂ ତଥା ପରଂ, କୃଷକମାନଙ୍କ ପାଇଁ ଫଳ ଶୂନ। ତେଣୁ ଜାଗ କୃଷକ ଜାଗ ଆହ୍ୱାନ ପ୍ରଦାନ କରି କୃଷକମାନଙ୍କ ହକ୍ ପାଇଁ ଏକାଠି ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ଜଗତସିଂହପୁର ଜିଲ୍ଲା ସଭାପତି ଅରୁଣ କୁମାର ପାଣି, ସୁକାନ୍ତ ଘଡ଼ାଇ, ପୁରୀର ସଞ୍ଜୟ କୁମାର ବିଶୋୟୀ, ରାଜ୍ୟ ମହାସଚିବ ପ୍ରମୋଦ କୁମାର ଜେନା, କୃଷକ ସଭା ମହାସଚିବ ଜ୍ୟୋତିରଞ୍ଜନ ମିଶ୍ର, ସଂଗଠନ ମନ୍ତ୍ରୀ କନକ ସୂତାର, ଉପସଭାପତି ଟିକନ ବେହେରା, ରସାନନ୍ଦ ଜେନା, ରଞ୍ଜନ କୁମାର ପ୍ରଧାନ ଏବଂ ଓଡ଼ିଶାର ସମସ୍ତ ଜିଲ୍ଲାର କର୍ମକର୍ତ୍ତା ଓ କୃଷକମାନେ ଯୋଗଦାନ କରିଥିଲେ। ଶେଷରେ ମହିଳା ଅଧ୍ୟକ୍ଷା ମାଧୁରୀ ବୋଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




### ସାଲେପୁର ବ୍ଲକରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

## ନାହାଁନ୍ତି ଦୁଇଶହରୁ ଊର୍ଦ୍ଧ୍ୱ ଶିକ୍ଷକ, ସ୍ଥାୟୀ ବ୍ଲକ ଶିକ୍ଷାଧିକାରୀ

ସାଲେପୁର,(ସବ୍ୟୁ) : ସାଲେପୁର ବ୍ଲକରେ ଏବେ ସ୍ୱାସ୍ଥ୍ୟ,ଶିକ୍ଷା କ୍ଷେତ୍ରରେ ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି ହୋଇଛି । ସାଲେପୁର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଏବେ ଗଣଧାରଣା ହୋଇଥିବା ବେଳେ ଅପରପକ୍ଷେ ବ୍ଲକ ଶିକ୍ଷା ବ୍ୟବସ୍ଥା ବି ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି । ସାଲେପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଅନୁଯାୟୀ ପାଖାପାଖି ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷେହୀରା ଲବଣ୍ୟବତୀ ବେହେରା ପଦୋନ୍ନତି ପାଇ ଗତ ଫେବୃଆରୀ ମାସରୁ ଯିବାପରେ ଆଜି ପର୍ଯ୍ୟନ୍ତ ସ୍ଥାୟୀ ବ୍ଲକ ଶିକ୍ଷା ଅଧିକାରୀ ଆସିପାରିନାହାନ୍ତି । କିନ୍ତୁ ଚଳିତ ମାସର ପ୍ରଥମ ସପ୍ତାହରେ ଜିଲ୍ଲାର ଅନ୍ୟ କେତେକ ବ୍ଲକରେ ସ୍ଥାୟୀ ଶିକ୍ଷା ଅଧିକାରୀ ନଥିବା ସ୍ଥାନରେ ନୂତନ ଭାବେ ସ୍ଥାୟୀ ବ୍ଲକ ଶିକ୍ଷା ଅଧିକାରୀ ନିଯୁକ୍ତି ହୋଇଛନ୍ତି କିନ୍ତୁ କଣ ପାଇଁ କେଉଁ ଉଦେଶ୍ୟରେ ସାଲେପୁର ବ୍ଲକକୁ ସ୍ଥାୟୀ ଶିକ୍ଷା ଅଧିକାରୀଙ୍କୁ ନିଯୁକ୍ତ କରାଗଲାନି ତାହା ଏବେ ପ୍ରଶ୍ନବାଚି ସୃଷ୍ଟି କରିଛି । ବହୁଗ୍ରାମ ବିବେକାନନ୍ଦ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ବ୍ଲକ ଶିକ୍ଷା ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ଜଣେ ଅଧିକାରୀ ବିଦ୍ୟାଳୟର ଦାୟିତ୍ୱ ସହିତ ବ୍ଲକ ଶିକ୍ଷା ଅଧିକାରୀ ଦାୟିତ୍ୱ ନେଇ ତୁଲାଇବା କଷ୍ଟ ସାଧ ହୋଇପଡୁଥିବା ଦେଖାଯାଉଛି ।ଅପରପକ୍ଷେ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ୩ଟି ଖାଲି ରହିଥିବା ବେଳେ ବ୍ଲକ ଅଞ୍ଚଳର ୨ଜଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲେବୁଲ ୩ ପ୍ରଧାନ ଶିକ୍ଷକ ଅସ୍ଥାୟୀ ଭାବେ ଏହି ଦାୟିତ୍ୱ ବହନ କରୁଛନ୍ତି ।ଏପ୍ରିଲ ମାସରୁ ଶିକ୍ଷା ବର୍ଷ ଆରମ୍ଭ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ଛାତ୍ର ଛାତ୍ରୀଙ୍କୁ ଯୋଗାଇ ଦେବାକୁ ଥିବା ପାଠ୍ୟ ପୁସ୍ତକ ଠିକ ଭାବରେ ମିଳିପାରିନଥିବା ଦେଖା ଯାଇଛି । ସାଲେପୁର ବ୍ଲକ ଶିକ୍ଷା ବିଭାଗର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଶିକ୍ଷା ବିଭାଗ ତୁରନ୍ତ ସ୍ଥାୟୀ ବ୍ଲକ ଶିକ୍ଷା ଅଧିକାରୀ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିଯୁକ୍ତି ଦେବା ସହିତ ଛାତ୍ର ଛାତ୍ରୀ ମାନଙ୍କର ସମସ୍ତ ପାଠ୍ୟ ପୁସ୍ତକ ଯୋଗାଇ ଦେବାକୁ ଅଭିଭାବକ ମହଲରେ ଦାବୀ ହେଉଛି ।ନଚେତ ଆଗାମୀ ଦିନରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ସୁଧାରିବା ପାଇଁ ବିଭିନ୍ନ ପଂଚାୟତ ନାଗରିକ କମିଟି ଓ ଅଭିଭାବକ ମାନଙ୍କ ପକ୍ଷରୁ ଗଣଧାରଣା ଅନୁଷ୍ଠିତ ହେବାର ସୂଚନା ମିଳୁଛି ।



## ୩ ମନ୍ଦିରରୁ ଚୋରି

ସୋର, (ସବ୍ୟୁ) :ସୋର ଥାନା ସବିରା ପଂଚାୟତର ତିନୋଟି ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡିଛି । ସବିରା ଗ୍ରାମରେ ଥିବା ପତ୍ରଶୁଣି ମନ୍ଦିର ସମେତ ଶିବ ମନ୍ଦିର, ରାଧାକୃଷ୍ଣ ମନ୍ଦିରରୁ ଠାକୁରଙ୍କ ୫ଟି ରୁପା ମୁକୁଟ,ସୁନା ଚିତା,ସୁନା ଓ ରୁପା ହାର ସମେତ ଦାନବାକ୍ସ ଭାଙ୍ଗି ଚୋର ମାନେ ଚୋରି କରି ନେଇଛନ୍ତି । ରବିବାର ସକାଳେ ମନ୍ଦିର ପୂଜକ ପୂଜା କରିବାକୁ ଆସିବା ପରେ ଏବାବଦରେ ଜାଣିବାକୁ ପାଇ ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଗ୍ରାମବାସୀ ମାନେ ଘଟଣା ସ୍ଥଳରେ ପହଞ୍ଚି ସୋର ପୁଲିସକୁ ଖବର ଦେଇଥିଲେ । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ଫେରିଥିଲେ । ଏ ବାବଦରେ ଗ୍ରାମବାସୀ ମାନେ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ଚୋରି ହୋଇଥିବା ଅଳଙ୍କାରର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଅଧିକ ହେବ ବୋଲି ଗ୍ରାମବାସୀ ମାନେ କହିଛନ୍ତି ।

### ବିଷ୍ଣୁ ସେଠୀଙ୍କ ୬୬ତମ ଜନ୍ମବାର୍ଷିକୀ

## ବିଷ୍ଣୁ ସେଠୀ ଜଣେ ସ୍ପଷ୍ଟବାଦୀ, ନିର୍ଭୀକ ଓ ସଚ୍ଚୋଟ ରାଜନେତା ଥିଲେ : ବାଚସ୍ପତି

ଭୁବନେଶ୍ୱର, (ସବ୍ୟୁ): ବିଧାନସଭାରେ ବିରୋଧି ଦଳର ସ୍ୱରକୁ ଯଥାଯଥ ଭାବରେ ଉପସ୍ଥାପନ କରିବା କ୍ଷେତ୍ରରେ ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କର ଭୂମିକା ପ୍ରଶଂସନୀୟ ଥିଲା। ରାଜ୍ୟର ରାଜନୀତି ତଥା ପ୍ରଶାସନିକ କ୍ଷେତ୍ରରେ ରହୁଥିବା ଦୋଷ ଦୁର୍ବଳତା ତଥା ତ୍ରୁଟି ବିଚ୍ୟୁତିକୁ ବିଧାନସଭାରେ ଉପସ୍ଥାପନ କରିବାରେ ତାଙ୍କ ସମକକ୍ଷ ନେତା ବିରଳ ବୋଲି ବିଧାନସଭାର ବାଚସ୍ପତି ସୁରମା ପାଢୀ କହିଛନ୍ତି। ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କ ୬୬ତମ ଜନ୍ମବାର୍ଷିକୀ ଅବସରରେ ଶୁକ୍ରବାର ଭୁବନେଶ୍ୱର ଜୟଦେବ ଭବନଠାରେ ଓଡ଼ିଶା ଷ୍ଟେଟ ପ୍ରେସ୍ କ୍ଲବ ଏବଂ ଯାଶ ରିଦିମ୍ ପ୍ରୋ ପକ୍ଷରୁ ମିଳିତ ଭାବେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପାଢୀ ସ୍ୱର୍ଗତ ସେଠୀଙ୍କୁ ବର୍ତ୍ତମାନ ସମାଜର ରାଜନୀତି କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଆଦର୍ଶ ବୋଲି କହିଥିଲେ। ସ୍ୱର୍ଗତ ସେଠୀ ଜଣେ ସ୍ପଷ୍ଟବାଦୀ, ନିର୍ଭୀକ ଓ ସଚ୍ଚୋଟ ରାଜନେତା ଥିଲେ ବୋଲି ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ଅନ୍ୟତମ ଉଦ୍‌ଘାଟକ ଭାବେ ଯୋଗଦେଇ ରାଜସ୍ୱ, ବିପର୍ଯ୍ୟୟ ଓ ପରି·ଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କର ଜଣେ ଦଳୀୟ କର୍ମକର୍ତ୍ତା ଭାବରେ କାର୍ଯ୍ୟର ଦକ୍ଷତା ବର୍ଣ୍ଣନା କରିଥିଲେ ମଧ ଦଳମତ ନିର୍ବିଶେଷରେ ଜନସାଧାରଣଙ୍କ ପାଇଁ ସମାଜସେବୀ ଭାବରେ ସେ ଜଣେ ପ୍ରଶଂସନୀୟ କର୍ମୀ ଥିଲେ ବୋଲି କହିଥିଲେ। ଏହି ଅବସରରେ ଶ୍ରୀ ପୂଜାରୀ ସ୍ୱର୍ଗତ ସେଠୀଙ୍କର ରାଜନୀତିଜ୍ଞ, ସାହିତ୍ୟିକ, ଆଶୁକବି ଆଦି ବିଭିନ୍ନ ପ୍ରକାରର ବହୁମୁଖୀ ପ୍ରତିଭା ଥିବା କହିଥିଲେ।

ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଜଣେ ରାଜନେତା ଭାବରେ ସ୍ୱର୍ଗତ ସେଠୀଙ୍କର ବିଭିନ୍ନ ସମୟରେ ହାସଲ କରିଥିବା ସଫଳତା ଆଲୋଚନା କରିବା ସହ ତାଙ୍କୁ ଜଣେ ଆଦର୍ଶ ଜନନେତା ଭାବରେ ଅଭିହିତ କରିଥିଲେ। ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ସ୍ୱର୍ଗତ ସେଠୀଙ୍କର ସାମ୍ବାଦିକମାନଙ୍କ ସହ ସମ୍ପର୍କ ବର୍ଣ୍ଣନା କରି କହିଥିଲେ ଯେ, ସେ ସାମ୍ବାଦିକ ନଥିଲେ ସତ, କିନ୍ତୁ ସାମ୍ବାଦିକମାନଙ୍କର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକୁ ସବୁବେଳେ ବିଧାନସଭାରେ ଉପସ୍ଥାପନ କରିଥିଲେ। ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱର୍ଗତ ସେଠୀଙ୍କର ବହୁମୁଖୀ ପ୍ରତିଭା ବର୍ଣ୍ଣନା କରିଥିଲେ। ଏହି ଉତ୍ସବରେ ଓଡ଼ିଶା ଷ୍ଟେଟ ପ୍ରେସ୍ କ୍ଲବର ଉପ ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ଯୁଗ୍ମ ସମ୍ପାଦକ କିଶୋର ମଙ୍ଗରାଜ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଷ୍ଟେଟ ପ୍ରେସ୍ କ୍ଲବର ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଓଡ଼ିଶା ଷ୍ଟେଟ ପ୍ରେସ୍ କ୍ଲବର ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ଉପସ୍ଥାପନାରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶା ଷ୍ଟେଟ ପ୍ରେସ୍ କ୍ଲବ ପକ୍ଷରୁ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କ ପରିବାରବର୍ଗଙ୍କୁ 'ଉତ୍କଳ ସୂର୍ଯ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାମ୍ବାଦିକଙ୍କୁ ପୁରସ୍କୃତ କରାଯାଇଥିଲା।



## ନିୟତୀ ଫାଉଣ୍ଡେସନ ୧୪ତମ ପ୍ରତିଷ୍ଠା ଦିବସ

# ଉତ୍ତରଦାୟିତ୍ୱ, ସ୍ୱଚ୍ଛତା, କର୍ତ୍ତବ୍ୟ ନିଷ୍ଠତା ସମାଜସେବାର ମୂଳମନ୍ତ୍ର




ଭୁବନେଶ୍ୱର(ସବ୍ୟୁ): ନିୟତୀ ଫାଉଣ୍ଡେସନ ୧୪ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱର ଉପଖଣ୍ଡ ରଘୁନାଥପୁରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ରବିବାର ପାଳିତ ହୋଇଛି । ଏକ ସମୟରେ ୫୬୫ଟି କ୍ରେଚ କେନ୍ଦ୍ରକୁ ଶ୍ରମଦାନ ମାଧ୍ୟମରେ ପରିଷ୍କାର କରାଯିବା ସହିତ ୧୪୦୦୦ଟି ବୃକ୍ଷ ଶିଶୁମାନଙ୍କ ଦ୍ୱାରା ରୋପଣ କରାଯାଇ ୨୨୦୦ ଶିଶୁଙ୍କୁ ସୁଷମ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା । ଅନାଥାଶ୍ରମରେ ପାଠପଢା ଉପକରଣ ଓ ବସ୍ତି ଅଞ୍ଚଳର ଗରିବ ମହିଳା, ପୁରୁଷ ଓ ଶିଶୁମାନଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ପ୍ରାୟ ୧୦୦ ଜଣ କିଶୋରୀମାନଙ୍କ ପାଇଁ ଋତୁସ୍ରାବ ଜନିତ ପରିଷ୍କାର ଓ ପରିଚ୍ଛନତା ଉପରେ ଶିକ୍ଷା, ଗ୍ରୀଷ୍ମ ପ୍ରଭାବ ଜନିତ ସେଚତନତା କାର୍ଯକ୍ରମ ସୁନ୍ଦରଗଡ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକରେ ଆୟୋଜିତ ଏବଂ ଅନୁଗୁଳ ଜିଲ୍ଲାରେ ପଥିକମାନଙ୍କ ପାଇଁ ଦହି ସର୍ବତ ବଣ୍ଟନ କରାଯାଇଥିଲା ।

ଏହା ବ୍ୟତୀତ କ୍ୟାପିଟାଲ ହସ୍ପିଟାଲ ବ୍ଲଡ ବ୍ୟାଙ୍କର ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା । ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଏହି ଶିବିରକୁ ଉଦଘାଟନ କରି ଉପସ୍ଥିତ କର୍ମଚାରୀ ଓ ଅନ୍ୟାନ୍ୟ ସମାଜସେବୀଙ୍କୁ ଉଦବୋଧନ ଦେଇ ରକ୍ତଦାନର ମହ%୦ ସମ୍ପର୍କରେ ସଚେତନ କରାଇଥିଲେ । ଏହି ଶିବିରରେ ମୋଟ ୫୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ରବିବାର ସାନ୍ଧ୍ୟା ଉତ୍ସବରେ ଅତିଥି ଭାବରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ ଉପସଭାପତି ଗୋଲକ ମୋହାପାତ୍ର, ନାଲକୋର ସିଡିଓ ପ୍ରଣବଜ୍ୟୋତି ନାଥ, ସମବାୟ ବିଭାଗ ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଓ ୱାର୍ଲ୍ଡ ସ୍କିଲ ସେଣ୍ଟର ଚିପ ଅପରେଟିଂ ଅଫିସରପିନାକୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଫାଉଣ୍ଡେସନର ତୃଣମୂଳ ଓ ଅପହଞ୍ଚ ଜିଲ୍ଲାମାନଙ୍କରେ ଶିଶୁ, ଯୁବକ, ମହିଳା ଓ ଦିବ୍ୟାଙ୍ଗମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ପୋଷଣ, ଶିକ୍ଷା, ଜୀବିକାର ଆଦିର ବିକାଶ କାର୍ଯକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ସମାଜ ସେବା ଓ ଗଣମାଧ୍ୟମ କ୍ଷେତ୍ରରେ ଉାଲ୍ଲଖନୀୟ କାର୍ଯ୍ୟ କରୁଥିବା ୧୪ଜଣ ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ । ଫାଉଣ୍ଡେସନର ଅଧ୍ୟକ୍ଷ ନିର୍ମଳ କୁମାର ପଣ୍ଡା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଇତିଶ୍ରୀ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରି ସଂଗଠନର ଯାତ୍ରା, ଉଦ୍ଦେଶ୍ୟ ଓ ଭବିଷ୍ୟତ କାର୍ଯ୍ୟ ପରିକଳ୍ପନା ସମ୍ପର୍କରେ ଉଦବୋଧନ ଦେଇଥିଲେ ।

# ଗେହ୍ଲାମଣି ପ୍ରହ୍ଲାଦ ସ୍ମୃତି ସାରସ୍ୱତ ମଞ୍ଚର ବାର୍ଷିକ ଉତ୍ସବ



ଭୁବନେଶ୍ୱର,(ସବ୍ୟୁ): ସ୍ଥାନୀୟ କେଦାରନାଥ ଗବେଷଣା ପ୍ରତିଷ୍ଠାନ ପରିସରରେ ରବିବାରଦିନ ଗେହ୍ଲାମଣି ପ୍ରହ୍ଲାଦ ସ୍ମୃତି ସାରସ୍ୱତ ମଞ୍ଚର ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ରବୀନ୍ଦ୍ର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଡଃ ଦିଗରାଜ ବ୍ରହ୍ମା' ପ୍ରବୁଦ୍ଧ ଅତିଥି ଗବେଷକ ଭାଗୀରଥି ମହାସୁଆର, ପ୍ରବୀଣ ଅତିଥି ଖ୍ୟାତାନାମା ଶିଶୁସାହିତ୍ୟିକ ଡଃ ରାମଚନ୍ଦ୍ର ଦେଓ ଏବଂ ବରିଷ୍ଠ ସାମ୍ବାଦିକ ତଡା ଶିଶୁ ସାହିତ୍ୟକ ବଙ୍କିମ ଚନ୍ଦ୍ର ନାୟକ ଯୋଗଦେଇ ଓ ସାହିତ୍ୟ ଓ ସଂସ୍କୃତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଶିଷ୍ଟ ଶିଶୁସାହିତ୍ୟିକ କୁଞ୍ଜବିହାରୀ ସାହୁଙ୍କର ପୁସ୍ତକ 'ଜୀବନର ନକ୍ସା' ଉନ୍ମୋଚିତ ହୋଇଥିଲା । ଶେଷରେ ବରିଷ୍ଠ ଶିଶୁସାହିତ୍ୟିକ ରଘୁନନ୍ଦନ ମହାପାତ୍ର, ଶାମୁକାର ସଂପାଦକ ଲୋକନାଥ ମାହାରୀ ଓ କୁନି ଚିତ୍ରଶିଳ୍ପି ଅଂଶୁକ ପଣ୍ଡାଙ୍କୁ ୨୦୨୬ ପାଇଁ ଗେହ୍ଲାମଣି ପ୍ରହ୍ଲାଦ ସ୍ମୃତି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅନୁଷ୍ଠାନର ଉପସଭାପତି ଷଷ୍ଠୀ ପ୍ରସାଦ ମହାରଣା ଓ ସଂଗଠନ ସଂପାଦକ ସୁଦର୍ଶନ ଜେନା ।

## ଆରଆଇ ଚାକିରି ଆଶା ଦେଖାଇ ଲୁଟିଥିଲେ ୫.୫ ଲକ୍ଷ

# ହୀରାକୁଦରୁ ଅଭିଯୁକ୍ତଙ୍କୁ ବାନ୍ଧିଲା କେନ୍ଦୁଝର ପୋଲିସ

କେନ୍ଦୁଝର,(ଜିପ୍ର) :ସରକାରୀ ଚାକିରି ଯୋଗାଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଲକ୍ଷ ଲକ୍ଷ ଟଙ୍କା ଠକେଇ କରିବା ମାମଲାରେ କେନ୍ଦୁଝର ଟାଉନ ପୋଲିସକୁ ଏକ ବଡ଼ ସଫଳତା ମିଳିଛି । ପୋଲିସ ଏହି ଆର୍ଥିକ ଠକେଇ ମାମଲାରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । କେନ୍ଦୁଝରର ଗୌର ଚନ୍ଦ୍ର ସାହୁ (୫୮)ଙ୍କ ଲିଖିତ ଅଭିଯୋଗ ଆଧାରରେ ଟାଉନ ଥାନାରେ କେସ ନମ୍ବର ୨୫୯/୨୦୨୬ ରେ ଏକ ମାମଲା ରୁଜୁ କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲାର ମୂଳ ବାସିନ୍ଦା ରଞ୍ଜିତ କୁମାର ଦାସ (୩୦), ଯିଏକି ବର୍ତ୍ତମାନ ସମ୍ବଲପୁରର ହୀରାକୁଦ ଅଞ୍ଚଳରେ ରହୁଥିଲେ । ରଞ୍ଜିତ, ଅଭିଯୋଗକାରୀ ଗୌର ଚନ୍ଦ୍ର ସାହୁଙ୍କୁ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ରାଜସ୍ୱ ନିରୀକ୍ଷକ (ଆରଆଇ) ପଦବୀରେ ନିଯୁକ୍ତି ଦେବା ପାଇଁ ପ୍ରଲୋଭନ ଦେଖାଇଥିଲେ । ସେ ନିଜକୁ ସରକାରୀ ସ୍ତରରେ ପରୀକ୍ଷା କରାଉଥିବା ସଂସ୍ଥା ସହିତ ଭଲ ସମ୍ପର୍କ ଥିବା ଦାବି କରିଥିଲେ । ଟଙ୍କା ବଦଳରେ ସେ ସରକାରୀ ଚାକିରି କରାଇଦେବେ ବୋଲି ବିଶ୍ୱାସ ଜନ୍ମାଇଥିଲେ । ତାଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ବିଭିନ୍ନ କିସ୍ତିରେ ମୋଟ ୫ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଟଙ୍କା ପାଇବା ପରେ ଅଭିଯୁକ୍ତ ଜଣକ ପ୍ରତିଶ୍ରୁତି ମୁତାବକ ନିଯୁକ୍ତି ପତ୍ର ଦେଇ ନ ଥିଲେ କିମ୍ବା ଟଙ୍କା ମଧ୍ୟ ଫେରସ୍ତ କରି ନ ଥିଲେ । ପରବର୍ତ୍ତୀ ସମୟରେ ସେ ଅଭିଯୋଗକାରୀଙ୍କ ସହ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ କରିବା ସହ ନିଜ ରହୁଥିବା ସ୍ଥାନ ଛାଡ଼ି ଫେରାର୍ ହୋଇଯାଇଥିଲେ ।ଠକେଇର ଶିକାର ହେବା ପରେ ଗୌର ଚନ୍ଦ୍ର ସାହୁ ଥାନାର ଦ୍ୱାରସ୍ଥ ହୋଇଥିଲେ । ମାମଲାର ଗମ୍ଭୀରତାକୁ ଦେଖି କେନ୍ଦୁଝର ଟାଉନ ପୋଲିସର ଏକ ସ୍ୱେଶାଲ ଟିମ ତଦନ୍ତ ଆରମ୍ଭ କରିଥିଲା । ନିରନ୍ତର ପ୍ରୟାସ ଏବଂ ସୂଚନା ଆଧାରରେ ଗତ ଜୁନ ୫ ତାରିଖରେ ପୋଲିସ ସମ୍ବଲପୁରର ହୀରାକୁଦରୁ ଅଭିଯୁକ୍ତ ରଞ୍ଜିତ ଦାସଙ୍କୁ ଖୋଜି ବାହାର କରି ଗିରଫ କରିଥିଲା । ଗିରଫ ସମୟରେ ତାଙ୍କ ନିକଟରୁ ଏକ ମୋବାଇଲ ଫୋନ ଏବଂ ଓଆର୦୨-ବିଏମ-୫୭୯୦ ନମ୍ବର ବିଶିଷ୍ଟ ଏକ ପଲସର ବାଇକ ଜବତ କରାଯାଇଛି ।

# ବାଲି ବୋଝେଇ ୩ ହାଇୱା ଜବତ : ୪ ଗିରଫ

ବାରଙ୍ଗ , (ସବ୍ୟୁ): ବେଆଇନ ବାଲି ଚାଲାଣ କରୁଥିବା ଅଭିଯୋଗରେ ଚନ୍ଦକା ଥାନା ପୁଲିସ ଚାରିଜଣଙ୍କୁ ଗିରଫ କରିବା ସହ ତିନୋଟି ବାଲିଭର୍ତ୍ତି ହାଇୱାକୁ ଜବତ କରିଛନ୍ତି । ଗିରଫ ଚାଳକ ହେଲେ ବାରଙ୍ଗ ବଡ଼ମୁଣ୍ଡଳି ଗ୍ରାମର ଉପେନ୍ଦ୍ର କୁମାର ନାଥ(୨୦)ଚନ୍ଦକା ପିତାଗାଡ଼ିଆ ଗ୍ରାମର ଜୟରାମ ପିଙ୍ଗୁଆ(୨୯) ଚନ୍ଦକା ଶିମୁଳିପାଟଣାର ପ୍ରଳୟ ପାଇକରାୟ (୩୩) ଖୁଣ୍ଟୁଣିର ସିଦ୍ଧାନ୍ତ କୁମାର ରାଉତ(୨୩) । ନ୍ଦକା ଥାନା ପୋଲିସ ଶନିବାର ରାତ୍ରିକାଳୀନ ପେଟ୍ରୋଲିଂ କରୁଥିବା ସମୟରେ ବେଆଇନ ବାଲିନେଇ ୩ଟି ହାଇୱା ବାରଙ୍ଗ ପଟରୁ ଚନ୍ଦକା ଅଭିମୁଖେ ଆସୁଥିଲେ ।ଏହି ସମୟରେ ଚନ୍ଦକା ଛକରେ ପୋଲିସ ଗାଡ଼ିକୁ ଅଟକାଇବା ସହ କାଗଜ ପତ୍ର ଯାଞ୍ଚ କରିଥିଲେ ।ତେବେ ବାଲି ପରି ବହନ କରିବାର କୌଣସି ବୈଧ କାଗଜପତ୍ର ଓ ଅନୁମତି ପତ୍ର ଚାଳକ ଦେଖାଇ ପାରିନଥିଲେ । ପଚରାଉଚରା ସମୟରେ ଟ୍ରକର ମାଲିକଙ୍କ ନିର୍ଦ୍ଦେଶ କ୍ରମେ ସେମାନେ କଟକର ସିଡିଏ ବାଲିଘାଟରୁ ବେଆଇନ ଭାବରେ ବାଲି ଚନ୍ଦକା ଅଭିମୁଖେ ପରିବହନ କରୁଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଥିଲେ ।ପୋଲିସ ୩ଚାଳକ ସମେତ ଅନ୍ୟ ଜଣେ ସହଯୋଗୀଙ୍କୁ ଗିରଫ କରି ୩୧୯/୨୬କେସ ନମ୍ବରରେ ଏକ ମକଦ୍ଦମା ରୁଜୁ କରି ରବିବାର କୋର୍ଟ ଚାଲାଣ କରିଛନ୍ତି ।

# ଆଇସିୟୁ ଶଯ୍ୟା -ଆଉ ହଜାରେ ବଢ଼ିବ

ଭୁବନେଶ୍ୱର,(ତଥ୍ୟ) ରାଜ୍ୟର ୨୦ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୮୦ ଟି ଆଇସିୟୁ ଶଯ୍ୟା ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଆଉ ହଜାରେ ଆଇସିୟୁ ଶଯ୍ୟା ପାଇଁ ପ୍ରସ୍ତାବ ରହିଛି । ଏହିସବୁ ଶଯ୍ୟା ପ୍ରତିଷ୍ଠା ହେଲେ ଆଇସିୟୁ ଆବଶ୍ୟକ କରୁଥିବା ରୋଗୀମାନେ ଘରୋଇ ଚିକିତ୍ସାଳୟର ଶୋଷଣରୁ କିଛିଟା ମୁକ୍ତି ପାଇପାରିବେ । ଗୁରୁତର ରୋଗୀମାନଙ୍କ ପାଇଁ ଆଇସିୟୁ ଶଯ୍ୟା ଅତି ଜରୁରୀ ହୋଇପଡିଥିବାବେଳେ ଏବେ ବି ୧୦ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ସୁବିଧା ନାହିଁ । ଏଠାରେ ଆଇସିୟୁ ଆବଶ୍ୟକ କରୁଥିବା ରୋଗୀମାନେ ସାଧାରଣତଃ ନିକଟସ୍ଥ ସରକାରୀ ମେଡକାଲ କଲେଜ କିମ୍ବା ଘରୋଇ ଡାକ୍ତରଖା ।ନାକୁ ଯାଇଥାନ୍ତି । କାରଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ୟତିତ ସରକାରୀ ମେଡିକାଲ କଲେଜଗୁଡିକରେ ଆଇସିୟୁ ଶଯ୍ୟା ରହିଛି । ତେବେ ଲକ୍ଷ୍ୟ କରାଯାଉଛି ଯେ ସରକାରୀ ଡାକ୍ତରଖାନାରେ ଥିବା ଆଇସିୟୁ ଶଯ୍ୟା ଆବଶ୍ୟକ ତୁଳନାରେ ପର୍ଯ୍ୟାପ୍ତ ହୋଇପାରୁନାହିଁ । ଫଳରେ ଗୁରୁତର ରୋଗୀମାନେ ବାଧ୍ୟହୋଇ ଘରୋଇ ଚିକିତ୍ସାଳୟ ଯିବାକୁ ବାଧ୍ୟ ହେଉଛନ୍ତି । ସେଠାରେ ଆଇସିୟୁ ଭଡା ଦିନକୁ ୩ରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ରହୁଛି । ଏହାବାଦ୍ ଔଷଧ ଓ ଅନ୍ୟାନ୍ୟ ସାଜ ସରଞ୍ଜାମ ବାବଦରେ ଅର୍ଥ ବ୍ୟୟ କରିବାକୁ ପଡୁଛି । ଅବସ୍ଥା ଏଭଳି ହୋଇଛି ଯେ ଘରୋଇ ଚିକିତ୍ସାଳୟର ଆଇସିୟୁରେ ରହୁଥିବା ରୋଗୀମାନଙ୍କ ଆୟୁଷ୍ମାନ କାର୍ଡ ଅର୍ଥ ଅଳ୍ପ କେଇ ଦିନରେ ପାଣିଭଳି ଖର୍ଚ୍ଚ ହୋଇ ଯାଉଛି ।

ଅନ୍ୟ ପକ୍ଷରେ ସବଡିଭିଜନ ସ୍ତରରେ ଆଇସିୟୁ ଆବଶ୍ୟକ କରୁଥିବା ରୋଗୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ସୁବିଧା ନପାଇବା ଦୂର ଦୂରାନ୍ତକୁ ଯିବା ସମ୍ଭବପର ହେଉନାହିଁ । ଫଳରେ ସେମାନେ ବାଧ୍ୟହୋଇ ସାଧାରଣ ରୋଗୀମାନେ ଚିକିତ୍ସିତ ହେଉଛନ୍ତି । ଏମାନଙ୍କ ମଧ୍ୟରୁ କେତେକ ଗୁରୁତର ହେଲାପରେ ଘରୋଇ ଡାକ୍ତରଖାନାକୁ ଯାଉଛନ୍ତି ନହେଲେ ମୃତ୍ୟୁମୁଖରେ ପଡୁଛନ୍ତି । ଅନ୍ୟ ପକ୍ଷରେ ଯେଉଁସବୁ ଜିଲ୍ଲାସ୍ତରୀୟ ଡାକ୍ତରଖାନାରେ ଅପରେସନର ସୁବିଧା ରହିଛି ସେଠାରେ ଆଇସିୟୁ ଶଯ୍ୟା ଅଭାବରୁ ରୋଗୀମାନଙ୍କୁ ମେଡିକାଲ କଲେଜକୁ ରେଫର କରାଯାଉଛି । ଏଥିଯୋଗୁଁ ରୋଗୀମାନେ ବ୍ୟାପକ ଖର୍ଚ୍ଚାନ୍ତ ହେଉଛନ୍ତି । ଚଳିତ ଆର୍ଥିକବର୍ଷରେ ଭେଣ୍ଟିଲେଟର ଓ କେନ୍ଦ୍ରୀୟ ତଦାରଖ ସୁବିଧା ଥିବା ହଜାରେ ଉନ୍ନତ ଆଇସିୟୁ ଶଯ୍ୟା ସହିତ ୫୦୦ ଏଚଡିୟୁ ଶଯ୍ୟା ସ୍ଥାପନ ନିମନ୍ତେ ପ୍ରସ୍ତାବ ରହିଛି । ଏଗୁଡିକ ପର୍ଯ୍ୟାୟକ୍ରମେ ପ୍ରତିଷ୍ଠା କରାଯିବ । କାରଣ ଆଇସିୟୁ ପାଇଁ ସ୍ୱତନ୍ତ୍ର ଭାବେ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କର ଆବଶ୍ୟକ ଥିବାରୁ ଏକକାଳୀନ ଏତେ ସଂଖ୍ୟକ ଶଯ୍ୟା ପ୍ରତିଷ୍ଠା କରିବା ସମ୍ଭବପର ହେବନାହିଁ । ତେବେ ପ୍ରଥମେ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହୁକୁମା ଡାକ୍ତରଖାନାରେ ଆଇସିୟୁ ସୁବିଧା ଉପଲବ୍ଧ ପାଇଁ ପଦକ୍ଷେପ ନିଆଯାଉଥିବା ଜଣାଯାଇଛି ।

# ରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ଭେଟ କଲେ ସେବାୟତ ବୃନ୍ଦ

ପୁରୀ, (ସବ୍ୟୁ) : ଶ୍ରୀଜଗନ୍ନାଥମନ୍ଦିରର ବିଭିନ୍ନ ସେବାୟତ, ପଦାଧିକାରୀ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀଙ୍କ ସମେତ ନିମନ୍ତ୍ରିତ ପୁଷ୍ପାଳକମାନେ ରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ପୁରୀରୁ ନେଇଯାଇଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ରାଷ୍ଟ୍ରପତିଙ୍କୁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ରାଷ୍ଟ୍ରପତିଙ୍କ ସ୍ନେହ, ଆନ୍ତରିକତା ଏବଂ ଆତିଥ୍ୟରେ ସେବାୟତମାନେ ଭାବବିହ୍ୱଳ ହୋଇପଡ଼ିଥିବା ବେଳେ ତାଙ୍କ ସହ ଭେଟ ସମୟର ଅନୁଭୂତିକୁ ସ୍ମରଣ କରି କେତେକ ସେବକଙ୍କ ଆଖିରେ ଲୁହ ଆସିଯାଇଥିଲା ବୋଲି ସେମାନେ କହିଛନ୍ତି ।ମହାମହିମ ପୂର୍ବରୁ ଶ୍ରୀମନ୍ଦିର ଗସ୍ତ ସମୟରେ ସେବାୟତମାନଙ୍କୁ ନିମନ୍ତ୍ରଣ କରିଥିଲେ । ସେହି ନିମନ୍ତ୍ରଣ କ୍ରମେ ଏହି ସୌଜନ୍ୟମୂଳକ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା ।ଭେଟ ସମୟରେ ଶ୍ରୀମନ୍ଦିରର ବିଭିନ୍ନ ପାରମ୍ପରିକ ନୀତିକାନ୍ତି, ରଥଯାତ୍ରା ସମ୍ପର୍କିତ ପ୍ରସଙ୍ଗ, ଏବଂ ଓଡ଼ିଶା ଓ ପୁରୀ ସହରର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି । ଏହି ସାକ୍ଷାତକାରକୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀମନ୍ଦିର ପରମ୍ପରା ପ୍ରତି ରାଷ୍ଟ୍ରପତିଙ୍କ ଆନ୍ତରିକ ଆଗ୍ରହର ଏକ ଉଦାହରଣ ବୋଲି ସେବାୟତମାନେ ମତ ପ୍ରକାଶ କରିଛନ୍ତି ।

## ଓଡ଼ିଶା ପାଇଁ ଗର୍ବର ବିଷୟ

# ଆଇଆଇଏଚ୍‌ଏମ୍-ଆଇଏଚ୍‌ସି (ଲଣ୍ଡନ)ରୁ ସମ୍ମାନୀତ ହେଲେ ରଞ୍ଜିତା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ପାଇଁ ଗର୍ବର ବିଷୟ। ପ୍ରଥମ ଓଡ଼ିଆ ସାଧାରଣ ପରିଚାଳକ (ଜେନେରାଲ ମ୍ୟାନେଜର) ଭାବେ ଅନ୍ତର୍ଜାତୀୟସ୍ତରରେ ସମ୍ମାନିତ ହୋଇଛନ୍ତି ରଞ୍ଜିତା ମହାପାତ୍ର। ଅନ୍ତର୍ଜାତୀୟ ଆତିଥେୟତା ଦିବସର ଅବ୍ୟବହିତ ପୂର୍ବରୁ ଅଗ୍ରଣୀ ଆତିଥେୟତା ଶିକ୍ଷାନୁଷ୍ଠାନ ଆଇଆଇଏଚ୍‌ଏମ୍ ଏବଂ ଆଇଏଚ୍‌ସି-ଲଣ୍ଡନ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଆତିଥେୟତା ଶିଳ୍ପରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ରଞ୍ଜିତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ନିଜର ଦୂରଦୃଷ୍ଟି, ନୂତନ ପଦକ୍ଷେପ କାରଣରୁ ଉତ୍ତର-ପଶ୍ଚିମବଙ୍ଗର କାଲିମପଙ୍ଗରେ ଥିବା ମେ' ଫେୟାର ହିମାଳୟନ ସ୍ପା ରିସର୍ଟ ସବୁଠୁ ସଫଳ ବୁଟିକ୍ ହୋଟେଲ




ଭାବେ ପ୍ରତିଷ୍ଠା ଲାଭ କରିଛି । ଏହା ମଧ୍ୟ ଅନ୍ୟ ଆତିଥେୟତା ଶିଳ୍ପ ପାଇଁ ଉଦାହରଣ ସୃଷ୍ଟି କରିଛି । ତାଙ୍କ ନେତୃତ୍ୱକୁ ପ୍ରଶଂସା କରିଛି ଆଇଆଇଏଚ୍‌ଏମ୍ ଏବଂ ଆଇଏଚ୍‌ସି (ଲଣ୍ଡନ)। ଏହି ସମ୍ମାନ ପାଇବା ପରେ ରାଜ୍ୟ ତଥା ରାଜ୍ୟ ବାହାରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି । ରଞ୍ଜିତା ମହାପାତ୍ର ସାଂସଦ ଦିଲୀପ ରାୟଙ୍କ ସାନ ଭଉଣୀ ।

# ପ୍ରେମ ପ୍ରତାରଣା : ଦୁଇ ରୋମିଓ ଗିରଫ

ଢେଙ୍କିକୋଟ ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂନ୍ଷୁ କୁମାର ଜେନା ରବିବାର ଦିନ ଦୁଇଜଣ ରୋମିଓକୁ ପ୍ରେମ ପରେ ଶାରୀରିକ ସଂପର୍କ ଓ ତା ପରେ ପ୍ରତାରଣା ଅଭିଯୋଗରେ ଗିରଫକରି କୋର୍ଟ ଚାଲାଣ କରିଛନ୍ତି ।ତେବେ ଘଟଣା ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଘଟିଛି । ପ୍ରଥମ ଘଟଣା ହେଉଛି ଘଟଗାଁ ଥାନା ମନୋହରପୁର ପଞ୍ଚାୟତ ସିତାବିଂଝ ଗ୍ରାମରେ । ଉକ୍ତ ଗ୍ରାମର ଝୁମି ( ଛଦ୍ମନାମ୍ନୀ ) ( ୧୬) ର ଭାଇ ପଣ୍ଡାପଡ଼ । ଥାନା ରଙ୍ଗାମାଟିଆ ସାହିରୁ ବିବାହ କରିଛନ୍ତି ଯ ତାଙ୍କ ଭାଇ ର ଶଳା ନାଣ୍ଡୁ ଚାମ୍ପିଆ ( ୨୧) .ଝୁମି ସହିତ ପ୍ରେମ ସମ୍ପର୍କ ରଖି ପରେ ଶାରୀରିକ ସଂପର୍କ ରଖି ଆସୁଥିଲା । ତେବେ ପରବର୍ତ୍ତୀ ସମୟରେ ସେ ଝୁମିକୁ ପ୍ରତଯାଖ୍ୟାନ କରିବାରୁ ଝୁମି ନ୍ୟାୟପାଇଁ ଥାନା ର ଦ୍ୱାରସ୍ଥ ହୋଇଥିଲା । ଅନ୍ୟଏକ ଘଟଣା ହେଲା ପାଟଣା ଥାନା ଖଡିକାପଦା ଗହୀରସାହି ର ପାଲଟୁ ମହାନ୍ତ ( ୨୬ ) ଜଣେ ବିବାହିତ ବ୍ୟକ୍ତି । ତାର ସ୍ତ୍ରୀ ଆଉ ସନ୍ତାନ ବି ଅଛନ୍ତି । ତାର ସମ୍ପର୍କୀୟ ଲୋକ ଘଟଗାଁ ଥାନା ବାଲିଜୋ ରେ ଅଛନ୍ତି । ତେବେ ସେ ବାଲିଜୋ ଯିବାଆସିବା ଭିତରେ ଗୌରୀ ଭୂମିଜ ( ୨୪) କୁ ପ୍ରେମ ଜାଲରେ ପକାଇଥିଲା ।ଗୌରୀ ଭୂମିଜ ଚଳିତବର୍ଷ ୩ ପାସ କରି ଘରେଥିଲା । ତେବେ ଏ ସମ୍ପର୍କ ଧୀରେ ଧୀରେ ଗଭୀର ହେବା ଭିତରେ ପାଲଟୁ ଗୌରୀ କୁ ନେଇ ଭଦ୍ରକ ଓ ନିଜ ସମ୍ପର୍କୀୟ ଘରକୁ ନେଇ ତା ସହିତ ଶାରୀରିକ ସଂପର୍କ ରଖି ଆସୁଥିଲ । ।ଗୌରୀ ଏ ବାବଦରେ ପ୍ରତିବାଦ କରିବାରୁ ସେ ତାକୁ ବାହା ହେବବୋଲି ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ଗୌରୀ ତା ହାବଭାବ କୁ ନଜରକରି ନିରୁପାୟ ହୋଇ ନିଜେ ନ୍ୟାୟପାଇଁ ଘଟଗାଁ ଥାନାର ଦ୍ୱାରସ୍ଥ ହୋଇଥିଲା । ଘଟଗାଁ ଥାନା ଅଧିକାରୀ ଦୁଇଟିଯାକ କେଶରୁ ଗୋଟିଏ ମହିଳା ସବଇନ୍ସପେକଫର ଗାଙ୍ଗୀଆ ଲାକ୍ରା ଓ ଅନ୍ୟ ଗୋଟିକୁ ସବ ଇନ୍ସପେକଫର ପ୍ରସାନ୍ତ ବେହେରା କୁ ପ୍ରଦାନ କରିଥିଲେ । ରବିବାରଦିନ ସଭିଙ୍କର ଡାକ୍ତରୀ ମାଇନା କରାଯାଇଛି । ତତ ସହିତ କେଶ ନମ୍ବର ୩୨୭ ଓ ୩୨୩ ଯୋଗେ ପୃଥକ ପୃଥକ ଦଫାରେ ଦୁଇଜଣ ରୋମିଓ ନାଣ୍ଡୁ ଚାମ୍ପିଆ ଓ ପାଲଟୁ ମହାନ୍ତକୁ ଗିରଫକରି କୋର୍ଟ ଚାଲାଣ କରିଥିବା ବେଳେ ଉଭୟ ଝିଅ ଦୁହିଁଙ୍କୁ ଧୋକାଠା ଠାରେ ଥିବା ସାଧଝର ଗୃହକୁ ପଠାଇ ଦେଇଛନ୍ତି ।

## କଳାପଥର ଚୋରି ବେଳେ ବିଛାଖଣ୍ଡି ପାହାଡରେ ଦୁର୍ଘଟଣା ଘଟଣା

# ହାତବାନ୍ଧି ବସିଛି ଜେନାପୁର ପୋଲିସ : ସଙ୍କଟାପନ୍ନ ଅବସ୍ଥାରେ ଦୁଇ ଶ୍ରମିକ ଠାବ

ଚଣ୍ଡିଖୋଲ(ସବ୍ୟୁ) ଯାଜପୁର ଜିଲ୍ଲା ଲଘୁ ଖଣି ଅଧିକାରୀଙ୍କ ଅଧିନରେ ଥିବା ଧର୍ମଶାଳା ତହସିଲ ଓ ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି ପାହାଡର ୧୧ ନମ୍ବର ଖଣିରୁ ବେଆଇନ ଭାବେ କଳାପଥର ଚୋରି ବେଳେ ଶନିବାର ସଂନ୍ଧ୍ୟାରେ ବଡଧରଣର ଦୁର୍ଘଟଣା ଘଟିଥିଲା । ଶନିବାର ଦିନ ୩ଟାରୁ ୪ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା । ପଥର ଚୋରି ପାଇଁ ଏହି ବେଆଇନ ଖଣିରେ ଡ୍ରିଲିଂ ଚାଲିଥିଲା ବେଳେ ପଥରଖଣ୍ଡ କମ୍ପ୍ରେସର ସହ ମେସିନ ଉପରୁ ୬୦ଫୁଟ ତଳକୁ ଖସି ପଡିବାରୁ ତିନି/ଚାରିଜଣ ଶ୍ରମିକ ପଥର ଓ ମେସିତଳେ ଚାପିହୋଇ ଯାଇଥିଲେ । ଏହି ସ୍ୱର୍ଶ କାତର ଘଟଣାକୁ ନେଇ ସମଗ୍ର ଅଞ୍ଚଳ ସ୍ତବ୍ଧ ହୋଇ ଯାଇଥିଲେ ମଧ୍ୟ ଜେନାପୁର ଥାନା ପୋଲିସ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ବଦଳରେ ହାତବାନ୍ଧି ବସିଛି । ଖବରପାଇ ଯାଜପୁରରୋଡ ଏସଡିପିଓ ପ୍ରଥମେ ଆସି ଜେନାପୁର ଥାନାରେ ପହଞ୍ଚିଥିଲେ ବି ଘଟଣା ଘଟିବାର ୬ଘଣ୍ଟା ପରେ ସ୍ଥାନୀୟ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ପାରିନଥିଲା । ତେବେ ଦୁର୍ଘଟଣାପରେ ନିଖୋଜ ଥିବା ଶ୍ରମିକ ମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ କଟକର ଏକ ଘରୋଇ ହସପିଟାଲରେ ରବିବାର ଠାବ କରାଯାଇଥିବା ବେଳେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣା ପଡିଛି । ଇତିମଧ୍ୟରେ ଏହି ଦୁଇ ଶ୍ରମିକଙ୍କର ପରିଚୟ ମଧ୍ୟ ମିଳିଛି । ସେଥିରୁ ଜଣକ ନାମ ବୀର ବେହେରା (ଜେନାପୁର ଥାନା ବାଘୁଆବେଣା ଗ୍ରାମ) ଓ ଅନ୍ୟଜଣେ ଚନ୍ଦନ ତପନ (ନିହଲପ୍ରସାଦ ଥାନା ବାଲିକିଆରି ଗ୍ରାମର) ବୋଲି ଜଣାପଡିଛି ।

ତେବେ ଦୁର୍ଘଟଣା ସ୍ଥଳରେ ଆଉଜଣେ ଶ୍ରମିକ ଉପସ୍ଥିତ ଥିବା କୁହାଯାଉଥିଲା ବେଳେ ଏବେ ସୁଧା ତାଙ୍କ ପତ୍ତା ମିଳୁନଥିବା ଆଲୋଚନା ହେଉଛି । ସେହି ଶ୍ରମିକ ଜଣକ ମୃତ ନା ଜୀବୀତ ତାହା ସନ୍ଦେହ ମଧ୍ୟରେ ରହିଛି । ଯେଉଁ ବେଆଇନ ପଥର ଖଣିରେ ଏହି ଦୁର୍ଘଟଣା ଘଟିଛି ସେହି ଖଣିକୁ ସ୍ଥାନୀୟ ଅଞ୍ଚଳର ଜଣେ ସରପଞ୍ଚଙ୍କ ଭାଇ ବେଆଇନ ଭାବେ ଖନନ କରୁଥିବା ବେଳେ ଜଣେ ବାରିକ ନାମକ ବ୍ୟକ୍ତିଙ୍କ କମ୍ପରେସର ସେହି ଖଣିରେ କାମକରୁଥିଲା ବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ତେବେ ପୂର୍ବରୁ ଅନ୍ୟ ପଥର ଖଣି

### ଆଉ ଜଣକର ପତ୍ତା ମିଳୁନି

ଗୁଡିକରେ ଘଟିଯାଇଥିବା ଦୁର୍ଘଟଣା ପରି ଏହି ଦୁଃଖଦ ଘଟଣାକୁ ପଥର ମାଫିଆମାନେ ଚପାଇ ଦେବାକୁ ସୁଚିନ୍ତିତ ଯୋଜନା କରୁଥିବା ଆଲୋଚନା ହେଉଛି । ତେବେ ଖବର ପାଇ ରବିବାର ଦିନ ଯାଜପୁର ଲଘୁ ଖଣି ଅଧିକାରୀ, ଧର୍ମଶାଳା ତହସିଲଦାର ଓ ଯାଜପୁର ରୋଡ ଏସଡିପିଓ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିଥିଲେ । ତଦନ୍ତ ସମୟରେ ଏହି ଖଣିଟି ଜିଲ୍ଲା ଲଘୁ ଖଣି ଅଧିକାରୀଙ୍କ ଅଧିନରେ ଥିଲେ ମଧ୍ୟ ଖନନ ପାଇଁ କାହାରିକୁ ଅନୁମତି ଦିଆଯାଇ ନଥିବା ଜଣା ପଡିଥିଲା । ହେଲେ ଦୀର୍ଘ ଦିନ ହେବ ଏହି ଖଣି ସମେତ ବିଛାଖଣ୍ଡିର ଅନ୍ୟ ୫୦ରୁ ଉର୍ଦ୍ଧ୍ୱ ଖଣିରେ ମାଫିଆମାନେ ବେଆଇନ ଭାବେ ଦିନରାତି ଡେନାମାଇଟ ବିସ୍ଫୋରଣ କରି କୋଟି ଟଙ୍କାର କଳାପଥର ଚୋରି କରୁଥିବା ଅଭିଯୋଗ ହେଉଥିଲେ ମଧ୍ୟ ଏହାକୁ ରୋକିବା ପାଇଁ ଲଘୁ ଖଣି ଅଧିକାରୀ ଓ ପୋଲିସ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିଲେ ତାହା ସାଧାରଣରେ ପ୍ରଶ୍ନ ହୋଇଛି । ଦୀର୍ଘଦିନ ହେବ ଧର୍ମଶାଳାର ବିଛାଖଣ୍ଡି,ଡଙ୍କାରୀ,ରାହାଡପୁର,

ବରମାଣ ପ୍ରଭୃତି ମୌଜାରେ ଥିବା ଶତାଧିକ ଖଣିରେ ଶକ୍ତିଶାଳୀ ଡେନାମାଇଟ ବିସ୍ଫୋରଣ କରି ମାଫିଆ ସିଣ୍ଡିକେଟ କୋଟି କୋଟି ଟଙ୍କାର କଳାପଥର ଚୋରି କରୁଛନ୍ତି । ବିନା ସରକାରୀ ଲିଜରେ ସମ୍ପୂର୍ଣ୍ଣ ବେଆଇନ ଭାବେ ଖୋଲାଖୋଲି ଭାବେ ଏହି ଲୁଟପାଟ ଚାଲିବା ସହିତ ମାଫିଆ ମାନଙ୍କ ଦ୍ୱାରା ସରକାରୀ ସମ୍ପତ୍ତି ଓ ସରକାରୀ ରାଜସ୍ୱ ଆତ୍ମସାତ ହୋଇ ଚାଲିଛି । ଅଞ୍ଚଳବାସୀ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ନିଦାବିଷ୍ଟୁ ସାଜିବା କାରଣରୁ ବିଭିନ୍ନ ବେଆଇନ ପଥର ଖଣି ଗୁଡିକରେ ଏହିପରି ଦୁର୍ଘଟଣା ଘଟିଚାଲିଛି ବୋଲି ଅଭିଯୋଗ ହୋଇଛି । ଗତ ଦୁଇବର୍ଷ ମଧ୍ୟରେ ୮ ଜଣ ଓ ୧୦ ବର୍ଷ ମଧ୍ୟରେ ଶହେରୁ ଉର୍ଦ୍ଧ୍ୱ ଲୋକଙ୍କର ବେଆଇନ ଖଣି ଖନନ ଜନିତ ମୃତ୍ୟୁ ହୋଇଥିବା ଅନୁସନ୍ଧାନରୁ ଜଣାପଡିଛି । ଏହି ଘଟଣାକୁ ନେଇ ଯାଜପୁର ଲଘୁ ଖଣି ଅଧିକାରୀ (ଡିଡିଏମ) ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ଏହାକୁ ଅତି ଗୁରୁତର ଭାବେ ନେଇ ଆମେ ତଦନ୍ତ କରୁଛୁ, କିଏ ଏହି ଖଣିରେ ବେଆଇନ ଖନନ କରୁଥିଲା,ତାକୁ କିଏ ବିସ୍ଫୋରକ ସାମଗ୍ରୀ ଦେଉଥିଲା ଓ ସେଠାରେ କାହାର ମେସିନ କାମ କରୁଥିଲା ଏହାର ତଦନ୍ତ କରୁଛୁ । ତଥ୍ୟ ମିଳିବା ପରେ ଏତଲା ଦାୟର ହେବ ବୋଲି କହିଛନ୍ତି । ଏତେବଡ ଘଟଣାକୁ ୩୬ ଘଣ୍ଟା ବିତିଯିବା ପରେ ବି କାହିଁକି ପୋଲିସ କାର୍ଯ୍ୟାନୁଷ୍ଠାନ ହୋଇନି ବୋଲି ଜେନାପୁର ଥାନା ଅଧିକାରୀଣୀ ନିରୁପମା ଜେନାଙ୍କୁ ପଚାରିବାରେ ତାଙ୍କୁ ଏତଲା ମିଳିନଥିବାରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବାରେ ବିଳମ୍ବ ହୋଇଛି ବୋଲି କହିଛନ୍ତି । ଏପରି ମାମଲାରେ ପୋଲିସ ନିଜପଟୁ କାହିଁକି ଏତାଲା ଦାୟରକରି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରୁନାହିଁ ବୋଲି ପ୍ରଶ୍ନରେ ସେ କୌଣସି ଉତ୍ତର ନଦେଇ ଏଡାଇ ଯାଇଥିଲେ ।

# ଗଞ୍ଜାମ ଜିଲ୍ଲା ବାଳକ ଓ ବାଳିକା ବକ୍ସିଂ ଦଳର ରାଉରକେଲା ଯାତ୍ରା



ବ୍ରହ୍ମପୁର,(ସବ୍ୟୁ) ରାଜ୍ୟ ସ୍ତରୀୟ ସବ ଜୁନିଅର ବାଳକ ଓ ବାଳିକା ବକ୍ସିଂ ପ୍ରତି ଯୋଗିତା ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ ଠାରେ ୮ ଓ ୯ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଜିଲ୍ଲାସ୍ତରୀୟ ବକ୍ସିଂ ଦଳ ଚୟନ ହୋଇସାରିଛି। ଏହି ଦଳ ରେ ଗଞ୍ଜାମ ଜିଲ୍ଲାର ୧୩ ଜଣ ବାଳକ ଓ ୭ ଜଣ ବାଳିକା ବକ୍ସର, କୋଚ, ମ୍ୟାନେଜର ଓ ରେଫରୀ ଜଜ ଙ୍କୁ ମିଶାଇ ମୋଟ ୨୬ ଜଣ ରାଉରକେଲା ଅଭିମୁଖେ ଆଜି ସନ୍ଧ୍ୟାରେ ରାଜ୍ୟରାଣୀ ଏକ୍ସପ୍ରେସ ଯୋଗେ ଯାତ୍ରା ଆରମ୍ଭ କଲେ ବୋଲି ଜିଡି ଏଏର ବକ୍ସିଂ ସମ୍ପାଦକ କେ.ପ୍ରଭାକର ରାଓ ଏଂ ଜେ. କାମେଶ୍ୱର ରାଓ ଜଣାଇଛନ୍ତି। ସବ ଜୁନିଅର୍ ବାଳକ ବକ୍ସିଂ ଦଳରେ ଏ କୃଷ୍ଣ, ଚନ୍ଦ୍ର ଶେଖର ବେହେରା, ଏମ ଭେଙ୍କେଟ ରାଓ,ପ୍ରଭୁ ପ୍ରଶାଦ ପାଣିଗ୍ରାହି,ପ୍ରଶାନ୍ତ କାର୍ଜି, ତେଜା ସେଠି,ଏ କ୍ରିଷ୍ଣ ,ସି ଏଚ ଇଶ୍ୱର,ଅଶିମା ନାୟକ,ଜେ.ଶାଇ କରନ ଆଚାରି,ଅଭୟରାମ ଦାଶ, ଏମ ମଣିକଣ୍ଠ,ଏମଡି ସାଦେବ ଓ ବାଳିକା ଦଳରେ ସାନସ୍ଖି ଦାସ,ଓ୍ୱାଇ ତାମେନା,ମାକି ବେହେରା,ଅନୁସ୍କା ନାୟକ, ପ୍ରଜ୍ଞା ମହାରଣା,ସୁଭଶ୍ରୀ ବେହେରା, ସ୍ନେହା ରାଣୀ ବେହେରା ଏବଂ କୋଚ ମ୍ୟାନେଜର ଭାବେ ଏହି ସାଇ ପ୍ରତାପ, ପ୍ରବୀଣ ସେଠୀ, ସଗ୍ରାମ ସାମଲ ଏବଂ ଶ୍ୟାମା ମୁଖୀ ଯାତ୍ରା କରୁଛନ୍ତି। ପୂର୍ବତନ ବକ୍ସର ସିବରାମ ପାତ୍ର, ବୁଲୁ ପାତ୍ର,ଅନ୍ତର୍ଜାତୀୟ ରେଫରି ତଥା ସ୍ଥାନୀୟ କୋଚ ଶିଶିର କୁମାର ପାଣିଗ୍ରାହୀ ଏହି ଦଳ ସହ ଯାତ୍ରା କରୁଛନ୍ତି। ଏହି ଦଳ ବ୍ରହ୍ମପୁରସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମ ଠାରେ ବକ୍ସିଂ ଅଭ୍ୟାସ କରୁଥିଲେ ତଥା ଭଲ ଖେଳ ପ୍ରଦର୍ଶନ କରିବେ ବୋଲି କେ.ପ୍ରଭାକର ରାଓ, ଲଡୁ କିଶୋର ସାହୁ, ବାବୁ ରାଓ,ଅବିନାଶ ନାୟକ, ସୁମନ ଦାସ, ମୁନା ଗୌଡ, ଅଜିତ ମୁଖି, ବିପିନି ଗୌଡ, ସଞ୍ଜୟ ଗୌଡ଼, ଅକ୍ଷୟ ପଟ୍ଟନାୟକ, ପ୍ରସାନ୍ତ କୁମାର ପାଣିଗ୍ରାହୀ, ସଞ୍ଜୀବ ସାହୁ, କାଜଲ ସାହୁ, ସିତା ଜେନା,ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ସଦସ୍ୟ ଓ କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି।

## ଅଘୋଷିତ ବିଦ୍ୟୁତ କାଟ, ପାନୀୟ ଜଳ ଯୋଗାଣ ଠପ
# ବିଦ୍ୟୁତ ଉପଭୋକ୍ତାଙ୍କୁ କ୍ଷତିପୂରଣ ଦାବି

ବୁଗୁଡ଼ା ,(ସବ୍ୟୁ): ରାଜ୍ୟ ସରକାର ଚବିଶି ଘଣ୍ଟା ବିଦ୍ୟୁତ ଯୋଗାଣର ଡିଣ୍ଡିମ ପିଟୁଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ଘଟଣା ବୁଗୁଡା ଅଞ୍ଚଳବାସୀଙ୍କ ପାଇଁ ପରିହାସ ସଦୃଶ ହୋଇଛି ।ବିନା ମେଘ ପବନରେ ମଧ ଘଣ୍ଟା ଘଣ୍ଟା ଧରି ବାରମ୍ବାର ବିଦ୍ୟୁତ କାଟ ହେଉଥୁବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅସହ୍ୟ ଗରମ ସାଙ୍ଗକୁ ଗୁଳୁ ଗୁଳିରେ ଲୋକେ ଛଟପଟ ହେଉଥିବାବା ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଫଳରେ ଜଳ ଯୋଗାଣ ମଧ ବାଧାପ୍ରାପ୍ତ ହେଉଛି । ଶନିବାର ଦିନ ବୁଗୁଡ଼ା ସହରରେ ସାମାନ୍ୟ ବର୍ଷା ହେବାରୁ ଅପରାହ୍ନ ୪ଟାରୁ ବିଦ୍ୟୁତ କଟିଗଲା ଯେ ପାହାନ୍ତିଆ ୪ଟା ସମୟରେ ବିଦ୍ୟୁତ ଆସିଲା । ରବିବାର ବର୍ଷା ନାହିଁ କି ପବନ ନାହିଁ ତଥାପି ସକାଳ ୮ଟାରୁ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଲାଗି ରହିଥିଲା ଏବଂ ଅପରାହ୍ନ ୨ଟାରୁ ବିଦ୍ୟୁତ କଟିଲା ଯେ ଆଉ ଆସିବାର ନାଁ ଧରୁନି । ବବୁଗୁଡ଼ା ବ୍ଲକ ଅନ୍ତର୍ଗତ କରଚୁଲି ଓ ଗୋଳିଆ ପଞ୍ଚାୟତରେ ଶନିବାର ସକାଳ ୯ରୁ ବିଦ୍ୟୁତ କଟିଛି ଯେ ରବିବାର ସନ୍ଧ୍ୟାପର୍ଯ୍ୟନ୍ତ ବିଦ୍ୟୁତ ଆସି ନଥିଲା । କରଚୁଲି ଗ୍ରାମରେ କୂଅ ପୋଖରୀ ଶୁଖିଲା ପଡ଼ିଥିବା ବେଳେ ଲୋକେ ପାଇପ ପାଣି ଉପରେ ନିର୍ଭର କରି ଚଳୁଥିଲେ। ତେବେ ୩୬ ଘଣ୍ଟା ହେଲା ବିଦ୍ୟୁତ ଯୋଗାଣ ବନ୍ଦ ରହିଥିବାରୁ ଲୋକେ ପାଣି ପାଇଁ ଡହଳବିକଳ ହୋଇ ଗଲେଣି । କୌଣସି ଅଞ୍ଚଳରେ ୬ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ କାଟ ହେଲେ ହିତାଧିକାରୀଙ୍କୁ କ୍ଷତିପୂରଣ ଦେବାକୁ ନିୟମ ଥିବା ବେଳେ ବୁଗୁଡ଼ା ଅଞ୍ଚଳରେ ଅଧିକାଂଶ ଦିନ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ପାଇଁ ଉପଭୋକ୍ତାମାନଙ୍କୁ କିଏ କ୍ଷତି ପୂରଣ ଦେବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଜନ ଆନ୍ଦୋଳନ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା ବେଳେ ଅସନ୍ତୁଷ୍ଟ ଜନତା ବିଦ୍ୟୁ ବିଭାଗର ମନମାନି ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଥିବା ଜଣାଯାଇଛି।

## ସନଡେ ଅନ ସାଇକେଲ କାର୍ଯ୍ୟକ୍ରମରେ ଗଞ୍ଜାମ ଏସ୍‌ପି

ଛତ୍ରପୁର, (ସବ୍ୟୁ): ଫିଟନେସ ଏବଂ ସୁସ୍ଥ ଜୀବନ ଯାପନକୁ ପ୍ରୋତ୍ସାହିତ କରିବା ପାଇଁ 'ସନଡେ ଅନ ସାଇକେଲ' ହେଉଛି ଭାରତ ସରକାରଙ୍କ 'ଫିଟ ଇଣ୍ଡିଆ ମୁଭମେଣ୍ଟ' ଅଧୀନରେ ଆୟୋଜିତ ଏକ ଲୋକପ୍ରିୟ ସାଇକେଲ ଚାଳନା କାର୍ଯ୍ୟକ୍ରମ । ଏହା ସ୍ୱାସ୍ଥ୍ୟ ସଚେତନତା, ମାନସିକ ସୁସ୍ଥତା ଏବଂ ସବୁଜ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠିତ ହେଉଛି । ଗଞ୍ଜାମ ପୋଲିସ ଜିଲ୍ଲା ପକ୍ଷରୁ ଆଜି ସନଡେ ଅନ ସାଇକେଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହା ପୋଲିସ କର୍ମଚାରୀଙ୍କ ଫିଟ୍‌ନେସ ବଜାୟ ରଖିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ବେଶ ସହାୟକ ନିମନ୍ତେ ଏକ ସାଇକେଲ ରାଲି ଆୟୋଜନ କରାଯାଇଥିଲା । ଏଥିରେ ଗଞ୍ଜାମ ଏସପି ହରିଶ . ସି ନିଜେ ଯୋଗଦେଇ ସାଇକେଲ ଚଳାଇବା ସହିତ ପୋଲିସ କର୍ମଚାରୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉତ୍ସାହର ସହିତ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ । ନାଗରିକମାନଙ୍କୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଏହା ସହିତ ଇନ୍ଧନ ସଞ୍ଚୟ ଏବଂ ପରିବେଶ ସୁରକ୍ଷା ପାଇଁ ସଚେତନତାର ବାର୍ତ୍ତା ଦେଇଥିଲେ ।

# ଦଶମ ଶ୍ରେଣୀର ଛାତ୍ର ରୁଦ୍ରଙ୍କ ବଢୁନାହିଁ ଉଚ୍ଚତା



ପାଟଣା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଷାଖୁରୀ ପଞ୍ଚାୟତ ମୁଷାଖୁରୀ ଗ୍ରାମର ଇଶ୍ୱର ଚନ୍ଦ୍ର ଦାସଙ୍କ ଦୁଇ ପୁଅଙ୍କ ବୟସ ବଢୁଛି ହେଲେ ଉଚ୍ଚତା ବଢୁନାହିଁ। ସୂଚନା ଅନୁଯାୟୀ ମୁଷାଖୁରୀ ପଞ୍ଚାୟତର ନାଏବ ସରପଞ୍ଚ ଚିନାମଣୀ ଦାସ ତାଙ୍କ ସ୍ୱାମୀ ଇଶର ଚନ୍ଦ୍ର ଦାସ ସେହି ପଞ୍ଚାୟତର ରାତ୍ରୀ ଜଗୁଆଳି ଭାବେ କାମ କରନ୍ତି।ତାଙ୍କର ଦୁଇ ପୁଅ ବଡ ପୁଅ ରୁଦ୍ର ଦାସ(୧୫) ମଳିପଷି ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢୁଥିବା ବେଳେ ସାନ ପୁଅଟି ଦିବ୍ୟ ପ୍ରକାଶ ଦାସ (୧୦)ଗାଁ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଛନ୍ତି।ରୁଦ୍ରଙ୍କର ଉଚ୍ଚତା ୩ ଫୁଟ ହୋଇଥିବା ବେଳେ ତାଙ୍କର ସାନ ଭାଇର ଉଚ୍ଚତା ୨ ଫୁଟ ହେବ ।ବର୍ତ୍ତମାନ ରୁଦ୍ର ଭତା ୧୦୦୦ ଟଙ୍କା ଲେଖାଏଁ ପାଉଥିବା ବେଳେ ତାଙ୍କ ସାନଭାଇ ଭତା ପାଉନଥିବା ତାଙ୍କ ବଡ ଭାଇ କହିଛନ୍ତି।ସରକାରଙ୍କ ପକ୍ଷରୁ ଯଦି ଦିବ୍ୟପ୍ରକାଶଙ୍କୁ ଭତ୍ତା ଦେବା ସହ ରୁଦ୍ରଙ୍କୁ ଗୋଟାଏ ବେଟାରୀ ଚାଳିତ ସାଇକେଲ ଦେବାର ବ୍ୟବସ୍ଥା କରାଗଲେ ସ୍କୁଲକୁ ଯିବାପାଇଁ ସହାୟକ ହୋଇପାରନ୍ତା ବୋଲି କୁହାଯାଉଛି ।

# ଦୁଇ ଚିତାବାଘ ଚମଡ଼ା ଜବତ : ୨ ଗିରଫ

ବ୍ରହ୍ମପୁର,(ସବ୍ୟୁ): ବ୍ରହ୍ମପୁର ପୋଲିସ ଏକ ବଡ଼ ବନ୍ୟପ୍ରାଣୀ ଚୋରାଚାଲାଣ ରାକେଟର ପର୍ଦ୍ଦାଫାଶ କରି ଦୁଇଟି ପୂର୍ଣ୍ଣ ଆକାରର ଚିତାବାଘ ଚମଡ଼ା ଜବତ କରିବା ସହ ଦୁଇ ଜଣଙ୍କୁ ବାନ୍ଧିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ କେଶବା ଜମାଦାର (୩୪) ଓ ବୀରା ଜମାଦାର (୪୫)। ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଘଟଣାରୁ ପ୍ରକାଶ ଯେ, ଜରଡା ଥାନା ପୋଲିସ ବିଶ୍ୱସ୍ତ ସୂଚନା ପାଇ ଉପର ବୁରାତାଲ ଅଞ୍ଚଳରେ ଚଢ଼ାଉ କରିଥିଲା।ପୋଲିସ ଦଳ ପାହାଡ଼ିଆ ଜଙ୍ଗଲ ଅଞ୍ଚଳରେ ଦୁଇଜଣ ସନ୍ଦିଗ୍ଧଙ୍କୁ ଦେଖି ପିଛା କରିଥିଲା। ପଳାଇବା ବେଳେ ଅଭିଯୁକ୍ତମାନେ ପୋଲିସକୁ ଠେଲାପେଲି କରିବା ସହ ଜଣେ ଖଣ୍ଡା ଦେଖାଇ ଧମକ ଦେଇଥିଲେ। ତେବେ ପୋଲିସ ସେମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲା।ଘଟଣାସ୍ଥଳରୁ ଦୁଇଟି ଗନି ବ୍ୟାଗରେ ରଖାଯାଇଥିବା ଦୁଇଟି ଚିତାବାଘ ଚମଡ଼ା ଜବତ କରାଯାଇଥିଲା। ତଲାସି ସମୟରେ କେଶବା ଜମାଦାରଙ୍କଠାରୁ ଦୁଇଟି ଜୀବନ୍ତ ହାତତିଆରି ବୋମା ଏବଂ ବୀରା ଜମାଦାରଙ୍କଠାରୁ ଏକ ଖଣ୍ଡା ଜବତ କରାଯାଇଥିଲା। ଅଭିଯୁକ୍ତମାନେ ଏହି ସାମଗ୍ରୀ ରଖିବା ପାଇଁ କୌଣସି ବୈଧ ଅନୁମତିପତ୍ର ଦେଖାଇ ପାରିନଥିଲେ।ଏହାକୁ ନେଇ ଜରଡା ଥାନାରେ ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି।

# ଖଣି ଅଧିକାରୀଙ୍କ କଲର ଧରି ଘୋଷାଡ଼ିଲେ ମାଟି ମାଫିଆ

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧୀନ ଦରଡ଼ା ବଜାର ଦେଇ ଏକ ଟ୍ରାକ୍ଟର ଯୋଗେ ବେଆଇନ ଭାବେ ମାଟି ପରିବହନ ହେଉଥିବା ସମୟରେ ଖଣି ଅଧିକାରୀ ଚଢ଼ଉ କରିବାକୁ ଯାଇ ହଟହଟା ହୋଇଛନ୍ତି ।ସୂଚନା ଅନୁସାରେ ଦରଡ଼ା ବଜାର ଦେଇ କିଛି ଟ୍ରାକ୍ଟରରେ ବେଆଇନ ଭାବେ ମାଟି ପରିବହନ ହେଉଥିଲା। ଖବରପାଇ କନିଷ୍ଠ ଖଣି ଅଧିକାରୀ ସତ୍ୟଚିନ୍ମୟ ଜେନା ଚଢ଼ଉ କରିବାକୁ ଯାଇ ଗୋଟିଏ ଟ୍ରାକ୍ଟରକୁ କାବୁ କରିଥିଲେ । ଜବତ ଗାଡ଼ିଟିକୁ ଥାନାକୁ ନେବାକୁ ଚାଳକକୁ କହିବାରୁ ଚାଳକ ଜଣକ ଦ୍ରୁତଗତିରେ ଗାଁମୁହାଁ ହୋଇ ଖସି ପଳାଇଥିଲା। ତେବେ ଶ୍ରୀ ଜେନା ଉକ୍ତ ଟ୍ରାକ୍ଟରକୁ ଗୋଡ଼ାଇ ଗୋଡ଼ାଇ ଦ୍ୱିତୀୟଥର ପାଇଁ କାବୁ କରିବାରେ ସକ୍ଷମ ହୋଇଥିଲେ। ମାତ୍ର ସେଠାରେ ଚାଳକ ଓ ଅନ୍ୟ ମାଟି ମାଫିଆମାନେ ଖଣି ଅଧିକାରୀଙ୍କ କଲର ଧରି ଘୋଷାଡ଼ିବା ସହ ଗାଡ଼ିକୁ ଗୋଇଠା ମାରିଥିଲେ । ମୋବାଇଲ୍ ଛଡ଼ାଇ ନେଇ କ୍ୟାମେରାରେ କଏଦ ହୋଇଥିବା ଫଟୋ ଓ ଭିଡିଓକୁ ଡିଲିଟ୍ କରିଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ମାଫିଆମାନେ ଶ୍ରୀ ଜେନାଙ୍କୁ ଅଟକ ରଖିଥିଲେ। ପରେ ଶ୍ରୀ ଜେନା ସେଠାରୁ ଆସି ବସ୍ତା ଥାନାରେ ଘଟଣା ସମ୍ପର୍କରେ ଲିଖିତ ଏତଲା ଦେଇଥିଲେ। ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁକରି ଦୋଷୀଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଛି।

# ୧୫କେନ୍ଦ୍ରରେ ୬,୪୭୨ ପରୀକ୍ଷାର୍ଥୀ ଦେଲେ ଓପିଏସସି ପ୍ରିଲିମିନେରି ପରୀକ୍ଷା

ବ୍ରହ୍ମପୁର, (ସବ୍ୟୁ): ଓଡ଼ିଶା ଲୋକ ସେବା ଆୟୋଗ ପକ୍ଷରୁ ଆୟୋଜିତ ପ୍ରାଥମିକ ପରୀକ୍ଷା ଶନିବାର ବ୍ରହ୍ମପୁର ସହରେ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ସହର ରେ ୧୫ଟି ପରୀକ୍ଷା କେନ୍ଦ୍ରରେ ଦୁଇଟି ସିଫ୍ଟରେ ମୋଟ ୬,୪୭୨ ଜଣ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ। ପରୀକ୍ଷାର ସ୍ୱଚ୍ଛତା ଓ ଶୃଙ୍ଖଳା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଜି.ନୂଆଗାଁ, ବି.ଟାଉନ, ବି.ଏନ.ପୁର, ଗୋପାଳପୁର ଓ ନୀମଖଣ୍ଡି ଥାନା ଅଞ୍ଚଳର ପୋଲିସ କର୍ମଚାରୀଙ୍କୁ ସମ୍ପୃକ୍ତ କେନ୍ଦ୍ର ଗୁଡ଼ିକରେ ମୁତୟନ କରାଯାଇଥିଲା। ଏହାସହ ବ୍ରହ୍ମପୁର ସ୍ପେଶାଲ ଟ୍ରେଜେରୀରୁ ପ୍ରଶ୍ନପତ୍ର ନେବା ପାଇଁ ଆରଆଇ, ବ୍ରହ୍ମପୁର ୮ ଜଣ ଏପିଆର କନଷ୍ଟେବଳଙ୍କୁ ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଥିଲା। ମହିଳା ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ବିଭିନ୍ନ କେନ୍ଦ୍ରରେ ମହିଳା କନଷ୍ଟେବଳ ମଧ୍ୟ ମୁତୟନ ଥିଲେ। ପରୀକ୍ଷା କେନ୍ଦ୍ର ଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ଜିଲ୍ଲା ପୋଲିସ ଅଧୀକ୍ଷକ, ବ୍ରହ୍ମପୁର ଏସପି ସର୍ବଣା ବିବେକ ଏମ,ଅତିରିକ୍ତ ଏସପି ଓ ଏସଡିପିଓ ଅଧିକାରୀ ମାନେ ସମସ୍ତ କେନ୍ଦ୍ର ପରିଦର୍ଶନ କରିଥିଲେ। ପୋଲିସର ସୂଚନା ଅନୁଯାୟୀ,ପରୀକ୍ଷା ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା। ସମୟସୂଚୀ ଅନୁଯାୟୀ ପରୀକ୍ଷା ଶେଷ ହୋଇଥିଲା।

# ପୋଷ୍ଟାଲ ସୁପରିନଟେଣ୍ଡେଣ୍ଟ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

ଆସିକା, (ସବ୍ୟୁ): ଆସିକା ପୋଷ୍ଟାଲ ଡ଼ିଭିଜନ କାର୍ଯ୍ୟାଳୟରେ ରବିବାର ଅପରାହ୍ନରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି।ଆସିକା ହେଡ ପୋଷ୍ଟ ଅଫିସ କୋଠା ଉପର ମହଲା ପ୍ରଥମ ତାଲାରେ ଏହି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ରହିଛି।ରବିବାର ଉଭୟ କାର୍ଯ୍ୟାଳୟ ଛୁଟି ଥିବାରୁ ବନ୍ଦ ରହିଥିଲା।ଅପରାହ୍ନ ୨ ରୁ ୩ ଟା ମଧ୍ୟରେ ଅଚାନକ ଘଡ଼ଘଡ଼ି ବର୍ଷା ଅଳ୍ପ ସମୟ ହୋଇ ଛାଡ଼ିବାର କିଛି ସମୟପରେ ପୋଷ୍ଟାଲ ଡ଼ିଭିଜନ କାର୍ଯ୍ୟାଳୟ ଝରକାରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା।ଦେଖୁ ଦେଖୁ ଅଳ୍ପ କିଛି ସମୟ ମଧ୍ୟରେ ହୁତୁ ହୁତୁ ହୋଇ ଜଳି ପ୍ରବଳ ଅଗ୍ନି ଶିଖା ସମଗ୍ର କାର୍ଯ୍ୟାଳୟ କବାଟ ଓ ଝରକା ଦେଇ ତଳେ ପଡ଼ିଥିଲା। ଅଗ୍ନିଶ୍ରମ ବିଭାଗ କର୍ମଚାରୀ ମାନେ ଖବର ପାଇ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ବହୁ ସମୟଧରି କାର୍ଯ୍ୟ ଜାରି ରଖିଥିଲେ। ଶହ ଶହସଂଖ୍ୟାରେ ଜନସାଧାରଣ ରୁଣ୍ଡ ହୋଇ ଏହି ନିଆଁର ବିଭୀଷିକା ଦେଖୁଥିବା ବେଳେ ଆସିକା ପୋଲିସ ଘଟଣା ସ୍ଥଳରେ ଜଗି ରହିଛନ୍ତି। ପୋଷ୍ଟାଲ ସୁପରିଇନଟେଣ୍ଡଣ୍ଟ କିମ୍ବା ବିଭାଗ କର୍ମଚାରୀ ଆସିଲେ ହିଁ କ୍ଷୟ କ୍ଷତିର ସ୍ପଷ୍ଟ ସୂଚନା ମିଳିବା ଆଶା କରାଯାଉଛି।ତେବେ ନିଆଁର ପ୍ରଖରତାକୁ ଦେଖି ବିପୁଳ କ୍ଷତିର ଆଶଙ୍କା କରାଯାଉଛି। ଅଗ୍ନିକାଣ୍ଡର ସଠିକ କାରଣ ଜଣାପଡିନଥିଲେ ମଧ ବିଦ୍ୟୁତ୍ ସର୍ଟ ସର୍କିଟ ରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ଦୋକାନୀଙ୍କୁ ଆକ୍ରମଣ କରି ଲୁଟ, ଜଣେ ଗିରଫ

ବ୍ରହ୍ମପୁର , (ସବ୍ୟୁ) : ସଦର ଥାନା ଅଧୀନ ଗୌତମି ଗାଁରେ ଟିଫିନ ଦୋକାନୀ ଗ୍ରାହକଙ୍କୁ ଜଳଖିଆ ଖାଇଥିବା ଟଙ୍କା ମାଗିଥିଲେ। ହେଲେ ଗ୍ରାହକ ଜଣଙ୍କ ଦୋକାନୀଙ୍କୁ ଲୁହା ରଡ ଓ ଛୁରୀରେ ଆକ୍ରମଣ କରି ଦୋକାନ ଲରୁ ୪୫ ହଜାର ଟଙ୍କା ଲୂଟ କରି ନେଇଯାଇଥିବା ଅଭିଯୋଗରେ ସଦର ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ ଉକ୍ତ ଗାଁର ସୂର୍ଯ୍ୟନାରାୟଣ ଲେଙ୍କା ( ୩୨ ) । ମାମଲା ନଂ ୩୪୪/୨୬ ରେ ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଗତ ୫ତାରିଖ ସକାଳେ ସୂର୍ଯ୍ୟନାରାୟଣ ଲେଙ୍କା, ଭଗବାନ ସ୍ୱାଇଁ ଗାନ୍ଧିଆ, ନିରାକାର ଲେଙ୍କା ଓ ପିତାମ୍ବର ବିଷୋୟୀ ମିଳିମିଶି ଏସ. ଶଙ୍କର ରେଡ୍ଡୀଙ୍କ ଟିଫିନ ଦୋକାନରୁ ଜଳଖିଆ ଖାଇଥିଲେ। ଦୋକାନୀ ସେମାନଙ୍କୁ ଜଳଖିଆ ବାବଦରେ ଟଙ୍କା ମାଗିଥିଲେ। ସେମାନେ ଦୋକାନ ଭାଙ୍ଗିଦେବାକୁ ଧମକ ଦେଇଥିଲେ। ଡରିଯାଇ ଶଙ୍କର ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ। ବିଳମ୍ବିତ ରାତ୍ରରେ ଉକ୍ତ ଚାରି ଜଣ ଯୁବକ ଶଙ୍କରଙ୍କ ଘର ଆଗରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଦୋକାନର ତାଲା ଭାଙ୍ଗି ଭିତରକୁ ପଶି ଏଲଇଡି ଟିଭି, ୩ ଗୋଟି ସିସିଟିଭି କ୍ୟାମେରା ଓ ଅନ୍ୟ ସାମଗ୍ରୀ ଭାଙ୍ଗିରୁଜା କରିଥିଲେ। କ୍ୟାସ ବାକ୍ସ ଭାଙ୍ଗି ୪୫ ହଜାର ଟଙ୍କା ଲୁଟି ନେଇଥିଲେ। ଶଙ୍କର ବିରୋଧ କରିବାରୁ ତାଙ୍କୁ ଲୁହାରଡ ଓ ଛୁରୀରେ ଆକ୍ରମଣ କରି ମୁଣ୍ଡ, ପିଠିରେ ଗୁରୁତର ଆଘାତ ପହଞ୍ଚାଇଥିଲେ। ପୋଲିସକୁ କହିଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇ ଚାଲିଯାଇଥିଲେ। ଏ ନେଇ ଶଙ୍କର ରେଡ୍ଡୀଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଡିଭାଇନ ସହ ଓକେସିଏଲ୍‌ର ବୁଝାମଣା ସ୍ୱାକ୍ଷରିତ




ବାରିପଦା, (ସବ୍ୟୁ) : ବାରିପଦା ସ୍ଥିତ ଡିଭାଇନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସ ଓ ଭୁବନେଶ୍ୱର ସ୍ଥିତ ଓଡିଶା ନଲେଜ କର୍ପୋରେସନ ଲିମିଟେଡ ସହିତ ଗତକାଲି ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ଓଡିଶା ସରକାରଙ୍କ ଅଧିନସ୍ଥ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡଃ ମନୋରଞ୍ଜନ ପୁଥାଳ ଏବଂ ଡିଭାଇନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶକ ତଥା ଟ୍ରଷ୍ଟି ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇଙ୍କ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ପତ୍ର ଅଦଳ ବଦଳ ହୋଇଥିଲା। ବିକଶିତ ଓଡିଶା ଓ ଭାରତ ବର୍ଷ ପାଇଁ ଆବଶ୍ୟକ ହେଉଥିବା ଯୁବପିଢ଼ୀଙ୍କୁ ଦକ୍ଷ ବୃଦ୍ଧି କରାଇବା ସହ ରାଜ୍ୟ ତଥା ଦେଶର ଦକ୍ଷତା ବଢାଇବାରେ ଓକେସିଏଲ୍‌ର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶାକରାଯାଏ। ଏହି ପରିପ୍ରେକ୍ଷୀରେ ଡିଭାଇନ ସହ ଓକେସିଏଲ୍‌ର ବୁଝାମଣା ଆଗାମୀ ଦିନରେ ବାରିପଦା ତଥା ମୟୂରଭଞ୍ଜର ଅନେକ ଯୁବକ ଏବଂ ଯୁବତୀ ନିଜର ଦକ୍ଷତା ବିକାଶ କରିବା ସହ ନିଜକୁ ରୋଜଗାରକ୍ଷମ କରାଇବାରେ ନିଜେ ହିଁ ସହାୟକ ହେବେ। ଡିଭାଇନ ଗ୍ରୁପର ନିର୍ଦ୍ଦେଶକ ଇଂ ଗୌରବ ବୁଗୁଡେଇ ଆଗାମୀ ଦିନ ମାନଙ୍କରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିବାରେ ସହାୟକ ହେବ ବୋଲି ମତ ବ୍ୟକ୍ତ କରିଥିଲେ।

# ସରିଗଲା ମହୋତ୍ସବ : ସମ୍ବର୍ଦ୍ଧିତ ହେଲେ ୬୮ କଳାକାର

ବାରିପଦା, (ସବ୍ୟୁ): ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ଆୟୋଜିତ ୬ଦିନିଆ ନାଟ୍ୟମହୋତ୍ସବଉଦ୍‌ଯାପିତ ହୋଇଯାଇଛି । ପ୍ରତ୍ୟେକ ସନ୍ଧ୍ୟାରେ ପରିବେଷିତ ଉଚ୍ଚକୋଟିର ନାଟକ ଦେଖିବା ପାଇଁ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ । ମଞ୍ଚରେ ନାଟ୍ୟକାର ଓ ନିର୍ଦ୍ଦେଶକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ରବିବାରଦିନ ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ପରିବାର ତରଫରୁ ନାଟ୍ୟ ମହୋତ୍ସବରେ ଅଂଶଗ୍ରହଣ କରିଥିବା ସମସ୍ତ ନାଟ୍ୟସଂସ୍ଥାର ମୋଟ ୬୮ଜଣ ଅଭିନେତା ଓ ଅଭିନେତ୍ରୀଙ୍କୁ ସ୍ମୃତି ଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ତତ୍‌ସହିତ ସମସ୍ତ ନାଟକର ମଞ୍ଚ ପରିଚାଳକଙ୍କ ସମେତ ପ୍ରତ୍ୟେକ ଦିନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ପରିବାରର ସର୍ବକନିଷ୍ଠ ସଦସ୍ୟ ଆୟୁଷ କୁମାର ଗିରିଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇ ଉତ୍ସାହିତ କରାଯାଇଥିଲା । ପରବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ଅସିତ କୁମାର ଗିରି, ବରିଷ୍ଠ ଉପଦେଷ୍ଟା ତଥା ପ୍ରତିଷ୍ଠିତ ଅଭିନେତା ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ, ଉପସଭାପତି ଅନ୍ନଦା ଶଙ୍କର ଦାଶ ଓ ଡଃ ପ୍ରକାଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତଥିଲେ । । ସହ ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଭଡା ଘର ନଛାଡିବା ଅଭିଯୋଗରେ ଦମ୍ପତି ଗିରଫ

ବୁଗୁଡ଼ା ,(ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ବାଲିପଦର ମୁଖ୍ୟ ସ ଥିବା ଏକ ଭଡା ଘରକୁ ଅକ୍ତିଆର କରି ନଛାଡିବା ସହ କୋର୍ଟ ଆଦେଶକୁ ଅବମାନନା କରିବା ଅଭିଯୋଗରେ ଦମ୍ପତି ଗିରଫ ହୋଇଥିବା ଜଣାଯାଇଛି । ଗିରଫ ଦମ୍ପତି ହେଲେ ବାଲିପଦର ଗ୍ରାମର ବିଜୟ ସାସମଲ (୫୦) ଓ ସୁକାନ୍ତି ସାସମଲ (୪୦) । ଏ ନେଇ କେସ ନଂ ୨୭୬/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ବାଲିପଦର ଗ୍ରାମର କେ.ସୁବାସ ଚନ୍ଦ୍ର ପାତ୍ରଙ୍କ ମୁଖ୍ୟ ସ ଥିବା ଘରକୁ ବିଜୟଙ୍କ ପରିବାର ୧୯୯୧ ମସିହାରୁ ଦୀର୍ଘ ୩୫ ବର୍ଷ ହେଲା ଭଡାରେ ରହି ଘର ଛାଡୁ ନଥିଲେ । ଏ ନେଇ କେ.ସୁବାସ ଚନ୍ଦ୍ର ପାତ୍ର ଅଦାଲତର ଆଶ୍ରୟ ନେଇଥିଲେ। ଭଞ୍ଜନଗର ସିଭିଲ ଜଜ ସିନିୟର୍ ଡିଭିଜନ ବିଚାରପତି ସୁବାସଙ୍କ ସପକ୍ଷରେ ରାୟ ପ୍ରଦାନ କରିବା ପରେ ଗତ ୧୮ ତାରିଖରେ କୋର୍ଟ ଅଧିକାରୀଙ୍କ ଉପସ୍ଥିତିରେ ପୋଲିସ ସୁବାସଙ୍କୁ ଉକ୍ତ ଘର ହସ୍ତାନ୍ତର କରିଥିଲେ। ତେବେ ଅଭିଯୁକ୍ତ ଦମ୍ପତି ଉକ୍ତ ଘର ତାଲା ଭାଙ୍ଗିବା ସହ ଅବୈଧ ପ୍ରବେଶ କରି ନାନା ପ୍ରକାର ଧମକଚମକ ଦେଉଥିବା ଫଳରେ ଆଜି ପୋଲିସ ଉକ୍ତ ଘର ସୁବାସଙ୍କୁ ହସ୍ତାନ୍ତର କରିବା ସହ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କଠାରୁ ପ୍ରକାଶ ପାଇଛି।

# ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ଏଫଏମ ବିଶ୍ୱବିଦ୍ୟାଳୟର ୪ ଅଧ୍ୟାପକ



ବାଲେଶ୍ୱର, (ସବ୍ୟୁ) :ଫକୀରମୋହନ(ଏଫଏମ) ବିଶ୍ୱବିଦ୍ୟାଳୟ ପାଇଁ ଏକ ଗୌରବମୟ ସଫଳତା ଭାବେ ବିଶ୍ୱବିଦ୍ୟାଳୟର ଚାରିଜଣ ବିଶିଷ୍ଟ ଅଧ୍ୟାପକ ବିଶ୍ୱସ୍ତରୀୟ ବୈଜ୍ଞାନିକ ମୂଲ୍ୟାଙ୍କନ ତାଲିକାରେ ସ୍ଥାନ ପାଇ ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ନିଜ ସ୍ଥାନ ସୁଦୃଢ଼ କରିଛନ୍ତି ।ଗବେଷଣା ପ୍ରକାଶନ, ଉଦ୍ଧୃତି ପ୍ରଭାବ ଏବଂ ବୈଜ୍ଞାନିକ ଅବଦାନ ଆଧାରରେ ପ୍ରସ୍ତୁତ ଏହି ମାନ୍ୟତା ବିଶ୍ୱବିଦ୍ୟାଳୟର ବଢୁଥିବା ଗବେଷଣା ସାମର୍ଥ୍ୟକୁ ପ୍ରତିଫଳିତ କରିଛି।୨୦୨୫ ସାଇନ୍ସ-ରଯାଙ୍କ୍ ଗ୍ଲୋବାଲ୍ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକଙ୍କ ମଧ୍ୟରେ ସ୍ଥାନ ଅଧିକାର ଓ ଏହି ସମ୍ମାନ ଲାଭ କରିଥିବା ଅଧ୍ୟାପକମାନେ ହେଲେ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ (କମ୍ପ୍ୟୁଟର ବିଜ୍ଞାନ ଓ ଯନ୍ତ୍ରାଧାରିତ ଶିକ୍ଷଣ), ପ୍ରଫେସର ପଙ୍କଜ କୁମାର ପାରହୀ (ଧାତୁ ନିଷ୍କାଷଣ ବିଜ୍ଞାନ ଓ ସମ୍ପଦ ପୁନରୁଦ୍ଧାର), ପ୍ରଫେସର ମନୋରଞ୍ଜନ ମିଶ୍ର(ଭୂଗୋଳ ଓ ଜଳବାୟୁ ବିଜ୍ଞାନ),ଡଃ ମନୋଜିତ ଭଟ୍ଟାଚାର୍ଯ୍ୟ (ଆଣବିକ ଜୀବବିଜ୍ଞାନ ଓ ଜୈବ-ସୂଚନା ବିଜ୍ଞାନ) ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ଗତ ୨୫ ବର୍ଷ ଧରି ତଥ୍ୟ ବିଶ୍ଳେଷଣ, ଯନ୍ତ୍ରାଧାରିତ ଶିକ୍ଷଣ ଏବଂ ବହୁମାନଦଣ୍ଡୀୟ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଅଗ୍ରଣୀ ଗବେଷଣା କରିଆସୁଛନ୍ତି। ସେ ୨୫୦ରୁ ଅଧିକ ଗବେଷଣା ପ୍ରବନ୍ଧ ପ୍ରକାଶ କରିଥିବା ସହ ବହୁ ପ୍ରତିଷ୍ଠିତ ସମ୍ମାନ ଓ ଅନୁସନ୍ଧାନ ବୃତ୍ତି ଲାଭ କରିଛନ୍ତି। ପ୍ରଫେସର ପଙ୍କଜ କୁମାର ପାରହୀ, ବର୍ଜ୍ୟ ପଦାର୍ଥ ପୁନଃବ୍ୟବହାର, ସମ୍ପଦ ପୁନରୁଦ୍ଧାର ଓ ପରିବେଶ ଅନୁକୂଳ ଧାତୁ ନିଷ୍କାଷଣ ପ୍ରଯୁକ୍ତି କ୍ଷେତ୍ରରେ ଆନ୍ତର୍ଜାତିକ ସ୍ତରରେ ବିଶ୍ୱରେ ସୁପରିଚିତ। ସେ ୨୪୦ରୁ ଅଧିକ ଗବେଷଣା ପ୍ରବନ୍ଧ ପ୍ରକାଶ କରିଥିବା ସହ ୬ଟି ଉଦ୍ଭାବନ ଅଧିକାରର ଅଧିକାରୀ ଏବଂ କ୍ରମାଗତ ଛଅ ବର୍ଷ ଧରି ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ପାଇଆସୁଛନ୍ତି ।ପ୍ରଫେସର ମନୋରଞ୍ଜନ ମିଶ୍ର ଜଳବାୟୁ ପରିବର୍ତ୍ତନ, ବିପର୍ଯ୍ୟୟ ଜନିତ ବିପଦ ହ୍ରାସ, ଭୌଗୋଳିକ ସୂଚନା ପ୍ରଣାଳୀ, ଦୂର-ସଂବେଦନ ତଥା ଅନୁଭବ ପ୍ରଯୁକ୍ତି ଏବଂ ପରିବେଶୀୟ ସ୍ଥାୟୀତ୍ୱ କ୍ଷେତ୍ରରେ ଜଣେ ଅଗ୍ରଣୀ ଗବେଷକ। ବଜ୍ରପାତ ପୂର୍ବାନୁମାନ ଏବଂ ପୂର୍ବ ସତର୍କତା ବ୍ୟବସ୍ଥା ଉପରେ ତାଙ୍କର ଗବେଷଣା ବିପର୍ଯ୍ୟୟ ମୁକାବିଲା ଓ ଜଳବାୟୁ ସହନଶୀଳତା ବୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ରଖିଛି। ଡଃ ମନୋଜିତ ଭଟ୍ଟାଚାର୍ଯ୍ୟ - ଟୀକାର ବିକାଶ, ଜୀବ ବଂଶଗତ ଅଧ୍ୟୟନ ଓ ସଂକ୍ରାମକ ରୋଗ ଗବେଷଣା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱସ୍ତରରେ ପରିଚିତ ଓ ସୁନାମଧନ୍ୟ । ତାଙ୍କ ଗବେଷଣା କାର୍ଯ୍ୟକୁ ୯ ହଜାରରୁ ଅଧିକ ଥର ଉଦ୍ଧୃତ କରାଯାଇଥିବା ବେଳେ ତାଙ୍କର ଗବେଷଣା ପ୍ରଭାବ ସୂଚକାଙ୍କ ୫୦ରୁ ଅଧିକ ରହିଛି। ସେ ବିଭିନ୍ନ ପ୍ରତିଷ୍ଠିତ ଆନ୍ତର୍ଜାତିକ ବୈଜ୍ଞାନିକ ପତ୍ରିକାର ସମ୍ପାଦକୀୟ ମଣ୍ଡଳୀରେ ମଧ ଦାୟିତ୍ୱ ନିର୍ବାହ କରୁଛନ୍ତି।ଏହି ସଫଳତା ଫକୀର ମୋହନ ବିଶ୍ୱବିଦ୍ୟାଳୟର ବିଶ୍ୱସ୍ତରୀୟ ଗବେଷଣା ପ୍ରତିଷ୍ଠାକୁ ଆହୁରି ସୁଦୃଢ଼ କରିବା ସହ ବିଜ୍ଞାନ, ନବସୃଜନ ଓ ସମାଜ ଉନ୍ନୟନ ପ୍ରତି ବିଶ୍ୱବିଦ୍ୟାଳୟର ଦୃଢ଼ ପ୍ରତିଶୃତି କୁ ପ୍ରତିଫଳିତ କରିପାରିଛି। ଏହି ଚାରିଜଣ ବିଦ୍ୱାନ ଅଧ୍ୟାପକଙ୍କୁ କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସମସ୍ତ ବିଶ୍ୱବିଦ୍ୟାଳୟ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଯାଇଥିବା ବେଳେ ସେମାନଙ୍କର ଏହି କୃତିତ୍ୱ ଓଡ଼ିଶା ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛି।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ



ଛତ୍ରପୁର, (ସବ୍ୟୁ) : ରାଜ୍ୟରେ ୨୦୪ ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ ସ୍ଥାପନ ରବିବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କର କମଳ ହୋଇଯାଇଛି । ଏହି କ୍ରମେ ଗଞ୍ଜାମ ଜିଲ୍ଲାର ୭ ଟି ସ୍ଥାନରେ ଏହି ବିଦ୍ୟାଳୟ ପାଇଁ ଭିତ୍ତି ପ୍ରସ୍ତର କରାଯାଇଥିବା ବେଳେ ଛତ୍ରପୁର ବ୍ଲକର ସୁନ୍ଦରପୁର ପଞ୍ଚାୟତ ଶ୍ରୀ ସୁନ୍ଦେରଶ୍ୱର ଉନ୍ନୀତ ବିଦ୍ୟାଳୟ ଓ ପୋଟଲାମପୁର ପଞ୍ଚାୟତର ପିଏମଶ୍ରୀ ଗଙ୍ଗାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ଶିଳାନ୍ୟାସ ସ୍ଥାପନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟ ରେ ବ୍ରହ୍ମପୁର ସାଂସଦ ପ୍ରତିନିଧି ଆର ସନ୍ତୋଷ ରେଡ୍ଡୀ, ୧୯ନଂ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ସୁନ୍ଦରପୁର ସରପଞ୍ଚ ଗଗନ କୁମାର ବେହେରା , ସମିତି ସଭ୍ୟା ସୁଜ୍ଞାନୀ ସେଠି ,ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପିତାମ୍ବର ମହାଙ୍କୁଡ, ପ୍ରଧାନ ଶିକ୍ଷୟତ୍ରୀ କେ. ଲଳିତା ଦେବୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ ଙ୍କ ସମେତ ଛାତ୍ର / ଛାତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ସେହିପରି ପୋଟଲାମପୁର ପଂଚାୟତ ର ପିଏମ ଶ୍ରୀ ଗଙ୍ଗାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ମଧ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଗଞ୍ଜାମ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଛତ୍ରପୁର ବ୍ଲକ ର ଉପାଧକ୍ଷା ଏସ. ଶାରଦା ରେଡ୍ଡୀ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ଗଞ୍ଜାମ ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନ ର ବରିଷ୍ଠ ବୈଷୟିକ ପରାମର୍ଶ ଦାତା ଇଂ ମନୋଜ କୁମାର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ ।

# ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ



ଅନୁଗୋଳ,(ସବ୍ୟୁ) :ରାଜ୍ୟରେ ନୂତନ ସରକାର ଆସିବା ପରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ତୋରାନ୍ୱିତ କରାଯିବା ନେଇ ସବୁ ଜିଲ୍ଲାରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏଥିପାଇଁ ପ୍ରତିମାସ ସମୀକ୍ଷା ବୈଠକ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଭଳି ନିର୍ଦ୍ଦେଶ ସତ୍ତ୍ୱେ ଅନୁଗୋଳ ସହର ଛାତି ଉପରେ ଯେଉଁଠି ଜମି ମୂଲ୍ୟ ଗୁଣ୍ଠ ୨୦ରୁ ୩୦ ଲକ୍ଷ ଟଙ୍କା ସେଭଳି ଜମିକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରି ପାଚେରି ବୁଲାଇଥିଲେ। କିଏ ଡାକ୍ତରୀ ସଂଘ, ବ୍ୟବସାୟ ସଂଘ, ସମ୍ପ୍ରଦାୟ ସଙ୍ଘ ତ କିଏ ଆଉ କ'ଣ କରିବା ନାଁରେ ପୁରୁଣା କୁକୁଡ଼ା ଫାର୍ମ ନିକଟରେ ଥିବା ଜମି ମାଡ଼ିବସି ପାଚେରୀ ବୁଲାଇଥିଲେ। ତେବେ ଏହା ଜାଣିବା ପରେ ତୁରନ୍ତ ଏହାକୁ ଉଚ୍ଛେଦ କରିବାକୁ ଜିଲ୍ଲାପାଳ ଅବଦଲ ଏମ ଅଖତର ନିର୍ଦ୍ଦେଶ ଦେଇଥିଲେ। ଶନିବାର ଅନୁଗୋଳ ତହସିଲଦାର ଆଲୋକ ଦେହୁରୀ,ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ, ସଦର ଆରଆଇ,ପୁଲିସ ଫୋର୍ସ ଉପସ୍ଥିତିରେ ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। କିଛି ସଂସ୍ଥା ଦିନେ ଦୁଇ ଦିନ ମଧ୍ୟରେ ଭାଙ୍ଗି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଉଚ୍ଛେଦ ପରେ ସେଠାରେ ସ୍କିଲ ତଥା ମ୍ୟୁନିସିପାଲ ଡେଭଲପମେଣ୍ଟ ସେଣ୍ଟର୍ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି ।ଏହି ଜବରଦଖଲ ଉଚ୍ଛେଦ ପରେ ଜମି ମାଫିଆ ଓ ବେଆଇନ ଜବର ଦଖଲକାରୀ ମନରେ ଛନକା ଓ ଭୟ ସୃଷ୍ଟି ହୋଇଥିବାର ଜଣାପଡିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅନୁଗୋଳ ସହର ଓ ସହର ଉପକଣ୍ଠ ଠାରେ ଥିବା ସହ ସହ ଏକର ସରକାରୀ ଜମିକୁ ଜମ ିମାଫିଆମାନେ ଦୀର୍ଘ ଦିନ ଧରି ଜବରଦଖଲ କରିଅଛନ୍ତି। ଏହି ସବୁ ଜମିକୁ ଉଚ୍ଛେଦ କରିବାକୁ ବହୁ ଦିନରୁ ଜନସାଧାରଣରେ ଦାବି ହେଇଆସୁଛି। ଏହି ସବୁ ଜମିକୁ ଜବରଦଖଲରୁ ଉଚ୍ଛେଦ କରାଯାଇ ଜମିହୀନ ବ୍ୟକ୍ତିମାନଙ୍କୁ ବଣ୍ଟନ କରାଯିବା ପାଇଁ ସାଧାରଣରେ ଦାବୀ ହେଉଛି।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

# ଗ୍ରାମାଞ୍ଚଳରେ ମିଳିବ ସହରାଞ୍ଚଳ ଶିକ୍ଷା : ବିଧାୟକ

କଣିହାଁ,(ସବ୍ୟୁ): ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ କଣିହାଁ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟ ଓ ସମଲ ବ୍ୟାରେଜ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବରେ ଗ୍ରହଣ କରାଯାଇଛି । ଏଥି ନିମିତ୍ତ ରବିବାର ଦିନ ତାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଥମେ ଭର୍ଚୁଆଲ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗ ଦେଇ ବିଦ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଭାଷଣ ପ୍ରସଙ୍ଗରେ ବିଧାୟକ ଶ୍ରୀ ମହାନ୍ତି ଓଡିଶା ସରକାର ପ୍ରାଥମିକ ସ୍ତରରୁ ଶିକ୍ଷାର ଉନ୍ନତି ପାଇଁ ଆରମ୍ଭ ହୋଇଥିବା ପଣ୍ଡିତ ଗୋଦାବରୀଶ ମିଶ୍ର ଙ୍କ ନାମରେ ପ୍ରଥମ ପର୍ଯ୍ୟାୟରେ ୧୧୮ ଟି ଓ ୨ୟ ପର୍ଯ୍ୟାୟରେ ଆଜି ୨୦୪ ଗୋଟି ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନା ହୋଇଥିବା ସୂଚନା ଦେଇଥିଲେ । ଏଥି ପାଇଁ ଓଡିଶା ସରକାର ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୭ କୋଟି ଟଙ୍କା ପ୍ରଦାନ କରୁଛନ୍ତି । ଏହି ପାଞ୍ଚ ବର୍ଷ ମଧ୍ୟରେ ପ୍ରାୟ ୨୨୦୦ ଗୋଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଏହା ପାଇଁ ୧୨,୦୦୦ କୋଟି ଟଙ୍କା ଖର୍ଚ୍ଚ



ହେବା ବଜେଟରେ ପାରିତ ହୋଇଛି । ଏହା ଦ୍ୱାରା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ସହରାଞ୍ଚଳ ଭଳି ଆଧୁନିକ ଶିକ୍ଷା ସୁବିଧା ମିଳିବ ବୋଲି କହିଥିଲେ । ଏହି ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଶ୍ରେଣୀଗୃହ, ସ୍ମାର୍ଟ କ୍ଲାସରୁମ, ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ, ଖେଳ ପଡ଼ିଆ ଏବଂ ଉନ୍ନତ ଶିକ୍ଷଣ ପରିବେଶ ସୁନିଶ୍ଚିତ କରାଯିବ। ଏହି ବିଦ୍ୟାଳୟ ରେ ନେସନାଲ ଏଜୁକେଶନ ପଲିସି ୨୦୨୦ ହିସାବରେ ଛାତ୍ରଛାତ୍ରୀମାନେ ପାଠ ପଢ଼ିବେ ,ଏଥିପାଇଁ ସେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ କଣିହାଁ ଗୋଷ୍ଠି ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା , କଣିହାଁ ଶିକ୍ଷା ଅଧିକାରୀ ପ୍ରିୟରଂଜନ ପ୍ରଧାନ , ଏବିଡିଓ ସୃତି କ୍ରିଷ୍ଣା ମହାପାତ୍ର , ଆଇ ଆର ସି ସି ବୁଲୁ ସ୍ୱାଇଁ, ସମଲ ବ୍ୟାରେଜ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ସାହୁ , ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅର୍ଜୁନ ଦେହୁରୀ, କଣିହାଁ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ , ବଜ୍ରକୋଟ ସରପଞ୍ଚ ପ୍ରଦୀପ ସାହୁ,ବିଦ୍ୟାଳୟ ସଭାପତି ଟିକନ ଦେହୁରୀ , ବିଜେପି ଜିଲ୍ଲା ଉପସଭାପତି ନୃସିଂହ ଚରଣ ବରାଳ, ସାଧାରଣ ସମ୍ପାଦକ ପ୍ରହ୍ଲାଦ ସାମଲ, ମନୋଜ ବିଶ୍ୱାଳ, ତ୍ରିପୁରାରୀ ପ୍ରଧାନ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ନୂଆପାଟଣା ୟୁପିସ୍କୁଲ ହେଲା ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ

ରାସୋଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ହେଲା ପ୍ରଥମ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ । ହିନ୍ଦୋଳ ଉପଖଣ୍ଡ ରାସୋଳ ପଞ୍ଚାୟତ ନୂଆପାଟଣା ଉ ପ୍ରା ସ୍କୁଲ ଆଜିଠାରୁ ପରିବର୍ତ୍ତିତ ହୋଇ ହେଲା ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ।ଆଜି ରାଜ୍ୟସରକାର ୨୦୪ଟି ବିଦ୍ୟାଳୟକୁ ପରିବର୍ତ୍ତିତ ଢାଞ୍ଚାରେ ଗଡିବାକୁ କରିଥିବା ପ୍ରାୟସରେ ସାମିଲ ହେଲା ହିନ୍ଦୋଳ ବ୍ଲକରେ ଏହି ଏକମାତ୍ର ସ୍କୁଲ ଯାହାକୁ ଆଜି ମୁଖ୍ୟମନ୍ତ୍ରୀ ଭରଚୁଆଲ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ଏହାଦ୍ୱାରା ଏହି ଅଂଚଳରେ ଛାତ୍ରଛାତ୍ରୀମାନେ ଉତ୍ତମ ଶିକ୍ଷା ସହ ଶୈକ୍ଷିକ ବାତାବରଣ, ଡିଜିଟାଲ ପଦ୍ଧତିରେ ଶିକ୍ଷା ସହ ଅନେକ ଗୁଣବତ୍ତା ସହ ସମସ୍ତ ସୁବିଧା ଉପଲବ୍ଧ ହୋଇପାରିବ ବୋଲି ପ୍ରକାଶ କରିଛନ୍ତି ।ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ମୁଖ୍ୟଅତିଥି ଭାବେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲ୍ଲୀପ କୁମାର ସେଠୀ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିହର ଦେହୁରି,୩ଜଣ ଏବିଓ ଲଳିତ କୁମାର ସେଠୀ, ସଞ୍ଜୟ ନାୟକ ଏବଂ ପ୍ରକାଶ ପ୍ରଧାନ, ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ମାଳତୀ ଜେନା, ସମସ୍ତ ସିଆରସିସି,ବହୁ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ଏବଂ ପଣ୍ଡିତ ଗୋଦାବରୀ ଆଦର୍ଶ ସ୍କୁଲ କମିଟି ସଭାପତି ରବି ନାରାୟଣ ପୃଷ୍ଟି, ସମ୍ପାଦକ ଅଖିଳ କୁମାର ପୃଷ୍ଟି, କୋଷାଧକ୍ଷ କାହ୍ନୁ ଚରଣ ପୃଷ୍ଟି ବରିଷ୍ଠ ଅଧ୍ୟାପକ ରମେଶ ସାହୁ. ଉଭୟ ନୂଆପାଟଣା ଏବଂ ମୁଣ୍ଡିଆପଶି ଗାଁର ସଭାପତି ସମ୍ପାଦକ,କମିଟି ସତ୍ୱତନ୍ତ୍ର ସଦସ୍ୟ ସାମ୍ବାଦିକ ବିକ୍ରମ ସାହୁ,ସାଂସଦ ଓ ବିଧାୟିକାଙ୍କ ପ୍ରତିନିଧିଙ୍କ ସହ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଯୋଗ ଦେବା ସହ ସମସ୍ତଙ୍କୁ ପୁଷ୍ପ ଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।ଏହି ସ୍କୁଲପାଇଁ ସରକାର ପ୍ରାୟ ଆଠକୋଟି ଟଙ୍କା ବ୍ୟୟକରି ମାଗଣାରେ ଖାଇବା ରହିବା ସହିତ ସମସ୍ତ ସୁବିଧା ଯୋଗାଇ ଦେବେ ବୋଲି ଉପଜିଲ୍ଲାପାଳ କହିଛନ୍ତି।ଚଳିତ ବର୍ଷ ଏହି ସ୍କୁଲ ଗୃହ ନିର୍ମାଣ କରିବା ପରେ ଆସନ୍ତା ଶିକ୍ଷା ବର୍ଷ ଠାରୁ ପିଲା ପାଠ ପଢି ପାରିବେ ବୋଲି ସୂଚନା ଦେଇଛନ୍ତି।

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

ଓଡାପଡା/ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଅନ୍ୟାନ୍ୟ ମନ୍ତ୍ରୀ ସାଂସଦ ଓ ବିଧାୟକମାନଙ୍କ ଉପସ୍ଥିତ ଭର୍ଚୁଆଲ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ବ୍ଲକରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ୨ୟ ପର୍ଯ୍ୟାୟରେ ୨୦୪ ଗୋଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି।ସେଥି ମଧ୍ୟରୁ ଓଡ଼ାପଡ଼ା ବ୍ଲକରେ ୩ ଗୋଟି ବିଦ୍ୟାଳୟ ରହିଛି। ଧଳପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ରୂପେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ସମ୍ମାନୀତ ଅତିଥି ରୂପେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ,ସମିତି ସଭ୍ୟା ସୁମତୀ ନାଏକ, ବିଦ୍ୟାଳୟର ଆଲୁମିନିୟମ କମିଟି ସଭାପତି ଗିରିଶ ଚନ୍ଦ୍ର ଦାସ ବିଧାୟିକାଙ୍କ ପ୍ରତିନିଧି ସତ୍ୟ ରଂଜନ ମିଶ୍ର ,ସାଂସଦଙ୍କ ପ୍ରତିନିଧି ମଂଜୁଲତା ସାହୁ , ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ଦାସ ଶିକ୍ଷା କମିଟି ସଭାପତି ମାନସୀ ମହାଭୋଇଙ୍କ ସହିତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ସେହିପରି କାଶିଆଡିହ ସ୍ଥିତ ଲୋକନାଥ ସରକାର ଉଚ୍ଚବିଦ୍ୟାଳୟ ଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁଷ୍ପାଞ୍ଜଳି ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀ ,କାଶିଆଡିହ ସରପଞ୍ଚ ମିନତୀ ରାଉତ ,ସମିତି ସଭ୍ୟା ଶ୍ରୀମତୀ ରଂଜିତା ମାଝୀ ଉପସ୍ଥିତ ଥିଲେ। ସେହିପରି ମଙ୍ଗଳପୁର ସ୍ଥିତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଠାରେ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ କାନନବାଳା ରାଉତ, ବିଧାୟିକାଙ୍କ ପ୍ରତିନିଧି ସହଦେବ ପୃଷ୍ଟି, ସମିତି ସଭ୍ୟା ଅନିତା ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୌଲସ୍ତ୍ୟ କୁମାର ସାହୁ ଯୋଗ ଦେଇଥିଲେ।

# ସମଗ୍ର ଶିକ୍ଷାର ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣି କାର୍ଯ୍ୟକ୍ରମ

ଠାକୁରଗଡ ,(ସବ୍ୟୁ) : କିଶୋରନଗର ବ୍ଲକ ସଭାଘର ଠାରେ ଗଣଶିକ୍ଷା ବିଭାଗ ତରଫରୁ ଗୁରୁବାର ଦିନ ସମଗ୍ର ଶିକ୍ଷା ର ସାମାଜିକ ସମୀକ୍ଷା ଓ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।୨୦୨୪/୨୫ଓ ୨୦୨୫/୨୬ ଆର୍ଥିକ ବର୍ଷରେ ସମଗ୍ର ଶିକ୍ଷା ଯୋଜନା ରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ,ବ୍ୟୟ ବରାଦ ଓ ଉନ୍ନୟନମୂଳକ ପଦକ୍ଷେପର ସମୀକ୍ଷା କରାଯାଇଥିଲା ।ଛାତ୍ରଛାତ୍ରୀଙ୍କ ସୁରକ୍ଷା, ଗୁଣାତ୍ମକ ଶିକ୍ଷାପ୍ରଦାନ ,ସ୍ୱଚ୍ଛ ବିଦ୍ୟାଳୟ ପରିବେଶ ସୃଷ୍ଟି ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ସମଗ୍ର ଶିକ୍ଷା ଯୋଜନାର ପ୍ରଭାବ ଉପରେ ଆଲୋଚନା ହୋଇଥିଲା। ସରକାରଙ୍କ ଧାର୍ଯ୍ୟ ରେଟରେ କ୍ୱାଲିଟି ଡ୍ରେସ ଦିଆଯିବା ପାଠ୍ୟ ପୁସ୍ତକ ଠିକ ସମୟରେ ନ ମିଳିବା ନେଇ ଆଲୋଚନା ହୋଇଥିଲା।ସେହିପରି ଅନେକ ବିଦ୍ୟାଳୟ ଗୁଡ଼ିକ ରେ ନିର୍ମାଣ ହୋଇଥିବା ଶୌଚାଳୟ ଗୁଡ଼ିକର ଭାଉଚର ରେ ଅନିୟମିତତା ହୋଇଥିବା ସମୀକ୍ଷାରୁ ଜଣାପଡିଥିଲା। ସ୍କୁଲ ପରିଚାଳନା କମିଟି ଠିକ ଭାବେ ହେଉଥିବା ଅଥର ସଠିକ ବିନିଯୋଗ ପାଇଁ ଉଦ୍ୟମ ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ସମୀକ୍ଷା ବୈଠକ ଓ ଜନଶୁଣାଣୀ କାର୍ଯ୍ୟକ୍ରମ ରେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସମୀକ୍ଷକ ସୁଧାଂଶୁ ଶେଖର ସ୍ୱାଇଁ, ବିଡ଼ିଓ ଶୁଭକାନ୍ତ ନାଏକ, ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ଯୋଗଦେଇ ଥିଲେ।ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଲୁ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ଏବିଇଓ ରମଣୀ ରଞ୍ଜନ ସାହୁ, ଲକ୍ଷଣ କୁମାର ଦେହୁରୀଙ୍କ ସମେତ ଭିଆରପି, ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାନେ ଉପସ୍ଥିତ ଥିଲେ ।

## ଷୋଳପଦା ପ୍ରଗଣା ଚଷା ସମାଜର ବାର୍ଷିକ ସଭା

# ଚାଷୀ ଓ କୃଷିର ଉନ୍ନତି ସମ୍ପର୍କରେ ବ୍ୟାପକ ଆଲୋଚନା



ବଇଣ୍ଡା ,(ସବ୍ୟୁ) : କିଶୋରନଗର ବ୍ଲକ ଅନ୍ତର୍ଗତ ଉରୁକୁଳା ଗ୍ରାମର ଆମ୍ବତୋଟା ପ୍ରାଙ୍ଗଣରେ ଷୋଳପଦା ପ୍ରଗଣା ଚଷା ସମାଜର ବାର୍ଷିକ ସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ଭାଗିରଥୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାକୁ ସମ୍ପାଦକ ଇଶ୍ୱରଚନ୍ଦ୍ର ସାହୁ ପରିଚାଳନା କରିଥିଲେ ।ସଭାରେ ପ୍ରାୟ ୨୧ଟି ପୁଞ୍ଜିର ଚଷାପୁଅମାନେ ଯୋଗଦେଇ ଚାଷୀ ଓ କୃଷିର ବିକାଶ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ସକ୍ରିୟ ଭାବେ ଆଲୋଚନା କରିଥିଲେ । ଚାଷ କାର୍ଯ୍ୟ ପାଇଁ ସମୟାନୁବର୍ତ୍ତୀ ସାର ଯୋଗାଣ, ଜଳସେଚନ ବ୍ୟବସ୍ଥାର ସୁଦୃଢ଼ୀକରଣ, ଲ୍ୟାମ୍ପ୍ସ ମାଧ୍ୟମରେ ମିଳୁଥିବା ସରକାରୀ ସୁବିଧାର ସଦୁପଯୋଗ ଏବଂ ଚାଷୀମାନେ ଉତ୍ପାଦିତ ଧାନକୁ ସହଜରେ ବିକ୍ରୟ କରି ଉଚିତ ମୂଲ୍ୟ ପାଇବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।।ଅଞ୍ଚଳର କୃଷି ସମସ୍ୟାର ସମାଧାନ ଏବଂ ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସଭାରେ ସଂକଳ୍ପ ଗ୍ରହଣ କରାଯାଇଥିଲା। ସଭାର ଅନ୍ୟତମ ଆକର୍ଷଣ ଥିଲା ପାରମ୍ପରିକ କୃଷି ସଂସ୍କୃତିକୁ ଅକ୍ଷୁଣ୍ଣ ରଖିବା ନେଇ ଆଲୋଚନା। ଏଥିରେ ପ୍ରତିବର୍ଷ ରାକ୍ଷୀ ପୂର୍ଣ୍ଣିମା ଦିନ ହଳ ନିଷିଦ୍ଧ ପାଳନ ସହ ହଳ ଓ ଲଙ୍ଗଳ ପୂଜା କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। କୃଷିର ଉନ୍ନତି ଓ ଚାଷୀଙ୍କ ସଶକ୍ତିକରଣ ହିଁ ସମାଜର ମୂଳ ଲକ୍ଷ୍ୟ ବୋଲି ସଭାରେ ମତ ପ୍ରକାଶ ପାଇଥିଲା।

# ହଣ୍ଡପାରେ ଭାଜପାର ବୈଠକ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ନିକଟରେ ଶନିବାର ଦିନ ଭାଜପାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାଜପା ହଣ୍ଡପା ପଞ୍ଚାୟତ ସଭାପତି ମହେଶର ଛତ୍ରିଆଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ ରେ ହଣ୍ଡପା ପଞ୍ଚାୟତର ପ୍ରଭାରି ଧ୍ରୁବ ଚରଣ ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କିପରି ରାଜ୍ୟ ସରକାରଙ୍କର ସମସ୍ତ ଯୋଜନା ଲୋକେଙ୍କ ଠାରେ ପହଞ୍ଚିବ ସେ ନେଇ ସମସ୍ତ ଦଳୀୟ କର୍ମୀ ମାନେ ତତ୍ପର ହେବା ଆବଶ୍ୟକ ବୋଲି କହିଥିଲେ । ଏଥିରେ ଗୋପାଳ ସାହୁ , ଭବାନୀ ଦେହୁରି , ମୁନା ନାୟକ , ମନୀଷ ପ୍ରଧାନ , ଜୟ ଦେବ ସାହୁ , କେଶବ ପ୍ରଧାନ , ପବିତ୍ର ମୋହନ ପ୍ରଧାନ , ଶ୍ରୀଧର ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ ।

# ମୃତ ପରିବାର ସଦସ୍ୟଙ୍କୁ ଭେଟିଲେ ପୂର୍ବତନ ମନ୍ତ୍ରୀ

ଠାକୁରଗଡ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ସୋମବାର ସନ୍ଧ୍ୟାରେ ବଜ୍ରପାତରେ ହଣ୍ଡପା ଥାନା ପାପସରା ଅଂଚଳର ସଞ୍ଜୟ ସାହୁ ଓ ଆର୍ତ୍ତ ବେହେରାଙ୍କର ମୃତ୍ୟୁ ହୋଇଛି । ଉଭୟ ପରିବାରକୁ ଗୁରୁବାର ରାତି ରେ ପୂର୍ବତନ ମନ୍ତ୍ରୀ ସଂଜୀବ ସାହୁ ଭେଟିଛନ୍ତି । ଉଭୟ ଦୁଇ ପରିବାରର ସଦସ୍ୟ ଙ୍କୁ ଭେଟିବା ସହ ଉଭୟ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ଏପରିକି କିପରି ରାଜ୍ୟ ସରକାରଙ୍କର ପକ୍ଷରୁ ଉଭୟ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ମିଳିବ ସେ ନେଇ ମନ୍ତ୍ରୀ ଅବଗତ କରାଇବେ ବୋଲି କହିଛନ୍ତି । ତାଙ୍କ ସହ ହଣ୍ଡପା ସରପଞ୍ଚଙ୍କ ପ୍ରତିନିଧି ବିଶ୍ୱରଞ୍ଜନ ପ୍ରଧାନ, ରଞ୍ଜନ ବିଶ୍ୱାଳ, ମୁନା ନାୟକ, ଗଙ୍ଗାଧର ଜେନା, ଅବଧୂତ ବାରିକ, ନାରଦ ସାହୁ, ରାଜ କିଶୋର ପଧାନ, ବିପ୍ର ବେହେରା, ନାରାୟଣ ସାହୁ, ବିର ସାହୁ, ଧିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କୁଦଗାଁ ଜୈବବିବିଧତା ପରିଚାଳନା ସମିତିକୁ ପ୍ରକୃତିମିତ୍ର ପୁରସ୍କାର

ଆଠମଲ୍ଲିକ ,(ସବ୍ୟୁ) :ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ବ୍ଲକ କୁଦଗାଁ ଜୈବବିବିଧତା ପରିଚାଳନା ସମିତି ( ବିଏମସି) କୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଅଛି । ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଅନୁଗୋଳ ସଭାଘର ଠାରେ ଏହି ପୁରସ୍କାର ପାଇଁ ଏକ ମାନପତ୍ର ସହିତ ୨୦ ହଜାର ଟଙ୍କା ସମିତିର ଅଧ୍ୟକ୍ଷ ଅଭିମନ୍ୟୁ କର୍ଣ୍ଣଙ୍କୁ ପ୍ରଦାନ କରାଯାଇଅଛି । ବିଧାୟକ ଛେଣ୍ଡିପଦା ଅଗସ୍ତି ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଆର୍.ସି.ସି.ଏଫ ଡା. ସଂଜୟ କୁମାର ସ୍ୱାଇଁଙ୍କ କରକମଳରୁ ଏହି ପୁରଷ୍କାର ଶ୍ରୀ କର୍ଣ୍ଣ ଗ୍ରହଣ କରିଥିଲେ । କୁଦଗାଁ ଜୈବବିବିଧତା ପରିଚାଳନା ସମିତି ପଂଚାୟତସ୍ତରୀୟ ଏକ ଜୈବବିବିଧତା ନଥିପତ୍ର ପ୍ରସ୍ତୁତି କରିଥିବା ବେଳେ ଜୈବିକ କୃଷି, ଦେଶୀୟ ପ୍ରଜାତିର ବିହନର ସୁରକ୍ଷା ଓ ପ୍ରୟୋଗ, ଦେଶୀୟ ପ୍ରଜାତିର ଗଛଲତା ଓ ଔଷଧୀୟ ଗଛଲତାର ସୁରକ୍ଷା ଏବଂ ଧାରାବାହିକ ବ୍ୟବହାର , ପ୍ଲାଷ୍ଟିକ ବ୍ୟବହାର ନିୟନ୍ତ୍ରଣ ସହିତ ସ୍ଥାନୀୟ ନଦୀନାଳ, ପୋଖରୀର ସୁରକ୍ଷା ଓ ପୁନରୁଦ୍ଧାର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଅଛି । କୁଦଗାଁ ର ଦେଶୀୟ ବାଇଗଣ ଓ କନ୍ଦମୂଳର ଚାଷକୁ ପାରମ୍ପରିକ ଦେଶୀୟ ଢଙ୍ଗରେ କରିଆସୁଥିବାର ନିଷ୍ଠା ଏବଂ ସ୍ୱତନ୍ତ୍ର ଭାବେ ଘରଚଟିଆ ମାନଙ୍କର ସୁରକ୍ଷା ରେ ପଦକ୍ଷେପ ନେଇଥିବାରୁ ସରକାରଂକ ପକ୍ଷରୁ ପ୍ରକୃତି ମିତ୍ର ପାଇବା ପାଇଁ ଯୋଗ୍ୟ ହୋଇଛନ୍ତି । ଜୈବବିବିଧତା ସମିତିର ଅଧ୍ୟକ୍ଷ ଶ୍ରୀ କର୍ଣ୍ଣ ସ୍ଥାନୀୟ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି,ଓଡିଶା ଜୈବବିବିଧତା ବୋର୍ଡର ଟିମ , ସ୍ଥାନୀୟ ବନ ବିଭାଗ ସହିତ ଅନ୍ୟାନ୍ୟ ସରକାରୀ ବିଭାଗ ଏବଂ ପଂଚାୟତର ସମସ୍ତ ଗ୍ରାମବାସୀଙ୍କ ସହଯୋଗ ପାଇଁ ଆମର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିବା ଓ ପୁରସ୍କାର ମିଳିଥିବା ପ୍ରକାଶ କରିଛନ୍ତି ।

# ଅଶୋକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ବଣ୍ଟନ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅଶୋକ କୁମାର ଜେନାଙ୍କୁ ଶୁକ୍ରବାର ଦିନ ପ୍ରକୃତି ବନ୍ଧୁ ପୁରସ୍କାର ବଣ୍ଟନ କରାଯାଇଛି । ଅନୁଗୋଳ ସଭାଘରେ ଜିଲ୍ଲାସ୍ତରୀୟ ସମାରୋହ କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ସେ ପରିବେଶ ସୁରକ୍ଷା ସହ ଚାରାରୋପଣ ପ୍ରତି ସଚେତନତା ସୃଷ୍ଟି କରି ବେସ ନାମ ପରିଚିତ କରିଥିବା ବେଳେ ତାଙ୍କୁ ଏହି ପୁରସ୍କାର ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗ ଦେଇଥିଲେ ।

# ବନବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଅନୁଗୋଳ,(ସବ୍ୟୁ) :ଅନୁଗୋଳ ବନ ବିଭାଗ ପକ୍ଷରୁ ଅନୁଗୋଳର ସଭାଘରରେ ବିଶ୍ୱ ପରିବେଶ ଦିବସ-୨୦୨୬ ଅତ୍ୟନ୍ତ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଯେଉଁଥିରେ ଜନପ୍ରତିନିଧି, ସରକାରୀ ଅଧିକାରୀ, ବନ କର୍ମଚାରୀ, ଛାତ୍ରଛାତ୍ରୀ,ସ୍ୱେଚ୍ଛାସେବକ ଏବଂ ପ୍ରକୃତି ପ୍ରେମୀମାନେ ପରିବେଶ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଏକ ସାମୂହିକ ପ୍ରତିଜ୍ଞା ନେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦାର ବିଧାୟକ ଅଗସ୍ତି ବେହେରା,ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ସର୍କଲର ଆରସିସିଏଫ ଡକ୍ଟର ସଞ୍ଜୟ କୁମାର ସ୍ୱାଇଁ, ଅନୁଗୋଳର କଲେକ୍ଟର ଅବଦାଲ ଏମ. ଅଖତର, ଅନୁଗୋଳର ଡିଏଫଓ ନୀତିଶ କୁମାର, ଅନୁଗୋଳର ଅତିରିକ୍ତ ଏସପି ସମୀର ପଣ୍ଡାଏବଂ ଆଇଏଏସ ପ୍ରୋବେସନର ଅଭି ଜୈନଙ୍କ ସମେତ ଅନ୍ୟାନ୍ୟ ସମ୍ମାନିତ ଅତିଥିମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଭିଏସଏସ ସଦସ୍ୟ, ସରପଞ୍ଚ, ୱାର୍ଡ ସଦସ୍ୟ, ସ୍କୁଲ ପିଲା, ଗବେଷଣା ବିଦ୍ୱାନ, ଏନଜିଓ ପ୍ରତିନିଧି, ନାଗରିକ ସମାଜ ସଦସ୍ୟ, ବନ କ୍ଷେତ୍ର କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ । ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀ ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ଏବଂ ସଂଗଠନକୁ ଯଥାକ୍ରମେ ପ୍ରକୃତି ବନ୍ଧୁ ଏବଂ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଓଲିଉଡ ଅଭିନେତା ଡକ୍ଟର ହରିହର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଏକ ପ୍ରତିଭାଶାଳୀ କଳାକାର ଗୋଷ୍ଠୀ ଦ୍ୱାରା ପ୍ରଦର୍ଶିତ



ଏକ ବନ୍ୟପ୍ରାଣୀ ସଂରକ୍ଷଣ ସଚେତନତା ନାଟକ, ବନ୍ୟପ୍ରାଣୀ ସଂରକ୍ଷଣର ଗୁରୁତ୍ୱକୁ ପ୍ରଭାବଶାଳୀ ଭାବରେ ଆଲୋକପାତ କରିଥିଲା। ପ୍ରଦର୍ଶନରେ ମଣିଷ-ହାତୀ ସଂଘର୍ଷ ସହିତ ଜଡିତ ବିଭିନ୍ନ ପ୍ରସଙ୍ଗ ମଧ୍ୟ ପ୍ରଦର୍ଶିତ ହୋଇଥିଲା ଏବଂ ଚ୍ୟାଲେଞ୍ଜର ଜଟିଳତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ପ୍ରକୃତି ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷାରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଦର୍ଶକମାନଙ୍କୁ ଉତ୍ସାହିତ କରୁଥିବା ଏକ ଦୃଢ଼ ବାର୍ତ୍ତା ସହିତ ଶେଷ ହୋଇଥିଲା।

# ବୈଦିକ ବ୍ରାହ୍ମଣ ସମାଜର ବାର୍ଷିକ ସମ୍ମିଳନୀ

ଆଠମଲ୍ଲିକ ,(ସବ୍ୟୁ) : ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଆଠମଲ୍ଲିକ ବୈଦିକ ବ୍ରାହ୍ମଣ ସମାଜର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବ୍ରାହ୍ମଣ ସମାଜ ଆଠମଲ୍ଲିକ ଶାଖା ସଭାପତି ରାଧାମୋହନ ତ୍ରିପାଠୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସମ୍ମିଳନୀ ରେ ଅତିଥି ଭାବରେ ଅନୁଗୁଳ ବ୍ରାହ୍ମଣ ସମାଜ ସମ୍ପାଦକ ତଥା ରାଜ୍ୟ ଉପସଭାପତି ଆର୍ତ୍ତବଲ୍ଲଭ ଦାଶ, ମାଧପୁର ବ୍ରାହ୍ମଣ ସମାଜ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଠାକୁରଗଡ଼ ବ୍ରାହ୍ମଣ ସମାଜ ସଭାପତି ଜଗ୍ନେଶ୍ୱର ଶତପଥି, ବଇଣ୍ଡା ବ୍ରାହ୍ମଣ ସମାଜ ସଭାପତି ଅମୀୟ ରଞ୍ଜନ ମିଶ୍ର, ଉପଦେଷ୍ଟା ଭବାନୀ ଶଙ୍କର ମିଶ୍ର ପ୍ରମୁଖ ମଂଚାସୀନ ଥିଲେ । ବ୍ରାହ୍ମଣ ସମାଜ ସଂଗଠିତ ହୋଇ ସଂଗଠନ କୁ ମଜଭୁତ କରି ବିଶ୍ୱ କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ଅତିଥି ମାନଙ୍କ ଦ୍ୱାରା ଆହ୍ୱାନ ଦିଆ ଯାଇଥିଲା । ପ୍ରାରମ୍ଭରେ ସମସ୍ତ ଅତିଥି ଓ ସଭ୍ୟମାନେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥିଲେ । ଆଠମଲ୍ଲିକ ବ୍ରାହ୍ମଣ ସମାଜ ସଭ୍ୟ ବିଶ୍ୱଜିତ ପୁରୋହିତ, ସୀତାଂଶୁ ମିଶ୍ର ବେଦ ପାଠ କରିଥିଲେ । ଆଠମଲ୍ଲିକ ବ୍ରାହ୍ମଣ ସମାଜ ତରଫରୁ ଅତିଥି ମାନଙ୍କୁ ନଡ଼ିଆ, ପଇତା ଓ ଉତ୍ତରୀୟ ଦେଇ ସମ୍ମାନିତ କରା ଯାଇଥିଲା । ଆଠମଲ୍ଲିକ ବ୍ରାହ୍ମଣ ସମାଜ ର ଉପଦେଷ୍ଟା



ଭବାନୀଶଙ୍କର ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସମ୍ପାଦକ ରଞ୍ଜିତ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଦିବଂଗତ ପ୍ରତିଷ୍ଠାତା ସଭ୍ୟ ମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ତତପରେ ପ୍ରତିଷ୍ଠାତା ସଭ୍ୟ ସଚ୍ଚିଦାନନ୍ଦ ପାଣିଗ୍ରାହୀ ଓ ରାମାନନ୍ଦ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବ୍ରାହ୍ମଣ ସମାଜ ର ବରିଷ୍ଠ ସଭ୍ୟ ଉଦିପ୍ତ କୁମାର ପୁରୋହିତ ମଞ୍ଚ ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମରେ ନିରାକାର ମିଶ୍ର,ଦୀପକ ମିଶ୍ର,ସୁନୀଲ କୁମାର ଶାଶନୀ,ସୁଧା ରଞ୍ଜନ ମିଶ୍ର, ଜ୍ୟୋତିନାରାୟଣ ରଥ, ହରି ମହାପାତ୍ର,ସନ୍ତୋଷ ତ୍ରିପାଠୀ,ବିକାଶ ରଥ,ରାଜେଶ ମିଶ୍ର,ସୂର୍ଯ୍ୟନାରାୟଣ ରଥ, କମଳାକାନ୍ତ ମିଶ୍ର,ଅନ୍ୱେଷ କୁମାର ହୋତା,ସୀତାଂଶୁ ମିଶ୍ର, ଜିତେନ୍ଦ୍ର ମିଶ୍ର,ଅବିନାଶ ଷଡ଼ଙ୍ଗୀ,ସୁନୀଲ କୁମାର ମିଶ୍ର ଙ୍କ ସମେତ ଆଠମଲ୍ଲିକ ବ୍ରାହ୍ମଣ ସମାଜର ବହୁ ସଭ୍ୟ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ । ଆଠମଲ୍ଲିକ ବ୍ରାହ୍ମଣ ସମାଜ ର ଉପସଭାପତି ସୁବୋଧ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରି ଶାନ୍ତିପାଠ କରିଥିଲେ ।

# ରୁପସା ପଞ୍ଚାୟତରେ ରାସ୍ତା ନିର୍ମାଣର ଶିଳାନ୍ୟାସ



ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ରୁପସା ସାମିଲ ହାସନପୁର ପଞ୍ଚାୟତରେ ଗୋଟିଏ ମୁଖ୍ୟ ରାସ୍ତା ପ୍ରକଳ୍ପ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ଏହି ରାସ୍ତା ନିର୍ମାଣ ହେବ । ଏଥରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ୧କୋଟି ୩୧ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ରୁପସା ପାଣି ଟାଙ୍କି ଛକ ଠାରୁ ରୁପସା ଝୋଟ ମିଲ୍ ଦେଇ ମୟୁରଭଞ୍ଜ ପିଡବ୍ଲ୍ୟୁଡି ରାସ୍ତା ପର୍ଯ୍ୟନ୍ତ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ପାଇଁ ଶିଳାନ୍ୟାସ କରିଥିଲେ ସଦର ବିଧାୟକ ମାନସ କୁମାର ଦତ୍ତ । ଏହା ସହିତ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ରୁପସା ସାମିଲ ହାସନପୁର ପଂଚାୟତରେ ଥିବା ରୂପଦେବ ମହାଦେବଙ୍କ ମନ୍ଦିର ପୋଖରୀ ପାଖ ପ୍ରୋଟେକସନ ୱାଲ ନିର୍ମାଣ ସହ ଓ ସେଥିରେ ରେଲିଂ ଲଗାଯିବା ପାଇଁ ୬ଲକ୍ଷ ୬୨୩ହଜାର ଟଙ୍କାର ଅନ୍ୟ ଏକ ପ୍ରକଳ୍ପର ମଧ ଶିଳାନ୍ୟାସ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଆୟୋଜିତ ପୃଥକ ପୃଥକ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଂଚଳରେ ଭୁସୁଡି ପଡିଥିବା ଗମନାଗମନ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ବିଗତ ୨ବର୍ଷ ମଧ୍ୟରେ ଜାରି ରହିଥିବା ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଉପେନ୍ଦ୍ର ବେହେରା ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ରାଉତ, ଶଶିକାନ୍ତ ମିଶ୍ର, ହରେନ୍ଦ୍ର ପ୍ରଧାନ, କାର୍ତ୍ତିକ ପ୍ରଧାନ ଜଳଧର ପରିଡା, ଶ୍ରୀଧର ବେହେରା, ନିରଞ୍ଜନ ପରିଡା, ସୁଧାକର ବେହେରା, ତପନ ଗିରି, ଚତୃଭୁଜ ବେହେରା, ସୃଷ୍ଟିଧର ବେହେରା, ଅନ୍ତର୍ଯ୍ୟାମୀ ବେହେରା, ଦୀପକ ପରିଡା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ଗୁଡିକରେ ସ୍ଥାନୀୟ ଅଂଚଳର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ ।

# ପାବନ ସରୋବରରେ ବିଶ୍ୱ ପରିବେଶ ଦିବସ ପାଳିତ



ବେତନଟୀ, (ସବ୍ୟୁ) : ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ ବିଦ୍ୟାଳୟ ର ବେତନଟୀ ଉପକଣ୍ଠ ମହୁଲିଆଠାରେ ଥିବା ପାବନ ସରୋବରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟ ସଂଚାଳିକା ବି କେ ସାବିତ୍ରୀ ଭଉଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୋର୍ଡର ସିକ୍ୟୁରିଟି ଫୋର୍ସ (ବି ଏସ ଏଫ)ଗୁଜୁରାଟ ପ୍ରଦେଶର ଭୁଜ ଷ୍ଟେସନର ନାଏବ ସୁବେଦାର ମୋତିଲାଲ ବେହେରା ଯୋଗ ବ୍ରହ୍ମା କୁମାରୀ ଭଉଣୀମାନେ ବିଶ୍ୱକୁ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ବିଶ ତାପନରୁ ସୁରକ୍ଷା କରିବା ପାଇଁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରୁଥିବାରୁ କୃତଜ୍ଞତା ଜଣାଇଥିଲେ । ମୁଖ୍ୟବକ୍ତା ଭାବରେ ଜାତୀୟ ସବୁଜ ବାହିନୀ ଇକୋ କ୍ଲବର ମାଷ୍ଟର ଟ୍ରେନର ତଥା ଶିମିଳିପାଳ ଇକୋ ଫ୍ରେଣ୍ଡସର ସମ୍ପାଦକ ଡକ୍ଟର ରମାକାନ୍ତ ମହାନ୍ତ ଏବଂ ବିଶିଷ୍ଟ ବକ୍ତା ଭାବରେ ଡାକ୍ତର କୃପାସିନ୍ଧୁ ବିନ୍ଧାଣୀ ଯୋଗଦେଇ ବିଶ୍ୱ ପରିବେଶ ଦିବସ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଜୀବ ଜଗତର ସୁରକ୍ଷା ଓ ବିକାଶ ପାଇଁ ପର୍ଯ୍ୟାବରଣ ସଂରକ୍ଷଣର ବାର୍ତ୍ତା କହିଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ବିକେ ବନିତା ପରିଚାଳନା କରିଥିବା ବେଳେ ବିକେ ଲିପି , ବିକେ ରଶ୍ମି, ବିକେ ସବିତା, ବିକେ ନିତ୍ୟାନନ୍ଦ, ବିକେ ପଙ୍କଜ କୁମାର, ବିକେ ଶରତଙ୍କ ସମେତ ଈଶ୍ୱରୀୟ ପରିବାର ର ସମସ୍ତ ଭାଇ ଭଉଣୀମାନେ ସହଯୋଗ କରିଥିଲେ । ଏଥିରେ ବିଭିନ୍ନ ପ୍ରକାରର ଔଷଧୀୟ ଗଛ, ଫଳ ଗଛ , ଫୁଲ ଗଛ ଲଗାଯାଇଥିଲା । ପରିଶେଷରେ ବିକେ ସୌଭାଗ୍ୟ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବାଲେଶ୍ୱର, (ସବ୍ୟୁ) : ଶନିବାର ପୂର୍ବାହ୍ନରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମିଳିତ ପ୍ରୟାସରେ ସାଉଡୁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭା ଗୃହଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର.ଡି.ସି, ବାହାନଗା ସହଯୋଗରେ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଆର.ଡି.ସି, ବାହାନଗା ଓ ବାହାନଗା ପଞ୍ଚାୟତ ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିର ଜିଲ୍ଲା ଜରୁରୀକାଳୀନ ବିଭାଗ ଦ୍ୱାରା ଆୟୋଜିତ ହେଉଛି। ଏହି ଶିବିରରେ ବାହାନଗା ବ୍ଲକର ସାଉଡୁ ପଞ୍ଚାୟତର ୫ଟି ଗାଁର ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଉଛନ୍ତି। ମୁଖ୍ୟ ଅତିଥି ଜିଲ୍ଲା ଜରୁରୀକାଳିନ ବିଭାଗର ସହକାରୀ ଜିଲ୍ଲାପାଳ ପ୍ରତାପ ବେହେରା ଶିବିରକୁ ଉଦ୍ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଓସଡାମା) ଅବନୀକାନ୍ତ ଭୂୟାଁ, ଜିଲ୍ଲା ଜରୁରୀକାଳୀନ ବିଭାଗର ବିଭାଗୀୟ ଅଧିକାରୀ ଦୀପକ କୁମାର ଚାନ୍ଦ, ବରିଷ୍ଠ ରାଜସ୍ୱ ସହାୟକ ପୂର୍ଣ୍ଣ ଚନ୍ଦ୍ର ବେହେରା, ଆର.ଡି.ସି, ବାହାନଗା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଓ ଉପ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ପ୍ରତାପ ବେହେରା ଯୋଗଦେଇ ଶିବିରାର୍ଥୀଙ୍କ ଉଦ୍ଦେଶ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରିୟ ରଞ୍ଜନ ରାଉତ, ବୁବୁନ ମହାନ୍ତି ଓ ମାଧବୀଲତା ସେନାପତି ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳ ମାନ ଶିକ୍ଷାଦାନ କରୁଛନ୍ତି । ଶିବିର ଆସନ୍ତା ୧୨ ଜୁନ ତାରିଖ ଯାଏ ଚାଲିବ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସରସ୍ୱତୀ ଜେନା ପରିଚାଳନା କରୁଛନ୍ତି ।

# ଦୁଷ୍କର୍ମ ଉଦ୍ୟମ : ଯୁବକ ଗିରଫ, ମୋବାଇଲ ଜବଦ

ବାଲେଶ୍ୱର,(ସବ୍ୟୁ): ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି। ଏହି ଘଟଣା ଘଟିଛି ବାଲେଶ୍ୱର ସିମୁଳିଆ ଥାନା ଅଞ୍ଚଳରେ। ପୁଲିସ ସୂଚନା ଅନୁଯାୟୀ, ଟ୍ୟୁସନ୍ ଆସୁଥିବାବେଳେ ନାବାଳିକା(୧୪)ଙ୍କୁ ଜଣେ ଯୁବକ ଏକଘରକୁ ଟେକି ନେଇଥିଲେ। ଘର ଭିତରେ ଅସଦାଚରଣ ସହ ଯୁବକ ଜଣକ ଦୁଷ୍କର୍ମ କରିବାକୁ ଉଦ୍ୟମ କରିବାବେଳେ ଗାଁ ଲୋକ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ସୂଚନାପାଇ ସିମୁଳିଆ ପୁଲିସ ପହଁଚି ଉକ୍ତ ଯୁବକଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ହେଉଛନ୍ତି ଗୋବିନ୍ଦ ଯେନା(୨୧)। ଗୋବିନ୍ଦଙ୍କ ମୋବାଇଲ୍ ଯାଂଚ କରିବାରୁ ସେଥିରେ ନାବାଳିକାଙ୍କ ଏକାଧିକ ଅଶ୍ଳୀଳ ଭିଡିଓ ରଖିଥିବା ଦେଖାଯାଇଥିଲା ସେହି ଭିଡିଓ ଦେଖାଇ ତାଙ୍କୁ ଧମକଚମକ ଦେଉଥିବା ମଧ ସ୍ଥାନୀୟଲୋକେ ଆଲୋଚନା କରୁଛନ୍ତି । ଗୋବିନ୍ଦ ମୋବାଇଲ୍‌ରେ ରଖିଥିବା ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଆଉ କାହାକୁ ପଠାଇଛନ୍ତି ନା ନାହିଁ, ସେ ନେଇ ପୁଲିସ ତଦନ୍ତ କରୁଛି। ଜବତ ମୋବାଇଲ୍‌କୁ ଫରେନ୍‌ସିକ୍ ଲ୍ୟାବ୍‌କୁ ପଠାଯିବ ବୋଲି ପୁଲିସ କହିଛି।

# ଗଛ ପଡ଼ି କଟାଳିଙ୍କ ମୃତ୍ୟୁ

ବାଲେଶ୍ୱର,(ସବ୍ୟୁ) :ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଧିନ ଦକ୍ଷିଣ ପ୍ରହରାଜପୁର ଗ୍ରାମରେ ଗଛ କାଟୁଥିବା ଜଣେ ଶ୍ରମିକଙ୍କ ଉପରେ ଗଛ ପଡ଼ିଯିବାରୁ ତାଙ୍କର ଜୀବନ ଚାଲିଯାଇଛି। ମୃତକ ହେଲେ ସେହି ଗ୍ରାମର ଜ୍ଞାନେନ୍ଦ୍ର ଜେନାଙ୍କ ଏକମାତ୍ର ପୁତ୍ର ଚିନ୍ତାମଣି (୪୦)। ୨ଜଣ କାଠ ବ୍ୟବସାୟୀଙ୍କ ଅଧୀନରେ ଗଛ କଟାଲି ଭାବେ କାମ କରନ୍ତି ଚିନ୍ତାମଣି। ଶୁକ୍ରବାର ସକାଳେ ଦକ୍ଷିଣପ୍ରହରାଜପୁର ପଞ୍ଚାୟତ ସମିତି ସଦସ୍ୟ ମୁକୁନ୍ଦ ରଞ୍ଜନ ଜେନାଙ୍କ ବାଡ଼ିକୁ ଏକ ଗଛ କାଟିବାକୁ ଯାଇଥିଲେ ଚିନ୍ତାମଣି। ଗଛ କାଟୁଥିବା ସମୟରେ ଅସାବଧାନତା ବଶତଃ ଗଛଟି ଚିନ୍ତାମଣିଙ୍କ ଉପରେ ପଡ଼ିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜଳେଶ୍ୱର ଜିକେ ଭଞ୍ଜର ହସ୍ପିଟାଲ ଓ ସେଠାରୁ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ନିଆଯାଉଥିବା ରାସ୍ତାରେ ତାଙ୍କର ପରଲୋକ ହୋଇଯାଇଥିଲା। ଚିନ୍ତାମଣିଙ୍କ ରୋଗଗ୍ରସ୍ତ ବାପାମାଆଙ୍କ ସହ ପତ୍ନୀ ଓ ଦୁଇ ପୁଅଝିଅ ଅଛନ୍ତି ।

# ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ

ଠାକୁରମୁଣ୍ଡା ,(ସବ୍ୟୁ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳ ପକ୍ଷରୁ ତରାମରା ଷ୍ଟାଡିୟମ ପରିସରରେ ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସହ ସହ ଏସଏଚଜି ମହିଳା ଓ ସ୍ଥାନୀୟ ଲୋକ ଯୋଗଦାନ କରି ବୃକ୍ଷରୋପଣରେ ସାମିଲ ହୋଇଥିଲେ। ଏହି ଅବସରରେ ସମବେତ ଲୋକଙ୍କୁ ଉଦବୋଧନ ଦେଇ ରେଞ୍ଜ ଅଫିସର ଉମାକାନ୍ତ ବେହେରା ସମସ୍ତେ ଅତି କମରେ ୧୦ ଟି ଗଛ ଲଗାଇବାକୁ ନିବେଦନ କରିଥିଲେ । ପ୍ରକୃତିର ଭାରସାମ୍ୟ ରକ୍ଷା କରିବା ଦିଗରେ ଏହା ପ୍ରାଥମିକ ପଦକ୍ଷେପ ହେବ ବୋଲି କହିଥିଲେ । ରେଞ୍ଜ ଅଫିସରେ ଲୋକଙ୍କ ପାଇଁ ୩ ଲକ୍ଷ ଚାରା ପ୍ରସ୍ତୁତ କରାଯାଇଛି । ତେଣୁ ସମସ୍ତେ ଗଛ ପ୍ରତି ଟଙ୍କାଟିଏ ଦେଇ ଚାରା ଆଣିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଶରତ କୁମାର ତ୍ରିପାଠୀ ଯୋଗଦେଇ ଚଳିତ ବର୍ଷର ବିଷୟ ପ୍ରକୃତିରୁ ପ୍ରେରଣା ଜଳବାୟୁ ପାଇଁ ଆମ ଭବିଷ୍ୟତ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ମତ ରଖିଥିଲେ।ଘରେ ଘରେ ବୃକ୍ଷରୋପଣ ତରାମରା ଗ୍ରାମରୁ ଏହି ଆନ୍ଦୋଳନ ଆରମ୍ଭ ହୋଇ ପ୍ରତି ଗାଁ କୁ ବ୍ୟାପୁ ବୋଲି ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଯୋଗେନ୍ଦ୍ର ମହାନ୍ତ ଉଦବୋଧନ ଦେଇ ବୃକ୍ଷରୋପଣ ଓ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ,ଆଶିଷ କୁମାର ପାଣିଗ୍ରାହୀ, ଭାସ୍କର ପଣ୍ଡା, କୁନା ରାୟ,ହାଇସ୍କୁଲ ଶିକ୍ଷକ, ବନ ସୁରକ୍ଷା ସମିତି,ଏସଏଚଜି ମହିଳା ପ୍ରମୁଖ ଯୋଗଦେଇଥିଲେ ।ଶେଷରେ ବନପାଳ ବିଦ୍ୟାଧର ମହାନ୍ତ ସମସ୍ତଙ୍କର ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ସେହିପରି ବାଲିପୋଷି ସେକ୍ସନ, ଚମ୍ପାଝର ସେକ୍ସନର ଜାମଖଞ୍ଜରୀ ପ୍ରାଥମିକ ବିଦ୍ୟାଳୟ, କେନ୍ଦୁଜିଆଣୀ ଓ କେନ୍ଦୁମୁଣ୍ଡି ସେକ୍ସନ ଅନ୍ତର୍ଗତ କଦାଡିହା ସ୍ଥିତ ଏସଏସଆଇଟି ଅନୁଷ୍ଠାନ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଭଦ୍ରକ,(ସବ୍ୟୁ): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ,କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ,ଭଦ୍ରକଙ୍କ ଦ୍ୱାରା ବଉଳ ପୋଖରୀ ସରକାରୀ ବିଦ୍ୟାଳୟ,ଚରମ୍ପା,ଭଦ୍ରକ ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଅଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇ ପରିଚାଳନା କରିଥିଲେ । ଅତିଥିମାନଙ୍କ ମଧ୍ୟରେ ରାମଚନ୍ଦ୍ର ନାୟକ,ସମ୍ପାଦକ,ଭଦ୍ରକ ମୋହରିର ସଙ୍ଘ ତଥା ସାମାଜିକ କର୍ମୀ,ଭଦ୍ରକ,ବହ୍ନିଶିଖା ବିଶ୍ୱାଳ,ପ୍ରତିପକ୍ଷ ଓକିଲ ଏବଂ ନ୍ୟାୟ ରକ୍ଷକ ଭଦ୍ରକ,ପ୍ରୀତିରଣୀ ଦାସ,ବନରକ୍ଷୀ ବିଭାଗ,ସାତଭଉଣୀ,ଭଦ୍ରକ ସସ୍ମିତା ଦୀକ୍ଷିତ,ପ୍ରଧାନଶିକ୍ଷୟିତ୍ରୀ,ବଉଳପୋଖରୀ ସରକାରୀ ବିଦ୍ୟାଳୟ ତଥା ବନରକ୍ଷୀ କର୍ମଚାରୀ ଗଣ ଏବଂ ୭୦ରୁ ଉର୍ଦ୍ଧ୍ୱ ଜନସାଧାରଣ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଶନିଦେବଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବନ୍ତ,(ସବ୍ୟୁ) :ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଘରପଦାସ୍ଥିତ ଶ୍ରୀ ଶ୍ରୀ ଶନିଦେବ ମନ୍ଦିରର ୯ମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଗୁରବାର ଅଧିବାସ, ଅଙ୍କୁରାରୋପଣ, ଜଳଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମର ଧନି ସା ପୁଷ୍କରିଣୀରୁ ୫୧ଟି କଳସ ଅଣାଯାଇ ଘଟସ୍ଥାପନା ପୂର୍ବକ ଯଜ୍ଞ କାଯ୍ୟ ଆରମ୍ଭ ହୋଇଥିଲା । କୈଳାସ ଚନ୍ଦ୍ର ଚଢେଇ, ଉର୍ମିଳା ଚଢେଇ ମୁଖ୍ୟ କଳସ ଧାରଣ କରିଥିବା ବେଳେ ଗ୍ରାମବାସୀ ମାନେ ପାର୍ଶ୍ୱ କଳସ ଧାରଣ କରିଥିଲେ । ଶୁକ୍ରବାର ଯଜ୍ଞାରମ୍ଭ, ଗ୍ରହ ଉପଚାର ପୂଜା, ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବସନ୍ତ କୁମାର ମିଶ୍ର ପୂଜା କାର୍ଯ୍ୟ ଓ ଭଦ୍ରକରୁ ଆଗତ ବଦ୍ରୀ ନାରାୟଣ ପଣ୍ଡା, କମଳାକାନ୍ତ ପାଢ଼ୀ, ବାରିପଦାରୁ ଆଗତ ଦୀଳିପ କୁମାର ଦାଶ, ଜଳେଶ୍ୱରରୁ ଆଗତ ସର୍ବେଶ୍ୱର ଶତପଥୀ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ । ୨ ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମବାସୀ ମାନେ ସହଯୋଗ କରିଥିଲେ ।

# ପ୍ରକୃତି ମିତ୍ର, ପ୍ରକୃତି ବନ୍ଧୁମାନଙ୍କର ସମ୍ବର୍ଦ୍ଧନା ଉତ୍ସବ ପାଳିତ

ବାଲେଶ୍ୱର,(ସବ୍ୟୁ): ଜିଲ୍ଲା ପରିବେଶ ସମିତି, ବାଲେଶ୍ୱର ଦ୍ୱାରା ବିଶ୍ୱ ପରିବେଶ ଦିବସ ଅବସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆୟୋଜନ କରାଯାଇଥିଲା। ଯୋଉଥିରେ ଚଳିତ ବର୍ଷ ୨୦୨୫-୨୬ ମସିହା ପାଇଁ ଜିଲ୍ଲାସ୍ତରରେ ୧୦ଜଣ ପ୍ରକୃତି ବନ୍ଧୁ ଏବଂ ୫ଜଣ ପ୍ରକୃତି ମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ପରିବେଶ ସମିତିର ସମ୍ପାଦକ ତଥା ବନ ସଂରକ୍ଷକ କାର୍ଯ୍ୟ ଯୋଜନା ଅଧିକାରୀ ତପନ କୁମାର ପରିଡାଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଜିଲ୍ଲା ସ୍ତରୀୟ ଅଫିସର ବୃନ୍ଦ ଯଥା ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗର ପ୍ରଦୀପ କୁମାର ଭୋଳ, ପ୍ରକଳ୍ପ ନିର୍ଦ୍ଦେଶକ ଜଳାଶୟ ବିଭାଗ ରଶ୍ମି ରଞ୍ଜନ ପାତ୍ର, ଡକ୍ଟର ମନୋଜ କୁମାର ସାହୁ ଜିଲ୍ଲା ଯକ୍ଷ୍ମା ଅଫିସର, ଅତିରିକ୍ତ କୃଷି ଅଧିକାରୀ ଶୁଭମ୍ରା ଭୂୟାଁ ଏବଂ ବେସରକାରୀ ସଂଗଠନର ସମ୍ପାଦକ ଜୀବନ କୁମାର ମଲ୍ଲିକ ପ୍ରଭୃତି ଯୋଗ ଦେଇ ସଭା କାର୍ଯ୍ୟକୁ ଆଗକୁ ନେଇଥିଲେ। ସରକାରଙ୍କ ତରଫରୁ ପୁରସ୍କାର ପାଇଁ ବିବେଚିତ ହୋଇଥିବା ୫ଜଣ ପ୍ରକୃତି ମିତ୍ର ଏବଂ ୧୦ଜଣ ପ୍ରକୃତି ବନ୍ଧୁଙ୍କୁ ଅତିରିକ୍ତ ଜିଲ୍ଲାପାଳ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହା ସହିତ ପ୍ରତ୍ୟେକ ପ୍ରକୃତି ବନ୍ଧୁଙ୍କୁ ୧୦୦୦୦/- ଏବଂ ପ୍ରକୃତି ମିତ୍ରଙ୍କୁ ୨୦୦୦୦/- ଅର୍ଥ ରାଶି ସେମାନଙ୍କ ବ୍ୟାଙ୍କ ଏକାଉଣ୍ଟକୁ ପ୍ରେରଣ କରାଗଲା । ପ୍ରତ୍ୟେକ ପ୍ରକୃତି ବନ୍ଧୁ ଏବଂ ପ୍ରକୃତି ମିତ୍ର ସେମାନଙ୍କର ନିଜର ଅଭିଜ୍ଞତା ସଭାରେ ଉପସ୍ଥାପନ କଲାପରେ ସଭା କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

# ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ସୋର, (ସବ୍ୟୁ) : ଔପଦା ବନଖଣ୍ଡ ଅଧିନ ପାଣ୍ଡବଘେରା ପାହାଡ଼ ନିକଟରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ଆଘିରାପଦା ପଂଚୟତ ଛିଞ୍ଚିଡା ଗ୍ରାମର ରମେଶ ଚନ୍ଦ୍ର ଜେନା ପ୍ରତିଦିନ ଭଳି ଆଜି ସକାଳେ ପୂଜକଙ୍କ ସହ ପାଣ୍ଡବଘେରା ମନ୍ଦିରକୁ ଯାଉଥିଲେ। ଏହି ସମୟରେ ପାହାଡ଼ ଉପରେ ହଠାତ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ରମେଶ ଗୁରୁତର ଆହତ ହୋଇଥିଲେ।ଖବର ପାଇ ବନ କର୍ମଚାରୀ ମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।ସୂଚନା ଯୋଗ୍ୟ ରମେଶ ବନବିଭାଗରେ ସବୁଜସାଥୀ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ଅବସର ପରେ ପ୍ରତିଦିନ ପୂଜକଙ୍କ ସହିତ ମନ୍ଦିରକୁ ଯାଉଥିବା ସୂଚନା ମିଳିଛି।

# ଆତ୍ମହତ୍ୟା କଲେ ମହିଳା : ପ୍ରଥମ ପ୍ରେମିକ ଗିରଫ

ବାଲେଶ୍ୱର,(ସବ୍ୟୁ): ସ୍ୱାମୀ ବାହାରେ ରହୁଥିବାର ସୁଯୋଗରେ ଜଣେ ଯୁବକ ପ୍ରଥମେ ମହିଳାଙ୍କ ସହ ପ୍ରେମ ସମ୍ପର୍କ ରଖିଲେ। ଧୀରେଧୀରେ ନିବିଡ଼ ହୋଇ ଶାରୀରିକ ସମ୍ପର୍କ ବି ରଖିଲେ। ପରେ ମହିଳା ଜଣକ ଯେତେବେଳେ ଆଉଜଣେ ଯୁବକଙ୍କ ସଂସ୍ପର୍ଶରେ ଆସୁଛନ୍ତି, ପ୍ରଥମ ପ୍ରେମିକ ଜଣକ ମହିଳାଙ୍କ ସ୍ୱାମୀଙ୍କ ପାଖକୁ କଲ୍ ରେକର୍ଡିଂ ପଠାଇ ଦେଉଛି। ଆଉ ମହିଳା ଜଣକ ସେ କଥାକୁ ସହ୍ୟ ନ କରିପାରି ବିଷ ପିଇ ଦେଉଛନ୍ତି। ବିଷ ପିଇବା କଥା ଦ୍ୱିତୀୟ ପ୍ରେମିକ ଜାଣି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ରବିବାର ଦିନ ମୃତ୍ୟୁ ଘଟିଛି । ସିମୁଳିଆ ଥାନା ଅଂଚଳରେ ଏ ବିଷୟରକର୍ଚ୍ଚା ଜୋରଧରିଛି। ପୁଲିସ ସୂଚନା ଅନୁଯାୟୀ, ମହିଳାଙ୍କ ସ୍ୱାମୀ ରାଜ୍ୟ ବାହାରେ ରହି କାମ କରନ୍ତି। ତିନିବର୍ଷ ତଳେ ତାଙ୍କ ଘର କାମ ଆରମ୍ଭ ହୋଇଥିବାବେଳେ ବାଲି ପକାଇବା ପାଇଁ ଆସିଥିବା ନାରାୟଣ ମହାକୁଡ଼ ତାଙ୍କୁ ପ୍ରେମ ନିବେଦନ କରିଥିଲା। ବାରମ୍ୱାର ତାଙ୍କ ଘରକୁ ଆସି ସମ୍ପର୍କ ବଢ଼ାଇଥିଲା। ପାଖାପାଖି ୩ ବର୍ଷ ହେବ ଉଭୟେ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଦୁଇମାସ ତଳେ ଆଉଜଣେ ଯୁବକ ତାଙ୍କ ଘରକୁ ଆସିଥିଲା। ତା ସହିତ ମହିଳାଙ୍କ ନୂଆସମ୍ପର୍କ ଆରମ୍ଭ ହୋଇଥିଲା। ଏକଥା ଯେତେବେଳେ ତାଙ୍କ ପ୍ରଥମ ପ୍ରେମିକ ନାରାୟଣ ଜାଣିବାକୁ ପାଇଥିଲା, ସେ ଝଗଡ଼ା କରିଥିଲା। ତାଙ୍କ ସ୍ୱାମୀଙ୍କୁ ସବୁ ଜଣାଇଦେବ ବୋଲି ଧମକ ଦେଇଥିଲା। ଗତ ୩୧ ତାରିଖରେ ନାରାୟଣ ପୁଣିଥରେ ଝଗଡ଼ା କରିବା ସହ ପୂର୍ବରୁ ରଖିଥିବା ଅଡିଓ ରେକର୍ଡିଂ ସବୁ ମହିଳାଙ୍କ ସ୍ୱାମୀଙ୍କ ପାଖକୁ ପଠାଇ ଦେଇଥିଲା। ଏହାପରେ ମହିଳା ଘାସମରା ଔଷଧ ପିଇ ଦେଇଥିଲେ। ଔଷଧ ପିଇବା ପରେ ଦ୍ୱିତୀୟ ପ୍ରେମିକକୁ ଜଣାଇଥିଲେ। ସେବେଠାରୁ ସେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ଏହାପରେ ସିମୁଳିଆ ପୁଲିସ ତାଙ୍କ ପ୍ରଥମ ପ୍ରେମିକ ନାରାୟଣକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ

ବନ୍ତ,(ସବ୍ୟୁ) : ୨ୟ ପର୍ଯ୍ୟାୟରେ ରବିବାର ଦିନ ରାଜ୍ୟର ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଭିଡିଓ କନଫେରେନ୍‌ସିଂ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଭଦ୍ରକ ଜିଲା ବନ୍ତ ବ୍ଲକର ନିଳୋକ, ଆପଣ୍ଡା ଓ ମଙ୍ଗୁଲି ଆଦି ୩ଟି ସ୍ଥାନରେ ଏହି ବିଦ୍ୟାଳୟର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନିଳୋକ ହରିହର ସଂଯୁକ୍ତ ଉପ୍ରା ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ସ୍ଥାନୀୟ ସରପଞ୍ଚ ରଜନୀ ସେଠୀ, ସମିତି ସଭ୍ୟ ଉଦ୍ଧବ ଚରଣ ସେଠୀ, ବିଧାୟକ ପ୍ରତିନିଧି ସ୍ମୃତି ରଞ୍ଜନ ସ୍ୱାଇଁ, ବିଇଓ ଡ.ସୁକୀର୍ତ୍ତି କର, ଏବିଇଓ ହରେକୃଷ୍ଣ ଆପଟ, ପ୍ରଧାନ ଶିକ୍ଷକ ବଟକୃଷ୍ଣ ସେଠୀ, ଏସ.ଏମ.ସି ସଭାପତି କହ୍ନେଇ ଚରଣ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ସିଆରସିସି ନିରଞ୍ଜନ ଖୁଲାର ମଞ୍ଚ ପରିଚାଳନା, ଶିକ୍ଷକ ଅରୁଣ କୁମାର ବାରିକ ଅତିଥି ପରିଚୟ ଓ ସିଆରସିସି ସନ୍ତୋଷ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ବସନ୍ତିଆ ପଞ୍ଚାୟତ ଅଧିନ ଆପଣ୍ଡା ସରକାରୀ ସଂଯୁକ୍ତ ଉପ୍ରା ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ସାହୁ, ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ପଞ୍ଚଶିକ୍ଷା ସେତୁ ଅଧ୍ୟକ୍ଷ ପୀତବାସ ପ୍ରଧାନ, ଏସ.ଏମ.ସି ସଭାପତି ସୁବାସିନୀ ଦାସ, ୱାର୍ଡ ସଭ୍ୟା ଜ୍ୟୋସ୍ନାରାଣୀ ଜେନା, ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାଶ, ମନୋଜ କୁମାର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଅଶୋକ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଉତ୍ତମ କୁମାର ଦାସ, ସୁଧାଂଶୁ ଶେଖର ଦାସ, ରଘୁନାଥ ପୁହାଣ, ଶୁଭେନ୍ଦୁ କୁମାର ବିଶ୍ୱାଳ, ପ୍ରଦୀପ୍ତ କୁମାର ରାଉତ, ସୁଦୀପ କୁମାର ଖଟୁଆ, ବ୍ରହ୍ମାନନ୍ଦ ଜେନା, ଶିକ୍ଷୟିତ୍ରୀ ପଦ୍ମାବତୀ ସେଠୀ, ସୁଜାତା ଜେନା, ଅକ୍ଷୟ କୁମାର ସେଠୀଙ୍କ ସମେତ ଚାଇଁପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଭ୍ୟସଭ୍ୟା ସହଯୋଗ କରିଥିଲେ । ସେହିପରି ଛୟାଳସିଂହ ପଞ୍ଚାୟତ ମଙ୍ଗୁଲି ସରକାରୀ ସଂଯୁକ୍ତ ଉପ୍ରା ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# କୁଡୁମୀ ସମାଜର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

କେନ୍ଦୁଝର,(ସବ୍ୟୁ): ଆଦିବାସୀ କୁଡୁମୀ ସମାଜର ଏକ ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ରବିବାର ଦିନ ସଦର ବ୍ଲକର ରାମଚନ୍ଦ୍ରପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଦୋଳଗୋବିନ୍ଦ ମହନ୍ତ,ରାଜ୍ୟ ସାଧାରଣ ସମ୍ପାଦକ ମିଳନ ଚନ୍ଦ୍ର ମହନ୍ତ, କେନ୍ଦ୍ର କମିଟିର ସଞ୍ଜୀବ ମହନ୍ତ,ମହାଦେବ ଦୁଙ୍ଗୁରିଆର ଏହି ବୈଠକରେ ଯୋଗ ଦେଇ ୨୦୨୭ ଜନଗଣନାରେ କୁଡୁମୀ ନିଜର ଜାତି, କୁଡୁମୀ ଭାଷା କୁଡ଼ମାଳି ଲେଖିବା ପାଇଁ ଉପଦେଶ ଦେଇଥିଲେ। ଝାଡ଼ଖଣ୍ଡରେ କୁଡମୀ ମାନେ ଆଦିବାସୀର ସୁବିଧା ନେଉଥିବା କହିଥିଲେ କୁଡୁମୀ ଆଉ କୁର୍ମୀ ଅଲଗା ଅଲଗା ଜାତି ବୋଲି କହିଥିଲେ। ଏହି ମିଟିଂରେ ଓଡ଼ିଶାରେ ବସବାସ କରୁଥିବା ସମସ୍ତ ଜିଲ୍ଲାରୁ ଆସି ଯୋଗ ଦେଇଥିବା ସଦସ୍ୟ ମାନେ ହେଲେ ଗୋପୀନାଥ ମହାନ୍ତ,ନାରାୟଣ ମାହାନ୍ତ, ଯୁଗଳ ମହାନ୍ତ,ଲାଲ ମୋହନ, ମିଶ୍ର ମହାନ୍ତ, ଦେବାନନ୍ଦ ମହାନ୍ତ, ବୈକୁଣ୍ଠ ମହାନ୍ତ, ମମତା, ସବିତା,ଭାରତୀ, କେତକୀ ମହାନ୍ତ,ଲକ୍ଷ୍ମଣ ମହନ୍ତ, ମୁରଲୀ ମହନ୍ତ, ଠାକୁର ମହାନ୍ତ, ତପନ, ଭରତ, ଫକିର ମହନ୍ତ,ଅହଲ୍ୟା,କୁନ୍ତଳା ମହନ୍ତ, ଅହଲ୍ୟା, କୁନ୍ତଳା, ପ୍ରିୟ ଙ୍କା, ଯୋଶଦା ମହନ୍ତ ତଥା ଅନ୍ୟମାନେ।

# ଶିକ୍ଷକ ବିଜୟ ମିଶ୍ରଙ୍କୁ ମିଳିଲା ପ୍ରକୃତିବନ୍ଧୁ ପୁରସ୍କାର

କେନ୍ଦୁଝର,(ସବ୍ୟୁ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଶରୀଶପାଳ ଗ୍ରାମ ପଞ୍ଚାୟତର ମୋଟୀଟାଙ୍ଗିରି ଗ୍ରାମର ବିଜୟ କୁମାର ମିଶ୍ର, ୨୦୨୫-୨୬ ବର୍ଷ ନିମନ୍ତେ 'ପ୍ରକୃତି ବନ୍ଧୁ ପୁରସ୍କାର'ରେ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ପିଲା ଦିନରୁ ପିତା ସର୍ଗତ ଶ୍ୟାମସୁନ୍ଦର ମିଶ୍ର ଓ ମାତା ସର୍ଗତ ବୈଦେହୀ ମିଶ୍ରଙ୍କ ପ୍ରେରଣାରେ ବିଭିନ୍ନ ପ୍ରକାର ସେବା ମୂଳକ କାର୍ଯ୍ୟରେ ସେ ନିଜକୁ ସାମିଲ କରି ଆସୁଛନ୍ତି । ବର୍ତ୍ତମାନ ଶ୍ରୀ ମିଶ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରଠାରେ ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ ଶିକ୍ଷକ ରୂପେ କାର୍ଯ୍ୟ କରୁଛନ୍ତି । ବୃକ୍ଷରୋପଣ ସହ ବିଭିନ୍ନ ଜନ ସଚେତନତା ମୂଳକ କାର୍ଯ୍ୟ କରି ସେ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି । ପରିବେଶ ସୁରକ୍ଷା ସମ୍ପର୍କିତ ବିଜ୍ଞାନ ପ୍ରକଳ୍ପର ମାର୍ଗଦର୍ଶକ ଶିକ୍ଷକ ରୂପେ ସେ ଜିଲ୍ଲାରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ସମ୍ମାନିତ ହୋଇଛନ୍ତି, ସେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ତଥା କୃତୀ ଶିକ୍ଷକର ପୁରସ୍କାର ମଧ ପାଇଛନ୍ତି । ତାଙ୍କର ଏହି ସଫଳତାରେ ଗ୍ରାମବାସୀ ତଥା ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକମାନେ ଆନନ୍ଦ ପ୍ରକାଶ କରିଛନ୍ତି।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ



ଠାକୁରମୁଣ୍ଡା ,(ସବ୍ୟୁ): ରବିବାର ଦିନ ରାଜ୍ୟ ସରକାରଙ୍କ ଦ୍ୱାରା । ଦ୍ୱିତୀୟ ପର୍ଯ୍ୟାୟର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ଅବସରରେ ଠାକୁରମୁଣ୍ଡା ବ୍ଲକର ଭଳିଆଡାଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅସୁରଖାଲ ପ୍ରାଥମିକ ବିଦ୍ୟାଳୟ ଏବଂ ତାଳପଦା ଗ୍ରାମପଞ୍ଚାୟତ ର ତାଳପଦା ପ୍ରାଥମିକ ବିଦ୍ୟାଳୟରେ ଶିଳାନ୍ୟାସ ସ୍ଥାପନ ହୋଇ ଯାଇଛି।ତାଳପଦା ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ ସ୍ଥାପନ ଅବସରରେ ମୁଖ୍ୟ ଅତିଥି ଭାବରେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ ଯୋଗ ଦେଇଥିଲେ।ତାଳପଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଚତୃଭୂଜ ବାରିକ,ସି ଆର ସି ସି ସପନ କୁମାର ମହାନ୍ତ ଯୋଗ ଦେଇଥିଲେ।ଏହି ଅବସର ରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ଅଭିଭାବକ, ଶିକ୍ଷକ ଓ ସି ଆର ସି ସି ମାନେ ଉପସ୍ଥିତ ଥିଲେ।ସେହିପରି ଅସୁରଖାଲ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଆୟୋଜିତ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅବସର ରେ ମୁଖ୍ୟ ଅତିଥି ଭାବରେ ଏବିଓ ସଂଯୁକ୍ତା ନାୟକ,ମୁଖ୍ୟ ବକ୍ତା ଭାବରେ ବିଡ଼ିଓ ସପନେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ଭାଲିଆଡାଳ ସରପଞ୍ଚ ଜାହ୍ନବୀ ସୟ,ଟିସି ସତ୍ୟଜିତ ମିଶ୍ର ଯୋଗ ଦେଇଥିଲେ।କାର୍ଯ୍ୟକ୍ରମ ଅବସରରେ ଛାତ୍ର ଛାତ୍ରୀ, ସ୍ଥାନୀୟ ଜନସାଧାରଣ, ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ସମେତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର, ସିଆରସିସି ରାଜେନ୍ଦ୍ର ପାତ୍ର, ସୁଶାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବୈଜ୍ଞାନିକ ଅନୁମୋଦନ ଅନୁଯାୟୀ ଉତ୍ପାଦନ ବୃଦ୍ଧି ନିର୍ଦ୍ଦେଶ

କେନ୍ଦୁଝର , (ଜିପ୍ର) : କେନ୍ଦୁଝର ଜିଲ୍ଲା ଯୋଡା ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟରେ ରବିବାର ରାଜ୍ୟ ଖଣି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଏବଂ ଯୋଡା ଖଣି ମଣ୍ଡଳର ଲିଜଧାରୀଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଲିଜଧାରୀମାନେ ବୈଜ୍ଞାନିକ ଅନୁମୋଦନ ଅନୁଯାୟୀ ଉତ୍ପାଦନ ବୃଦ୍ଧି କରୁ ନଥିବାରୁ ନିର୍ଦ୍ଦେଶକ ଉଦ୍ବେଗ ପ୍ରକାଶ କରିଥିଲେ । ଖଣି ଲିଜଧାରୀଙ୍କ ମଧ୍ୟରୁ ବିଶେଷ କରି ଓଡ଼ିଶା ଖଣି ନିଗମ ଅଧୀନରେ ରହିଥିବା ଖଣି ଗୁଡ଼ିକରୁ ଉତ୍ପାଦନ ବୃଦ୍ଧି କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ । ଉକ୍ତ ବୈଠକରେ ଯୋଡା ଖଣି ମଣ୍ଡଳରେ କାର୍ଯ୍ୟକ୍ଷମ ଥିବା ୩୮ଟି ଖଣି ଲିଜ୍ଧାରୀ, ପ୍ରତିନିଧି ଉପସ୍ଥିତ ଥିଲେ।ଗତ ଆର୍ଥିକ ବର୍ଷ ତୁଳନାରେ ଆଗାମୀ ୨୦୨୬-୨୭ରେ ଯୋଡା ଖଣି ମଣ୍ଡଳରୁ ଅଧିକ ରାଜସ୍ୱ କିପରି ଆଦାୟ ହେବ, ଏ ନେଇ ଖଣି ଲିଜ୍ଧାରୀଙ୍କ ସହିତ ଆଲୋଚନା କରାଯିବ। ସହିତ ଖଣି ଗୁଡିକରେ ଉତ୍ତୋଳନ ଓ ପରିବହନ କାର୍ଯ୍ୟରେ ରହିଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ସବୁ ଖଣି ଗୁଡିକରେ ଯେପରି ଅଧିକରୁ ଅଧିକ ଉତ୍ତୋଳନ କରିବା ପାଇଁ ଲିଜ୍ଧାରୀ ମାନେ ଗୁରୁ ଦେବା ପାଇଁ ନିର୍ଦ୍ଦେଶକ ଲେଙ୍କା କହିଥିଲେ। ୩୮ ଟି ଖଣି ମଧ୍ୟରୁ ନୂତନ ଭାବେ ନିଲାମ ପାଇଥିବା ୧୨ ଟି ଖଣିର ଖଣି ଲିଜ୍ଧାରୀମାନଙ୍କୁ ତତ୍କାଳ ଉତ୍ତୋଳନ ବୃଦ୍ଧି ସହିତ ପରିବହନ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଓଡ଼ିଶା ଖଣି ନିଗମ ହାତରେ ବହୁ ଖଣି ରହିଥିବାରୁ ସରକାରଙ୍କ ରାଜସ ବୃଦ୍ଧି ନେଇ ଓ . ଏମ୍ସି ଅଧିକାରୀମାନେ ଖଣିଜ ଉତ୍ତୋଳନ ଓ ପରିବହନ ଦିଗରେ ଅଧିକ ଧ୍ୟାନ ଦେବା ପାଇଁ ଉପସ୍ଥିତ ଅଧିକାରୀ ମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ଯୋଡା ଖଣି ଉପ ନିର୍ଦ୍ଦେଶକ ବିଶରଂଜନ ସେଠୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଖଣି ରାଜସ୍ୱ ବୃଦ୍ଧି ପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଖଣି ନିର୍ଦ୍ଦେଶକ ଯାଜପୁର ଖଣି ମଣ୍ଡଳରେ ଲଜଧାରୀଙ୍କ ସହିତ ଶନିବାର ରାଜସ ବୃଦ୍ଧି ନେଇ ଆଲୋଚନା କରିଥିଲେ। ରବିବାର ଯୋଡା ଖଣି ମଣ୍ଡଳରେ ଏନେଇ ଆଲୋଚନା ହୋଇଥିବା ବେଳେ ସୋମବାର କୋଇଡା ଖଣି ମଣ୍ଡଳରେ ଲିଜଧାରୀଙ୍କ ସହିତ ବୈଠକ ରହିଛି ।

# ବାଲେଶ୍ୱର ଜିଲ୍ଲା ମାହେଶ୍ୱରୀ ସମାଜର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ବାଲେଶ୍ୱର,(ସବ୍ୟୁ): ମାହେଶ ନବମୀ ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ମାହେଶ୍ୱରୀ ସମାଜ, ଜିଲ୍ଲା ମାହେଶ୍ୱରୀ ମହିଳା ସଂଗଠନ ଓ ମାହେଶ୍ୱରୀ ଯୁବ ସଂଗଠନ ମିଳିତ ଉଦ୍ୟମରେ ତଥା ସମ୍ବାଦ-ଆମ ଓଡ଼ିଶା ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ନୂଆସାହି ସ୍ଥିତ ମାହେଶ୍ୱରୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ସହଦେବଖୁଣ୍ଟା ଥାନା ଅଧିକାରୀ ଆଲୋକ ବେହେରା ଏବଂ ବାଲେଶ୍ୱର ପ୍ରେସ୍ କ୍ଲବ କାର୍ଯ୍ୟକାରି ସଭାପତି ତଥା ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ ଅତିଥି ଭାବେ ଯୋଗ ଦେଇ ଏହି ଶିବିରକୁ ଉଦଘାଟନ କରିଥିଲେ । ବାଲେଶ୍ୱର ମାହେଶ୍ୱରୀ ସମାଜର ସଭାପତି ତେର ରତନ ଭୁତ୍ରା, ମହିଳା ସମିତି ସଭାନେତ୍ରୀ ନିଲିମା ରାଠି, ଯୁବ ସଂଗଠନ ସଭାପତି ଗୋବିନ୍ଦ ରାଠି, ପ୍ରମୁଖ ଏଥିରେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଜିଲ୍ଲାରେ ରକ୍ତର ଅଭାବ ପୂରଣ ପାଇଁ ଆୟୋଜିତ ରକ୍ତଦାନ ଶିବିର ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ପଙ୍କଜ ପେରିୱାଲ ଏହି ସଭା ପରିଚାଳନା କରିଥିବା ବେଳେ ଶେଷରେ ଗୋବିନ୍ଦ ରାଠି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ମାହେଶ୍ୱରୀ ସମାଜ ସମ୍ପାଦକ ପଙ୍କଜ ପେରିୱାଲ, ଉପାଧ୍ୟକ୍ଷ ନବୀନ ଚଣ୍ଡକ, ମୁରଲୀ ପେରିୱାଲ, ଆଶିଷ ଲାହୋଟି, ଚନ୍ଦ୍ରପ୍ରକାଶ କାବ୍ରା, ପିୟୁଷ ସୋମାନୀ, ମନୋହର ପେରିୱାଲ, କିଶନ ମୁନ୍ଧ୍ରା, କମଳ ରାଠୀ, କାର୍ତିକ ଶ୍ରର୍ଦ୍ଧା, ଅରୁଣ ରାଠୀ, ଖୁସୀ ପେରିୱାଲ, ରିଧିମା ଲଢ଼ା, ପୁରୁଷୋତ୍ତମ ପେରିୱାଲ, ଘନଶ୍ୟାମ କାବ୍ରା, ନଭରତନ ରାଠୀ, ସତ୍ୟନାରାୟଣ ଚଣ୍ଡକ, ସଂଜିଭାନ ଭୁତ୍ରା, ଚନ୍ଦ୍ର ପ୍ରକାଶ କାବ୍ରା, ଆଶିଷ ଲାହୋଟି, କିଷାନ ମୁନ୍ଦ୍ରା, ପିୟୁଷ ସୋମାନୀ, ସୌଭାଗ୍ୟ ଭୁତ୍ରା ଓ ଲକ୍ଷ୍ମୀଧର ବାରିକ ପ୍ରମୁଖ ଏହି ଶିବିର ପରିଚାଳନା କରିଥିଲେ । ସଂଗଠନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଏଥିରେ ସହଯୋଗ କରିଥିଲେ । ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ ।

## ସମ୍ପାଦକୀୟ

# ବିକାଶ ପଥରେ ଗୋଟିଏ ଯୁଗ

ବିକାଶ ପଥରେ ଭାରତ ଅଗ୍ରସର ହେଉଛି । ଯେଉଁ ଅମୃତ କାଳଖଣ୍ଡରେ ଭାରତ ପ୍ରବେଶ କରିଛି, ବିକଶିତ ଭାରତର ଲକ୍ଷ୍ୟ ସ୍ଥଳରେ ଉପନୀତ ହେବାକୁ ଆହୁରି ଚବିଶ ବର୍ଷ ଲାଗିବ । ମାତ୍ର ଏକ 'ନୂତନ ଭାରତ' ବା 'ସମୃଦ୍ଧ ଭାରତ' ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦୀର୍ଘ ବାର ବର୍ଷ କାଳ (ଗୋଟିଏ ଯୁଗ ସହ ସମାନ) ଭାରତ ପ୍ରସ୍ତୁତି ପଥରେ ରହିଛି । ଏଥିରେ ସନ୍ଦେହ ନାହିଁ ।

ଭାରତର ଜିଡିପି (ସକଳ ଘରୋଇ ଉତ୍ପାଦ) ଅଭିବୃଦ୍ଧିର ହାର ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ୭ ଦଶମିକ ୭ ପ୍ରତିଶତ ହୋଇଛି । ଆମ ଅର୍ଥନୀତିର ଆଭ୍ୟନ୍ତରୀଣ ଆର୍ଥନୀତିକ ଶକ୍ତିର ସୂଚନା ଏଥିରୁ ସ୍ପଷ୍ଟ । ୧୪୦ କୋଟି ଭାରତୀୟମାନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ସଂସ୍କାରମୁଖୀ ପ୍ରୟାସ ଏହାର କାରଣ ବୋଲି ପ୍ରଧାନମନ୍ତ୍ରୀ ମୋଦିଜୀ ଉଲ୍ଲେଖ କରିଛନ୍ତି । ସେ ମଧ୍ୟ କହିଛନ୍ତି ଯେ ସ୍ୱାଚ୍ଛନ୍ଦ୍ୟ ଜୀବନଯାପନ (Ease of Living)ପାଇଁ ସୁଯୋଗକୁ ଆମେମାନେ ହାତଛଡା କରିବା ନାହିଁ । ଦେଶର ଯୁବଶକ୍ତିକୁ ଏହି ସୁଯୋଗ ଦେବା ଲାଗି ଆମେମାନେ ଉଦ୍ୟମ ଜାରି ରଖିବା ଉଚିତ ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ କହିଛନ୍ତି ।

> **ଗତ ୨୦୦୦ ମସିହାରେ ଭାରତର ଅର୍ଥନୀତି, ପ୍ରକୃତରେ ଚାରିଗୁଣ ହାରରେ ବୃଦ୍ଧି ପାଇଛି । ଲୋକଙ୍କର ମୁଣ୍ଡପିଛା ଆୟ ମଧ୍ୟ ପ୍ରାୟ ତିନିଗୁଣା ବଢ଼ିଛି । ବିଶ୍ୱର ଆର୍ଥନୀତିକ ଅଂଶଧନରେ ଆମର ଅର୍ଥନୀତି ଦ୍ୱିଗୁଣିତ ହୋଇଛି ଅର୍ଥାତ୍ ବିଗତ ୨୦୦୦ ମସିହାରୁ ୧ ଦଶମିକ ୬ ପ୍ରତିଶତ ଥିବା ଆମର ଅର୍ଥନୀତି ୨୦୨୩ରେ ୩ ଦଶମିକ ୪ ପ୍ରତିଶତ ହାରରେ ବୃଦ୍ଧି ପାଇଛି । ସେହି ୨୦୨୩ରେ ଭାରତର ଅର୍ଥନୀତି ସାରା ବିଶ୍ୱରେ ପଞ୍ଚମ ସ୍ଥାନରେ ମଧ୍ୟ ସ୍ଥାନିତ ହୋଇ ପାରିଛି । ଭବିଷ୍ୟତରେ ଭାରତ ଆତ୍ମନିର୍ଭରଶୀଳ ହୋଇ ବିଶ୍ୱର ଅନ୍ୟାନ୍ୟ ବିକାଶପ୍ରାପ୍ତ ରାଷ୍ଟ୍ରଗୁଡ଼ିକ ସହ ଯେ ସମକକ୍ଷ ହୋଇପାରିବ, ଏଥିରେ ସନ୍ଦେହ ନାହିଁ ।**

ଦୀର୍ଘ ଦିନ ଧରି ପଛରେ ପଡ଼ି ଯାଇଥିବା ଭାରତ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକର କାରଣ ହେଉଛି ଦୀର୍ଘସୂତ୍ରୀତା । ଚାର୍ବାକଙ୍କ ଦର୍ଶନ ଅନୁଯାୟୀ 'ଋଣଂ କୃତ୍ୱା ଘୃତଂ ପିବେତ'ରେ ଦୀର୍ଘ ଦିନ ଧରି ଆମର ଶାସକମାନେ ଅତୀତରେ ସ୍ୱାଧୀନତାର ସ୍ୱାଦକୁ ନିଜେ ନିଜେ ଉପଭୋଗ କରି ଆସୁଥିଲେ । ଦେଶ କୁଆଡେ ଗତି କରିବ, ତାହାର ଭବିଷ୍ୟତ ଚିନ୍ତା ସେମାନେ କରୁ ନଥିଲେ । ଜନସାଧାରଣଙ୍କ କଥା କେବଳ ଯୋଜନାରେ ବା ଯୋଜନାକୁ ନେଇ ଚାଲିଥିବା ଭାଷଣରେ ରହିଥାଏ । ଏବେ ପାକିସ୍ତାନରେ ସେହିପରି ଅବସ୍ଥା ସୃଷ୍ଟି ହୋଇଛି । ଦେଶ ପଛେ ଭାସି ଯାଉ, ଲୋକେ ପଛେ ହଇରାଣ ହୁଅନ୍ତୁ, ଧର୍ମ ନାମରେ କିଛି ଲୋକଙ୍କୁ ହାତରେ ରଖି ଓ ମିଛ କଥା କହି, କିଛି ଧନୀ ରାଷ୍ଟ୍ରମାନଙ୍କ ନିକଟରୁ ଋଣ ଆଣି ପାକିସ୍ତାନର ନେତାମାନେ ଏବେ ମଉଜ ମଜଲିସରେ ସମୟ କାଟୁଛନ୍ତି ।

ଏକା ସମୟରେ ସ୍ୱାଧୀନତା ପାଇଥିଲେ ଭାରତ ଓ ପାକିସ୍ତାନ । ଅଥଚ ସ୍ୱାଧୀନତାର ଅଣାଅଶୀ ବର୍ଷ ପରେ ଭାରତ ବିକାଶ ପଥରେ ଅଗ୍ରଗମନ କରୁଥିବା ବେଳେ ପାକିସ୍ତାନରେ ଗଣତନ୍ତ୍ର କିମ୍ବା ଶାନ୍ତି ପ୍ରତିଷ୍ଠା ସମ୍ଭବ ହୋଇ ପାରି ନାହିଁ । ଭବିଷ୍ୟତ ବଂଶଧରଙ୍କ ପାଇଁ ସେମାନଙ୍କ ଦୂରଦୃଷ୍ଟି ମଧ୍ୟ କିଛି ନାହିଁ ।

ଗତ ୨୦୦୦ ମସିହାରେ ଭାରତର ଅର୍ଥନୀତି, ପ୍ରକୃତରେ ଚାରିଗୁଣ ହାରରେ ବୃଦ୍ଧି ପାଇଛି । ଲୋକଙ୍କର ମୁଣ୍ଡପିଛା ଆୟ ମଧ୍ୟ ପ୍ରାୟ ତିନିଗୁଣା ବଢ଼ିଛି । ବିଶ୍ୱର ଆର୍ଥନୀତିକ ଅଂଶଧନରେ ଆମର ଅର୍ଥନୀତି ଦ୍ୱିଗୁଣିତ ହୋଇଛି ଅର୍ଥାତ୍ ବିଗତ ୨୦୦୦ ମସିହାରୁ ୧ ଦଶମିକ ୬ ପ୍ରତିଶତ ଥିବା ଆମର ଅର୍ଥନୀତି ୨୦୨୩ରେ ୩ ଦଶମିକ ୪ ପ୍ରତିଶତ ହାରରେ ବୃଦ୍ଧି ପାଇଛି । ସେହି ୨୦୨୩ରେ ଭାରତର ଅର୍ଥନୀତି ସାରା ବିଶ୍ୱରେ ପଞ୍ଚମ ସ୍ଥାନରେ ମଧ୍ୟ ସ୍ଥାନିତ ହୋଇ ପାରିଛି । ଭବିଷ୍ୟତରେ ଭାରତ ଆତ୍ମନିର୍ଭରଶୀଳ ହୋଇ ବିଶ୍ୱର ଅନ୍ୟାନ୍ୟ ବିକାଶପ୍ରାପ୍ତ ରାଷ୍ଟ୍ରଗୁଡ଼ିକ ସହ ଯେ ସମକକ୍ଷ ହୋଇପାରିବ, ଏଥିରେ ସନ୍ଦେହ ନାହିଁ ।

**ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ, ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ ମୁଁ ଚୋରିକଲି ବୋଲି କହିବାକୁ ହେବ ।**

(ମହାତ୍ମା ଗାନ୍ଧି)

# ଆଦିବାସୀ ସଂସ୍କୃତିର ସଂରକ୍ଷଣ : ଏକ ଆବଶ୍ୟକତା



**ବିଦ୍ୟାଧର ମହାରଣା**

ଓଡ଼ିଶାରେ ୬୪ ପ୍ରକାରର ଜନଜାତି ଅଛନ୍ତି । ଏମାନଙ୍କର ସଂଖ୍ୟା ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୨୨ ପ୍ରତିଶତରୁ ଅଧିକ । ଏମାନଙ୍କ ମଧ୍ୟରୁ ଡଙ୍ଗରିଆ କନ୍ଧ, ସାନ୍ତାଳ, ସଉରା , ବଣ୍ଡା ଇତ୍ୟାଦି ଶତାବ୍ଦୀ ଶତାବ୍ଦୀ ଧରି ସେମାନଙ୍କ ଅନନ୍ୟ ପ୍ରଥା, ଭାଷା, କଳା, ସଙ୍ଗୀତ ଓ ପରିବେଶ ଜ୍ଞାନ ସଂରକ୍ଷଣ କରି ରଖିଛନ୍ତି । ଏହି ଜନଜାତି କେବଳ ଏକ ସାମାଜିକ ବର୍ଗ ନୁହଁନ୍ତି, ବରଂ ଓଡ଼ିଶାରେ ସଭ୍ୟତାର ବିବିଧତାଗୁଡିକର ଜୀବନ୍ତ ରକ୍ଷାକାରୀ । ଓଡ଼ିଆ ଜାତିର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥ ଯେ ଦିନେ ଶବର ସମ୍ପ୍ରଦାୟର ଆରାଧ ଦେବତା ଥିଲେ ଏକଥା କାହାକୁ ଅଜଣା ନାହିଁ । ଆଦିବାସୀଙ୍କ ଜନଜୀବନ, ପ୍ରାଚୀନ ପରମ୍ପରା, ଐତିହ୍ୟ, କଳା ଓ ସଂସ୍କୃତି ଆଜି ବି ବିଭିନ୍ନ ଜିଲ୍ଲାଗୁଡିକରେ ଦେଖିବାକୁ ମିଳେ ।

ଓଡ଼ିଶାର ମୁଖ୍ୟ ୬୨ ଜନଜାତି ଓ ୧୩ ଗୋଟି ସ୍ୱତନ୍ତ୍ର ଦୁର୍ବଳ ଗୋଷ୍ଠୀ ବା ପି. ଟି. ଜି ବିଭିନ୍ନ ଜିଲ୍ଲାରେ ବିକ୍ଷିପ୍ତ ଭାବରେ ରହିଥିଲେ ମଧ୍ୟ ସେମାନେ ପ୍ରକୃତି ସହିତ ଜୀବନ ବିତାନ୍ତି ଏବଂ ଗୋଷ୍ଠୀଗତ ଜୀବନ ଯାପନ କରନ୍ତି । ସେମାନଙ୍କ ସ୍ୱତନ୍ତ୍ର ଭାଷା, ପୋଷାକ, ହସ୍ତକଳା ଓ ମନୋମୁଗ୍ଧକର ନାଚ ଓ ସଙ୍ଗୀତ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଡଙ୍ଗରିଆ କନ୍ଧ ଜଙ୍ଗଲ ରକ୍ଷକ ଓ ବିଶେଷକରି ସପୁରୀ, ଅଦା ଓ ହଳଦୀ ଚାଷୀ । ମାଲକାନଗିରିର ବଣ୍ଡା ଜନଜାତି ହସ୍ତତିଆରୀ ମାଳି, ପିତ୍ତଳ ମୁଦି, ଲଣ୍ଡା ମୁଣ୍ଡ ଓ ସଲପ ଚାଷୀ ହିସାବରେ ପରିଚିତ । ରାୟଗଡା ଜିଲ୍ଲାର ସଉରାମାନେ ଘରର କାନ୍ଥ ବାଡ଼ରେ ଚମତ୍କାର ହସ୍ତଚିତ୍ର ବା ପେଣ୍ଟିଂ ପାଇଁ ପ୍ରସିଦ୍ଧ । ଗଦବା ସମ୍ପ୍ରଦାୟ ସେମାନଙ୍କର ଢେମସା ନାଚ ପାଇଁ ବିଖ୍ୟାତ । କେନ୍ଦୁଝରର ଜୁଆଙ୍ଗ ଜନଜାତି ସେମାନଙ୍କ ଚାଙ୍ଗୁ ନାଚ ପାଇଁ ଜଣାଶୁଣା । ସବୁ ଜନଜାତି ପ୍ରାୟତଃ ସାପ୍ତାହିକ ହାଟରେ ସେମାନଙ୍କ ଦ୍ରବ୍ୟ ବିକ୍ରୟ କରନ୍ତି । ସେମାନେ ଚୈତ ପର୍ବ, ପୌଷ ପରବ, ମାଘ ପରବ ଇତ୍ୟାଦି ବହୁ ଧୁମଧାମରେ ପାଳନକରନ୍ତି ୯ ଡଙ୍ଗରିଆ କନ୍ଧଙ୍କ ନିୟମ ରାଜା, ଶବର ମାନଙ୍କ ନୀଳମାଧବ ଓ ଅନ୍ୟକେତେକଙ୍କ ବୁଢୀ ଠାକୁରାଣୀ ଇଷ୍ଟ ଦେବତା । ଅଧିକାଂଶ ଜନଜାତି ଗ୍ରାମ ଶେଷରେ ଗୋଟିଏ ସଂରକ୍ଷିତ ଛୋଟ ପବିତ୍ର ବନରେ ଗ୍ରାମ୍ୟ ଦେବାଦେବୀ ରଖି ପୂଜା କରିବା ସହିତ ପର୍ବପର୍ବାଣୀ ପାଳନ କରନ୍ତି । ଆଦିବାସୀଙ୍କ ହସ୍ତକଳା ହିସାବରେ ବାଉଁଶ ନିର୍ମିତ ଘରକରଣା, ବିଭିନ୍ନ ବାସନ କୁସନ, ଶାଢି, ପୋଷାକ, କାଠ କଣ୍ଢେଇ, ଅସ୍ତ୍ର, ଚେରମୂଳି ଔଷଧ, ଗହଣା ଇତ୍ୟାଦି ସେମାନଙ୍କର ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ । ଆଦିବାସୀ ଚାଷୀ କେତେକ ଦେଶୀ ବିହନ ପିଢି ପିଢି ଧରି ସଂରକ୍ଷଣ କରି ଚାଷ କରୁଛନ୍ତି । ସାନ୍ତାଳମାନଙ୍କ ନାୟକ, କନ୍ଧ ମାନଙ୍କ ଦେହୁରୀ ଓ ଜାନି ,ଭୂମିଆ ମାନଙ୍କ ଦିଶାରୀ ଏବଂ ଡଙ୍ଗରିଆ କନ୍ଧଙ୍କ ବେଜୁ ମୁଖ୍ୟ ପୁରୋହିତ । ବଣ ଜଙ୍ଗଲରେ ଥିବା ବିଭିନ୍ନ ଚେର ମୂଳି ଔଷଧ ଏବେ ବି ସେମାନେ ବ୍ୟବହାର କରୁଛନ୍ତି । ଆନ୍ଧ୍ରପ୍ରଦେଶର ଆରୁକ ଭାଲି ଓ ବେଙ୍ଗାଲୁରୁ ସ୍ଥିତ ଏଫ୍. ଏଲ୍. ଆର. ଏଚ୍. ଟି ଏବେବି ଆଦିବାସୀ ଅଞ୍ଚଳରେ ମିଳିଥିବା ବିଭିନ୍ନ ପ୍ରାକୃତିକ ଔଷଧ ଉପରେ ଗବେଷଣା କରୁଛନ୍ତି । ଏହିସବୁ ସଂସ୍କୃତି ଓ ଐତିହ୍ୟକୁ ନେଇ ଜନଜାତି ସମ୍ପ୍ରଦାୟ ସର୍ବଦା ଗର୍ବ କରନ୍ତି ।

ଆଜିର ଦ୍ରୁତ ସହରୀକରଣ, ପ୍ରବାସନ ଓ ବ୍ୟବସାୟୀକରଣ ମଧ୍ୟରେ ଆଦିବାସୀ ସଂସ୍କୃତି ଅପ୍ରତ୍ୟାଶିତ ଆହ୍ୱାନଗୁଡିକର ସମ୍ମୁଖୀନ ହେଉଛି ୯ ଜନଜାତି ଐତିହ୍ୟର କେବଳ ଏକ ସାଂସ୍କୃତିକ ବିଷୟ ନୁହେଁ, ବରଂ ଏହା ଏକ ଉନ୍ନୟନର ଆବଶ୍ୟକତା । ଓଡ଼ିଶାର ଆଦିବାସୀ ସଂସ୍କୃତି ପ୍ରକୃତି ସହିତ ଗଭୀର ଭାବରେ ଜଡିତ । କୃଷି, ଜଙ୍ଗଲ ସଂରକ୍ଷଣ ଏବଂ ସାମୁହିକ ଜୀବନଯାପନ ସହିତ ଜଡିତ ପାରମ୍ପରିକ ପ୍ରଥାଗୁଡ଼ିକ ସେମାନଙ୍କ ଏକ ସ୍ଥାୟୀ ଜୀବନଶୈଳୀକୁ ପ୍ରତିଫଳିତ କରେ ଯେଉଁଥିରୁ ଆଧୁନିକ ସମାଜ ଶିଖିପାରିବ । ଆଦିବାସୀ ସଙ୍ଗୀତ, ନୃତ୍ୟ ଏବଂ ପର୍ବଗୁଡ଼ିକ କେବଳ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ନୁହେଁ ଏଗୁଡ଼ିକ ସାମୂହିକ ସ୍ମୃତି, ଆଧ୍ୟାତ୍ମିକ ବିଶ୍ୱାସ ଏବଂ ସାମାଜିକ ସମନ୍ୱୟକୁ ପ୍ରତିଫଳିତ କରେ । ସଉରା ସମ୍ପ୍ରଦାୟର ସ୍ପନ୍ଦନଶୀଳ କାନ୍ଥଚିତ୍ର, ବଣ୍ଡା ଜନଜାତିର ରଙ୍ଗୀନ ପୋଷାକ ଏବଂ ଡ଼ଙ୍ଗରିଆ କନ୍ଧଙ୍କ ପରିବେଶ-କୈନ୍ଦ୍ରିକ ରୀତିନୀତି ଅମୂଲ୍ୟ ସାଂସ୍କୃତିକ ସମ୍ପତ୍ତିକୁ ପ୍ରତିନିଧିତ୍ୱ କରେ ।

ତଥାପି, ଆମ ସଭ୍ୟତାର ଆଧୁନିକୀକରଣ ଧୀରେ ଧୀରେ ଅନେକ ପାରମ୍ପରିକ ବ୍ୟବସ୍ଥାକୁ ଦୁର୍ବଳ କରିଦେଇଛି । ଯୁବପିଢ଼ି ଶିକ୍ଷା ଏବଂ ନିଯୁକ୍ତି ଖୋଜିବା ପାଇଁ ସହରକୁ ଯାଉଛନ୍ତି ଏବଂ ପ୍ରାୟତଃ ସେମାନେ ନିଜ ମାତୃଭାଷା ଏବଂ ରୀତିରୁ ନିଜକୁ ଦୂରେଇ ରଖୁଛନ୍ତି । ଅନେକ ଆଦିବାସୀ ଭାଷା ବିପଦରେ ପଡ଼ିଛି, କାରଣ ସେଗୁଡ଼ିକୁ ସ୍କୁଲରେ ବହୁତ କମ୍ ପଢ଼ାଯାଏ କିମ୍ବା ପ୍ରଶାସନରେ କ୍ୱଚିତ ବ୍ୟବହାର କରାଯାଏ । ସାନ୍ତାଳୀ ଓ ଲାଞ୍ଜିଆ ସଉରା ଇତ୍ୟାଦି ଜନଜାତିଙ୍କ ସାହିତ୍ୟ ପ୍ରତି ଅଧିକ ଦୃଷ୍ଟି ଦେଇ ଆଦିବାସୀ ପିଲାମାନଙ୍କୁ ସେମାନଙ୍କ ମାତୃଭାଷା ସହିତ ଓଡ଼ିଆ ଭାଷାରେ ଶିକ୍ଷାଦାନ ହେବା ଆବଶ୍ୟକ । ଅନ୍ୟ ଏକ ସମସ୍ୟା ହେଉଛି ବିସ୍ଥାପନ । ଆର୍ଥିକ କଷ୍ଟ, ଖଣି ଏବଂ ଭିତ୍ତିଭୂମି ପ୍ରକଳ୍ପ ଯୋଗୁଁ ବିସ୍ଥାପନ ଏବଂ ଗଣମାଧ୍ୟମର ସମ୍ପ୍ରସାରଣ ସାଂସ୍କୃତିକ ଅବକ୍ଷୟକୁ ତ୍ୱରାନ୍ୱିତ କରିଛି । ଅନେକ କ୍ଷେତ୍ରରେ, ଜନଜାତି ପରମ୍ପରାଗୁଡ଼ିକୁ ପର୍ଯ୍ୟଟନ ପାଇଁ ପ୍ରଦର୍ଶନ କରାଯାଏ, କିନ୍ତୁ ଏହା ଏହି ସମ୍ପ୍ରଦାୟ ପାଇଁ କୌଣସି ଲାଭଦାୟକ କିମ୍ବା ମର୍ଯ୍ୟାଦାଜନକ ହୋଇ ନଥାଏ ୯

କେବଳ ପ୍ରତୀକାତ୍ମକତା ମାଧ୍ୟମରେ ଆଦିବାସୀ ସଂସ୍କୃତିର ସଂରକ୍ଷଣ ସଫଳ ହୋଇପାରିବ ନାହିଁଛ ଏଥିପାଇଁ ଅର୍ଥପୂର୍ଣ୍ଣ ନୀତିଗତ ସମର୍ଥନ ଏବଂ ସାମାଜିକ ସମ୍ମାନ ଆବଶ୍ୟକଛ ଆଦିବାସୀ ଅଞ୍ଚଳର ଶିକ୍ଷା ବ୍ୟବସ୍ଥାରେ ସ୍ଥାନୀୟ ଭାଷା, ଲୋକକଥା ଏବଂ ଆଦିବାସୀ ଇତିହାସ ଅନ୍ତର୍ଭୁକ୍ତ ହେବା ଉଚିତଛ ଡିଜିଟାଲ୍ ଅଭିଲେଖାଗାର, ସଂଗ୍ରହାଳୟ ଏବଂ ସମ୍ପ୍ରଦାୟ ନେତୃତ୍ୱାଧୀନ ପଦକ୍ଷେପ ମାଧ୍ୟମରେ ସାଂସ୍କୃତିକ ଡକ୍ୟୁମେଣ୍ଟେସନ୍ ମୌଖିକ ପରମ୍ପରା ଏବଂ କଳା ରୂପଗୁଡ଼ିକୁ ସୁରକ୍ଷା ଦେବାରେ ସାହାଯ୍ୟ କରିପାରିବ । ରାଜ୍ୟର ଆର୍ଥିକ ବିକାଶକୁ ସାଂସ୍କୃତିକ ସୁରକ୍ଷା ସହିତ ସମନ୍ୱିତ କରାଯିବା ଉଚିତ । ହସ୍ତଶିଳ୍ପ, ବନଜାତ ଦ୍ରବ୍ୟ ଏବଂ ପରିବେଶ ପର୍ଯ୍ୟଟନ ସହିତ ଜଡିତ ସ୍ଥାୟୀ ଜୀବିକା ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରାଯିବା ଉଚିତ ଯାହାଦ୍ୱାରା ଆଧୁନିକୀକରଣ ଆଦିବାସୀ ସଂସ୍କୃତିର ପରିଚୟ ମୂଲ୍ୟରେ କରାଯାଇ ନପାରେ ।

ସମାଜର ଭୂମିକା ମଧ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ । ଆଦିବାସୀ ସଂସ୍କୃତିକୁ ପଛୁଆ କିମ୍ବା ବିଦେଶୀ ଭାବରେ ଦେଖାଯିବା ଉଚିତ ନୁହେଁ । ବରଂ ଏହାକୁ ଭାରତର ବହୁଳ ଐତିହ୍ୟର ଏକ ମୂଲ୍ୟବାନ ଅଂଶ ଭାବରେ ସ୍ୱୀକୃତି ଦିଆଯିବା ଉଚିତ । ବିଶ୍ୱବିଦ୍ୟାଳୟ, ଗଣମାଧ୍ୟମ ପ୍ରତିଷ୍ଠାନ ଏବଂ ସାଂସ୍କୃତିକ ସଂଗଠନଗୁଡ଼ିକୁ କେବଳ ଆଦିବାସୀଙ୍କ ବିଷୟରେ କହିବା ଅପେକ୍ଷା ଆଦିବାସୀଙ୍କ ସ୍ୱରପାଇଁ ମଞ୍ଚ ସୃଷ୍ଟି କରିବା ଉଚିତ । ଆଦିବାସୀ ସମ୍ପ୍ରଦାୟର ଯୁବକମାନଙ୍କୁ ଗବେଷକ, ନେତା ଓ କଳାକାର ରୂପେ ଗଢି ପାରିଲେ ସେମାନେ ସେମାନକ ଐତିହ୍ୟର ପୁନଃ ସମୀକ୍ଷା କରି ସଂରକ୍ଷଣ କରି ପାରିବେ । ଓଡ଼ିଶାର ପରିଚୟ ଏହାର ମୂଳ ଆଦିବାସୀ ପରିଚୟ ଠାରୁ କେବେବି ଅଲଗା ହୋଇ ନପାରେ । ଯଦି ଏହି ସଂସ୍କୃତିଗୁଡ଼ିକ ଲୋପ ପାଏ, ତେବେ ରାଜ୍ୟ ଏହାର ଐତିହାସିକ ଏବଂ ଆଧ୍ୟାତ୍ମିକ ସମୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହରାଇବ । ତେଣୁ ସଂରକ୍ଷଣ ସମୟ ସହିତ ଆଦିବାସୀ ସମ୍ପ୍ରଦାୟଗୁଡ଼ିକୁ ନିଷ୍କ୍ରିୟ କରିବା ସମୀଚୀନ ନୁହେଁ । ନିଶ୍ଚିତ ଭାବରେ ବିକାଶ ଏବଂ ମର୍ଯ୍ୟାଦା ଏକାଠି ଗତିକରେ, ପାରମ୍ପରିକ ଜ୍ଞାନ ଏବଂ ଆଧୁନିକ ଆକାଂକ୍ଷାକୁ ସମନ୍ୱୟରେ ସହାବସ୍ଥାନ କରିବାକୁ ଅନୁମତି ଦିଏ । ଯେଉଁ ସମାଜ ନିଜର ପାରମ୍ପରିକ ଐତିହ୍ୟ ସଂରକ୍ଷଣ କରେ ସେ ନିଜର ଆତ୍ମାକୁ ସଂରକ୍ଷଣ କରିପାରେ ।

ପରିଶେଷରେ ଏତିକି କୁହାଯାଇ ପାରେ କି ରାଜ୍ୟର ଜନଜାତିଙ୍କ ଋଦ୍ଧିମନ୍ତ ସଂସ୍କୃତି, ଭାଷା ଓ ଐତିହ୍ୟର ସୁରକ୍ଷାପାଇଁ ସବୁ ସ୍ତରରେ ଉଦ୍ୟମ ହେବା ବାଞ୍ଛନୀୟ । ଓଡିଶା ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଅନୁଷ୍ଠାନ କେବଳ ଏହି କାମଟି କରି ପାରିବ ନାହିଁ । ସରକାର ପ୍ରତିବର୍ଷ ଆଦିବାସୀ ପ୍ରଦର୍ଶନୀ ଭୁବନେଶ୍ୱର ସହରରେ ଅନୁଷ୍ଠାନ କରୁଥିଲେ ମଧ୍ୟ ଏହା ବିଶେଷ ଫଳପ୍ରଦ ହୋଇପାରୁ ନାହିଁ ।

ରାଜ୍ୟରେ ଅବସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ୧୭ ଗୋଟି ମାଇକ୍ରୋ ପ୍ରୋଜେକ୍ଟ ଏ ବାବଦରେ ବହୁତ କିଛି କରିପାରିବେ । ଭାରତ ସରକାରଙ୍କ ପେସା ଆଇନ୍ ଅନୁସାରେ ଆଦିବାସୀ ଅଞ୍ଚଳରେ ପ୍ରତି ଗ୍ରାମରେ ଗ୍ରାମସଭା ଅନୁଷ୍ଠିତ ହୋଇ ଆଦିବାସୀଙ୍କ ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ କରିପାରିବେ । ବିଳମ୍ବରେ ହେଉ ପଛକେ ରାଜ୍ୟ ସରକାର ପେସା ନିୟମ ପ୍ରଣୟନ କରିବାକୁ ଯାଉଛନ୍ତି । ଏହା କରାଗଲେ, ଆଦିବାସୀ ସମ୍ପ୍ରଦାୟ ନିଜେ ପ୍ରାକୃତିକ ସମ୍ବଳଗୁଡିକର ସଂରକ୍ଷଣ ସହିତ ସେମାନଙ୍କର ସଂସ୍କୃତି ଓ ଐତିହ୍ୟ ମଧ୍ୟ ସଂରକ୍ଷଣ କରିପାରିବେ ।

**(ପରିବେଶ ଓ ଆଦିବାସୀ ସଂସ୍କୃତିର ଜଣେ ସୁଲେଖକ ଭାବେ ପରିଚିତ)**
**କଳିଙ୍ଗନଗର ୭/୪୫୨,**
**ଭୁବନେଶ୍ୱର- ୭୫୧୦୨୯**
**ମୋ-୯୪୩୭୦୭୧୧୯୦**

# ପଞ୍ଚମୁଖୀ ଗାୟତ୍ରୀଙ୍କ ସ୍ୱରୂପ



**ଦିଲୀପ ରାଜ ବେହେରା**

ଯେଉଁ ଦିବ୍ୟ ଚେତନ ଶକ୍ତି ଆମକୁ ଶାରୀରିକ ସୁରକ୍ଷା ଦେଇ ପ୍ରତିପାଳନ କରନ୍ତି, ମାନସିକ ଚେତନ ଶକ୍ତି ଦେଇ ପରିବର୍ଦ୍ଧିତ କରନ୍ତି ଏବଂ ଆତ୍ମିକ ବିକାଶ ଦେଇ ସମୃଦ୍ଧ କରନ୍ତି, ସେ ଗାୟତ୍ରୀ । ମାତା ଗାୟତ୍ରୀ ବୁଦ୍ଧିକୁ ଶୁଦ୍ଧପୂତ କରିଥାନ୍ତି ଏବଂ ଆଧ୍ୟାତ୍ମିକ ବିକାଶ ପାଇଁ ବ୍ୟକ୍ତି ଚେତନ ମଧ୍ୟରେ ପ୍ରଜ୍ଞାର ଭିତ୍ତିଭୂମି ନିର୍ମାଣ କରନ୍ତି ।

ପ୍ରଜ୍ଞା ରୂପରେ ଏବଂ ପ୍ରାଣଶକ୍ତି ପ୍ରଦାନକାରୀ ଭାବରେ, ସେ ସାବିତ୍ରୀ । ସୃଜନଶୀଳ କଳା, ସାହିତ୍ୟ, କାବ୍ୟ, ସଂଗୀତ ଆଦି ଅଭିବ୍ୟକ୍ତିରେ ସେ ସରସ୍ୱତୀ । ସୁରକ୍ଷା, ଶକ୍ତି ଏବଂ ମଙ୍ଗଳକାରୀ ଭାବରେ ସେ କାଳୀ । ସେ ତ୍ରିଗୁଣମୟୀ ।

ବ୍ରହ୍ମ ଚେତନ ମାତା ଗାୟତ୍ରୀ ପଞ୍ଚମୁଖୀ । ଏହି ପଞ୍ଚମୁଖ ଧୀ, ମେଧା, ସ୍ମୃତି, ପ୍ରଜ୍ଞା ଏବଂ ଧୃତି ଭାବେ ପରିଚିତ । ଧୀ ଶକ୍ତି ବ୍ୟକ୍ତି ମଧ୍ୟରେ ବୁଦ୍ଧି ଭାବରେ କାମ କରେ । ଜ୍ଞାନ, ବିଜ୍ଞାନ ଆତ୍ମଜ୍ଞାନ ଏବଂ ଅତିନ୍ଦ୍ରିୟ ଜ୍ଞାନ ଆହରଣ ଧୀ-ଶକ୍ତି ଦ୍ୱାରା ହୋଇଥାଏ । ଧୀ-ଶକ୍ତି ଜୀବନ ଶେଷ ପର୍ଯ୍ୟନ୍ତ ସର୍ବଦା ସକ୍ରିୟ ଥାଏ । ଆମେ ଯେଉଁ ଜ୍ଞାନ ବଳରେ ନିର୍ଣ୍ଣୟ କରୁ, ନିଷ୍ପତ୍ତି ନେଉ ତାହା ଧୀ-ଶକ୍ତି ।

ଧୀ-ଶକ୍ତି ଦ୍ୱାରା ନିଜ ଅନୁଭବକୁ ଭାଷାରେ ପ୍ରକାଶ କରିଥାଉ । ଧୀ-ଶକ୍ତି ଦ୍ୱାରା ମନର ଇଚ୍ଛା ପ୍ରକାଶ କରୁ । ଯାହା ସଙ୍କଳ୍ପ ନେଉ ତାହା ଧୀ-ଶକ୍ତି । ଧୀ-ଶକ୍ତି ଅନୁଧ୍ୟାନ କରିବା, ପରୀକ୍ଷା କରିବ, ଗବେଷଣ କରିବା, ତୁଳନା କରିବା ବୃତ୍ତି । ବିକଳ୍ପକୁ ଜାଣିବା ଏବଂ ପରିପୂରକ ବିଷୟରେ ଧାରଣା କରିବାରେ ବ୍ୟବହୃତ ଜ୍ଞାନ ଧୀ-ଶକ୍ତି ।

ମେଧା ଉନ୍ନତ ସୂକ୍ଷ୍ମ ମାନସିକ ଅବସ୍ଥା । ଏହାକୁ ବିଦ୍‌ବତ୍ତା କୁହାଯାଏ । ବୁଦ୍ଧିର ତୀକ୍ଷ୍ଣତା । ମେଧା ମାନସିକ ପ୍ରତିଷ୍ଠା, ଶ୍ରେଷ୍ଠତା, ଯୋଗ୍ୟତା, କଳା ଏବଂ କୁଶଳତା । ମେଧା ତର୍କର ବାକ୍ ଚତୁରୀ, ସଙ୍ଗୀତର ସୂକ୍ଷ୍ମ ଭାଷା । ଜ୍ଞାନର ଆଧାରରେ ମେଧା ପ୍ରତିଷ୍ଠିତ । ମେଧା କୌଣସି ଜଟିଳ ସମସ୍ୟାକୁ ସମାଧାନ କରିବା, ବିକଳ୍ପ ମଧ୍ୟରେ ନିର୍ଣ୍ଣୟ ନେବା ଶକ୍ତି ।

ମେଧା ବିଶ୍ଳେଷଣ ଏବଂ ସଂଶ୍ଳେଷଣ କରିବା ଶକ୍ତି । ମେଧା କଳ୍ପନା ଶକ୍ତି ଏବଂ ସମସ୍ତ ସୃଜନଶୀଳ ଅଭିବ୍ୟକ୍ତିର ଜନକ । ନୂଆ ଭାଷା ଶିଖିବା, ନୂଆ ପରିସ୍ଥିତିରେ ନିଜକୁ ଖାପ ଖୁଆଇବା ଆଦି କାର୍ଯ୍ୟକୁ ମେଧାଶକ୍ତି ନିରୂପଣ କରେ ।

ସ୍ମୃତି, ସ୍ମରଣ ଶକ୍ତି । ପ୍ରତ୍ୟେକ ବିଷୟକୁ ନାମ ଏବଂ ରୂପରେ ଆମେ ଆଖ୍ୟାୟିତ କରୁ । କୌଣସି ସୂଚନା ଏବଂ ତଥ୍ୟକୁ ବର୍ଗୀକରଣ କରୁ । ନିଜ ବିଶ୍ୱାସ, ଧାରଣା ଏବଂ ମାନ୍ୟତା ନେଇ ତାକୁ ସ୍ମୃତି ଭାବେ ସାଇତି ରଖୁ, ମନେ ରଖୁ । ଭଣ୍ଡାର ଘରେ ବିଭିନ୍ନ ବସ୍ତୁକୁ ସଜାଇ, ନାମକରଣ କରି ରଖିବା ସ୍ମୃତି ।

ଶିକ୍ଷା, ପ୍ରଶିକ୍ଷଣ ଏବଂ ସଂସ୍କାର ମାଧ୍ୟମରେ ଯାହା ଗ୍ରହଣ କରୁ ତାହା ସ୍ମୃତି । ଅନୁଭବକୁ ସାଇତି କରୁ ତାହା ସ୍ମୃତି । ଗୋଟିଏ ଜାଲ ଭଳି ସ୍ମୃତି ନିର୍ମିତ ହୁଏ । ଆମେ ବିଷୟ, ତଥ୍ୟ, ସୂଚନାକୁ ଯୋଡି ଥାଉ, ତାହା ସ୍ମୃତି । ସ୍ମୃତି କ୍ଷୟିଷ୍ଣୁ, ଅବ୍ୟବହୃତ ବିଚାର ଭୁଲି ଯାଉଁ । ଜନ୍ମ ଜନ୍ମାନ୍ତର ସ୍ମୃତି ମୃତ୍ୟୁ ପରେ କିଛି କର୍ମଫଳ ସହିତ ସଂଚିତ ରହେ ।

ପ୍ରଜ୍ଞା ବୁଦ୍ଧିର ଚେତନ ଅବସ୍ଥା । ଏହା ବୁଦ୍ଧି ଏବଂ ଜ୍ଞାନର ଉନ୍ନତ ଶିଖର ଅବସ୍ଥା । ପ୍ରଜ୍ଞା ବିବେକ ଉଦ୍ଦୀପ୍ତ, ଆଲୋକ ରଶ୍ମୀ, ଏହା ବୁଦ୍ଧିର ଚରମ ଉତ୍କର୍ଷ । ପ୍ରଜ୍ଞା ଚେତନାର ଶ୍ରେଷ୍ଠ ଅବସ୍ଥା । ପରାଶକ୍ତି ଏବଂ ଅତିନ୍ଦ୍ରୀୟ ଶକ୍ତିର ଅଭିବ୍ୟକ୍ତି । ପ୍ରଜ୍ଞା ଜାଗତିକ ଚେତନାର ପ୍ରବେଶ ଦ୍ୱାର । ପ୍ରଜ୍ଞା ଭାବାତୀତ ଦିବ୍ୟ ଚେତନାର ଅବସ୍ଥା ।

ଧୃତି ସଂକଳ୍ପ ଶକ୍ତି । ଧୃତି ଇଚ୍ଛା ଶକ୍ତି । ଉତ୍ସାହ, ପ୍ରେରଣା ଏବଂ ଆବେଗ ଦ୍ୱାରା କ୍ରିୟାନ୍ୱୟନ କରିବା ଶକ୍ତି । କର୍ମ ସାଧନ ପାଇଁ ମିଳୁଥିବା ଭାବୋଚ୍ଛ୍ୱାସ, ଉର୍ଜା ଏବଂ ପ୍ରାଣଶକ୍ତି । ଧୃତି ସୃଷ୍ଟିକୁ ସର୍ଜନାର କାରଣ, ବିଶ୍ୱର ପରିଚାଳକ, କଳ୍ପନାର ବାହକ । ଈଶ୍ୱରଙ୍କ ସଂକଳ୍ପ ଦ୍ୱାରା ଜଗତର ସୃଷ୍ଟି । ବିଶ୍ୱ ପାଳନରେ ଏବଂ ବିସର୍ଜନରେ ଧୃତିର ସଂକଳ୍ପ ବିଦ୍ୟମାନ ।

ଗାୟତ୍ରୀ ତ୍ରିଗୁଣମୟୀ । ତ୍ରିକାଳ ଜୟୀ । ଭୁ ଲୋକ ଦୃଷ୍ୟ ଜଗତ, ଭୁବ ଲୋକ ପିତୃ ଲୋକ ଏବଂ ସ୍ୱ ସତ୍ୟ ଦେବ ଲୋକ ।

ଏହି ତିନି ଲୋକ ଗାୟତ୍ରୀଙ୍କ ବ୍ରହ୍ମ ଶକ୍ତି ଦ୍ୱାରା ପ୍ରକାଶିତ । ଗାୟିତ୍ରୀ ମନ୍ତ୍ର ଧୀ, ମେଧା, ପ୍ରଜ୍ଞା, ସ୍ମୃତି ଏବଂ ଧୃତି ପ୍ରଦାନ କାରୀ । ଗାୟତ୍ରୀ ମନ୍ତ୍ର ଉଭୟ ପ୍ରାର୍ଥନା ଏବଂ ଧ୍ୟାନ । ଏହାର ଅର୍ଥ ଏବଂ ଭାବ ପ୍ରଧାନ ।

ଓଁ କାର ସ୍ୱରୂପ ହେ ଈଶ୍ୱର, ଭୁ ରୂପରେ ସଚରାଚର ଜଗତରେ ସ୍ଥିତ । 'ଭୁବହଃ' ରୂପରେ ସୂକ୍ଷ୍ମ ଜଗତରେ ପ୍ରାଣର ନିୟନ୍ତ୍ରକ ଏବଂ ବିଶ୍ୱର ଚୈତନ୍ୟ ସ୍ୱରୂପ । ସ୍ୱ ସ୍ୱରୂପରେ ସୃଷ୍ଟିର ନିଦାନ ଓ କାରଣ ସ୍ୱରୂପ ।

ହେ ଅନନ୍ତ ଆନନ୍ଦମୟ ଜଗତର ପରିଚାଳକ, ସେହି ଆଲୋକ ଜ୍ୟୋର୍ତିମୟ ସ୍ୱରୂପକୁ ଆହ୍ୱାନ କରୁଛି, ମୋତେ ଧୀ ସମ୍ପନ୍ନ କରାଅ । ଅସତ୍ୟ, ଅନିତ୍ୟ ମାର୍ଗରୁ ନିବୃତ୍ତ କରି ମୋତେ ନିର୍ମଳ, ସ୍ୱଚ୍ଛ ଏବଂ ତେଜୋମୟ ଜୀବନରେ ଉଦ୍ଭାସିତ କରାଅ ।

ଗାୟତ୍ରୀ ମନ୍ତ୍ରର ନିର୍ଦ୍ଦିଷ୍ଟ ସ୍ୱର ଓ ଲୟରେ ଉଚ୍ଚାରଣ ବିଧି ରହିଛି । ଏହାର ଅର୍ଥକୁ ମନନ କରିବା, ଭାବନାକୁ ନିଧିଧ୍ୟାସନ କରିବା, ତରଙ୍ଗକୁ ଅନୁଭବ ଏବଂ ଗ୍ରହଣ କରିବା, ମନ୍ତ୍ର ସହିତ ଏକାତ୍ମତା ହେବା ଏବଂ ଗାୟତ୍ରୀ ଦିବ୍ୟ ଚେତନାକୁ ହୃଦୟରେ ଧାରଣ କରିବାର ଏହି ସମନ୍ୱିତ ସାଧନା ।

**ଖଣ୍ଡଗିରି ଏନ୍‌କ୍ଲେଭ, ଭୁବନେଶ୍ୱର**
**ମୋ-୭୭୩୫୩୪୮୬୬୦**

**ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।**
**(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )**
**samayaeditorial2021@gmail.com**

# ଶ୍ରୀଜଗନ୍ନାଥଙ୍କର 'ଗୋଲକ ବିଶ୍ରାମ'

**କବୀର କୁମାର ଜେନା**

ଭାଗବତ ଗୀତାରେ ପରିକଳ୍ପନା କରାଯାଇଛି ଯେ ଦେହ ଜୀର୍ଣ୍ଣ, ବାର୍ଦ୍ଧକ୍ୟଯୁକ୍ତ ହେଲେ ଶରୀର ମୃତ୍ୟୁର ସମ୍ମୁଖୀନ ହୁଏ । ଜୀବ ଆତ୍ମା ରୂପେ ଅନ୍ୟ ଦେହି ଗ୍ରହଣ କରିଥାଏ । ଦୋଆଷାଢ଼ୀ ବେଳେ ବେଳେ ଆଠ ବର୍ଷରେ, ଏଗାର ବର୍ଷରେ କିମ୍ବା ଉଣେଇଶ ବର୍ଷରେ ପଡ଼ିଥାଏ । ମହାପ୍ରଭୁଙ୍କ ଲୀଳା ଅନନ୍ୟ, ତାଙ୍କ ମହିମା ଅନନ୍ୟ ସବୁକିଛି ସ୍ୱତନ୍ତ୍ର, ଅସୀମ, ଅନନ୍ତ । ଆମେ ଆଲୋଚନା କରୁଥିବା ପ୍ରସଙ୍ଗଟି ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି । ମହାପ୍ରଭୁଙ୍କ ୧୮୯୩ରେ ନବକଳେବର ସମୟର ଏ ଘଟଣାଟି । ସଂଯୋଗକୁ ସେହି ବର୍ଷ ଯୋଡ଼ା ଆଷାଢ଼ ପଡ଼ିଥିବାରୁ ସାମନ୍ତ ଚନ୍ଦ୍ରଶେଖରଙ୍କ ବିଚାର ଓ ଜ୍ୟୋତିଷ ପଦ୍ଧତି ଅନୁସାରେ ଶ୍ରୀଜିଉଙ୍କର ନବକଳେବର ପାଇଁ ତାରିଖ ଦିନ, ସବୁକିଛି ବ୍ୟବସ୍ଥିତ ଭାବେ ସ୍ଥିର ହୋଇଥିଲା । ସେ ସମୟରେ 'ଚଡ଼ଙ୍ଗ ତୋଟା'ରୁ ଦାରୁ ସଂଗ୍ରହ ହୋଇଥିଲା । ଦାରୁ ଅନ୍ୱେଷଣ ଠାରୁ ଶ୍ରୀଜିଉଙ୍କ ନୂତନ ଶ୍ରୀବିଗ୍ରହ ନୀତିକାନ୍ତି ଭିତରେ ନିର୍ମାଣ କାର୍ଯ୍ୟ ସମାପିତ ହୋଇଥିଲା । ତେବେ ଠିକ ବ୍ରହ୍ମ ସଂସ୍ଥାପନ ବେଳେ ଏକ ବହୁତ ବଡ଼ ଅଘଟଣ ଘଟିଥିଲା । ଆମେ ଜାଣିଛୁ ଲୀଳାମୟଙ୍କ ନବକଳେବର ସମୟରେ ଘଟ ପରିବର୍ତ୍ତନ ଏକ ସ୍ୱତନ୍ତ୍ର ଓ ଅନନ୍ୟ ଲୀଳା କାର୍ଯ୍ୟକ୍ରମ । ଏହି ବ୍ରହ୍ମ ପଦାର୍ଥଟି ପ୍ରକୃତରେ କ'ଣ ଯାହା ଆଜି ଯାଏଁ ଅଜ୍ଞାତ ଅଜ୍ଞ ଅପରିଚିତ ହୋଇ ରହିଯାଇଛି । ତେବେ ଏହାକୁ ନେଇ ଯେଉଁ ନାନା କିମ୍ବଦନ୍ତୀ ରହିଛି ଯଥା ଅତି ମୂଲ୍ୟବାନ ମଣି, ଶ୍ରୀକୃଷ୍ଣଙ୍କ ନାଭି କମଳ, ବୁଦ୍ଧଙ୍କ ଦନ୍ତ, ଜୀବନ୍ତ ଶାଳଗ୍ରାମ, ତନ୍ତ୍ରମାର୍ଗର ଅଷ୍ଟଧାତୁ ଆଦି ଅନେକ ବର୍ଣ୍ଣନା ଭିତରେ ଏ ସବୁ ରହିଛି । ଶ୍ରୀଜିଉଙ୍କ ନବକଳେବର ଅତ୍ୟନ୍ତ ଜଟିଳ ଓ ଗୋପନୀୟ । ନାନା ଶାସ୍ତ୍ରବିଧି ପାଳନ ସହ ହୋମ, ମନ୍ତ୍ରପାଠ ଓ ପୂଜା ପଦ୍ଧତିର ଅନୁସରଣରେ ଏହାକୁ ଶାସ୍ତ୍ରଜ୍ଞ ବ୍ରାହ୍ମଣମାନେ କୋଇଲି ବୈକୁଣ୍ଠରେ ସମାହିତ କରନ୍ତି । ନୂତନ ବିଗ୍ରହ ମଧ୍ୟରେ ବ୍ରହ୍ମଙ୍କୁ ସ୍ଥାନାନ୍ତର ସମୟରେ ଦଇତା ପତି ବଂଶର ଜଣେ ବୃଦ୍ଧ ବା ପରିଣତ ବୟସର ସେବାୟତ ଆଖିରେ ଅନ୍ଧପୁଟୁଳି ବାନ୍ଧି ଏହି କାର୍ଯ୍ୟ ସମ୍ପାଦନ କରନ୍ତି । ସତ୍ତ୍ୱଲିପିର ତଥ୍ୟ ଅନୁଯାୟୀ ରତି ମହାପାତ୍ରେ ନବ ନିର୍ମିତ ବିଗ୍ରହର ଦାୟିତ୍ୱ ଗ୍ରହଣ କରନ୍ତି ଯାହାକି କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିନ ନିଶାର୍ଦ୍ଧରେ ହୋଇଥାଏ । ସେ ସମୟରେ ଘଟ ପରିବର୍ତ୍ତନ ଦାୟିତ୍ୱରେ ଥିଲା ଜନାର୍ଦ୍ଦନ ପତି । ସେ ଅତ୍ୟନ୍ତ ଗୋପନରେ ଏବଂ ଯାହା ଯେମିତି ନୀତିକାନ୍ତି ସବୁ ରହିଛି ତାହାରି ବ୍ୟବସ୍ଥା ଅନୁଯାୟୀ ବ୍ରହ୍ମ ପରିବର୍ତ୍ତନ କରିବା ଅବସରରେ ଶ୍ରୀମନ୍ଦିରରେ ଥିବା 'ଦୋକଡ଼ି ଦୁଆର' ନିକଟରେ ହଠାତ୍ ପଡ଼ିଯାଇ ତାଙ୍କ ପରମାୟୁ ଉଡିଯାଇଥିଲା । ତେଣୁ ନବକଳେବରର ଘଟ ପରିବର୍ତ୍ତନ କାର୍ଯ୍ୟକ୍ରମକୁ ଆଗେଇ ନେବା ନିମିତ୍ତ 'ନାୟକ'ସେବାୟତଙ୍କ ଦ୍ୱାରା ବ୍ରହ୍ମ ପରିବର୍ତ୍ତନ ହୋଇଥିଲା । ମହାପ୍ରଭୁଙ୍କ ମହାସ୍ନାନ ନୀତି ସମ୍ପନ୍ନ ସମ୍ପର୍କରେ ଗବେଷକ ପୂର୍ଣ୍ଣଚନ୍ଦ୍ର ଦାସ ତଥ୍ୟ ଉଲ୍ଲେଖ କରିଛନ୍ତି ।

ବ୍ରହ୍ମ ପରିବର୍ତ୍ତନ ସମୟରେ ଅନ୍ୟ ଏକ ଗୁପ୍ତ ନୀତି ମଧ୍ୟ ରହିଛି । ପୁରାତନ ବିଗ୍ରହ ସବୁକୁ କୋଇଲି ବୈକୁଣ୍ଠର ଶିଆଳି ଲତା ତଳେ ନାଲି ରଙ୍ଗର ଲୁଗା ଢ଼ାଙ୍କି ଏକ ପ୍ରକାର ସମାଧି ପ୍ରଦାନ କରାଯାଇଥାଏ । ଏହାକୁ ମହାପ୍ରଭୁଙ୍କ ଗୋଲକ ବିଶ୍ରାମ କୁହାଯାଏ । ଦଇତାପତିମାନେ ଶ୍ରୀଜଗନ୍ନାଥଙ୍କୁ ନିଜ ବଂଶର ଲୋକଭାବେ ଭାବି ପାରମ୍ପରିକ ଭାବେ ଦଶାହ ଓ ଶୁଦ୍ଧି କ୍ରିୟା ପାଳନ କରନ୍ତି । ଶ୍ରୀମନ୍ଦିର ଉତ୍ତରପାର୍ଶ୍ୱ କୋଇଲି ବୈକୁଣ୍ଠରେ ହିଁ ଶ୍ରୀବିଗ୍ରହଙ୍କ ସମାଧି ସମ୍ପାଦନ ହୋଇଥାଏ । କହିବାକୁ ଗଲେ ଯେଉଁଠାରେ ବିଗ୍ରହଙ୍କର ଦିବ୍ୟ ଓ ଭବ୍ୟ ନିର୍ମାଣ ହୋଇଥାଏ ସେହିଠାରେ ହିଁ ତାଙ୍କର ଶେଷ ସମାଧି ସମ୍ପନ୍ନ ହୋଇଥାଏ । ଆବହମାନ ସମୟରୁ ପୁଣ୍ୟଭୂମି ଓଡ଼ିଶାର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥ ଯେଉଁପରି ସମୟର ବିବର୍ତ୍ତନରେ ଆମ ଭକ୍ତଜନଙ୍କ ନିମିତ୍ତ ଦିବ୍ୟଲୀଳା ପ୍ରଦର୍ଶନ କରି ବିବର୍ତ୍ତନରେ ନୂଆ ନୂଆ କଳେବର ଗ୍ରହଣ କରିଥାନ୍ତି ତାହା ଯେତିକି ଆଶ୍ଚର୍ଯ୍ୟକର ସେତିକି ଆନନ୍ଦଦାୟକ । ସୃଷ୍ଟିର ଆଦିମ ଅଧିବାସୀମାନଙ୍କ ଚେତନାରୁ ଜନ୍ମ ନେଇଥିବା ଆଦିମ ବୃକ୍ଷ ବା ଦାରୁଦେବତା ଅନେକ ଉତ୍ଥାନ ପତନ ମଧ୍ୟରେ ଗତି କରିଛି । ଏହା ସମୟାନୁକ୍ରମେ ସ୍ଥାନ ପରିବର୍ତ୍ତନ କଲେ ମଧ୍ୟ ନିର୍ଦ୍ଦିଷ୍ଟ ନୀତିନିୟମ ଅନୁସାରେ ନବକଳେବର ରୂପ ଗ୍ରହଣ କରିଛି । ବର୍ତ୍ତମାନର ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ସେହି ଦାରୁବ୍ରହ୍ମ ଚକାଆଖି ଶ୍ରୀଜଗନ୍ନାଥ ରୂପେ ପୂଜା ପାଉଛନ୍ତି ।

**ଅଣିକଣା, ବରୀ, ଯାଜପୁର,**
**ମୋ- ୮୯୧୭୩୭୭୯୮୭**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**



ବାରିପଦାରେ ଅନୁଷ୍ଠିତ ନାଟମହୋତ୍ସବର ସମ୍ବର୍ଦ୍ଧିତ କଳାକାର

# ଯାତ୍ରା ମହୋତ୍ସବ ଉଦଯାପିତ

କୋଣାର୍କ , (ସବ୍ୟୁ): କୋଣାର୍କ ନିକଟସ୍ଥ ତାଳସୁଆଁ ଗ୍ରାମ ବାସୀଙ୍କ ମିଳିତ ସହଯୋଗରେ ଅପେରା ଗ୍ରେଟ ଜଗନ୍ନାଥ ପକ୍ଷରୁ ୩ ରାତି ଧରି ଅନୁଷ୍ଠିତ ହେଉଥିବା ଯାତ୍ରା ଉତ୍ସବ ଉଦଯାପିତ ହୋଇଛି । ତାଳସୁଆଁ ମା ରୁଦ୍ରାୟଣୀ ଯାତ୍ରା କମିଟି ସଭାପତି ରଞ୍ଜିତ ବାରିକ ଓ ଟୁଟୁ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଣାର୍କ ଯୁବ ସମାଜସେବୀ ତଥା ବିଜେପି ଯୁବନେତା ମନୋଜ ନାୟକ , ଯୁବନେତା ତୁଷାର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଗ୍ରାମର ବରିଷ୍ଠ ନାଗରିକ ଶିବ ବାହିନୀପତି ଯୋଗଦେଇଥିଲେ । ଅତିଥିମାନଙ୍କୁ ରଞ୍ଜିତ ବାରିକ , ପ୍ରଶାନ୍ତ କାଣ୍ଡି ପୁଷ୍ପ ଗୁଚ୍ଛ ଓ ଓଡରି ଦେଇ ସମ୍ମାନିତ କରିଥଲେ । ଅପେରା ଗ୍ରେଟ ଜଗନ୍ନାଥ ପକ୍ଷରୁ ଅନୁଷ୍ଠିତ ତିନୋଟି ନାଟକ ପ୍ରଥମ ରଜନୀ "ନ କହିଲେ ଦୋଷ କହିଲେ ପାପ' ସମସ୍ତ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକମାନଙ୍କ ହୃଦୟ ସ୍ପର୍ଶ କରିଥିଲା ।

# ଜେନାପୁରରେ ମାତୃକବିତା ଆସର

ଡେଲାଙ୍ଗ , (ସବ୍ୟୁ): ସ୍ଥାନୀୟ ଜେନାପୁର ଗ୍ରାମ ପଞ୍ଚାୟତ ଅଧୀନ ଜେନାପୁରଠାରେ ଏକ ଆଧ୍ୟାତ୍ମିକ ଭଜନ ସନ୍ଧ୍ୟା, ସତସଙ୍ଗ, ହରି କଥାମୃତ ଆଲୋଚନା ଓ ମାତୃକବିତା ଆସର ଅନୁଷ୍ଠିତ ହୋଇଯାଇଛି । ସଂସ୍କୃତି ପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁଙ୍କ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୀ ଗଜପତିଙ୍କ ସିକୃତି ପ୍ରାପ୍ତ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଶରତ ରାଉତ,ପ୍ରବଚକ ସୁଧୀର ଜେନା, ହରିହରଜେନା,ବିଜୟସ୍ୱାଇଁ,ଉପସ୍ଥାପକ ଆଶୀଷ କୁମାର ସାଇଁ, ଗାୟକ ସଦାଶିବ ପ୍ରଧାନ,ଗାନ୍ଧୀ ତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ ପ୍ରମୁଖ ହରି କଥାମୃତ ଶ୍ରବଣ ଓ ମନନ ହିଁ ପ୍ରକୃତ ଶାନ୍ତିର ଆଧାର ବୋଲି କହିଥିଲେ । ମାତୃକୁଳ ଯୁଗେ ଯୁଗେ ବନ୍ଦନୀୟା ଓ 'ମା' ସମକକ୍ଷ ସଂସାରରେ କେହି ନାହାନ୍ତି ବୋଲି ଶିକ୍ଷାବି ଦିଗମ୍ବର ରଥ,ସଙ୍ଗୀତଜ୍ଞ ଶିକ୍ଷକ ଲକ୍ଷ୍ମୀ ପ୍ରସାଦ ପାଣି, କବି ପ୍ରଭାତ କୁମାର ସେଠୀ, ନାରାୟଣ ମନୋହରୀ,ହରିହର ବଳବନ୍ତରାୟ,ପ୍ରଭୁ ଚରଣ ପତି, ନିରଞ୍ଜନ ସାମନ୍ତରାୟ,କବୟିତ୍ରୀ ଜ୍ୟୋତ୍ସ୍ନାମୟୀ ସ୍ୱାଇଁ,କ= ଶିଳ୍ପୀ କୃଷ୍ଣ ଚନ୍ଦ୍ର ସାହୁ, ଶିକ୍ଷକ ଦିଲ୍ଲୀପ ନାୟକ କବିତା ମାଧ୍ୟମରେ ବାର୍ତ୍ତା ଦେଇଥିଲେ । ସ୍ୱର୍ଗତା କେଲୁଣୀ ଦେଇଙ୍କ ଏକାଦଶାହରେ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶିକ୍ଷକ ଫକିର ଦାସ, ଭଗବାନ ସାହୁ,ଶିକ୍ଷୟିତ୍ରୀ କାବେରୀ ପ୍ରଧାନ, ଛାତ୍ରୀ ଶୁଭଶ୍ରୀ ବାରିକ,ଶ୍ରାବଣୀ ଜେନା, ଛାତ୍ର ନିଲୁ ଜେନା, ତ୍ରିନାଥ ବାରିକ, ବୁଦ୍ଧିଜୀବୀ ରାଜନ ଛାଟୋଇ ସହଯୋଗ କରିଥିଲେ । ଗୋବିନ୍ଦ ଚନ୍ଦ୍ର ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଓୟୁଜେ ଝାରସୁଗୁଡ଼ା ଜିଲ୍ଲା ଶାଖାର ବୈଠକ

# ଅଗଷ୍ଟ ମାସରେ ରାଜ୍ୟ କାର୍ଯ୍ୟକାରିଣୀ ପାଇଁ ନିଷ୍ପତ୍ତି

ଝାରସୁଗୁଡ଼ା,(ସବ୍ୟୁ): ରବିବାର ସ୍ଥାନୀୟ ଏମସିଏଲ ଭିଆଇପି ଗେଷ୍ଟ ହାଉସ ସଭାଗୃହରେ ଓଡ଼ିଶା ସାମ୍ବାଦିକୟୁନିୟନ ଝାରସୁଗୁଡ଼ା ଜିଲ୍ଲା ଶାଖା ର ସଭାପତି ଉପନ ସାହୁଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଆସନ୍ତା ଅଗଷ୍ଟ ମାସ ୧୫ ତାରିଖ ରୁ ୩୦ ତାରିଖ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଝାରସୁଗୁଡ଼ା ସ୍ଥିତ ନବଦାଶ ଅଡ଼ିଟୋରିୟମ ଠାରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଥିଲା । ଏ ସଂପର୍କରେ ରାଜ୍ୟ ସାମ୍ବାଦିକୟୁନିୟନକୁ ଅବଗତ କରାଯିବ ଓ ଦୁଇଦିନିଆ କାର୍ଯ୍ୟକ୍ରମ କରିବାକୁ ସମସ୍ତ ସଦସ୍ୟ ମତ ପ୍ରକାଶ କରିଥିଲେ । ଝାରସୁଗୁଡ଼ା ଜିଲ୍ଲା ଶାଖାକୁ ସକ୍ରିୟ ଓ ମଜଭୁତ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା । ବୈଠକରେ ସଦସ୍ୟ ପ୍ୟାରିଲାଲ ଶ୍ରୀବାସ୍ତବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶାଖା ର ସାଧାରଣ ସମ୍ପାଦକ ଭରତ ପାତ୍ର ସଂଗଠନ ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ସଦସ୍ୟ ଅଜୟ ଶର୍ମା ଧନ୍ୟବାଦ ଦେଇଥିଲେଛ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ବରାଡ, ଜିଲ୍ଲା ଶାଖାର ବରିଷ୍ଠ ସଦସ୍ୟ ଜୀବନ ମହାନ୍ତି, ଶେଖର ବିଶି, ତ୍ରିଲୋଚନ ଦାଶ, ବନବାସୀ ଗୌଡ, ଭୁବନ କିଶୋର ତିଓ୍ୱାରୀ,ଡଃ ବିଜୟ ପଟ୍ଟନାୟକ, ଭୋପାଳ ବେହେରା, ଲକ୍ଷ୍ମୀ କାନ୍ତ ସାହୁ,ଡିଲେଶ୍ୱର ବାଗ,ମହେନ୍ଦ୍ର ସାଏ, ବିଜୟ ସାହୁ, ସଞ୍ଜୟ ବାହୁ ବଳେନ୍ଦ୍ର, ଆକୁଳି ବେହେରା, ଆଶ୍ରିତ କୁମାର ସାହୁ, କଳ୍ପନା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ରୀୟ ମୁଣ୍ଡାରୀ ମାଧ୍ୟମିକ ଶିକ୍ଷା ବୋର୍ଡ ତରଫରୁ ମ୍ୟାଟ୍ରିକ ପରୀକ୍ଷା

ବାରିପଦା, (ସବ୍ୟୁ) : କେନ୍ଦ୍ରୀୟ ମୁଣ୍ଡାରୀ ମାଧ୍ୟମିକ ଶିକ୍ଷାବୋର୍ଡ ଆନୁକୂଲ୍ୟରେ ଓଡିଶା, ପଶ୍ଚିମବଂଗ ଓ ଝାରଖଣ୍ଡ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରଗୁଡିକରେ ମୁଣ୍ଡାରୀ ବାନୀ ଲିପିରେ ପ୍ରଥମ ଶ୍ରେଣୀରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ୧୧୬୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ମୁଣ୍ଡାରୀ ବାନୀ ସ୍କୁଲର ପ୍ରଧାନ ଶିକ୍ଷକମାନେ ପରୀକ୍ଷା କେନ୍ଦ୍ରର ପରିଚାଳନା ଦାୟିତ୍ୱରେ ଥିଲେ । ଝାରଖଣ୍ଡ ରାଜ୍ୟର ପରୀକ୍ଷା କେନ୍ଦ୍ର ଗୁଡିକରେ ସ୍କାର୍ଡ ଡ୍ୟୁଟିରେ ଭାରତ ମୁଣ୍ଡା ସମାଜ ଓଡିଶା ରାଜ୍ୟ ସଭାପତି ରବିନ୍ଦ୍ର ନାଥ ସି, ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂ, ଯୁବକମିଟିର ଅଧ୍ୟକ୍ଷ ସବରନ ସିଂ, ବୋଧ ମୁଣ୍ଡା, ଉମେଶ ଚନ୍ଦ୍ର ମୁଣ୍ଡା ଓ ବଙ୍କିମ ଚନ୍ଦ୍ର ମୁଣ୍ଡା, ଓଡିଶା ରାଜ୍ୟର ପରୀକ୍ଷା କେନ୍ଦ୍ର ଗୁଡିକରେ ଭାରତ ମୁଣ୍ଡା ସମାଜର କେନ୍ଦ୍ରୀୟ ସମ୍ପାଦକ ନାଥ ସିଂ, କୋଷାଧ୍ୟକ୍ଷ ବାଇଧର ସିଂ, ଶିକ୍ଷା ସମ୍ପାଦକ ବିଜୟ କୁମାର ସିଂ, ଜୟରାମ ସିଂ, ବସନ୍ତ କୁମାର ସିଂ, ରଘୁନାଥ ସିଂ, ଅନ୍ନପୂର୍ଣ୍ଣା ସିଂ, ବାଜି ସିଂ, ଚନ୍ଦ୍ରମୋହନ ମୁଣ୍ଡାରୀ, ରୋହିଦାସ ସିଂ, ପଶ୍ଚିମବଂଗ ରାଜ୍ୟର କେନ୍ଦ୍ରଗୁଡିକରେ ସପନ କୁମାର ସିଂ, ସର୍ଦ୍ଦାର ସିଂ ପ୍ରଭୃତି ପରୀକ୍ଷା କେନ୍ଦ୍ର ଗୁଡିକୁ ପରିଦର୍ଶନ କରିଥିଲେ । ପ୍ରଚଣ୍ଡ ରୌଦ୍ରତାପରେ ମଧ୍ୟ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହିତ ପରୀକ୍ଷା ଅନୁଷ୍ଠିତ ହୋଇପାରିଥିବାରୁ ବୋର୍ଡ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯଇଛି ।

# ମଦ ଦୋକାନ ବନ୍ଦ ଦାବିରେ ଠେଙ୍ଗା ବାଡ଼ି ଧରି ଦୋକାନ ଘେରିଲେ ମହିଳା

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଠାରେ ଥିବା ବିଦେଶୀ ଓ ଦେଶୀ ମଦ ଦୋକାନରେ ଘେରିଲେ ମହିଳା । ମଦ ବିକ୍ରି ବନ୍ଦ କରିବାକୁ ଅଡ଼ି ବସିଥିଲେ । ୪ ଦିନ ଭିତରେ ଖାଲି କର ନ ହେଲେ ଭାଙ୍ଗିବାକୁ ଚେତାଇ ଦେଇ ଚାଲିଯାଇଥିଲେ । ମୈଦଲପୁର ପଞ୍ଚାୟତଗୋପିଗୁଡ଼ା, ନିଳାଦ୍ରୀଗୁଡ଼ା, କେନ୍ଦୁଗୁଡା, ଛଟାଗୁଡ଼ା, ଗଣ୍ଡଭଟା, ସେମଲା ପଂଚାୟତର ସେମଳା ଓ ପକାନାଗୁଡ଼ା ଗ୍ରାମର ୪୦୦ରୁ ଉର୍ଦ୍ଧ୍ୱ ମହିଳା ଠେଙ୍ଗା ବାଡ଼ି ଧରି ଦୋକାନ ଉପରେ ଘେରାଉ କରି ମଦ ବିକ୍ରି ବନ୍ଦ କରିବାକୁ ଦାବି କରିଛନ୍ତି । ମଦ ପିଇ ଘରେ ଝଗଡ଼ା, ଅଶାନ୍ତି ତଥା ଦୁର୍ଘଟଣାରେ ଜୀବନ ଯାଉଥିବା ଅଭିଯୋଗ କରି ଏଭଳି ନିଷ୍ପତି ନିଆ ଯାଇଥିବା କହିଛନ୍ତି ମହିଳାମାନେ । ଗାଁ ମାନଙ୍କରେ ଦେଶୀ ମଦ ବନ୍ଦ କରିବା ସହ ଏବେ ଠିପି ମଦ ଉପରେ ମହିଳାଙ୍କ ନଜର ରହିଛି । ଆସନ୍ତା ବୁଧବାର ଦିନ ଭିତରେ ଯଦି ଖାଲି କରା ନ ଯାଏ ତେବେ ମଦ ବୋତଲ ଭାଙ୍ଗିବାକୁ ଚେତାବନୀ ଦେଇଛନ୍ତି । ମୈଦଲପୁର ପୁଲିସ ପହଂଚି ମହିଳାମାନଙ୍କୁ ବୁଝାସୁଝା କରିଛି । ଅନ୍ୟପଟେ ସରକାର ବିଦେଶୀ ଠିପି ମଦ ପାଇଁ ଲଟେରି କରି ବିକ୍ରି କରିବାକୁ ଅନୁମତି ଦିଆଯାଉ ଥିବା ସମୟରେ ନାରୀ ସଂଘ ଏହାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି । ସୂଚନା ଥାଉକି ମଙ୍ଗଳବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସେମଳା ପଞ୍ଚାୟତ ଉସିଗାଁର ଶତାଧିକ ମହିଳା ମଦ ବନ୍ଦ ପାଇଁ ଅଭିଯୋଗ କରିଛନ୍ତି ।


## AFFIDAVIT

By virtue of an affidavit sworn before Executive Magistrate, Nayagarh, Odisha. on dated 04.06.2026. I, Minati Mahapatra, W/o- Rabindra Kumar Mahapatra, Resident of Village- Boragaon, Po- Purusottamprasad, Ps- Fategarh Dist- Nayagarh, Pin- 752077. declare that I have changed my name from Manati Mahapatra to Minati Mahapatra. Henceforth, I shall be known as **Minati Mahapatra** for all purposes.

**Sd/- Minati Mahapatra**

## AFFIDAVIT

By virtue of an affidavit sworn before Executive Magistrate, Nuagaon, Odisha on dated 01.06.2026. I, Banamali Pradhan, S/o- Bhimasen Pradhan, Resident of Village- Nuagaon, Po- Nuagaon, Ps- Nuagaon, Dist- Nayagarh, Pin-752083 declare that I have changed my minor daughter's name from Biswashree Priyadarshini Pradhan to Biswashree Pradhan. Henceforth, She shall be knownas **Biswashree Pradhan** for all purposes.

**Sd/- Banamali Pradhan**

## AFFIDAVIT

By virtue of an affidavit dtd. 09.10.2025 sworn before the Executive Magistrate, Naugaon, I Bhagyadhara Behera, son of Late Baguli Behera, Village-Tihuda, Post-Naugaonhat, PS- Naugaon, Dist-Jagatsinghpur, Odisha, PIN-754113 declare that : my name is wrongly mentioned as Bhagirathi Behera instead of Bhagyadhara Behera in my Aadhaar card No. 471625615225. I shall be known as Bhagyadhara Behera for all official purposes henceforth.

**Sd/- (Bhagyadhara Behera)**


# କନଷ୍ଟେବଳ ଆତ୍ମାହୁତି ଘଟଣା: ମହିଳା କନଷ୍ଟେବଳଙ୍କୁ ଜେରା

ବ୍ରହ୍ମପୁର (ସବ୍ୟୁ):ବିଜିପୁର ପୋଲିସ କଲୋନୀରେ କନେଷ୍ଟେବଳ ଆଶୁତୋଷ ମୃଦଙ୍ଗେଆ (୩୧)ଗତ ୫ ତାରିଖ ରାତି ସାଢ଼େ ୯ ଟା'ବେଳେ ତାଙ୍କ ସ୍ତ୍ରୀ' କ୍ୱାଟର ସମ୍ମୁଖରେ ଜଳି ଗୁରୁତର ହୋଇ ଯାଇଥିଲେ । ଭାଇଙ୍କ ଉପରେ ତାଙ୍କ ସ୍ତ୍ରୀ ସନ୍ଧ୍ୟା ନାୟକ ଓ ଶଳା ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିଥିଲେ ବୋଲି ତାଙ୍କ ଭଉଣୀ ନିବେଦିତା ଟାଉନ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏନେଇ ସନ୍ଧ୍ୟା ଓ ତାଙ୍କ ଭାଇଙ୍କ ବିରୋଧରେ ୨୪୭/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ସେହିପରି ମାଜିଷ୍ଟ୍ରେଟ ଓ ଡାକ୍ତର ଙ୍କ ଉପସ୍ଥିତିରେ ଆଶୁତୋଷଙ୍କ ଷ୍ଟେଟମେଣ୍ଟ ପୋଲିସ ରେକର୍ଡ କରିଛି । ଘଟଣାର ସମସ୍ତ ପରିପାର୍ଶିକ ଦିଗକୁ ନେଇ ତଦନ୍ତ ସାଇଣ୍ଟିଫିକ ପଦ୍ଧତିରେ ଜାରି ରହିଛି । ଏନେଇ ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ. ରବିବାର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି । ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣା ପରେ ପହଞ୍ଚି ସେଠାରୁ ଦରପୋ। ହୋଉ ପଡିଥିବା ବୋତଲ, ଦିଆସିଲ ବକ୍ସ ,ଅଶୁତୋଷଙ୍କ ମୋବାଇଲ ଓ ବାଇକ ଜବତ କରି ସେ ଦିଗରେ ତଦନ୍ତ କରୁଛି । ସେହିପରି ଗୁରୁତରଙ୍କ ସ୍ତ୍ରୀ ସନ୍ଧ୍ୟା ନାୟକ ଓ ତାଙ୍କ ଶଳା ଟାଉନ ଥାନାରେ ହାଜର ହୋଇ ନିଜର ବୟାନ ଦେଇଛନ୍ତି । ତାହା ରେକର୍ଡ କରାଯାଇଛି । ସେମାନେ ଥାନାରେ ଦେଇଥିବା ବୟାନ ର ସତ୍ୟତା କୁ ତଦନ୍ତ କରାଯାଉଛି । ଆବଶ୍ୟକ ପଡ଼ିଲେ କ୍ରାଇମବ୍ରାଞ୍ଚର ସହାୟତା ନିଆଯିବ ବୋଲି ସେ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୪ ଦିନରେ...

ଦିନ ମଧ୍ୟରେ ସେଥିରେ ସୁଧାର ଦେଖାଯାଇଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବଙ୍ଗୋପସାଗରରେ ଆଗକୁ ବଢ଼ିଛି ଏବଂ ସାମୁଦ୍ରିକ ଆର୍ଦ୍ରତା ଧୀରେ ଧୀରେ ଓଡ଼ିଶା ଉପରକୁ ବିସ୍ତାର କରୁଛି । ଉପକୂଳ ଏବଂ ଦକ୍ଷିଣ ଜିଲ୍ଲା ଗୁଡ଼ିକରେ ପାଗ ଶୁଖିଲା ଗରମରୁ ମେଘୁଆ ଓ ଗୁଳୁଗୁଳି ପୂର୍ଣ୍ଣ ଅବସ୍ଥାକୁ ବଦଳି ଯାଇଛି । ବାରମ୍ବାର ଘଡ ଘଡି ସହ ବର୍ଷା ହେଉଛି । ଅନ୍ୟପଟେ ପଶ୍ଚିମ ଓଡ଼ିଶାରେ ତାପମାତ୍ରାରୁ ବିଶେଷ ଭାବେ ଆଶ୍ୱସ୍ତି ମିଳିନାହିଁ । ଲୋକେ ଏବେ ମଧ୍ୟ ବର୍ଷାକୁ ଅପେକ୍ଷା କରିଛନ୍ତି । ଯଦିଓ ବଙ୍ଗୋପସାଗରରେ ଏପର୍ଯ୍ୟନ୍ କୌଣସି ସୁସଂଗଠିତ ଲଘୁଚାପକ୍ଷେତ୍ର କିମ୍ବା ଅବପାତ ସୃଷ୍ଟି ହୋଇନାହିଁ, ତଥାପି ମୌସୁମୀ ଦୁର୍ବଳ ହେବାର କୌଣସି ସଂକେତ ନାହିଁ । ଗୋଟିଏ ସପ୍ତାହର ପୂର୍ବର ସ୍ଥିତି ତୁଳନାରେ ବର୍ତ୍ତମାନର ବାୟୁମଣ୍ଡଳୀୟ ପରିବେଶ ମୌସୁମୀର ଅଗ୍ରଗତି ପାଇଁ ଅଧିକ ଅନୁକୂଳ ହେବାରେ ଲାଗିଛି ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

### ବନ୍ଧା ହେଲେ...

ସେଠାରେ ୨ ବର୍ଷ ରହିଲା ପରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)କୁ ଯାଇଥିଲେ । ମୟୂରଭଂଜ ଜିଲ୍ଲା ଉଦଳାରେ ହୋଇଥିଲା ପୋଷ୍ଟିଂ । ଏହା ଥିଲା ୨୦୦୧ର ଘଟଣା । ୨୦୦୭ରେ ପୁଣି ନବରଂଗପୁରକୁ ଯିବାକୁ ମିଳିଲା ସୁଯୋଗ । କୋଷାଗୁମୁଡ଼ା, ଡାବୁଗାଁ ଏବଂ ଆଇଟିଏଏର ଦାୟିତ୍ୱ ଗ୍ରହଣ କଲେ ବୈକୁଣ୍ଠ । ୨୦୧୬ରେ ସହକାରୀ ଯନ୍ତ୍ରୀ ଭାବେ ନବରଂଗପୁର ଆଇଟିଡିଏରେ ଯୋଗଦେଇଥିଲେ, ଯେଉଁଠି ସେ ୨୦୨୨ ପର୍ଯ୍ୟନ୍ତ କାମ କରିଥିଲେ । ଗତ ତିନି ମାସ ପୂର୍ବରୁ ବୈକୁଣ୍ଠଙ୍କର ପଦୋନ୍ନତି ହୋଇଥିଲା ଏବଂ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଆଇଟିଡିଏରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି । ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଆଜି ଓଡ଼ିଶା ଭିଜିଲାନ୍ସ ଆଜି କନ୍ଧମାଳଜିଲ୍ଲା ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରାଙ୍କ ମୋଟ ୯ଟି ଠିକଣାରେ ଚଢ଼ାଉ କରିଛନ୍ତି ଭୁବନେଶ୍ୱରରେ ଚନ୍ଦ୍ରଶେଖରପୁରରେ ଗୋଟିଏ ଫ୍ଲାଟ୍, ନୀଳାଦ୍ରିବିହାରରେ ଗୋଟିଏ ଫ୍ଲାଟ୍, ଶୈଳଶ୍ରୀବିହାରରେ ଗୋଟିଏ ଫ୍ଲାଟ୍, ବମିଖାଲ-ଗୋବିନ୍ଦପ୍ରସାଦ (ସନ୍ତୋଷୀ ବିହାର)ରେ ଗୋଟିଏ ଫ୍ଲାଟ୍, ଭୁବନେଶ୍ୱର ଘାଟିକିଆରେ ୨ଟି ଫ୍ଲାଟ୍, ଖୋର୍ଦ୍ଧା-ଜଟଣୀ ନୀଳକଣ୍ଠପୁରରେ ଗୋଟିଏ ଫ୍ଲାଟ୍, ଯାଜପୁର ଧର୍ମଶାଳାରେ ୪ଟି ଫ୍ଲାଟ୍, ମୟୂରଭଞ୍ଜ ଶ୍ୟାମାଖୁଣ୍ଟାଠାରେ ଗୋଟିଏ ଫ୍ଲାଟ୍ ରହିଛି । ଏ ପର୍ଯ୍ୟନ୍ତ ତାଙ୍କଠାରୁ ୨ ଲକ୍ଷ ୬୬ ହଜାର ଟଙ୍କା ନଗଦ ଅର୍ଥରାଶି ମିଳିଛି । ତାଙ୍କ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ବାସଭବନରୁ ୨ଟି ସୁନା ମୂର୍ତ୍ତି ସମେତ ବିପୁଳ ପରିମାଣର ସୁନା ଅଳଙ୍କାର ଠାବ କରାଯାଇଛି । ତାଙ୍କର ବ୍ୟାଙ୍କ ପାସ୍ବୁକ୍ ଏବଂ ଅନ୍ୟାନ୍ୟ ଜମାପାଣ୍ଠି ସମ୍ପର୍କରେ ଯାଞ୍ଚ ଜାରି ରହିଛି । ତାଙ୍କ ପତ୍ନୀଙ୍କ ନାମରେ ଚନ୍ଦ୍ରଶେଖରପୁରର ଆକ୍ସିସ ବ୍ୟାଙ୍କ ଏବଂ ୟୁବିଆଇରେ ଦୁଇଟି ଲକର ରହିଛି । ଭିଜିଲାନ୍ସ ଖୋଳତାଡ଼ ଜାରି ରଖିଛି ।

### ବକୁଳବନ ଢାଞ୍ଚାରେ...

ଏହି ୨୨୦୦ ବିଦ୍ୟାଳୟ ମଧ୍ୟରୁ ମୁଖ୍ୟମନ୍ତ୍ରୀ ପ୍ରଥମେ ବାଣପୁରରେ ୧୧୮ ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ଆଜି ଖୋର୍ଦ୍ଧାରେ ଆଉ ୨୦୪ଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି । ଏହାଦ୍ୱାରା ରାଜ୍ୟରେ ବର୍ତ୍ତମାନ ୩୨୨ଟି ଆଦର୍ଶ ବିଦ୍ୟାଳୟର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ, ଯେଉଁ ଜାତି ତା'ର ଶିକ୍ଷା ବ୍ୟବସ୍ଥାକୁ ଯେତେ ବିକଶିତ କରିଛି, ସେ ଜାତି ଆଗକୁ ବଢିଛି । ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ଯୋଜନା ଆଗାମୀ ଦିନରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣି ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ, ପିଲାମାନେ ଭଲ ଶିକ୍ଷା ଗ୍ରହଣ କଲେ, ସେମାନେ ନିଜର ଭବିଷ୍ୟତ ଗଠନ କରିବା ସହ ଦେଶ ଓ ରାଜ୍ୟର ପ୍ରଗତିରେ ଯୋଗଦାନ ଦେବେ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି । ଅନ୍ୟତମ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକାଶ ଦିଗରେ ପୂର୍ବରୁ କୌଣସି ସରକାର ଆନ୍ତରିକତାର ସହ କାମ କରୁନଥିଲେ । ଗୋଦାବରୀଶ ମିଶ୍ରଙ୍କ ନାମରେ ଏହି ଯେଉଁ ଅଭିନବ ଯୋଜନା ଆରମ୍ଭ ହୋଇଛି, ଆଗାମୀ ଦିନରେ ଏହା ମାଧ୍ୟମରେ ଓଡିଶାର ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆସିବ । ଖୋର୍ଦ୍ଧା କୁମାରବସ୍ତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନ ସିଂ, ଜିଲ୍ଲାପାଳ ଖୋର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକଫର ଏନ୍. ତିରୁମାଲା ନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

### ପୁଣି ବଢିଲା...

ଯୁକ୍ତି ଦେଇଛନ୍ତି ଯେ, ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ବିଶ୍ୱବ୍ୟାପୀ ଶକ୍ତି ମୂଲ୍ୟରେ ତୀବ୍ର ବୃଦ୍ଧିର ସମ୍ପୂର୍ଣ୍ଣ ପ୍ରଭାବରୁ ଭାରତୀୟ ପରିବାର ସୁରକ୍ଷିତ ଅଛନ୍ତି । ସରକାର କହିଛନ୍ତି ଯେ, ୧୪.୨ କିଲୋଗ୍ରାମର ଏଲ୍ପିଜି ସିଲିଣ୍ଡର ଯୋଗାଣ ଖର୍ଚ୍ଚ ଏବେ ୧୬୦୦ ଟଙ୍କା ଅତିକ୍ରମ କରିଛି । ଫଳରେ ସରକାର ପ୍ରାୟ ୭୦୦ଟଙ୍କାର କ୍ଷତି ସହୁଛନ୍ତି । ଯେତେବେଳେ ସଦ୍ୟତମ ସଂଶୋଧନ ପରେ ଦିଲ୍ଲୀର ଜଣେ ସାଧାରଣ ଗ୍ରାହକ ୯୪୨ ଟଙ୍କା ଦେବେ ଏବଂ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଜଣେ ହିତାଧିକାରୀ ଯୋଗ୍ୟ ରିଫିଲ୍ ପାଇଁ ପ୍ରଭାବଶାଳୀ ଭାବରେ ୬୪୨ ଟଙ୍କା ଦେବେ ।


## Format C-1

**Declaration about Criminal Cases**

(As per the judgment dated 25th September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of candidate: **Debashish Samantaray, S/o Late Nityananda Samantaray, aged about 66 years, resident of Matruchhaya at Rajabagicha, Po- Telenga Bazar, Cuttack- 753009, Odisha**

Name of political party: **Bharatiya Janata Party (B.J.P.)**

Name of Election :**Bye-Election of the Council of States, 2026**

*Name of Constituency: **Odisha Constituency**

I **Debashish Samantaray** (name of candidate), a candidate for the above mentioned election, declare for public information the following details about my criminal antecedents:

**(A) Pending Criminal Cases**

| SI No | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | Court of the JMFC, Cuttack. | Case No. 2 (C) CC 57/2003 | For framing of charge | Under Section 9(I) (b), 9(I) (bb), 9(I) (bbb) and 9(I) (d) of Central Excise Act, 1994 |
| 2 | Court of A.C.J.M (Spl.), Cuttack | Case No.- 2(C) CC No.- 561/2018 | For framing of charge | Under section- 206 (7) of the Companies Act. |
| 3 | Court of A.C.J.M (Spl.), Cuttack | Case No.- 2(C) CC No.- 5/2021 | For framing of charge | Under Section 162/220 (3) of the Companies Act. |

**(B) Details about cases of conviction for Criminal Offences**

| SI No | Name of Court & date(s) of order(s) | Description of offence(s) & punishment imposed | Maximum Punishment Imposed |
|---|---|---|---|
| 1 | ACJM (Special Court)-cum-Assistant Sessions Judge, Cuttack & 20.01.2023 | Inspection, enquiry and investigation under the Companies Act & Compounded with fine of Rs.5000/- each | Compounded with fine of Rs.5000/- each |
| 2 | ACJM (Special Court)-cum-Assistant Sessions Judge, Cuttack & 20.03.2023 | Offence for non-filling of Annual returns and balance sheet & Compounded with fine of Rs.4000/- each | Compounded with fine of Rs.4000/- each |

9001/69/2627

## ଓଡ଼ିଶା ସରକାର

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

*****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ତା.୦୮.୦୬.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

**ସ୍ୱତନ୍ତ୍ର ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR : 9001/9001/1/26-27/0030

## TPWODL

**TP WESTERN ODISHA DISTRIBUTION LIMITED**

(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**Tender Notice No.TPWODL/AK/O/SER/2500001210**

TP Western Odisha Distribution Limited, invites tender quotations (in 2 part bidding) from eligible vendors for the following package :

**RC for performance based 11 kV & LT Network Maintenance& Allied Work, 33 kV Network Maintenance and Operational Assistance of 33/11 kV Sub-Stations of TPWODL for 3 years.**

Interested bidders are to submit Tender Participation Fee and Authorization Letter through email on or before **17th June 2026,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head- Contracts & Procurement**

## ODISHA HYDRO POWER CORPORATION LTD.

4001/132/2627

(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTICAL)
Regd. Office: UPPER KLAB HYDRO ELECTRIC PROJECT
BERINIPUT, JEYPORE, KORAPUT, ODISHA, 764006
E-mail: sgmel.ukhep@gmail.com
CIN : U40101OR1995SGC003963

**TENDER CALL NOTICE NO: UKHEP: 10 /2026-27 Dated 04.06.2026**

Sealed Tenders are invited in Single part bid in sealed envelopes from the Reputed Firms/ Agencies for outsourcing of the following work of Upper Kolab Hydro Electric Project, Bariniput (having experience in similar work during last three years).

| Sl. No. | Name of the Work | Cost of Tender Paper (Non-refundable) in Rs. | EMD(₹) |
|---|---|---|---|
| 1 | Photocopying of official documents of UKHEP, Bariniput for a period of Two Years. | 4720 (Rs. 4000/- + GST@ 18%) | ₹9000/- in shape of DD/BC (Refundable) |

The sale of Tender Paper will be from :- From 10.06.2026, 10:00 Hrs. to 22.06.2026 11:00Hrs
The last date & time of receipt of tender :- 22.06.2026 12:00Hrs
The date and time of opening of tender :- 22.06.2026 12:30Hrs

For details of tender documents, Terms & Conditions and Corrigendum please visit our website https://www.ohpc.co.in

C&P Head
Upper Kolab HEP,OHPC Limited,
Bariniput

OIPR: 4001/4002/1/26-27/0011



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୪୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୭୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୪୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ପରିବେଶ ଦିବସ

ଭୁବନେଶ୍ୱର (ସବ୍ୟୁ): ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ହିରାକୁଦ ସ୍ମେଲ୍ଟର ଓ କ୍ୟାପ୍ଟିଭ ପାୱର ପ୍ଲାଣ୍ଟ ଦ୍ୱାରା ୬ ଜୁନ୍ ୨୦୨୬ ତାରିଖରେ କଲୋନୀ କ୍ଲବ୍ ହାଉସରେ ପରିବେଶ ଦିବସ ୨୦୨୬ ଉପଲକ୍ଷେ ଏକ ଆକର୍ଷଣୀୟ ସମାପନ ଅନୁଷ୍ଠାନ ଆୟୋଜିତ କରାଯାଇଥିଲା। ସନ୍ଧ୍ୟା ୭ଟାରୁ ୧୦ଟା ପର୍ଯ୍ୟନ୍ତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୫୦ ଜଣ ଅଂଶଗ୍ରହଣ କରିଥିଲେ। "ଜଳବାୟୁ କାର୍ଯ୍ୟ – ପ୍ରକୃତିରୁ ପ୍ରେରିତ, ପୃଥିବୀ ପାଇଁ ଓ ଆମର ଭବିଷ୍ୟତ ପାଇଁ" ଥିମ୍ ଅନୁସାରେ କାର୍ଯ୍ୟକ୍ରମ ପରିବେଶ ସୁସ୍ଥିତି ପ୍ରତି ସମୂହୀୟ ପ୍ରତିବଦ୍ଧତାକୁ ପ୍ରକାଶ କରିଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ (ଏସ୍‌ପିସିବି), ସମ୍ବଲପୁରର ଅଞ୍ଚଳୀୟ ଅଧିକାରୀ ଡ଼ା. ସତ୍ୟ ନାରାୟଣ ନନ୍ଦ ଏବଂ ସମ୍ମାନିତ ଅତିଥି ଭାବେ ସୁସନ୍ତ ଗୁରୁଙ୍କୁ ସ୍ୱାଗତ କରାଯାଇଥିଲା। ସେମାନଙ୍କ ସହ ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀ, ସ୍ମେଲ୍ଟର ମୁଖ୍ୟ ପ୍ରତାପ ସାହୁ, ସିପିପି ମୁଖ୍ୟ ଅରୁଣ ସିଂହ ଓ ମାନବ ସମ୍ପଦ ମୁଖ୍ୟ ବିଶ୍ୱଓସ ଶିନ୍ଦେ ଉପସ୍ଥିତ ଥିଲେ।



ରୂପେଶ ମହାଜନ ସ୍ୱାଗତ ଭାଷଣ ରଖିଥିଲେ ଓ କମ୍ପାନୀର ପରିଚାଳନା ନିର୍ଦ୍ଦେଶକଙ୍କ ସନ୍ଦେଶକୁ ଶ୍ରୀମତୀ ଭାର୍ଗବୀ ବି ପଠିଥିଲେ। ଅତିଥିମାନେ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ପରିବେଶ-ମିତ୍ର ଜୀବନଶୈଳୀ ଅପନାଇବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। କର୍ମଚାରୀ ଓ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ ପ୍ରଦର୍ଶନ କାର୍ଯ୍ୟକ୍ରମକୁ ଆହୁରି ରଙ୍ଗିନ କରିଥିଲା। ଏହି ସମଗ୍ର କାର୍ଯ୍ୟକ୍ରମଟି ପରିବେଶ ବିଭାଗ ଦଳର ସଫଳ ସମନ୍ୱୟରେ ଆୟୋଜିତ ହୋଇଥିଲା ଏହି ଅବସରରେ ପରିବେଶ ସମ୍ପର୍କିତ ପଦକ୍ଷେପରେ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରାୟ ୨୫୦ଟି ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ପରିବେଶ ବିଭାଗର ମୁଖ୍ୟ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ମଦ ନପିଇବାକୁ ଲଣ୍ଡା ହୋଇ ଶପଥ ନେଲେ ଗ୍ରାମବାସୀ

କେନ୍ଦୁଝର, (ଜିପ୍ର) : ମଦ ପରିତ୍ୟାଗ କରି ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଲଣ୍ଡା ହେବା ସହ ନଦୀରେ ବୁଡ଼ ପକାଇଛନ୍ତି ଏବଂ ଠାକୁରଙ୍କ ପାଖରେ ଶପଥ କରିଛନ୍ତି । ଏଭଳି ନିଆରା ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ଘସିପୁରା ବ୍ଲକ ଦରଡିପାଳ ପଞ୍ଚାୟତ ଜଳସୁଆଁ ଗାଁରୁ ଆସିଛି ।ଶନିବାର ସ୍ଥାନୀୟ କୁଶେଇ ନଦୀରେ ବୁଡ଼ ପକାଇ ଆଗାମୀ ଦିନରେ ମଦ ଛୁଇଁବେ ନାହିଁ ବୋଲି ସମ୍ପୃକ୍ତ ବ୍ୟକ୍ତିମାନେ ଠାକୁରଙ୍କ ପାଖରେ ଶପଥ ନେଇଛନ୍ତି । ନଦୀରେ ବୁଡ଼ ପକାଇବା ପରେ ସମ୍ପୃକ୍ତ ବ୍ୟକ୍ତିମାନେ ସ୍ଥାନୀୟ ଜଳେଶ୍ୱର ଶିବମନ୍ଦିର ସମ୍ମୁଖରେ ପୂଜକ ଶ୍ରୀଧର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶପଥ ପାଠ କରିଥିଲେ ।ଜଳସୁଆଁ ଗାଁ କିପରି ସମ୍ପୂର୍ଣ୍ଣ ମଦମୁକ୍ତ ହୋଇପାରିବ ସେଥିପାଇଁ ଘରକୁ ଘର ବୁଲି ଲୋକଙ୍କୁ ବୁଝାଇବେ ବୋଲି କହିଛନ୍ତି । ମଦ ବିରୋଧରେ ସମସ୍ତେ ଏକାଠି ହେବାକୁ ନାରା ଦେଇଛନ୍ତି । ମଦ ଛାଡ଼ିବାକୁ ଏଭଳି ଦୃଢ଼ ନିଷ୍ପତ୍ତି ନେଇଥିବା ବ୍ୟକ୍ତିମାନେ ଗାଁର ସଞ୍ଜୟ ଜେନା, କୃଷ୍ଣଚନ୍ଦ୍ର କୁଅଁର, ହାଡ଼ିବନ୍ଧୁ ରାଉତ, ରଞ୍ଜନ ରାଉତ, ସନାତନ ନାୟକ, ଚଗୁଲୁ ବେହେରା, କେଶବ ଚନ୍ଦ୍ର ସାହୁ, ଗଣେଶ୍ୱର ସାହୁ, ସନ୍ତୋଷ ବିହାରୀ ପ୍ରମୁଖ ।

# ଟ୍ରେନ ଧକ୍କାରେ ବାଇକ ଚାଳକ ମୃତ, ରାଜପଥ ଅବରୋଧ

ତିହିଡ଼ି , (ସବ୍ୟୁ): ଭଦ୍ରକ ଜିଲ୍ଲାରେ ଏକ ମର୍ମନ୍ତୁଦ ରେଳ ଦୁର୍ଘଟଣା ଘଟିଯାଇଛି । ରେଳ ଧାରଣା ପାର ହେଉଥିବା ସମୟରେ ଏକ ଦ୍ରୁତଗାମୀ ଟ୍ରେନ ବାଇକ ଆରୋହୀଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଛି । ରବିବାରଅପରାହ୍ନ ପ୍ରାୟ ୨ଟାରେ ଭଦ୍ରକ-ତିହିଡି-ପୀରହାଟ ସାହାପୁର ରେଳ ଜଙ୍କସନ ଅନ୍ତର୍ଗତ କଣ୍ଡରଗଡ଼ିଆ ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଛି । ମୃତକ ଯୁବକ ଜଣକ ହେଲେ ବତାସୀ ଗାଁର ଅଭିମନ୍ୟୁ ପରିଡା ବୋଲିଜଣାପଡ଼ିଛି । ଅଭିମନ୍ୟୁ ପରିଡ଼ା ବାଇକ ଯୋଗେ ଘରକୁ ଫେରୁଥିଲେ । ସାହାପୁର ରେଳ ଧାରଣା ପାର ହେବା ବେଳେ ହଠା ଟ୍ରେନ ଚାଲିଆସିଥିଲା । ରେଳୱେ ଲେବୁଲ କ୍ରସିଂ ଗେଟ ପଡ଼ିନଥିବାରୁ ସାହାପୁର ରେଳ ଧାରଣା ପାର ହେବା ବେଳେ ହଠାତ ଟ୍ରେନ ଚାଲିଆସିଥିଲ । ଫଳରେ ଏହି ଭୟଙ୍କର ଦୁର୍ଘଟଣା ଘଟିଥିବା କୁହାଯାଉଛି । ଫାଟକ ଜଗୁଆଳି ଙ୍କ ଚରମ ଅବହେଳା ଯୋଗୁଁ ଅଭିମନ୍ୟୁଙ୍କ ଜୀବନ ଯାଇଥିବା ସ୍ଥାନୀୟ ଲୋକେ ଗୁରୁତର ଅଭିଯୋଗ ଆଣିଛନ୍ତି । ଦୁର୍ଘଟଣା ଏତେ ଭୟାଭୟ ଥିଲା ଯେ ଯୁବକଙ୍କ ଶବ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା । ଖବର ପାଇ ପୀରହାଟ ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତିହିଡି ମେଡ଼ିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ।ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ଉତ୍ୟକ୍ତ ଲୋକେ ଗେଟମ୍ୟାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦାବି କରି ରେଳ ଷ୍ଟେସନ ପରିସରରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଷ୍ଟେସନ ଚେକପୋଷ୍ଟ ଭଙ୍ଗାରୁଜା କରିବା ସହ ପୋଡ଼ାଜଳା ମଧ କରିଛନ୍ତି । ସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୋଲିସ ଓ ଜିଆରପି ଫୋର୍ସ ମୁତୟନ ହୋଇ ଉଦ୍ୟମ ଜାରି ରଖିଛନ୍ତି । ତେବେ ଦୁର୍ଘଟଣା ପ୍ରକୃତରେ କେମିତି ଓ କେଉଁ ପରିସ୍ଥିତିରେ ହେଲା, ସେ ନେଇ ରେଳ ବିଭାଗ ଓ ପୋଲିସ ତଦନ୍ତ ଆରମ୍ଭ କରିଛନ୍ତି । ସେହିପରି ଉତ୍ୟକ୍ତ ଲୋକେ ଭଦ୍ରକ - ଚାନ୍ଦବାଲି ରାଜ୍ୟ ରାଜପଥକୁ ପୀରହାଟ ମଝିବଜାର ଠାରେ ଅବରୋଧ କରିବା ସହ ମୃତ ପରିବାରକୁ ଉପଯୁକ୍ତ କ୍ଷତି ପୂରଣ ଦେବାକୁ ଦାବି କରିଛନ୍ତି । ପୀରହାଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ଜଣା ଯାଇଛି । ରିପୋର୍ଟ ଲେଖା ହେବା ଯାଏଁ ରାସ୍ତା ଅବରୋଧ ଜାରି ରହିଛି ।

# ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ପୁଣ୍ୟ ଜନ୍ମ ଦିବସ ଆଜି

ଭୁବନେଶ୍ୱର (ସବ୍ୟୁ): ପରମ ପୂଜ୍ୟ ପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ପୁଣ୍ୟ ଶୁଭ ଜନ୍ମ ଦିବସ ୮ତାରିଖରେ ଭାରତ ବର୍ଷରେ ବିଭିନ୍ନ ସତସଙ୍ଗ କେନ୍ଦ୍ର, ସତସଙ୍ଗ ବିହାର, ମନ୍ଦିର ମାନଙ୍କରେ ଦିବସ ବ୍ୟାପି ପାଳନ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି। ସତସଙ୍ଗ ଆଶ୍ରମ ଦେଓଘର ରେ ଭାରତ ବର୍ଷରେ ଥିବା ପ୍ରଖ୍ୟାତ ଡାକ୍ତର ମାନଙ୍କ ସହଯୋଗ ରେ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର, ସକାଳ ୭ ରୁ ଆରମ୍ଭ ହୋଇ ସର୍ବ ସାଧାରଣଙ୍କ ଚିକିତ୍ସା ପାଇଁ ଆୟୋଜିତ ହୋଇଛି। ସ୍ଥାନୀୟ ଭାବେ ଊଷା କୀର୍ତ୍ତନ, ପ୍ରାର୍ଥନା, ସତସଙ୍ଗ, ପ୍ରସାଦ ସେବନ ପାଇଁ ଆୟୋଜନ କରାଯାଇଛି। ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବ, ଶ୍ରୀ ଶ୍ରୀ ଠାକୁର ଙ୍କ ଅବର୍ତ୍ତମାନରେ, ଶ୍ରୀ ଶ୍ରୀ ଠାକୁରଙ୍କ ଭାବାଦର୍ଶ କୁ



ଆଗେଇ ନେବା ପାଇଁ ସର୍ବଦା ଜାଗ୍ରତ. କେବଳ ମାନବ ସମାଜ ର ମଙ୍ଗଳ ପାଇଁ, ପଶୁ ପକ୍ଷୀ, ପରିବେଶ ଜଳ, ବୃକ୍ଷରୋପଣ,ସ୍ୱାସ୍ଥ୍ୟ, ସେବା, ଶିକ୍ଷା, ଆଦି ବିଭିନ୍ନ ବିଷୟରେ ସମସ୍ତେ ଲାଗି ରହିବା ପାଇଁ ,ପ୍ରିୟ ପରମ ପ୍ରେମର ଶ୍ରୀ ଶ୍ରୀ ଠାକୁର ଙ୍କ ଭାବ ଧାରା କୁ ଦେଶ ବିଦେଶରେ ପ୍ରସାର ଏବଂ ସମସ୍ତ ଭକ୍ତ ଗଣ ଶ୍ରୀ ଶ୍ରୀ ଠାକୁର ଙ୍କୁ କେନ୍ଦ୍ର କରି ଜୀବନ, ବର୍ଦ୍ଧନ ପାଇଁ, ସମବେତ ଭାବେ ଆଚରଣ ରେ ପ୍ରକାଶ କରିବା ପାଇଁ ଦିଗ୍ ଦର୍ଶନ ଦେବାରେ ସର୍ବଦା ବ୍ୟଗ୍ର. ୫୯ ତମ ଜନ୍ମ ଦିବସ ଉପଲକ୍ଷେ, ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ, ଫଳ ବଣ୍ଟନର, ସତସଙ୍ଗ ଆୟୋଜିତ ହୋଇ ଅଛି ପ୍ରତି ପ୍ରତ୍ୟେକ ଏହି ସତସଙ୍ଗରେ ୮ତାରିଖ ସୋମବାର ଯୋଗଦାନ କରି ଶ୍ରୀ ଶ୍ରୀ ଠାକୁର ଙ୍କ ଆଶୀର୍ବାଦ ଲାଭ ପାଇଁ, ଭକ୍ତଗଣ ନିମନ୍ତ୍ରଣ କରିଛନ୍ତି।

# ଉପକୂଳ ସୁରକ୍ଷା : ବାଧକ ସାଜିଛି କର୍ମଚାରୀ ସଙ୍କଟ

ଭୁବନେଶ୍ୱର,(ତଥ୍ୟ) ଉପକୂଳର ସୁରକ୍ଷା ପାଇଁ ରାଜ୍ୟ ସରକାର ୧୮ଟି ଥାନା ପ୍ରତିଷ୍ଠା କରିଥିବାବେଳେ ଏଠାରେ ଅଧିକାଂଶ ପୁଲିସ୍ ପଦବୀ କିନ୍ତୁ ଫାଙ୍କା ପଡିଛି। ଏଗୁଡିକ ପୂରଣ ନହେଲେ ସମୁଦ୍ରପଥରେ ଅନୁପ୍ରବେଶକୁ ରୋକିବା ସହଜ ହେବନାହିଁ ବୋଲି ସୁରକ୍ଷା ବିଶେଷଜ୍ଞମାନେ ମତ ଦେଉଛନ୍ତି। ବାଲେଶ୍ୱରରୁ ଗଞ୍ଜାମ ପର୍ଯ୍ୟନ୍ତ ରାଜ୍ୟର ୪୮୦ କିଲୋମିଟର ସମୁଦ୍ର କୂଳ ରହିଛି। ଏଠାରେ ମୁଖ୍ୟତଃ ବାଲେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ ପଶି ଆସିବାର ସମ୍ଭାବନା ରହିଛି। ସେହଭଳି ଗଞ୍ଜାମ ଉପକୂଳରେ ଆନ୍ଧ୍ରପ୍ରଦେଶର ମତ୍ସ୍ୟଜୀବୀମାନେ କଟକଣା ନମାନି ପ୍ରବେଶ କରିବାର ନଜିର ରହିଛି। ସମୁଦ୍ର ପଥରେ ଅନୁପ୍ରବେଶକାରୀମାନେ ଆସିଗଲେ ସେମାନଙ୍କୁ କିଭଳି ମୁକାବିଲା କରାଯାଇ ପାରିବ ସେଥିପାଇଁ ସୁରକ୍ଷା କର୍ମୀମାନେ ନିୟମିତ ଭାବେ ପୁରୀ ଭଳି ସମ୍ବେଦନଶୀଳ ସ୍ଥାନରେ ମକ୍ ଡ୍ରିଲ କରିଥାନ୍ତି।

ତେବେ ସମୁଦ୍ରକୂଳକୁ ଜଗିବାପାଇଁ ଯେଉଁ ୧୮ଟି ଥାନା ରହିଛି ସେଠାରେ ଶତାଧିକ ପଦ ପଦବୀ ଖାଲି ପଡିଥିବାରୁ ଉପକୂଳ ସୁରକ୍ଷା କିଭଳି ମଜବୁତ ହେବ ତାହା ଏବେ ପ୍ରଶ୍ନବାଚୀ ହୋଇଛି। ଯଦିଓ ୧୮ଟି ଥାନାରେ ଥିବା ସମସ୍ତ ୧୮ଟି ଇନ୍ସପେକ୍ଟର ପଦବୀ ପୂରଣ ହୋଇଛି କିନ୍ତୁ କିନ୍ତୁ ୫୪ଟି ସବଇନ୍ସପେକ୍ଟର ପଦବୀରେ ମାତ୍ର ୫ଜଣ କାର୍ଯ୍ୟ କରୁଛନ୍ତି। ସେହିଭଳି ୫୪ଟି ଏଏସ୍ଆଇ ପଦବୀରେ ୩୫ଜଣ କାର୍ଯ୍ୟରତ ଥିବାବେଳେ ୧୪୪ଟି ହାବିଲଦାର ପଦବୀରେ କାର୍ଯ୍ୟକରୁଛନ୍ତି ମାତ୍ର ୧୨ ଜଣ। ଥାନାର ବଳ କୁହାଯାଉଥିବା ୪୩୨ଟି କନେଷ୍ଟବଳ ପଦବୀରେ ୧୨୮ଜଣ କାର୍ଯ୍ୟରତ ଥିବାବେଳେ ୩୬ଟି ଡ୍ରାଇଭର ପଦବୀରେ ୨ଜଣ, ୨୭୦ ଗୃହରକ୍ଷୀ ପଦବୀରେ ୧୫୬ ଜଣ ଏବଂ ୨୮୦ ବୈଷୟିକ କର୍ମଚାରୀଙ୍କ ପଦବୀରେ ଅଛନ୍ତି ମାତ୍ର ୧୨୪ ଜଣ। ଏସ୍ଆଇ ଓ ଏଏସ୍ଆଇ ସମେତ ହାବିଲଦାର ଓ କନେଷ୍ଟବଳ ପଦବୀରେ କର୍ମଚାରୀ ସଙ୍କଟ ଯୋଗୁଁ ଉପକୂଳ ଅଞ୍ଚଳରେ ଯେଉଁଳି ସୁରକ୍ଷାକୁ କଡାକଡି କରାଯିବା କଥା ତାହା ହୋଇପାରୁ ନାହିଁ। ବିଶେଷକରି ସମୁଦ୍ର ଭିତରେ ନିୟମିତ ପହରା ଦେବା କାଠିକରପାଠ ହେଉଥିବା କୁହାଯାଉଛି। ଉପକୂଳ ଥାନାରେ ବୋଟ୍ ମୁତୟନ ହୋଇଥିବାରୁ ଏହାକୁ ଚଳାଚଳ ଓ ରକ୍ଷଣାବେକ୍ଷଣ ପାଇଁ ବୈଷୟିକ କର୍ମଚାରୀଙ୍କର ଆବଶ୍ୟକ ଥିବାବେଳେ ସେହି ପଦବୀ ମଧ ଅଧାରୁ ଅଧିକ ଖାଲି ପଡିଛି।

ତେବେ ସାମୁଦ୍ରିକ ଥାନା କେବଳ ଆଖପାଖ ଅଞ୍ଚଳର ଲୋକଙ୍କ ଅଭିଯୋଗ ରଖୁଥିବାବେଳେ ଏହାର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ବିଶେଷକରି ଓଡିଶା ସୀମାରେ ସମୁଦ୍ର ଭିତରେ ଅନ୍ୟ ଦେଶ କିମ୍ବା ରାଜ୍ୟର ମାଛଧରା ଟ୍ରଲରମାନେ କଟକଣା ସମୟରେ ଅନୁପ୍ରବେଶ କଲେ ସେମାନଙ୍କୁ ଘଉଡାଇବା, ସମୁଦ୍ର ପଥରେ ନିଶା ଓ ଅସ୍ତ୍ରଶସ୍ତ୍ର କାରବାର ଉପରେ ନଜର ରଖିବା ଆଦି ସହଜ ହେଉନାହିଁ। ବର୍ତ୍ତମାନ ପଶ୍ଚିମବଙ୍ଗରେ ବେଆଇନ୍ ଅନୁପ୍ରବେଶକାରୀଙ୍କୁ ତଡିବାପାଇଁ ଜୋରଦାର ଅଭିଯାନ ଚଳାଯାଉଥିବାବେଳେ ସେମାନେ ଓଡିଶାକୁ ପଳାଇ ଆସିବାର ସମ୍ଭାବନା ରହିଛି। ସ୍ଥଳପଥରେ ଏମାନଙ୍କ ଉପରେ କଡା ନଜର ରହିଥିବାରୁ ଜଳପଥରେ ପ୍ରବେଶ କରିବାକୁ ଏମାନେ ଉଦ୍ୟମ କରିପାରନ୍ତି। ତେଣୁ ଏହି ସମୟରେ ଉପକୂଳ ଅଞ୍ଚଳରେ ଜଳପଥରେ ପାଟ୍ରୋଲିଂ ବଢାଇବା ଜରୁରୀ ହୋଇପଡିଥିବାବେଳେ ସାମୁଦ୍ରିକ ଥାନାଗୁଡିକରେ କର୍ମଚାରୀ ସଙ୍କଟ ଏ ଦିଗରେ ବଡ ବାଧକ ହୋଇଛି। ତେବେ ଇତି ମଧ୍ୟରେ ରାଜ୍ୟ ସରକାର ଥାନାଗୁଡିକ ପାଇଁ ବିଭିନ୍ନ ବର୍ଗର ୭୩୮ଟି ପଦବୀ ସମେତ ୨୭୦ ଗୃହରକ୍ଷୀ ପଦବୀ ଏବଂ ବୋଟ୍ ଚାଳନା ନିମନ୍ତେ ୨୮୦ଟି ବୈଷୟିକ ପଦବୀକୁ ମଞ୍ଜୁର କରିଛନ୍ତି। ଏହିସବୁ ପଦବୀ ପୂରଣ ହେଲେ ଉପକୂଳ ଅଞ୍ଚଳର ସୁରକ୍ଷା କଡାକଡି ହୋଇପାରିବ।

### ୧୦ରେ ସମ୍ବଲପୁର ଆସୁଛନ୍ତି କହ୍ନେୟା କୁମାର

# ଛାତ୍ରଯୁବ ସମାଜ ଉଲ୍ଲସିତ: ଭକ୍ତ

ଭୁବନେଶ୍ୱର/ସମ୍ବଲପୁର, (ସବ୍ୟୁ): ଅନ୍ୟାୟକୁ ଅନ୍ୟାୟ ବୋଲି ଛାତ୍ରସମାଜ କହିବାର ସମୟ ଆସିଛି । ୨୦୨୪ ଓ ୨୦୨୬ରେ ଦୁଇଥର ନିଟ୍-ୟୁଜି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣା ସହ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ଓଏସ୍‌ଏମ୍ ଅନିୟମିତତା ପ୍ରସଙ୍ଗରେ ରାଜ୍ୟର ଛାତ୍ର ଓ ଯୁବସମାଜ ଜାଗ୍ରତ ହୋଇ ସଚେତନ ହେବା ସଙ୍ଗେସଙ୍ଗେ ପ୍ରସଙ୍ଗର ଗୁରୁତ୍ୱ ହୃଦୟଙ୍ଗମ ପୂର୍ବକ ରାଜରାସ୍ତାକୁ ଓହ୍ଲାନ୍ତୁ" ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ଆହ୍ୱାନ ଦେଇଛନ୍ତି । ଆସନ୍ତା ୧୦ ତାରିଖ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସମ୍ବଲପୁରଠାରେ ଛାତ୍ରକଂଗ୍ରେସ ପକ୍ଷରୁ ଆୟୋଜିତ ହେଉଥିବା ଛାତ୍ରଯୁବ ଆକ୍ରୋଶ ସମାବେଶରେ ଯୋଗଦେବା ପାଇଁ ନାହିଁ ନ ଥିବା ଆଗ୍ରହ ସୃଷ୍ଟି ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି । ଉକ୍ତ ସମାବେଶ ପାଇଁ ସ୍ଥାନୀୟ ହୋଟେଲରେ ଆୟୋଜିତ ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ସେ କହିଥିଲେ, ଅତୀତରେ ଛାତ୍ର ଆନ୍ଦୋଳନ ରାଜନୀତିକୁ ଅନେକ ମେଧାବୀ ରାଜନେତା ଆଣିବାରେ ସହାୟକ ହୋଇଥିଲା । ୧୦ ତାରିଖର ସମାବେଶରେ ବହୁ ସଚେତନ ଛାତ୍ରନେତା ଭାଗ ନେଉଥିବାରୁ ଏହି ସମାବେଶରୁ ବହୁ ପ୍ରତିଭାବାନ ରାଜନେତା ସୃଷ୍ଟି ହେବେ ବୋଲି ସେ ଆଶା ପ୍ରକାଶ କରିଥିଲେ । ୧୦ ତାରିଖ ଅପରାହ୍ନ ୫ଟାରେ ଧନକଉଡ଼ା ବ୍ଲକ୍ ଅଫିସ ପାଖ ପଡ଼ିଆରେ ଆୟୋଜିତ ହେଉଥିବା ବିଶାଳ ଯୁବଛାତ୍ର ସମାବେଶରେ କହ୍ନେୟା କୁମାରଙ୍କ ଛଡ଼ା ଛାତ୍ର କଂଗ୍ରେସର ଜାତୀୟ



ସଭାପତି ବିନୋଦ ଝାଖଡ଼ଙ୍କ ସମେତ ବହୁତ ଜାତୀୟ ସ୍ତରର ଛାତ୍ରନେତା ଯୋଗଦେବେ । ସେଦିନ ଅପରାହ୍ନ ୩ଟା ୩୦ରେ ଅଇଁଠାପାଲି ମଙ୍ଗଳା ମନ୍ଦିର ପାଖରୁ ଏକ ବିଶାଳ ବାଇକ୍ ରାଲି ବାହାରି ସଭାସ୍ଥଳରେ ପହଞ୍ଚିବ । ତେବେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ବିଷୟରେ ଅଧିକ ବିସ୍ତୃତ ବିବରଣୀ ଦେବାପାଇଁ ସୋମବାର ସମ୍ମିଳନୀ କକ୍ଷରେ ପିସିସି ସଭାପତି ଓ ଦଳର ଅନ୍ୟ ନେତୃବୃନ୍ଦ ସାମ୍ବାଦିକମାନଙ୍କ ସହ ଏକ ଆଲୋଚନା ସଭାରେ ଯୋଗଦେବେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ବହୁସଂଖ୍ୟାରେ ଯୋଗଦେବା ପାଇଁ ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସ ନିବେଦନ କରିଛନ୍ତି । ରବିବାରର ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିସିସିର ସଂଗଠନ ଉପସଭାପତି ସନ୍ତୋଷ ସିଂହ ସାଲୁଜା, ଆକ୍ରୋଶ ସମାବେଶର ସମନ୍ୱୟ କମିଟିର ଅଧ୍ୟକ୍ଷ ତଥା ବିଧାୟକ ଡା.ରାଜନ ଏକ୍କା, ପୂର୍ବତନ ବିଧାୟକ ସାଧୁ ନେପାକ ପ୍ରମୁଖ ମଂଚାସୀନ ଥିଲେ । ପଶ୍ଚିମ ଓଡ଼ିଶାର ୧୦ ଜିଲ୍ଲାର କଂଗ୍ରେସ ସଭାପତି ଓ ଛାତ୍ରସଂଗଠକମାନେ ଯୋଗଦେଇ ନିଜନିଜ ପ୍ରସ୍ତାବ ରଖିଥିଲେ ।

# ନାଇଜରରେ ନ୍ୟାସନାଲ ଏଣ୍ଟ୍ରାନ୍ସ ସ୍କ୍ରିନିଂ ଟେଷ୍ଟ ଅନୁଷ୍ଠିତ

ଜଟଣୀ, (ସବ୍ୟୁ): ନାସନାଲ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ନାଇଜର ), ଭୁବନେଶ୍ୱରର ଇଣ୍ଟେଗ୍ରେଟେଡ୍ ଏମଏସସି ପାଠ୍ୟକ୍ରମରେ ଭର୍ତ୍ତି ପାଇଁ ଆୟୋଜିତ ନାସନାଲ ଏଣ୍ଟ୍ରାନ୍ସ ସ୍କ୍ରିନିଙ୍ଗ ଟେଷ୍ଟ ୨୦୨୬ ପରୀକ୍ଷା ୬ ଜୁନ ୨୦୨୬ ତାରିଖରେ ସାରା ଦେଶରେ ସଫଳତାର ସହ ସୁଚାରୁ ଭାବେ ଅନୁଷ୍ଠିତ ହୋଇଛି ।ଏହି ବର୍ଷ ପରୀକ୍ଷା ପାଇଁ ମୋଟ ୧,୨୫,୦୦୦ ପରୀକ୍ଷାର୍ଥୀ ଆବେଦନ କରିଥିଲେ, ଯାହା ଉଚ୍ଚମାନର ବିଜ୍ଞାନ ଶିକ୍ଷା ପ୍ରତି ବୃଦ୍ଧିଶୀଳ ରାଷ୍ଟ୍ରୀୟ ଆଗ୍ରହକୁ ପ୍ରକାଶ କରେ। ଏଥିରୁ ୮୨,୫୩୮ ପରୀକ୍ଷାର୍ଥୀ ପରୀକ୍ଷାରେ ଉପସ୍ଥିତ ହୋଇଥିଲେ, ଯାହା ରାଷ୍ଟ୍ରୀୟ ହାର ୬୮% ରେ ପହଞ୍ଚିଛି ।ପରୀକ୍ଷାଟି ସାରା ଭାରତରେ ୫୦୦ରୁ ଅଧିକ କେନ୍ଦ୍ରରେ ଆୟୋଜିତ ହୋଇଥିଲା, ଯାହା ସମସ୍ତ ପରୀକ୍ଷାର୍ଥୀଙ୍କ ପାଇଁ ସୁବିଧାଜନକ ପହଞ୍ଚ ଓ ସୁଚାରୁ ପରିଚାଳନାକୁ ନିଶ୍ଚିତ କରିଥିଲା। ସମସ୍ତ ନିର୍ଦ୍ଧାରିତ ପ୍ରୋଟୋକଲ ଅନୁସରଣ ସହିତ ପରୀକ୍ଷା ପ୍ରକ୍ରିୟା ସୁଚାରୁ ଭାବେ ସମ୍ପନ୍ନ ହୋଇଛି। ଓଡିଶାରେ ୧୧୧ଟି ପରୀକ୍ଷା କେନ୍ଦ୍ରରେ ପ୍ରାୟ ୧୦,୦୦୦ ପରୀକ୍ଷାର୍ଥୀ ଉପସ୍ଥିତ ହୋଇଥିଲେ। ରାଜ୍ୟର ଉପସ୍ଥିତି ହାର ୭୭% ରହିଥିଲା, ଯାହା ଦେଶର ଶୀର୍ଷ ପ୍ରଦର୍ଶନକାରୀ ଅଞ୍ଚଳମାନଙ୍କ ମଧ୍ୟରେ ଏହାକୁ ସ୍ଥାନ ଦେଇଛି। ମୁଖ୍ୟ କେନ୍ଦ୍ରମାନଙ୍କ ମଧ୍ୟରୁ ବମ୍ବେରେ ସର୍ବାଧିକ ୭୮% ଉପସ୍ଥିତି ହାର ରେକର୍ଡ ହୋଇଥିବାବେଳେ, ଏହା ପଛପଛେ ଓଡିଶା ୭୭% ସହ ରହିଛି—ଉଭୟ ରାଷ୍ଟ୍ରୀୟ ହାରଠାରୁ ଅଧିକ। ଏହି ନେଷ୍ଟର ସଫଳ ଆୟୋଜନ ନାଇଜର ଓ ସହଭାଗୀ ସଂସ୍ଥାମାନଙ୍କର ଉତ୍କର୍ଷ, ପାରଦର୍ଶିତା ଓ କାର୍ଯ୍ୟକୁଶଳତା ପ୍ରତି ଅବିଚଳ ପ୍ରତିବଦ୍ଧତାକୁ ପୁନରୁଦ୍ଧାର କରିଛି।

# ଇନ୍ସାଇଡ୍ କଭର ପକ୍ଷରୁ ଷ୍ଟେଟ୍ ଗ୍ରୀନ୍ କନ୍‌କ୍ଲେଭ୍ ଆୱାର୍ଡସ୍ ୨୦୨୬

ଭୁବନେଶ୍ୱର, (ସବ୍ୟୁ): ଇନସାଇଡ୍ କଭର ପକ୍ଷରୁ ମେ'ଫେୟାର କନଭେନ୍ସନ୍, ଭୁବନେଶ୍ୱରରେ ପ୍ରତିଷ୍ଠିତ ଷ୍ଟେଟ୍ ଗ୍ରୀନ୍ କନ୍‌କ୍ଲେଭ୍ ଆୱାର୍ଡସ୍ ୨୦୨୬ ସଫଳତାର ସହିତ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ବୈଜ୍ଞାନିକ, ଶିଳ୍ପପତି, ଶିକ୍ଷାବିତ୍ ଏବଂ ପରିବେଶବିତ୍‌ମାନେ ଏକତ୍ରିତ ହୋଇ ସ୍ଥାୟୀ ବିକାଶ ଓ ପରିବେଶ ସଂରକ୍ଷଣ କ୍ଷେତ୍ରରେ ଉତ୍କର୍ଷତାକୁ ସମ୍ମାନ ଜଣାଇଥିଲେ। ଏହି ଭବ୍ୟ ସମାରୋହରେ ଡିଆରଡିଓର ମହାନିର୍ଦ୍ଦେଶକ ଡ଼. ବି. କେ. ଦାସ, ଆଇଏମଏମଟିର ନିର୍ଦ୍ଦେଶକ ଡ଼. ରାମାନୁଜମ ନାରାୟଣନ, ଏସଟିପିଆଇର ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା, ପ୍ରିୟଦର୍ଶୀ ମିଶ୍ର, , ଇନସାଇଡ୍ କଭରର ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ବେହେରା ଏବଂ ସମ୍ପାଦକ-ଇନ୍-ଚିଫ୍ ଜେ. ପି. ସାହୁ ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା, ସବୁଜ ନବସୃଷ୍ଟି, ସାମାଜିକ ଦାୟିତ୍ୱବୋଧ ଏବଂ ସମାବେଶୀ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ



ଅବଦାନ ପାଇଁ ମୋଟ ୨୫ ଜଣ ବ୍ୟକ୍ତିତ୍ୱ ଓ ଅନୁଷ୍ଠାନଙ୍କୁ ଷ୍ଟେଟ୍ ଗ୍ରୀନ୍ କନ୍‌କ୍ଲେଭ୍ ଆୱାର୍ଡସ୍ ପ୍ରଦାନ କରାଯାଇଥିଲା। ଏହି କନ୍‌କ୍ଲେଭ ସ୍ଥାୟୀ ଅଭିବୃଦ୍ଧି, ପରିବେଶ ସଂରକ୍ଷଣ ଏବଂ ଏକ ସବୁଜ ଭବିଷ୍ୟତ ଗଠନରେ ସମସ୍ତ ହିତାଧିକାରୀଙ୍କ ସାମୂହିକ ଦାୟିତ୍ୱ ଉପରେ ଫଳପ୍ରଦ ଆଲୋଚନା ପାଇଁ ଏକ ସଶକ୍ତ ମଞ୍ଚ ଭାବେ କାର୍ଯ୍ୟ କରିଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଇନସାଇଡ୍ କଭରର ଏକ ସ୍ୱତନ୍ତ୍ର ସ୍ମାରକ ସଂସ୍କରଣ ଉନ୍ମୋଚିତ ହୋଇଥିଲା, ଯେଉଁଥିରେ ସ୍ଥାୟୀ ବିକାଶ, ପରିବେଶ ସୁରକ୍ଷା ଏବଂ ସମାଜ ପରିବର୍ତ୍ତନରେ ଅବଦାନ ରଖିଥିବା ବ୍ୟକ୍ତିତ୍ୱ ଓ ସଫଳତାର କାହାଣୀ ସ୍ଥାନ ପାଇଛି। ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ଲକ୍ଷ୍ୟରେ ସହଯୋଗମୂଳକ ପ୍ରୟାସକୁ ଆହୁରି ସୁଦୃଢ଼ କରିବାର ସଂକଳ୍ପ ସହ କାର୍ଯ୍ୟକ୍ରମଟି ସମାପ୍ତ ହୋଇଥିଲା।

# ଜଗନ୍ନାଥ ଉତ୍କଳ ଖଡୁରା ସମାଜର ସାଧାରଣସଭା




କଟକ, (ସବ୍ୟୁ): ଜଗନ୍ନାଥ ଉତ୍କଳ ଖଡୁରା ସମାଜର ସାଧାରଣସଭା ଆଜି ନୂଆପଡା ବାଲିସାହିସ୍ଥିତ ଅଭିରାମ ପରମହଂସ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଶନ୍ନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କର୍ମକର୍ତା ମାନେ ଯୋଗ ଦେଇଥିଲେ । ସମାଜ ପକ୍ଷରୁ ବୃକ୍ଷରୋପଣ, ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ସହ ସମାଜରେ ଅସହାୟ, ଅବହେଳିତ ଝିଅମାନଙ୍କର ବିବାହ କାର୍ଯ୍ୟ ନିୟମିତ କରାଯାଉଅଛି । ଏଥିସହିତ ଖଡୁରା ଜାତିର କୌଳିକ ବୃତିର ପୁନରୁଦ୍ଧାର ଓ ବିକାଶ ଦିଗରେ ଯଦି ସରକାର ସହାୟତା ଯୋଗାଇ ଦିଅନ୍ତେ ତାହାଲେ ଏ ଜାତିର ଅଗ୍ରଗତି ହୋଇପାରିବ ବୋଲି ସଭାରେ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ । ଏହି ସଭାରେ ଉପଦେଷ୍ଟା ବିଜୟ କୁମାର ବେହେରା, ଦେବ ପ୍ରସାଦ ସାହୁ, ଚନ୍ଦନ ମହାରଣା, ସମ୍ପାଦକ ହାଡିବନ୍ଧୁ ସାହୁ, ସହ-ସମ୍ପାଦକ ରାଜୀବ ଲୋଚନ ବେହେରା, ସନ୍ତୋଷ କୁମାର ସାହୁ, ପ୍ରମୋଦ କୁମାର ସାହୁ, ଚନ୍ଦନ ପାତ୍ରଙ୍କ ସମେତ ବହୁ କର୍ମକର୍ତା ଉପସ୍ଥିତ ଥିବା ବେଳେ ସହ-ସମ୍ପାଦକ ଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଉପରେ ମାଡ଼ିଗଲା ଟ୍ରକ : ବାପା-ଝିଅଙ୍କ ମୃତ୍ୟୁ

ସୋର,(ସବ୍ୟୁ): ବାଲେଶ୍ୱର ଜିଲା ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ବସ ଷ୍ଟପ ନିକଟରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଟ୍ରକ ବାପ, ଝିଅଙ୍କ ଉପରେ ଚଢି ଯିବାର ଘଟଣାସ୍ଥଳରେ ସେମାନଙ୍କ ମତ୍ୟୁ ଘଟିଛି । ମୃତକ ହେଲେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ରାହାଣିଆ ଗ୍ରାମର ମନୋଜ କୁମାର ଦାସ, ଏବଂ ତାଙ୍କ ଝିଅ ବୋଲି ଜଣାପଡିଛି ।ମିଳିଥିବା ସୂଚନା ମୁତାବକ, ମନୋଜ ବାଲେଶ୍ୱରରେ ଚାକିରୀ କରୁଥିବା ବେଳେ ରବିବାର ଘର ରାହାଣିଆ ଯାଉଥିଲେ । ତାଙ୍କ ସ୍ତ୍ରୀ ବସ ଯୋଗେ ଭଦ୍ରକ ଯାଇଥିବା ବେଳେ ସେ ଝିଅଙ୍କୁ ଧରି ବାଇକ୍ରେ ଯାଉଥିଲେ । ହେଲେ ହଟି। ଉତ୍ତରେଶ୍ୱର ନିକଟରେ ଏକ ଗାଡିକୁ ଓଭରଟେକ କରୁଥିବା ବେଳେ ଧକ୍କା ହୋଇ ତଳେ ପଡିଯାଇଥିଲେ । ସେତିକିବେଳେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଟ୍ରକ ବାପ ଏବଂ ଝିଅଙ୍କ ଉପରେ ଚଢିଯାଇଥିଲା । ଘଟଣା ସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା ।ସୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ପଠାଇଛି । ଏହି ଖବର ପ୍ରଚାରିତ ହେବା ପରେ ଗାଁ ଶୋକର ଛାୟା ଖେଳିଯାଇଛି ।

# ଜୟଦେବ ୱାକର୍ସ କ୍ଲବ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଜୟଦେବ ୱାକର୍ସ କ୍ଲବ୍,ଖଣ୍ଡଗିରି, ଭୁବନେଶ୍ୱର ର ୧୭ ତମ ବାର୍ଷିକ ଉତ୍ସବ ଶ୍ରୀ ସାଇ ଗାର୍ଡନ ଖଣ୍ଡଗିରି ରେ ମହାସମାରୋହରେ ପାଳିତ ହୋଇଯାଇଛି ।ଏହି ଉତ୍ସବରେ କ୍ଲବ୍ ର ସଭାପତି ୱାକର ଶରତ କୁମାର ମିଶ୍ର ଙ୍କ ସଭାପତିତ୍ୱ କରିଥିଲେ। କ୍ଲବ୍ ର ସମ୍ପାଦକ ୱାକର ହରି ହର ପଣ୍ଡା ବୀବରଣୀ ପାଠ କରିଥିଲେ ଓ କୋଷାଧ୍ୟକ୍ଷ ୱାକର ଦୁର୍ଗା ଚରଣ ଦାଶ କ୍ଲବ ର ଆର୍ଥିକ ବୀବରଣୀ ପ୍ରକାଶ କରିଥିଲେ ।ଏଥିରେ ୱାକର ଇଣ୍ଟରନେସନାଲ ଏରିଆ ୦୧ ର ଭାଇସ ପ୍ରେସିଡେଣ୍ଟ ୱାକର ପି ଗୋବିନ୍ଦ ଗୁପ୍ତା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କ୍ଲବର ବାର୍ଷିକ ସୋଭେନିର ପଥଚାରୀ ଉନ୍ମୋଚନ କରିଥିଲେ ଓ ୱାକର ଇଣ୍ଟରନେସନାଲ ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ୧୦୪ ର ଡିଷ୍ଟ୍ରୀକ ଗଭର୍ଣ୍ଣର ୱାକର ରାଜକିଶୋର ସ୍ୱାଇଁ, ଗଭର୍ଣ୍ଣର ଇଲେକ୍ଟ ୱାକର ପ୍ରତାପଚନ୍ଦ୍ର ବାଉରି, ରିଜିଅନ କାଉନସିଲର ୱାକର କିଶୋର ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସେମାନଙ୍କ ର ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡାକ୍ତର ଇନ୍ଦ୍ରମଣି ଜେନା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ୱାକର ଶ୍ୟାମସୁନ୍ଦର ସାହୁ,କେଶବ ଚନ୍ଦ୍ର ଦାସ,ପ୍ରଦିପ୍ତ କୁମାର ମହାରଣା ଯୋଗଦେଇଥିଲେ ।କଟକ ଓ ଭୁବନେଶ୍ୱର ର ୧୨ ଟି କ୍ଲବ୍ ରୁ ୫୦ ଜଣରୁ ଉର୍ଦ୍ଧ ସଭ୍ୟ ସଭ୍ୟା ଏହି ଉତ୍ସବରେ ଯୋଗ ଦେଇଥିଲେ। କ୍ଲବ ର ଉପଦେଷ୍ଟା ୱାକର ସୁନ୍ଦର ନାରାୟଣ ପାତ୍ର ଓ ୱାକର ମୁକ୍ତି କାନ୍ତ ଅଗସ୍ତି ସେମାନଙ୍କ ର ମତ ବ୍ୟକ୍ତ କରିଥିଲେ। ।ଏହି ଉତ୍ସବରେ କ୍ଲବ ର ୭୫ ବର୍ଷରୁ ଉର୍ଦ୍ଧ୍ୱ ୧୮ ଜଣ ସଭ୍ୟ ସଭ୍ୟା ମାନଙ୍କୁ ସମ୍ମାନୀତ କରାଯାଇଥିଲା। କ୍ଲବ ପାଇଁ ବିଭିନ୍ନ ସମୟରେ ସହାୟତା ଯୋଗାଇ ଥିବା ସଭ୍ୟ ସଭ୍ୟା ମାନଙ୍କୁ ମଧ ସମ୍ମାନୀତ କରାଯାଇଥିଲା ।କ୍ଲବ ର ସଭ୍ୟ ୱାକର ସୁନୀଲ କୁମାର ରଥଙ୍କୁ ମାନପତ୍ର ଦେଇ ସବୁରି ବନ୍ଧୁ ସମ୍ମାନ ରେ ସମ୍ମାନିତ କରାଯାଇଥିଲା ।ୱାକର ନିରଦ ବରଣ ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିଲେ ଓ ୱାକର ଗୌରାଙ୍ଗ ଚରଣ ପତି ଧନ୍ୟବାଦ ଅର୍ପଣ କରିଥିଲେ।



# ଇଣ୍ଡି ମେଣ୍ଟ ବୈଠକ : ଦିଲ୍ଲୀରେ ମମତା, ଆସିବେନି ଆପ୍ - ଡିଏମକେ

ନୂଆଦିଲ୍ଲୀ: ଦେଶର ବିରୋଧୀ ଦଳଗୁଡ଼ିକ ପୁଣିଥରେ ଏକଜୁଟ ହେବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ବିରୋଧୀ 'ଇଣ୍ଡି' ମେଣ୍ଟ ପକ୍ଷରୁ ସୋମବାର ଦିନ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଛି। ଏହି ବୈଠକରେ ୨୩ଟି ରାଜନୈତିକ ଦଳ ସାମିଲ ହେବା ନେଇ ଆଲୋଚନା ହେଉଛି। ତେବେ ବୈଠକ ପୂର୍ବରୁ ହିଁ ମେଣ୍ଟ ମଧ୍ୟରେ ମତଭେଦ ବା 'ଫାଟ' ମଧ୍ୟ ସ୍ପଷ୍ଟ ଦେଖାଯାଇଛି। ଆମ ଆଦମୀ ପାର୍ଟି ସମେତ କେତେକ ପ୍ରମୁଖ ଦଳ ଏହି ବୈଠକରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଛନ୍ତି। କଂଗ୍ରେସ ସାଂସଦ ଜୟରାମ ରମେଶ ସୂଚନା ଦେଇଛନ୍ତି ଯେ, ଜୁନ୍ ୮ ତାରିଖରେ ଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବରେ ହେବାକୁ ଥିବା ଏହି ବୈଠକରେ ଯୋଗଦେବା ପାଇଁ ୨୩ଟି ଦଳ ସେମାନଙ୍କର ସମ୍ମତି ପ୍ରକାଶ କରିଛନ୍ତି। ଏହା ସହିତ କିଛି ଦଳ ନିଜ ନିଜର ବ୍ୟକ୍ତିଗତ କାରଣ ଯୋଗୁଁ ଏଥିରେ ସାମିଲ ହୋଇପାରିବେ ନାହିଁ ବୋଲି ଜଣାଇଛନ୍ତି।

**ଦିଲ୍ଲୀରେ ପହଞ୍ଚିଲେ ମମତା ବାନାର୍ଜୀ**



ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭାଗ ନେବା ପାଇଁ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (TMC) ସୁପ୍ରିମୋ ମମତା ବାନାର୍ଜୀ ଦିଲ୍ଲୀରେ ପହଞ୍ଚି ସାରିଛନ୍ତି। ବେଙ୍ଗଲ ବିଧାନସଭା ନିର୍ବାଚନରେ ପରାଜୟ ପରେ ମମତା ବାନାର୍ଜୀଙ୍କର ଏହା ପ୍ରଥମ ଦିଲ୍ଲୀ ଗସ୍ତ। ସୋମବାର ସେ 'ଇଣ୍ଡି' ମେଣ୍ଟର ବୈଠକରେ ଯୋଗଦେବେ। ଏହି ସମୟରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ମମତା ବାନାର୍ଜୀଙ୍କୁ ସାକ୍ଷାତ କରିଛନ୍ତି। ଏହା ସହିତ ମମତା ବାନାର୍ଜୀ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ମଧ୍ୟ ଭେଟିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

**କ'ଣ ରହିଛି ବିରୋଧୀ ବୈଠକର ଏଜେଣ୍ଡା ?**

ସୋମବାର ମଧ୍ୟାହ୍ନ ୧୨ଟାରୁ 'ଇଣ୍ଡି' ମେଣ୍ଟର ଏହି ବୈଠକ ଆରମ୍ଭ ହେବ। ଏହି ବୈଠକରେ ଦେଶର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର (ED, CBI) କଥିତ ଅପବ୍ୟବହାର, ଦେଶରେ କ୍ରମାଗତ ଭାବରେ ବଢ଼ୁଥିବା ମୂଲ୍ୟବୃଦ୍ଧି ଏବଂ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ଆଲୋଚନା ହୋଇପାରେ । କଂଗ୍ରେସ ସାଂସଦ ଜୟରାମ ରମେଶ କହିଛନ୍ତି ଯେ, କେନ୍ଦ୍ର ସରକାର ତଦନ୍ତକାରୀ ସଂସ୍ଥା ଜରିଆରେ ବିରୋଧୀ ନେତାମାନଙ୍କୁ ଟାର୍ଗେଟ କରୁଛନ୍ତି। ଏହାସହ ବଢ଼ୁଥିବା ମହଙ୍ଗା ମାଡ଼ ଦେଶର କୋଟି କୋଟି ଜନସାଧାରଣଙ୍କ ଜୀବିକା ଓ ଘରୋଇ ବଜେଟ୍କୁ ବିଗାଡ଼ି ଦେଇଛି। ପ୍ରଶ୍ନ ପତ୍ର ଲିକ୍ ମାମଲା ଯୋଗୁଁ ଲକ୍ଷ ଲକ୍ଷ ଯୁବକଯୁବତୀଙ୍କ ଆଶା ଓ ବିଶ୍ୱାସ ସହ ପ୍ରତାରଣା କରାଯାଉଛି। ଏପରିକି ସରକାରଙ୍କ ବୈଦେଶିକ ନୀତି ଜାତୀୟ ସ୍ୱାର୍ଥ ସହ ସାଲିସ୍ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

**ମେଣ୍ଟରୁ ଦୂରେଇ ରହିଲା ଆମ ଆଦମୀ ପାର୍ଟି**

ଏହି ବୈଠକରୁ ଆମ ଆଦମୀ ପାର୍ଟି ନିଜକୁ ଦୂରେଇ ରଖିଛି। 'ଆପ୍' ନେତା ସୋମନାଥ ଭାରତୀ କଂଗ୍ରେସ ଉପରେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ଦେଶର ଆଞ୍ଚଳିକ ଏବଂ ଛୋଟ ଛୋଟ ରାଜନୈତିକ ଦଳଗୁଡ଼ିକୁ ଦୁର୍ବଳ କରିବା ପାଇଁ ଭିତରେ ଭିତରେ ବିଜେପି ସହିତ ମିଶି କାମ କରୁଛି, ଯେପରି ଭବିଷ୍ୟତରେ ବିଜେପି ଏବଂ କଂଗ୍ରେସ ପାଳି କରି ଦେଶକୁ ଶାସନ କରିପାରିବେ।

# କକ୍ରୋଚ୍ ଜନତା ପାର୍ଟିଠାରୁ ଦୂରରେ ରହିବାକୁ ମୁସଲିମ ଯୁବକଙ୍କୁ ନିବେଦନ

ନୂଆଦିଲ୍ଲୀ : ଶନିବାର ଜନ୍ତରମନ୍ତରଠାରେ କକ୍ରୋଚ୍ ଜନତା ପାର୍ଟିର ପ୍ରଦର୍ଶନକୁ ନେଇ ମୁସଲିମ ସମାଜିକ ଗଣମାଧ୍ୟମ, ମସଜିଦ, ହ୍ୱାଟସ୍ଆପ୍ ଗ୍ରୁପ ଓ ଅନ୍ୟାନ୍ୟ ମାଧ୍ୟମରେ ଏକ ସତର୍କତାର ସନ୍ଦେଶ ପ୍ରସାରିତ ହୋଇଛି। ମୁସଲିମ ଯୁବକମାନେ କକ୍ରୋଚ୍ ଜନତା ପାର୍ଟିର ପ୍ରଦର୍ଶନରୁ ଦୂରେଇ ରହିବା ପାଇଁ ଅନୁରୋଧ କରାଯାଇଛି। ସୋସିଆଲ ମିଡିଆରେ ପ୍ରଚାରିତ ପୋଷ୍ଟଗୁଡ଼ିକରେ ସଚେତନ କରାଯାଇଛି ଯେ, କେବଳ କିଛି ଘଣ୍ଟାର ପ୍ରତିବାଦ ଦୀର୍ଘକାଳୀନ ସମସ୍ୟାର ରୂପ ନେଇପାରେ। ଗିରଫ, ଜେଲ, ମିଡିଆ ଟ୍ରାୟଲ ଓ ଦେଶବିରୋଧୀ ଅଭିଯୋଗ- ଏସବୁରେ ପ୍ରଥମେ ଯୁବକମାନେ ହିଁ ଶିକାର ହେବାର ଆଶଙ୍କା ରହିଛି।ଜଣେ କଲେଜ ଛାତ୍ର ଅଶରଫଙ୍କ କହିବା ଅନୁସାରେ, ତାଙ୍କ ପିତା ସ୍ପଷ୍ଟଭାବେ ପ୍ରଦର୍ଶନରୁ ଦୂରେଇ ରହିବାକୁ ପରାମର୍ଶ ଦେବା ସହ ପ୍ରଥମେ ନିଜ କ୍ୟାରିୟରର ଯତ୍ନ ନେବାକୁ କହିଛନ୍ତି। ମସଜିଦର ଇମାମମାନେ ମଧ୍ୟ ସତର୍କତାର ସନ୍ଦେଶ ପ୍ରସାରଣ କରିଛନ୍ତି। ଶୁକ୍ରବାର ଶାହିନବାଗର ଏକ ମସଜିଦରେ ପ୍ରାର୍ଥନା ପରେ ଜଣେ ଇମାମ ମୁସଲମାନ ଯୁବକମାନଙ୍କୁ ବିକ୍ଷୋଭରେ ଯୋଗ ଦେବା ପୂର୍ବରୁ ଗମ୍ଭୀର ଭାବେ ଚିନ୍ତା କରିବାକୁ ଅନୁରୋଧ କରିଥିଲେ। ସେ କହିଥିଲେ, ସକ୍ରିୟତା କେବଳ ରାସ୍ତାକୁ ଓହ୍ଲାଇବା



ନୁହେଁ; ପ୍ରକୃତ ପରିବର୍ତ୍ତନ ଶିକ୍ଷା, ଅର୍ଥନୈତିକ ପ୍ରଗତି ଓ ସାମୂଦାୟିକ କାର୍ଯ୍ୟ ମାଧ୍ୟମରେ ଆସିଥାଏ। ବାଟଲା ହାଉସ ମସଜିଦର ଇମାମ ଅହମଦ କହିଛନ୍ତି, ଇସଲାମ ଆମକୁ ନ୍ୟାୟ ପାଇଁ ଛିଡ଼ା ହେବାକୁ ଶିକ୍ଷା ଦିଏ। ଅନାବଶ୍ୟକ କ୍ଷତି ଓ ଅରାଜକତାଠାରୁ ଦୂରେଇ ରହିବାକୁ ଶିଖାଏ। କୌଣସି ବି ପ୍ରଦର୍ଶନରେ ଭାଗ ନେବା ପୂର୍ବରୁ ମୁସଲମାନ ଯୁବକ ନିଜକୁ ପଚାରିବା ଉଚିତ ଏହାର ଉଦ୍ଦେଶ୍ୟ କ'ଣ? କିଏ ଏହାକୁ ଆୟୋଜନ କରୁଛି? ଏହା ଶାନ୍ତିପୂର୍ଣ୍ଣ ହେବ ନା ହିଂସାତ୍ମକ? ସେଠାକୁ ଗଲେ ଆମର ଲାଭ ହେବ ନା କ୍ଷତି? ତେବେ ମୁସଲମାନ ସମାଜ ଭିତରେ ସମସ୍ତଙ୍କର ମତ ସମାନ ନୁହେଁ। କିଛି ମତ ଅନୁସାରେ, ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ପ୍ରତ୍ୟେକ ନାଗରିକଙ୍କର ଲୋକତାନ୍ତ୍ରିକ ଅଧିକାର ଏବଂ ଏହାକୁ ସମ୍ପୂର୍ଣ୍ଣରୁପେ ପରିତ୍ୟାଗ କରିବା ଉଚିତ ନୁହେଁ।।

# ୧୮ ବର୍ଷର ସାର୍ଥକଙ୍କୁ ତାରିଫ କଲେ ରାହୁଲ

ନୂଆଦିଲ୍ଲୀ: କଂଗ୍ରେସ ନେତା ରାହୁଲ ଗାନ୍ଧି ସିବିଏସଇ ଛାତ୍ର ସାର୍ଥକଙ୍କୁ ଉଚ୍ଚପ୍ରଶଂସା କରିଛନ୍ତି, ତାଙ୍କ ଭିଡିଓ ଏକ୍ସ ହ୍ୟାଣ୍ଡଲରେ ସେୟାର କରିଛନ୍ତି। ରାହୁଲ ସାର୍ଥକଙ୍କୁ ତାରିଫ କରି ଏକ୍ସ ରେ ଲେଖିଛନ୍ତି ଯେ 'ସାର୍ଥକ ମାତ୍ର ୧୮ ବର୍ଷ ବୟସର, ହେଲେ ତାଙ୍କର ବିଚାର, ସାହସ ଓ ସିଦ୍ଧାନ୍ତ କାହାଠୁ ବି କମ୍ ନୁହେଁ, ସେ ଓ ତାଙ୍କ ସାଥୀ ନିସର୍ଗ ତାହା କରି ଦେଖାଇଛନ୍ତି ଯାହା ଦେଶର ବଡ଼ ମିଡିଆ ହାଉସ୍ ଙ୍କ ଅନୁସନ୍ଧାନୀ ସାମ୍ବାଦିକ ବି କରି ପାରି ନାହାନ୍ତି'। ସିବିଏସଏଇ ଓ ସିଓଇଏମପିଟି ମଧ୍ୟରେ ଥିବା ଅସାଧୁ ମେଣ୍ଟକୁ ସାର୍ଥକ ଓ ତାଙ୍କ ସାଥୀ ଦେଶ ସାମ୍ନାରେ ଖୋଲିକି ରଖି ଦେଇଛନ୍ତି। ରାହୁଲ ଲେଖିଛନ୍ତି 'ମୋଦି ଚାହୁଁଛନ୍ତି ଆମର ଯୁବ ବର୍ଗ କେବଳ ରିଲସ୍ କରିବେ, ପକୁଡି ଛାଣିବେ ହେଲେ ପ୍ରଶ୍ନ କରିବେନି କି ସେମାନଙ୍କ ଆଖି ଖୋଲିବନି '। ହେଲେ ଏହି ପିଲାମାନେ ନା କେବଳ ପ୍ରଶ୍ନ କରିଛନ୍ତି, ବରଂ ସେମାନଙ୍କ ଉତ୍ତର ମଧ୍ୟ ଖୋଜି କାଢିଛନ୍ତି। ଦେଶର ୧୮ ବର୍ଷର ପିଲା ସିବିଆଇଠୁ ବି ଧୁରନ୍ଧର ସାବ୍ୟସ୍ତ ହୋଇଛି। ଯୁବ ପିଢୀଙ୍କ ଏହି ବିଜୟ ଉଚିତ ବାକ୍ୟରେ ସରକାରଙ୍କ ହାର ବୋଲି କୁହାଯାଇପାରେ। ରାହୁଲ ଗାନ୍ଧି କହିଛନ୍ତି ଯେ ଏହିମାନେ ହିଁ ଯୁବ ଶକ୍ତି ଯେଉଁମାନେ ଜିଜ୍ଞାସୁ, ସଚେତନ ଓ ସବୁ ଜାଣନ୍ତି। ରାହୁଲ କହିଛନ୍ତି ଯେ ଏପରି ଯୁବକ ଯେଉଁ ଦେଶରେ ଅଛନ୍ତି ସେହି ଦେଶର ଭବିଷ୍ୟତ କାହା କଥାରେ ଭାସି ଯିବ ନାହିଁ। ଏହା ପୂର୍ବରୁ ରାହୁଲ ସାର୍ଥକଙ୍କ ସେହି ପୋଷ୍ଟକୁ ସେୟାର କରିଥିଲେ ଯେଉଁଥିରେ ସାର୍ଥକ ସିବିଏସଇ ଟେଣ୍ଡର ପ୍ରକ୍ରିୟାର ଅନିୟମିତତା ସାମ୍ନାକୁ ଆଣିଥିଲେ।

# ତାମିଲନାଡୁରେ ତିନି ମାସ ତିଷ୍ଠିବନି ଟିଭିକେ ସରକାର : ଷ୍ଟାଲିନ

ଚେନ୍ନାଇ : ଡିଏମକେ ମୁଖ୍ୟ ତଥା ପୂର୍ବତନ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍ ରବିବାର ଏକ ସାହସିକ ଦାବି କରିଛନ୍ତି। ଯାହାକୁ ନେଇ ଏବେ ରାଜନୀତି ସରଗରମ ହେବାରେ ଲାଗିଛି। ସେ କହିଛନ୍ତି ଯେ ଅଭିନେତା ବିଜୟଙ୍କ ନେତୃତ୍ୱରେ ଟିଭିକେ ସରକାର ତିନି ମାସ ମଧ୍ୟ ଚାଲିପାରିବ ନାହିଁ। ଡିଏମକେର ବିଭିନ୍ନ ଗୋଷ୍ଠୀକୁ ଏକତ୍ର କରିବା ପାଇଁ ଚେନ୍ନାଇର ଆନ୍ନା ଆରିଭାଲୟମରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର, ପୂର୍ବତନ ତାମିଲନାଡୁ ଲିବରେସନ ଟାଇଗର୍ସ ବିଧାୟକ ପନାୟୁର ବାବୁ ଏମକେ ଷ୍ଟାଲିନ୍ୟଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଥିଲେ। ପନାୟୁର ବାବୁ ଷ୍ଟାଲିନଙ୍କୁ ଏକ ରୂପା ରାଜଦଣ୍ଡ ମଧ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭାଷଣ ଦେଇ ଷ୍ଟାଲିନ୍ କହିଥିଲେ, "ଏହା କେଉଁ ପ୍ରକାରର ସରକାର ତାହା ମୋତେ କହିବାର ଆବଶ୍ୟକତା ନାହିଁ। ଯେତେବେଳେ ଏହି



ସରକାର ଦାୟିତ୍ୱ ଗ୍ରହଣ କଲା, ମୁଁ କହିଥିଲି ଯେ ମୁଁ ଛଅ ମାସ ପାଇଁ ଏହା ବିଷୟରେ କଥା ହେବି ନାହିଁ। କିନ୍ତୁ ଏବେ ଏପରି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ଯେଉଁଠାରେ ଆମକୁ ଛଅ ମାସ ପୂର୍ବରୁ କଥା ହେବାକୁ ପଡିବ। କିନ୍ତୁ ଏହି ସରକାର ତିନି ମାସ ମଧ୍ୟ ଚାଲିବ କି ନାହିଁ ତାହାର କିଛି ଗ୍ୟାରେଣ୍ଟି ନାହିଁ।" ସେ ଆହୁରି କହିଛନ୍ତି, "ଯଦି ସେମାନେ ସବୁବେଳେ ଗୋଟିଏ ଆନ୍ଦୋଳନରୁ ଅନ୍ୟ ଏକ ଆନ୍ଦୋଳନକୁ ଯାଆନ୍ତି, ତେବେ ସେମାନେ ସବୁବେଳେ କିଛି ଲାଭକୁ ଦୃଷ୍ଟିରେ ରଖି ଏପରି କରନ୍ତି। କିନ୍ତୁ ବର୍ତ୍ତମାନ ଡିଏମକେ ଆଉ ଶାସକ ଦଳ ନୁହେଁ। ଯଦି ଆପଣ ଡିଏମକେକୁ ଆସିଛନ୍ତି, ଯାହା ବର୍ତ୍ତମାନ ବିରୋଧୀ ଦଳ, ତେବେ ଆପଣ କୌଣସି ପଦବୀ ପାଇଁ ଆସିନାହାଁନ୍ତି। ଆପଣ କାମ କରିବାକୁ, ଏହି ଆନ୍ଦୋଳନକୁ ସମର୍ଥନ କରିବାକୁ ଏବଂ ତାମିଲ ସମ୍ପ୍ରଦାୟ ପାଇଁ ଲଢ଼ିବାକୁ ଆସିଛନ୍ତି।" ଷ୍ଟାଲିନ କହିଥିଲେ ଯେ ସଫଳତା ଏବଂ ବିଫଳତା ଆମ ପାଇଁ ବିକଳ୍ପ। ଆମେ ସଫଳତାକୁ ଅଣଦେଖା କରୁନାହୁଁ। ଆମେ ପ୍ରମାଣ କରୁଛୁ ଯେ ଜଣେ ଡିଏମକେ ସଦସ୍ୟ ଏପରି ଜଣେ ଯିଏ ବିଫଳତା ଦ୍ୱାରା ନିରୁତ୍ସାହିତ ନ ହୋଇ ନିରନ୍ତର କାମ କରିପାରିବେ। ସେ କହିଥିଲେ ଯେ ଆପଣ ଭୁଲିଯିବା ଉଚିତ୍ ନୁହେଁ ଯେ ସରକାର ଏବେ ଆମର ଦୟା ଉପରେ ନିର୍ଭରଶୀଳ। ଆମେ ନିର୍ବାଚନ ଜିତିବା ଏବଂ ଡିଏମକେ ନେତୃତ୍ୱରେ ସରକାର ଗଠନ କରିବା ଉଦ୍ଦେଶ୍ୟରେ ଯାଇଥିଲୁ। ଆଜି ଏହି ସରକାର ଆମର ମେଣ୍ଟ ଦଳଗୁଡ଼ିକର ଦୟା ଉପରେ ଚାଲିଛି। ଆମେ ଯେତେବେଳେ ଆସିଲୁ, ସେହି ମେଣ୍ଟ ଦଳଗୁଡ଼ିକର ନେତାମାନେ କହିଥିଲେ ଯେ ସେମାନେ ଆମ ମେଣ୍ଟ ଦଳର ନେତାଙ୍କୁ ଜଣାଇବାକୁ ଆସିଥିଲେ।

# ଲେବାନନ ଉପରେ ଇସ୍ରାଏଲର ସବୁଠୁ ବଡ଼ ଆକ୍ରମଣ

ନୂଆଦିଲ୍ଲୀ: ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ଅନ୍ତର୍ଜାତୀୟ ଚାପ ଏବଂ ମଧ୍ୟସ୍ଥତା ପ୍ରୟାସକୁ ଅଣଦେଖା କରି ଦକ୍ଷିଣ ଲେବାନନରେ ହିଜବୁଲ୍ଲହା ବିରୁଦ୍ଧରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ସାମରିକ ଅଭିଯାନ ଆରମ୍ଭ କରିଛନ୍ତି । ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ପ୍ରତିରକ୍ଷା ବାହିନୀ (IDF) ପ୍ରାୟ ୧୫୦ଟି ହିଜବୁଲ୍ଲହା-ସହ ଜଡିତ ଠକଣାରେ ବିଶାଳ ବିମାନ ଆକ୍ରମଣ କରିଛି । ଏହି



ଆକ୍ରମଣଗୁଡ଼ିକ ପୁଣି ଥରେ ଶାନ୍ତି ଆଲୋଚନାର ଆଶାକୁ ଏକ କଠୋର ଆଘାତ ଦେଇଛି । ଏହି ସାମରିକ ଅଭିଯାନରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଖବର ହେଉଛି ଲେବାନନର ନିୟମିତ ସେନା ଦ୍ୱାରା ହୋଇଥିବା କ୍ଷତି । ଲେବାନନ ସେନାର ଏକ ସରକାରୀ ବିବୃତ୍ତି ଅନୁଯାୟୀ, ଏକ ଇସ୍ରାଏଲୀ କ୍ଷେପଣାସ୍ତ୍ର ଖାରଦାଲି-ନାବାତିହ ରାସ୍ତାରେ ଏକ ସାମରିକ ଯାନକୁ ଟାର୍ଗେଟ କରିଥିଲା । ଆକ୍ରମଣରେ ଲେବାନନ ସେନାର ବ୍ରିଗେଡିୟର ଜେନେରାଲ ୱାସାମ ସାବ୍ରା ଏବଂ କ୍ୟାପ୍ଟେନ ଏଲି ଖୌରି ଘଟଣାସ୍ଥଳରେ ପ୍ରାଣ ହରାଇଛନ୍ତି ।

# ଆନ୍ନାମଲାଇଙ୍କ ନୂଆ ଆନ୍ଦୋଳନ

ଚେନ୍ନାଇ: ଭାରତୀୟ ଜନତା ପାର୍ଟି (BJP)ରୁ ଇସ୍ତଫା ଦେବାର ମାତ୍ର କିଛି ଦିନ ମଧ୍ୟରେ କେ. ଆନ୍ନାମଲାଇ ତାମିଲନାଡୁ ରାଜନୀତିରେ ଏକ ବଡ଼ ବିପ୍ଳବ ସୃଷ୍ଟି କରିଛନ୍ତି। ସେ ରାଜ୍ୟରେ ଏକ ସମ୍ପୂର୍ଣ୍ଣ ନୂତନ ରାଜନୈତିକ ଆନ୍ଦୋଳନର ଶୁଭାରମ୍ଭ କରିଛନ୍ତି, ଯାହାର ନାମ ରଖାଯାଇଛି 'ୱି ଦି ଲିଡର' । ଏହି ଆନ୍ଦୋଳନ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମିସାଇଲ ମ୍ୟାନ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ବିଚାରଧାରା ଉପରେ ଆଧାରିତ। ଏହି ଅଭିଯାନ ଆରମ୍ଭ ହେବାର ମାତ୍ର କେଇ ଘଣ୍ଟା ମଧ୍ୟରେ ୧୫ ଲକ୍ଷରୁ ଅଧିକ ଲୋକ ଏଥିରେ ସାମିଲ ହୋଇ ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଏହା ସହିତ ଆନ୍ନାମଲାଇ କୋଏମ୍ବାଟୁରଠାରେ 'କଲାମ ସେଣ୍ଟର ଫର ଏଥିକ୍ସ ଆଣ୍ଡ ପଲିଟିକ୍ସ' ନାମକ ଏକ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ ସ୍ଥାପନ କରିବାକୁ ମଧ୍ୟ ଘୋଷଣା କରିଛନ୍ତି।

**ବିଜେପି ଛାଡ଼ିବା ପରେ ନୂଆ ରଣନୀତି**

ଗତ ଜୁନ୍ ୫ ତାରିଖରେ ଆନ୍ନାମଲାଇ ଆନୁଷ୍ଠାନିକ ଭାବେ ବିଜେପିରୁ ବିଦାୟ ନେଇଥିଲେ



ଏବଂ ଖୁବ୍ ଶୀଘ୍ର ଏକ ନୂଆ ରାଜନୈତିକ ପଦକ୍ଷେପ ନେବେ ବୋଲି ସଙ୍କେତ ଦେଇଥିଲେ। ସେ ବୈଜ୍ଞାନିକ ତଥା ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କୁ ଦେଶପ୍ରେମ, ତ୍ୟାଗ, ଏକତା, ନିଷ୍ଠା ଓ ଶ୍ରେଷ୍ଠତାର ପ୍ରତୀକ ଭାବେ ବର୍ଣ୍ଣନା କରିଛନ୍ତି। ଜଣେ ଗର୍ବିତ ତାମିଲ ଏବଂ ରାଷ୍ଟ୍ରବାଦୀ ନେତା ଭାବେ କଲାମଙ୍କ ନୀତିକୁ ଆଧାର କରି ଆନ୍ନାମଲାଇ ତାମିଲନାଡୁରେ ଏକ ନୂଆ ରାଜନୈତିକ ଅଧ୍ୟାୟର ସୂତ୍ରପାତ କରିଛନ୍ତି। ବିଜେପି ସହ ୬ ବର୍ଷର ସମ୍ପର୍କ ଛିନ୍ନ ଆନ୍ନାମଲାଇ ବିଗତ ୬ ବର୍ଷ ଧରି ବିଜେପି ସହ ଜଡ଼ିତ ଥିଲେ ଏବଂ ଦକ୍ଷିଣ ଭାରତରେ ଦଳର ଏକ ପ୍ରମୁଖ ତଥା ପ୍ରଭାବଶାଳୀ ଚେହେରା ଭାବେ ଉଭା ହୋଇଥିଲେ।

ତେବେ ବର୍ତ୍ତମାନ ସମୟରେ ତାମିଲନାଡୁରେ ଟିଭିକେ ଦଳ କ୍ଷମତାକୁ ଆସିବା ପରେ ସେ ବିଜେପିରୁ ଇସ୍ତଫା ଦେଇଛନ୍ତି।ଏହି ନୂତନ ଆନ୍ଦୋଳନ ମାଧ୍ୟମରେ ଆଗାମୀ ଦିନରେ ଏକ ନୂଆ ରାଜନୈତିକ ଦଳ ଗଠନ କରାଯିବ।

୨୦୩୧ ତାମିଲନାଡୁ ବିଧାନସଭା ନିର୍ବାଚନରେ ସମ୍ପୂର୍ଣ୍ଣ ଶକ୍ତିର ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆନ୍ନାମଲାଇ ଲକ୍ଷ୍ୟ ରଖିଥିବା କୁହାଯାଉଛି । ଇଣ୍ଟରନେଟରେ ଜନସାଧାରଣଙ୍କୁ ସମ୍ବୋଧିତ କରି ସେ ନିଜ ଜୀବନର ସଂଘର୍ଷ, ରାଜନୈତିକ ଅଭିଜ୍ଞତା ଏବଂ ଭବିଷ୍ୟତର ରଣନୀତି ବିଷୟରେ ଆଲୋଚନା କରିଛନ୍ତି।

୪୨ ବର୍ଷୀୟ ଏହି ପୂର୍ବତନ ଆଇପିଏସ୍ ଅଧିକାରୀ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କର ବିଜେପି ଛାଡ଼ିବା ନିଷ୍ପତ୍ତି ହଠାତ୍ ନିଆଯାଇ ନାହିଁ। ଏହା ଏକ ଦୀର୍ଘଦିନର ଚିନ୍ତାଧାରାର ପରିଣାମ ଏବଂ ଏହି ବିଷୟରେ ସେ ବହୁ ପୂର୍ବରୁ ଦଳର କେନ୍ଦ୍ରୀୟ ନେତୃତ୍ୱକୁ ଅବଗତ କରାଇ ସାରିଥିଲେ।

# ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ୧୦୦ ଦିନ: ଜାତିସଂଘ ବିଫଳ, ବଢ଼ୁଛି ସଙ୍କଟ

ଦୁବାଇ/ତେହେରାନ: ଇରାନ ବିରୁଦ୍ଧରେ ଆମେରିକା ଓ ଇସ୍ରାଏଲର ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ଭୟଙ୍କର ଯୁଦ୍ଧ ଆଜି ୧୦୦ ଦିନରେ ପହଞ୍ଚିଛି। ଦିନକୁ ଦିନ ଏହି ସଂଘର୍ଷ ସମଗ୍ର ଅଞ୍ଚଳକୁ ନିଜ କବଳକୁ ନେବାରେ ଲାଗିଥିବା ବେଳେ ବୈଶ୍ୱିକ ସଙ୍କଟ ବଢ଼ିଚାଲିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ସମଗ୍ର ବିଶ୍ୱର ଭୂ-ରାଜନୀତି, ଶକ୍ତି ସୁରକ୍ଷା ଏବଂ ଅନ୍ତର୍ଜାତୀୟ ସମୀକରଣକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି। ସାମୟିକ ଅସ୍ତ୍ରବିରତି ପାଇଁ ଚେଷ୍ଟା ଜାରି ରହିଥିଲେ ମଧ୍ୟ ଇସ୍ରାଏଲ ପକ୍ଷରୁ ଲେବାନନ ଉପରେ ତୁହାକୁ ତୁହା ଆକ୍ରମଣ ଏହି ଶାନ୍ତି ପ୍ରକ୍ରିୟାକୁ ଧୂଳିସାତ କରିଦେଇଛି। ସଂଘର୍ଷ ଯୋଗୁଁ ହଜାର ହଜାର ନିରୀହ ଲୋକ ପ୍ରାଣ ହରାଇ ସାରିଲେଣି। ଏହି ଯୁଦ୍ଧରେ ମୋଟ ମୃତ୍ୟୁ ସଂଖ୍ୟା ୯,୬୦୦ରୁ ଅଧିକ ବୋଲି କେତେକ ସଂସ୍ଥା ଆକଳନ କରିଛନ୍ତି। ଇରାନରେ ପ୍ରାୟ ୪ ହଜାର ଏବଂ ଲେବାନନରେ ୩୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ଯୁଦ୍ଧରେ ୧୦ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ଇରାନର ପ୍ରତିଆକ୍ରମଣରେ ୧୩ ଜଣ ଆମେରିକୀୟ ସୈନିକ ଏବଂ ଇସ୍ରାଏଲର ୨୬ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏହି ଯୁଦ୍ଧ ସାରା ବିଶ୍ୱକୁ ଦୁଇ ଭାଗରେ ବିଭକ୍ତ କରିଦେଇଛି।



ଗୋଟିଏ ପଟେ ରୁଷ୍ ଇରାନକୁ ସମ୍ପୂର୍ଣ୍ଣ ସାମରିକ ଓ ରଣନୈତିକ ସମର୍ଥନ ଦେବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଚୀନ୍ ଜାତିସଂଘରେ ଇରାନ ବିରୋଧୀ ସମସ୍ତ ପ୍ରସ୍ତାବକୁ ଭିଟୋ ପ୍ରୟୋଗ କରି ନାକଚ କରିଦେଉଛି। ଅନ୍ୟପଟେ ୟୁଏଇ ଭଳି ଗଲ୍ଫ ଦେଶଗୁଡ଼ିକ ଆମେରିକା ଓ ଇସ୍ରାଏଲ ସହ ମିଶି ଇରାନ ଉପରେ ବିମାନ ଆକ୍ରମଣ କରୁଛନ୍ତି। ସେହିପରି ସାଉଦି ଆରବ ଏବଂ ଇରାକ ନିଜର ଆଞ୍ଚଳିକ ସୁରକ୍ଷାକୁ ନେଇ ଦୋଳାୟମାନ ସ୍ଥିତିରେ ରହିଛନ୍ତି। ପାକିସ୍ତାନ ଏବଂ ୟୁରୋପୀୟ ସଂଘ ଯୁଦ୍ଧକୁ ରୋକିବା ପାଇଁ କୂଟନୈତିକ ସ୍ତରରେ ଆଲୋଚନା ଜାରି ରଖିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଜାତିସଂଘ ଏହି ଯୁଦ୍ଧକୁ ନିୟନ୍ତ୍ରଣ ବାହାରେ ବୋଲି ଘୋଷଣା କରିଥିଲେ ମଧ୍ୟ ବିଶ୍ୱ ଶକ୍ତିଙ୍କ ମଧ୍ୟରେ ଥିବା ଆନ୍ତରିକ କନ୍ଦଳ ଯୋଗୁଁ କୌଣସି ଦୃଢ଼ ପଦକ୍ଷେପ ନେଇପାରୁ ନାହିଁ।

ଏହି ଯୁଦ୍ଧ ଯୋଗୁ ସବୁଠାରୁ ବଡ଼ ଝଟକା ବିଶ୍ୱ ଅର୍ଥନୀତିକୁ ଲାଗିଛି। ହର୍ମୁଜ ପ୍ରଣାଳୀ ବନ୍ଦ ରହିବା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଶକ୍ତି ସଙ୍କଟ ବଢ଼ିଚାଲିଛି। ଯାହା ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତି ଏବଂ ମହଙ୍ଗା ମାଡ଼କୁ ଜନ୍ମ ଦେଇଛି। ସାମୁଦ୍ରିକ ବାଣିଜ୍ୟ ପଥ ବିପର୍ଯ୍ୟସ୍ତ ହେବା ସହ ଜାହାଜ ଚଳାଚଳ ପାଇଁ ବୀମା ଖର୍ଚ୍ଚ ବହୁ ଗୁଣ ବୃଦ୍ଧି ପାଇଛି। ଆଫ୍ରିକୀୟ ଏବଂ ଏସୀୟ ଦେଶଗୁଡ଼ିକରେ ଖାଦ୍ୟ ଓ ଇନ୍ଧନ ସଙ୍କଟ ତେଜିବାରେ ଲାଗିଛି। ଭାରତ ଏହି ସଂଘର୍ଷ ମଧ୍ୟରେ ଅତି ସତର୍କତାର ସହ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରୁଛି, କିନ୍ତୁ ହର୍ମୁଜ ପ୍ରଣାଳୀରେ ଭାରତୀୟ ମାଲବାହୀ ଜାହାଜଗୁଡ଼ିକ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକ ନୂଆଦିଲ୍ଲୀର ଚିନ୍ତା ବଢ଼ାଇ ଦେଇଛି। ଇତିମଧ୍ୟରେ ପାକିସ୍ତାନ ଓ ତୁର୍କୀ ମଧ୍ୟସ୍ଥତା କରି ଏକ ସ୍ଥାୟୀ ସମାଧାନ ପାଇଁ ଚେଷ୍ଟା କରୁଛନ୍ତି, କିନ୍ତୁ ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଏହି ଯୁଦ୍ଧ ଶୀଘ୍ର ଥମିବାର ସଙ୍କେତ ମିଳୁନାହିଁ।

## କାଠମାଣ୍ଡୁ-କଳିଙ୍ଗ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ

# ନେପାଳ ସହିତ ଓଡ଼ିଶାର ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରୁଛି

କାଠମାଣ୍ଡୁ : କାଠମାଣ୍ଡୁ-କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲ୍ଏଫ୍)ର ଚତୁର୍ଥ ସଂସ୍କରଣ ନେପାଳର ଲଳିତପୁର ସ୍ଥିତ ହୋଟେଲ ହିମାଳୟରେ ଆରମ୍ଭ ହୋଇଛି, ଯାହା ଓଡ଼ିଶା ଏବଂ ନେପାଳ ମଧ୍ୟରେ ଥିବା ଚିରନ୍ତନ ସାହିତ୍ୟିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ସଭ୍ୟତାଗତ ସମ୍ପର୍କକୁ ପୁନର୍ବାର ସଦୃଢ଼ କରୁଛି । ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କୀଙ୍କ ଦ୍ୱାରା ଏହି ଦୁଇ ଦିନିଆ ମହୋତ୍ସବ ଉଦ୍ଘାଟିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ସାହିତ୍ୟ ଜଗତର ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ, ଯେଉଁଥିରେ ପ୍ରତିଭା ରାୟ, ପାରମିତା ଶତପଥୀ ଏବଂ ଉପେନ୍ଦ୍ରନାଥ ବେହେରାଙ୍କ ଭଳି ଲେଖକ/ଲେଖିକା ସାମିଲ ହୋଇ ଓଡ଼ିଶାର ସମୃଦ୍ଧ ସାହିତ୍ୟିକ ଐତିହ୍ୟକୁ ପ୍ରଦର୍ଶିତ କରିଥିଲେ । ଉଦ୍ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ମହୋତ୍ସବ ନିର୍ଦ୍ଦେଶିକା ରଞ୍ଜନା ନିରୌଲା କହିଥିଲେ ଯେ ସାହିତ୍ୟ କେବଳ ଶବ୍ଦ ଏବଂ ବହି ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଚିନ୍ତାଧାରା, ସଂସ୍କୃତି, ସ୍ମୃତି, ସହାନୁଭୂତି ଏବଂ ମାନବୀୟ ସମ୍ଭାବନାର ଏକ ମହୋତ୍ସବ ଭାବରେ କାର୍ଯ୍ୟ କରେ । ସେ ଉଲ୍ଲେଖ କରିଥିଲେ ଯେ ଏହି ମହୋତ୍ସବ କେବଳ ଏକ ସାହିତ୍ୟିକ ସମାବେଶ ନୁହେଁ; ଏହା ଏକ ମଞ୍ଚ ଯାହା ଲୋକଙ୍କ ମଧ୍ୟରେ ଆତ୍ମୀୟତା, ସଂଳାପ ଏବଂ ପାରସ୍ପରିକ ବୁଝାମଣାକୁ ପ୍ରୋତ୍ସାହିତ କରେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଶୀଳା କାର୍କୀ ନିଜର ସାହିତ୍ୟିକ ଯାତ୍ରା ଏବଂ ସମାଜ ଓ ବ୍ୟକ୍ତିଗତ ଅନୁଭୂତି ସହିତ ଏହାର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ସେ କହିଁଥିଲେ ଯେ ସେ ୧୯୯୦ ମସିହାରେ 'ତାରା' ଚରିତ୍ରକୁ ନେଇ ଏକ ଉପନ୍ୟାସ ଲେଖିଥିଲେ ଏବଂ ଅଶେଷ ମଲ୍ଲଙ୍କ କବିତାଗୁଡ଼ିକୁ ହିନ୍ଦୀରେ ଅନୁବାଦ କରିଥିଲେ। ନୋବେଲ ପୁରସ୍କାର ବିଜେତା ଲେଖିକା ପର୍ଲ ଏସ୍. ବକ୍ଙ୍କୁ କାର୍ଯ୍ୟକୁ ମନେ ପକାଇ, ଯାହାଙ୍କର ପ୍ରସିଦ୍ଧ ଉପନ୍ୟାସ 'ଦି ଗୁଡ୍ ଆର୍ଥ' ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଚୀନ ସମାଜକୁ ଚିତ୍ରିତ କରିଥିଲା, କାର୍କୀ କହିଥିଲେ ଯେ ସାହିତ୍ୟ କେବଳ କଳ୍ପନାରୁ ନୁହେଁ, ବରଂ ଜୀବନ୍ତ ଅନୁଭୂତି, ସାମାଜିକ ବାସ୍ତବତା ଓ ମାନବୀୟ ଆବେଗରୁ ସୃଷ୍ଟି ହୋଇଥାଏ। ଓଡ଼ିଶା ଓ ବୃହତ ଦକ୍ଷିଣ ଏସୀୟ ଅଞ୍ଚଳ ପାଇଁ ଏହି ମହୋତ୍ସବର ଗୁରୁତ୍ୱ ଉପରେ ଆଲୋକପାତ କରି କଳିଙ୍ଗ ସାହିତ୍ୟ ମହୋତ୍ସବର ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା କ୍ୟୁରେଟର ରଶ୍ମି ରଞ୍ଜନ ପରିଡ଼ା କହିଛନ୍ତି ଯେ, ଚତୁର୍ଥ କାଠମାଣ୍ଡୁ ସଂସ୍କରଣରେ ପ୍ୟାନେଲ ଆଲୋଚନା, ମୁଖ୍ୟ ଭାଷଣ, କବିତା ଆବୃତ୍ତି, ସଙ୍ଗୀତ ପରିବେଷଣ, ଲେଖକମାନଙ୍କ ସହ ଗ୍ରୁପ୍ ଆଲୋଚନା, ପୁସ୍ତକ ଉନ୍ମୋଚନ, କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସୀମାବର୍ତ୍ତୀ ସାହିତ୍ୟିକ ସହଯୋଗ ସ୍ଥାନ ପାଇଛି।

# ମହାରାଷ୍ଟ୍ର ସମେତ ୧୨ଟି ରାଜ୍ୟରେ ମୌସୁମୀ ସକ୍ରିୟ

ନୂଆଦିଲ୍ଲୀ: ରବିବାର ମୌସୁମୀ ଆଉ ଚାରିଟି ରାଜ୍ୟ ତ୍ରିପୁରା, ନାଗାଲାଣ୍ଡ, ଆସାମ ଓ ଅରୁଣାଚଳ ପ୍ରଦେଶରେ ପହଞ୍ଚିଛି। ମହାରାଷ୍ଟ୍ରରେ ମୌସୁମୀ କେବଳ ଦକ୍ଷିଣ କୋଙ୍କଣ ପର୍ଯ୍ୟନ୍ତ ପହଞ୍ଚିଥିଲା। ଏହି କାରଣରୁ ସିନ୍ଧୁଦୁର୍ଗ ଓ ରତ୍ନଗିରିରେ ଜୁନ୍ ୯ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ତାଞ୍ଚା ଦୁର୍ବଳ ରହିବ ବୋଲି ଆଶା କରାଯାଉଛି।ଆଇଏମ୍ଡି ଅନୁଯାୟୀ, ମୌସୁମୀ ମିଜୋରାମ, ମଣିପୁର, ତ୍ରିପୁରା, ମଣିପୁର, ଅରୁଣାଚଳ ପ୍ରଦେଶ ଓ ଆସାମର କିଛି ଅଂଶରେ ପହଞ୍ଚିଛି। ଆସନ୍ତା ଦୁଇ ଦିନ ମଧ୍ୟରେ ଏହା ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶର ଅବଶିଷ୍ଟ ଅଂଶ ଏବଂ ଅବଶିଷ୍ଟ ଉତ୍ତର-ପୂର୍ବ ରାଜ୍ୟରେ ପହଞ୍ଚିବାର



ସମ୍ଭାବନା ରହିଛି। ମୌସୁମୀ ଯୋଗୁଁ କେରଳ, କର୍ଣ୍ଣାଟକ, ଗୋଆ ଓ ତାମିଲନାଡୁର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ହେଉଛି। ତେବେ ତାମିଲନାଡୁର ରାଜଧାନୀ ଚେନ୍ନାଇରେ କ୍ରମାଗତ ପଞ୍ଚମ ଦିନ ପାଇଁ ପାରଦ ୪୦ ଡିଗ୍ରି ସେଲସିୟସ ଅତିକ୍ରମ କରିଛି। ଗୁଜୁରାଟ ବ୍ୟତୀତ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ହେଉଛି। ଶନିବାର ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ, ବିହାର, ଝାଡ଼ଖଣ୍ଡ, ହରିୟାଣା, ହିମାଚଳ ପ୍ରଦେଶ ସମେତ ଉତ୍ତର-ପୂର୍ବ ରାଜ୍ୟରେ ପ୍ରବଳ ବର୍ଷା ହୋଇଛି। ମଧ୍ୟପ୍ରଦେଶର ଭୋପାଳ ସମେତ ୪ଟି ଜିଲ୍ଲାରେ ଘଣ୍ଟାପ୍ରତି ୫୦ କିଲୋମିଟର ବେଗରେ ପବନ ବହିଥିଲା। ରାଜସ୍ଥାନର ବିକାନେରରେ କୁଆପଥର ସହ ବର୍ଷା ହୋଇଛି। ଶନିବାର ୟୁପିର ମଉ ଓ ଗାଜିପୁରରେ ମଧ୍ୟ ବର୍ଷା ହୋଇଥିଲା। ତିନି ଦିନ ବିଳମ୍ବରେ ପହଞ୍ଚିବା ପରେ ମୌସୁମୀ ଗତିଶୀଳ ହୋଇଛି।୪ ଦିନ ମଧ୍ୟରେ ଏହା ୭ଟି ରାଜ୍ୟକୁ କଭର କରିଛି। ଶନିବାର ମୌସୁମୀ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ମିଜୋରାମ ଓ ମଣିପୁରରେ ପ୍ରବେଶ କରିଛି। ଏହା ପୂର୍ବରୁ ଶୁକ୍ରବାର ଏହା କର୍ଣ୍ଣାଟକ, ତାମିଲନାଡୁ ଓ ଗୋଆରେ ପହଞ୍ଚିଥିଲା। ଜୁନ୍ ୪ରେ ମୌସୁମୀ କେରଳରେ ପହଞ୍ଚିଥିଲା। ଆଇଏମ୍ଡିର କହିବା ଅନୁସାରେ, ଆସନ୍ତା ତିନି ଦିନ ମଧ୍ୟରେ ମୌସୁମୀ ଉତ୍ତର-ପୂର୍ବର ସମସ୍ତ ରାଜ୍ୟ ଏବଂ ପଶ୍ଚିମବଙ୍ଗର କିଛି ଅଞ୍ଚଳରେ ପହଞ୍ଚିପାରେ। ଆସନ୍ତା ୧୦ ଦିନ ମଧ୍ୟରେ ଏହା ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶାରେ ପହଞ୍ଚିବାର ସମ୍ଭାବନା ରହିଛି। ସ୍କାଏମେଟ୍ ପାଣିପାଗ ବିଶେଷଜ୍ଞ ଜିପି ଶର୍ମାଙ୍କ କହିବା ଅନୁଯାୟୀ, ମଧ୍ୟପ୍ରଦେଶ, ଛତିଶଗଡ଼, ଓଡ଼ିଶା ଓ ପଶ୍ଚିମବଙ୍ଗରେ ମୌସୁମୀର ଗତି ବର୍ତ୍ତମାନ ପାଇଁ ମନ୍ଥର ରହିପାରେ।

# ବଦଳିଲା ବିସିସିଆଇ ନିଷ୍ପତ୍ତି —

## ବୈଭବଙ୍କ ସହ ଇଂଲଣ୍ଡ ଯିବେ ବାପା -ମା'

ନୂଆଦିଲ୍ଲୀ, ୭।୬(ଏଜେନ୍ସି) : ଭାରତୀୟ କ୍ରିକେଟ ଦଳରେ ସ୍ଥାନ ପାଇଥିବା ୧୫ ବର୍ଷୀୟ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କ କ୍ଷେତ୍ରରେ କୋହଳ ନୀତି ଅବଲମ୍ବନ କରିଛି ବିସିସିଆଇ । ଆଗାମୀ ଇଂଲଣ୍ଡ ଗସ୍ତ ସମୟରେ ବୈଭବଙ୍କ ପିତା -ମାତାଙ୍କୁ ବିସିସିଆଇ



ଦଳ ସହ ଗସ୍ତ କରିବାକୁ ନିବେଦନ କରିଛି । ଚୟନକର୍ତ୍ତା ଗତ ଦୁଇ ବର୍ଷ ମଧ୍ୟରେ ବୈଭବଙ୍କ ବ୍ୟାଟିଂ ପ୍ରଦର୍ଶନକୁ ଆଧାର କରି ତାଙ୍କୁ ଏହି ସୁଯୋଗ ଦେଇଛନ୍ତି । ନିକଟରେ ଶେଷ ହୋଇଥିବା ଆଇପିଏଲରେ ବୈଭବ ୧୬ ମ୍ୟାଚରେ ୭୭୬ ରନ କରିଥିଲେ ।ସିଜନର ସର୍ବାଧିକ ରନ ସ୍କୋରର ବନିଥିଲେ । ବୈଭବ ବର୍ତ୍ତମାନ ନାବାଳକ ଥିବାରୁ ଶ୍ରୀଲଙ୍କା ଗସ୍ତ ବ୍ୟତୀତ ଇଂଲଣ୍ଡ ଏବଂ ଆୟରଲ୍ୟାଣ୍ଡରେ ତାଙ୍କ ସହ ବାପା -ମା ଯିବାକୁ ବିସିସିଆଇ ନିବେଦନ କରିଛି । ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ବୈଭବଙ୍କୁ ଶ୍ରୀଲଙ୍କା ଯାଉଥିବା ଭାରତୀୟ ଏ ଦଳ ପାଇଁ ମଧ୍ୟ ମନୋନୀତ କରାଯାଇଛି । ସେ ପୁରୁଷ ଦଳ ସହ ଗସ୍ତ କରିବେ, ଯେଉଁ ମାନେ ସମସ୍ତେ ବୟସ୍କ । ତେଣୁ ଆମେ ତାଙ୍କ ବାପା - ମା କିମ୍ବା ପରିବାରର ସଦସ୍ୟଙ୍କୁ ତାଙ୍କ ସହ ଶ୍ରୀଲଙ୍କା ଯିବାକୁ ଅନୁରୋଧ କରିଛୁ । ଆମେ ସାଧାରଣତଃ ବାପା -ମାଙ୍କୁ ପଠାଇନଥାଉ କିନ୍ତୁ ବୈଭବଙ୍କ ବୟସ ମାତ୍ର ୧୫ ବର୍ଷ । ତେଣୁ ଆମେ ଚାହୁଁଛୁ ସେ ସହଜ ଅନୁଭବ କରନ୍ତୁ ବୋଲି ସାଇକିଆ କହିଛନ୍ତି ।

# ଚଣ୍ଡିଗଡ ଟେଷ୍ଟ

## ଭଲ ସ୍ଥିତିରେ ଭାରତ

ଚଣ୍ଡିଗଡ, ୭।୬(ଏଜେନ୍ସି) : ନ୍ୟୁ ଚଣ୍ଡିଗଡର ମୁଲାନପୁରରେ ଖେଳାଯାଉଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ଭାରତର ସ୍ଥିତି ମଜଭୁତ ରହିଛି । ଆଫଗାନିସ୍ତାନ ବିପକ୍ଷରେ ଭାରତ ପ୍ରଥମ ଇନିଂସରେ ୮ ୱିକେଟ୍ ହରାଇ ୫୬୪ ରନର ବଡ ସ୍କୋର କରି ପାଳି ଘୋଷଣା କରିଥିଲା । ଦ୍ୱିତୀୟ ଷ୍ଟମ୍ପ ଅପସାରଣ ସୁଦ୍ଧା ଆଫଗାନିସ୍ତାନ ୩୯.୫ ଓଭରରେ ୫ ୱିକେଟ୍ ହରାଇ ୧୧୩ ରନ କରିଛି । ଦଳ ଏବେବି ୪୫୧ ରନ ପଛରେ ରହିଛି । ଆଫଗାନିସ୍ତାନ ଫଲୋ ଅନ୍ ଏଡାଇବାକୁ ସଂଘର୍ଷ ଜାରି ରଖିଛି ।



ଦ୍ୱିତୀୟ ଦିନ ଭାରତର ବ୍ୟାଟର ଓ ବୋଲରଙ୍କ ଚମକ ଦେଖିବାକୁ ମିଳିଥିଲା । ଶୁଭମନ୍ ଗିଲ ଓ ରିଷଭ ପନ୍ତ ଇନିଂସକୁ ଆଗେଇ ନେଇଥିଲେ । ଶତକ ହାସଲ କରିଥିବା ଗିଲ ପ୍ରଥମ ବ୍ୟାଟର ଭାବେ ୧୨୬ ରନ କରି ଆଉଟ୍ ହୋଇଥିଲେ । ଏହା ପରେ ପନ୍ତ ୮୧ ରନ କରି ପାଭିଲିୟନ ଫେରିଥିଲେ । ଧ୍ରୁବ ଜୁରେଲ୍ ୧୯ ରନ କରିଥିବା ବେଳେ ମାନବ ସୁତାର ୨୮ ଓ ମହମ୍ମଦ ସିରାଜ ୨୨ ରନ ସଂଗ୍ରହ କରିଥିଲେ । ୱାଶିଂଟନ ସୁନ୍ଦର ୫୨ ରନ କରି ଅପରାଜିତ ଥିଲେ । ଶେଷରେ ଭାରତ ୫୬୪/୮ରେ ପାଳି ଘୋଷଣା କରିଥିଲା । ପୂର୍ବରୁ ଯଶସ୍ୱୀ ଜୟସ୍ୱାଲ ୨୪, ଲୋକେଶ ରାହୁଲ ୧୦୦, ସାଇ ସୁଦର୍ଶନ ୮୧ ରନ କରିଥିଲେ । ଆଫଗାନିସ୍ତାନର ମହମ୍ମଦ ସଲିମଙ୍କୁ ସର୍ବାଧିକ ୬ ୱିକେଟ୍ ସଫଳତା ମିଳିଥିଲା ।

ବ୍ୟାଟିଂ କରିବାକୁ ଓହ୍ଲାଇଥିବା ଆଫଗାନିସ୍ତାନ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଦଳ ନିମୟିତ ବ୍ୟବଧାନରେ ୱିକେଟ୍ ହରାଇ ବ୍ୟାକଫୁଟ୍‌କୁ ଚାଲିଯାଇଥିଲା । ଅବଦୁଲ ମଲ୍ଲିକ ୧୬, ସିଦିଉଲା ଅଟଲ ୧୭, ରହମନୁଲା ଗୁରବାଜ ୧୨ ଏବଂ ଅଧିନାୟକ ହସ୍ମତୁଲା ସହିଦ ୨୦ ଓ ଅଫସର ଜାଜାଇ ୩ ରନ କରି ଆଉଟ୍ କରି ଆଉଟ୍ ହୋଇଥିଲେ । ୩୯.୫ ଓଭରରେ ୧୧୩ ରନ ମଧ୍ୟରେ ୧୦୫ ୱିକେଟ୍ ହରାଇ ଆଫଗାନିସ୍ତାନ ବ୍ୟାକଫୁଟ୍‌କୁ ଚାଲିଯାଇଥିଲା । ଭାରତୀୟ ଇନିଂସ ଠାରୁ ୪୫୧ ରନ ପଛରେ ଥିବା ଆଫଗାନିସ୍ତାନ ଫଲୋଅନ ଏଡାଇବାକୁ ସଂଘର୍ଷ ଜାରି ରଖିଛି । ବୋଲିଂରେ ଭାରତ ପକ୍ଷରୁ ପଦାର୍ପଣ ଟେଷ୍ଟ ଖେଳୁଥିବା ମାନବ ସୁତାର ୨୧ ରନ ଦେଇ ସର୍ବାଧିକ ୩ ୱିକେଟ୍ ଏବଂ ପ୍ରସିଦ୍ଧ କ୍ରୀଷ୍ଣା ୨୭ ରନ ଦେଇ ୨ ୱିକେଟ୍ ନେଇଛନ୍ତି ।

### ସିଦ୍ଧାନ୍ତ ମେମୋରିଆଲ ପାରାମାଉଣ୍ଟ କପ୍

## ଜୟଦେବ ସ୍ପୋର୍ଟିଂ ବିଜୟୀ

ଭୁବନେଶ୍ୱର, ୭।୬(ସବ୍ୟୁ) :ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରବିବାର ଅନୁଷ୍ଠିତ ମ୍ୟାଚରେ ଜୟଦେବ ସ୍ପୋର୍ଟିଂ ବିଜୟ ଲାଭ କରିଛି । ଏହି ମ୍ୟାଚରେ ଜୟଦେବ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ୮




ୱିକେଟ୍ ହରାଇ ୨୫୪ ରନ ସଂଗ୍ରହ କରିଥିଲା । ଶିବ ସାଇ ବିସି ୪୮ ବଲରେ ୭୨ ରନ କରିଥିଲେ । ଜବାବ୍‌ରେ ପୁରୀର ପାୟୋନିୟର କ୍ଲବ ୨୬.୨ ଓଭରରେ ୭୧ ରନ କରି ସମସ୍ତ ୱିକେଟ୍ ହରାଇଥିଲା । ଜୟଦେବ ସ୍ପୋର୍ଟିଂର ଶିବ ସାଇଙ୍କୁ ପାରାମାଉଣ୍ଟ କ୍ଲବର ପୂର୍ବତନ ବରିଷ୍ଠ ଖେଳାଳି ପ୍ରଦ୍ୟୁମ୍ନ ଜେନା ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ।

### ଫିଫା ବିଶ୍ୱକପ୍

## ଆମେରିକାର କଟକଣାକୁ ଇରାନର ନିନ୍ଦା

ନୂଆଦିଲ୍ଲୀ,୭।୬(ଏଜେନ୍ସି): ଫିଫା ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ମୈଦାନରେ ଦେଖିବାକୁ ମିଳିଛି । ଆମେରିକା, ଇରାନର ଜାତୀୟ ଫୁଟବଲ୍ ଦଳର ଖେଳାଳିମାନଙ୍କୁ ଭିସା ପ୍ରଦାନ କରିଛି, କିନ୍ତୁ ସେମାନଙ୍କ ସହିତ ଥିବା ବ୍ୟାକରୁମ୍ ଷ୍ଟାଫ୍ ଏବଂ ମ୍ୟାନେଜମେଣ୍ଟର ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇଛି । ଇରାନ ଏହି ନିଷ୍ପତ୍ତିର କଡ଼ା ବିରୋଧ କରିଛି, ଏହାକୁ କ୍ରୀଡ଼ାରେ ରାଜନୈତିକ ହସ୍ତକ୍ଷେପ ବୋଲି କହିଛି । ବଡ଼ କଥା ହେଉଛି, ବିଶ୍ୱକପ୍ ଇତିହାସରେ ଏହା ପ୍ରଥମ ଥର ଯେତେବେଳେ ଆୟୋଜକ ଦେଶ ଏପରି ଏକ ଦଳକୁ ସ୍ୱାଗତ କରୁଛି ଯାହା ସହିତ ସେ ଯୁଦ୍ଧ ଲଢୁଛି । ଜୁନ୍ ୧୫ରେ ଲସ୍ ଆଞ୍ଜେଲସରେ ଇରାନ ତାର ପ୍ରଥମ ମ୍ୟାଚ୍ ଖେଳିବ । ଏହା ପୂର୍ବରୁ ସମସ୍ତ ଖେଳାଳି ଏବଂ ସହାୟକ ଷ୍ଟାଫଙ୍କୁ ଭିସା ପ୍ରଦାନ କରାଯାଇଥିବା ଆମେରିକୀୟ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି । ତଥାପି, ଆମେରିକା ଏହା ବି କହିଛି ଯେ ମିଛ ବାହାନାରେ ଆମେରିକାରେ ଆତଙ୍କବାଦୀମାନଙ୍କୁ ଅନୁପ୍ରବେଶ କରାଇବା ପାଇଁ ଇରାନକୁ ଏହି ବ୍ୟବସ୍ଥାର ଫାଇଦା ଉଠାଇବାକୁ ଅନୁମତି ଦିଆଯିବ ନାହିଁ । ଇରାନ ଅଭିଯୋଗ କରିଛି ଯେ ଆମେରିକା ଜାଣିଶୁଣି ପ୍ରମୁଖ ଦଳର ସଦସ୍ୟମାନଙ୍କୁ ପ୍ରବେଶ ଦେଉ ନାହିଁ । ତୁର୍କୀରେ ଥିବା ଇରାନୀ ଦୂତାବାସ ଅନୁଯାୟୀ, ଆମେରିକା ଟିମ୍ ମ୍ୟାନେଜମେଣ୍ଟ, ସପୋର୍ଟ ଷ୍ଟାଫ୍ ଏବଂ ବୈଷୟିକ ପରାମର୍ଶଦାତାଙ୍କ ଏକ ବଡ଼ ଅଂଶକୁ ଭିସା ଦେବାକୁ ମନା କରିଛି । ଏହା ଏକ ସମ୍ପୂର୍ଣ୍ଣ ପକ୍ଷପାତପୂର୍ଣ୍ଣ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନିଷ୍ପତ୍ତି । ମେକ୍ସିକୋରେ ଇରାନର ରାଷ୍ଟ୍ରଦୂତ ଏକ ଆଶ୍ଚର୍ଯ୍ୟଜନକ ଦାବି କରିଛି । ସେ ଦାବି କରିଛନ୍ତି ଯେ ଆମେରିକାର ଭିସା ଆବଶ୍ୟକତା ଅନୁଯାୟୀ, ଇରାନୀ ଖେଳାଳି ଏବଂ କର୍ମଚାରୀମାନଙ୍କୁ କେବଳ ମ୍ୟାଚ୍ ଦିନଗୁଡ଼ିକରେ ଆମେରିକାରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ ଏବଂ ମ୍ୟାଚ୍ ଶେଷ ହେବା ପରେ ସେହି ଦିନ ଫେରିବାକୁ ପଡିବ । ଏହାର ଅର୍ଥ ହେଉଛି ସେମାନେ ଟୁର୍ଣ୍ଣାମେଣ୍ଟ ସମୟରେ ଆମେରିକାରେ ରହିପାରିବେ ନାହିଁ । ଇରାନୀ ଦୂତାବାସ ଆମେରିକାର ଏହି ପଦକ୍ଷେପକୁ କେବଳ "ଦେଖାଣିଆ" ବୋଲି କହିଛି । ଜାରି ବିବୃତ୍ତିରେ କୁହାଯାଇଛି ଯେ ଆମେରିକା, ଇରାନୀ ଜାତୀୟ ଫୁଟବଲ୍ ଦଳ ପ୍ରତି ଜାଣିଶୁଣି ପକ୍ଷପାତିତାକୁ ଚରମ ସୀମାରେ ପହଞ୍ଚାଇଛି ।

# ରାଉରକେଲାରେ ଅସ୍ମିତା ସାଇକେଲ ପ୍ରତିଯୋଗିତା

ରାଉରକେଲା, (ସବ୍ୟୁ) : ରାଉରକେଲା ରେ ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ସାଇକେଲ ପ୍ରତିଯୋଗିତା ଆୟୋଜିତ ହୋଇ ଯାଇଛି । କେନ୍ଦ୍ର କ୍ରୀଡ଼ା ବିଭାଗ ଦ୍ୱାରା ସମସ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ସାଇକେଲ ପ୍ରତିଯୋଗିତା ଆୟୋଜନ ହେଉଥିବା ବେଳେ । ଓଡ଼ିଶା ସାଇ କ୍ଲିଂ ସଂଘ ର ଉପସଭାପତି ନରସିଂହ ସାହୁ ଓ ରାଉରକେଲା ସାଇ କ୍ଲିଂ କ୍ଲବ୍ ର ସଭାପତି ସୁଶାନ୍ତ ବେହେରା ଙ୍କ ନେତୃତ୍ୱରେ ଆଜି ସ୍ଥାନୀୟ ଟେଲିଫୋନ ଭବନ ଛକରୁ ସାଇକେଲ ଚାଳନା ଆରମ୍ଭ ହୋଇ ସେକ୍ଟର -୧୩ ସ୍ପେସ ଛକ ପର୍ଯ୍ୟନ୍ତ ପ୍ରାୟ ୪ କିଲୋ ମିଟର ଅସ୍ମିତା ସାଇକେଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି ।ଏହି ପ୍ରତିଯୋଗୀତାରେ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । ଦୁଇଟି ବର୍ଗ ରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।ଅତିଥି ରୂପେ ପୂର୍ବତନ ଜାତୀୟ ସାଇକ୍ଲିଷ୍ଟ ଏସ ଆର ସିଂହ ପତାକା ଦେଖାଇ ପ୍ରତିଯୋଗିତା ଶୁଭାରମ୍ଭ କରିଥିଲେ । ସମ୍ମାନୀୟ ଅତିଥି ରୂପେ ପୂର୍ବତନ ସାଇକ୍ଲିଷ୍ଟ ଦେବାଶିଷ ଜେନା,ସୂର୍ଯ୍ୟ ପାଢ଼ୀ ଓ ଶିକ୍ଷାବିତ୍ କେ ଏନ୍ ଚୌବେ ପ୍ରଭୃତି ଉପସ୍ଥିତ ରହି




ଭାଗ ନେଇଥିବା ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଜୁନିୟର ବର୍ଗ ରେ ଅସନ୍ତି ତିର୍କୀ ,ପ୍ରଭା ସୋରେନ, ସେଶଦ୍ରୀ ପାଣ୍ଡେ ସେହିଭଳି ସିନିୟର୍ ବର୍ଗ ରେ ସ୍ନେହା ଖାଡ଼ିଆ,ପୂଜା ଓରାମ ଓ ପ୍ରିୟଙ୍କା କେରକେଟା ପ୍ରଭୃତି ପ୍ରଥମ ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଏହି ଅସ୍ମିତା ସାଇକେଲ ପ୍ରତିଯୋଗିତା ପ୍ରଥମ ଥର ପାଇଁ ରାଉରକେଲା ରେ ଆୟୋଜିତ ହୋଇ ଥିବାରୁ ରାଉରକେଲା ସାଇକ୍ଲିଷ୍ଟଙ୍କ ଭିତରେ ଅନେକ ଉତ୍ସାହ ଦେଖିବାକୁ ମିଳିଥିଲା । ଏହି ପ୍ରତିଯୋଗିତାକୁ ସଫଳ କରିବା ପାଇଁ ଦେବଦତ୍ତ ଜେନା, ନିହାର ଜେନା,ଲିଙ୍ଗରାଜ ଷଡ଼ଙ୍ଗୀ, ବଳରାମ ମାଝୀ,ପର୍ଶୁରାମ ଚୌଧୁରୀ, ଲକ୍ଷ୍ମୀ ସାହୁ,ବିଶ୍ୱରଞ୍ଜନ ସାହୁ , ପୂର୍ଣ୍ଣ ଚନ୍ଦ୍ର ନାୟକ ଓ ରବି ମହାନ୍ତି ପ୍ରଭୃତି ସହଯୋଗ କରିଥିଲେ ।

### ଫ୍ରେଣ୍ଡସିପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ ୩

## ୨ୟ ଦିବସରେ ଢୋଲମରା, ଗଣିଆ ବିଜୟୀ

ଗଣିଆ, ୦୭/୦୬ (ସବ୍ୟୁ) : ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବେଠିଆ ସାହି ଠାରେ ସମାଜ ସେବୀ ଗଣେଶ୍ୱର ସାମଲ ଓ ସାତକୋଶିଆ ସ୍ୟାଣ୍ଡସ ରିସୋର୍ଟ ଦ୍ୱାରା ପ୍ରାୟୋଜିତ ଫ୍ରେଣ୍ଡସିପ କ୍ରିକେଟ କ୍ଲବ ଫ୍ରେଣ୍ଡସିପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଜିନ ୩ ବେଠିଆସାହି ଜଗନ୍ନାଥ ମନ୍ଦିର ପଛ ଖେଳ ପଡିଆ ଠାରେ ୨ୟ ଦିବସର ଲିଗ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମ ମ୍ୟାଚ ରେ ଡି ସି ଏ ଢୋଲମରା ବନାମ ଏମ ଡି ସି ସି ଛାମୁଣ୍ଡିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଢୋଲମରା ଟିମ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା । ନିର୍ଦ୍ଧାରିତ ୧୦ ଓଭରରେ ଢୋଲମରା ଟିମ ୬ ଓ୍ୱିକେଟ ହରାଇ ୧୫୭ ରନ କରିବାରେ ସକ୍ଷମ ହୋଇଥିଲା । ଜବାବରେ ଛାମୁଣ୍ଡିଆ ନିର୍ଦ୍ଧାରିତ ୧୦ଓଭରରେ ୬ ଓ୍ୱିକେଟ ହରାଇ ୧୦୨ରନ କରି ୫୫ ରନରେ ପରାସ୍ତ ହୋଇଛି । ଆଜିର ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ବନପାଳ ସୋମନାଥ ପରିଡ଼ା ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ସାତକୋଶିଆ ସ୍ୟାଣ୍ଡସ ରିସୋର୍ଟ ର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ହାଡ଼ିବନ୍ଧୁ ବେହେରା ଯୋଗ ଦେଇଥିଲେ ।ଫ୍ରେଣ୍ଡସିପ କ୍ରିକେଟ କ୍ଲବ ର ଅଧକ୍ଷ ବିଜୟନନ୍ଦ ତରେଇ,ସଭାପତି ପ୍ରଶାନ୍ତ ବେହେରା , କୋଷାଧକ୍ଷ ମଧୁସୁଦନ ନାୟକ ଯୋଗ ଦେଇଥିଲେ । ପ୍ରଥମ ମ୍ୟାଚରେ ବିଭୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇ ଅତିଥି ଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ । ସେହି ପରି ଦିତୀୟ ମ୍ୟାଚରେ ଓ ଏମ ପି ସି ସି ଚକ୍ରଗଡ଼ ବନାମ ଏମ ସି ଏ ଇଲେଭେନ ଗଣିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରାଣିଭୁଇଁ ପ୍ରଥମେ ଟସ ଜିତି ବ୍ୟାଟିଂ କରିବା ନିଷ୍ପତି ନେଇଥିଲା ।୧୦ଓଭରରେ ୪ ଓ୍ୱିକେଟ ହରାଇ ୧୫୩ ରନ କରିବାରେ ସକ୍ଷମ ହୋଇଥିଲା ।



ଜବାବରେ ଗଣିଆ ଟିମ ୧୦ ଓଭର ରେ ୭ଓ୍ୱିକେଟ ହରାଇ ୧୫୪ ରନ କରି ୩ଓ୍ୱିକେଟ ରେ ବିଜୟୀ ହୋଇଥିଲା । । ମୁଖ୍ୟ ଅତିଥି ଭାବେ ବିରୂପାକ୍ଷ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ସୁମନ୍ତ ଦାସ ଯୋଗ ଦେଇଥିଲେ । ରମାକାନ୍ତ କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରା ଯାଇଥିଲା । ଆଜିର ଦୁଇଟି ମ୍ୟାଚ ରେ ସରୋଜ କୁମାର ରଣା ଓ ସିଲୁ ଖେଳ ପରିଚାଳନା କରିଥିଲେ । ବହୁ ଦର୍ଶକ ଖେଳ ଉପଭୋଗ କରୁଥିଲେ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଆୟୋଜକ କମିଟି ତରଫରୁ ଦର୍ଶକ ମାନଙ୍କ ପାଇଁ ଦହି ସର୍ବତର ବ୍ୟବସ୍ଥା କରା ଯାଇଥିଲା ।

# ସିଏମ୍ ଟ୍ରଫି କବାଡି, ଫୁଟବଲ ଚାମ୍ପିଅନସିପ ଉଦ୍‌ଘାଟିତ

ବ୍ରହ୍ମପୁର, ୭।୬ (ସବ୍ୟୁ) : ଚଳିତ ମାସ ୧ ତାରିଖ ଠାରୁ ସି.ଏମ୍ କପ ଫୁଟବଲ ଚାମ୍ପିୟନଶପ ବ୍ରହ୍ମପୁର ଜୋନ ରେ ଆରମ୍ଭ ହୋଇଥିଲା । ଏହି ଟୁର୍ନାମେଣ୍ଟ ରେ ୮ ଗୋଟି ଜିଲ୍ଲା ଭାଗ ନେଇଥିଲେ ଯଥା : ନବରଙ୍ଗପୁର, ମାଲକାନଗିରି, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ରାୟଗଡା, ଗଞ୍ଜାମ ଓ ଗଜପତି ଅନ୍ତଃ ୧୪ ବର୍ଷୀୟ ଉଭୟ ବାଳକ ଓ ବାଳିକା ଦଳ । ଏହି ଚାମ୍ପିୟନସିପ ରେ ଜୋନାଲ ବିଜେତା ହୋଇଛି ନବରଙ୍ଗପୁର ବାଳକ ଦଳ ଓ ଉପ - ବେଜେତା କନ୍ଧମାଳ ବାଳକ ଦଳ ଏବଂ ବାଳିକା ଦଳ ରେ ନବରଙ୍ଗପୁର ଦଳ ବିଜୟୀ ହୋଇଛନ୍ତି ଓ ଉପ - ବେଜେତା ହୋଇଛିଛନ୍ତି ଗଜପତି ବାଳିକା ଦଳ । ସେହିଭଳି କବାଡି ଚାମ୍ପିୟନସିପ ରେ ବ୍ରହ୍ମପୁର ଜୋନ ରୁ ଗଞ୍ଜାମ ବାଳକ ଦଳ ଓ ବାଳିକା ଦଳ ଜୋନାଲ ବିଜେତା ହୋଇଥିଲେ ଏବଂ କନ୍ଧମାଳ ବାଳକ ଦଳ ଓ କଳାହାଣ୍ଡି ବାଳିକା ଦଳ ଉପ - ବେଜେତା ହୋଇଛି ଥିଲେ । ଏହି ଉଦଯାପନୀ ଉତ୍ସହବ ରେ ମୁଖ୍ୟ ଅତିଥି ଭାବେ କେ.ଅନିଲ କୁମାର ବ୍ରହ୍ମପୁର ବିଧାୟକ



ଯୋଗଦେଇଥିଲେ ଏବଂ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ର ସଦସ୍ୟ ଯଥା : ଶ୍ରୀ କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଡ଼ି. ଡ଼ି. ଆପ୍ପା ରାଓ, ଡ଼ି. ଡ଼ି. ଗନ୍ତାୟତ, ପ୍ରମୋଦ ମହାରଣା, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ରାଜ ନାରାୟଣ ପାତ୍ର, ସୀତାରାମ ବବେରତା, ଜି. ଏମ ବାବୁ, ବିଜୟ କୁମାର ପଟନାୟକ, ଦୁର୍ଗା ପଟନାୟକ, ଏବଂ ଜିଲ୍ଲା ର ବରିଷ୍ଠ ଖେଳାଳି ମାନେ ଯୋଗ ଦେଇଥିଲେ ବୋଲି ଜେ. କାମେଶ୍ୱର ରାଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି ।

### ଆଇଏଚ୍‌ଏଫ୍ କନିଷ୍ଠ ବାଳକ ଟ୍ରଫି

## ଭାରତୀୟ ଦଳରେ ଓଡ଼ିଶାର ସ୍ୱସ୍ତିକ

ଭୁବନେଶ୍ୱର, ୭।୬(ସବ୍ୟୁ) : ବାଂଲାଦେଶର ରାଜଧାନୀ ଢାକା ଠାରେ ଚଳିତ ମାସ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଆଇ ଏଚ ଏଫ କନିଷ୍ଠ ପୁରୁଷ ଟ୍ରଫି ଆୟୋଜିତ ହେବ । ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାପାଇଁ ଓଡ଼ିଶାର ଏକ ମାତ୍ର ଖେଳାଳି ସ୍ୱସ୍ତିକ ମହାପ୍ରସାଦ ପତି ମନୋନୀତ ହୋଇ ଓଡିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ଏହି ପ୍ରତିଯୋଗିତା ପାଇଁ ଲକ୍ଷ୍ନୌରେ ଚୟନ ଶିବିର ଗତ ଏପ୍ରିଲ ମାସ ୯ ଓ ୧୦ ତାରିଖରେ ଅନୁଷ୍ଠିତ ହୋଇ ଥିଲା । ଉତ୍ତରାଖଣ୍ଡ ରୁଦ୍ରପୁରରେ ଜାତୀୟ ଶିବିର ଗତ ମାସ ୨୭ ରୁ ଚଳିତ ମାସ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଛି । ଏହି ଶିବିର ରେ ସ୍ୱସ୍ତିକ ଉନ୍ନତ ଖେଳ ପ୍ରଦର୍ଶନ କରି ୧୪ ଜଣିଆ ଭାରତୀୟ ଦଳରେ ସ୍ଥାନ ବଜାୟ ରଖିଥିଲେ । ଆଇଏଚ୍‌ଏଫ୍ ଟ୍ରଫି ଖେଳିବାରେ ସ୍ୱସ୍ତିକ ପ୍ରଥମ ଓଡ଼ିଆ ହ୍ୟାଣ୍ଡବଲ ଖେଳାଳି । ସୂଚନାଯୋଗ୍ୟ ସ୍ୱସ୍ତିକ ଗତ ବର୍ଷ ବାଳକ ଏସିଆନ ପ୍ରତିଯୋଗିତା ଜୋଡାନ ଓ ସେଣ୍ଟ୍ରାଲ ଏସିଆନ ଉଜ୍‌ବେକିସ୍ତାନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ଭାରତ ପାଇଁ ବ୍ରୋଞ୍ଜ




ପଦକ ଜିତି ଥିଲେ । ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳି ଆର୍ଯ୍ୟନଙ୍କ ପରେ ସ୍ୱସ୍ତିକ ଲଗାତାର ତୃତୀୟ ଥର ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି । ସ୍ୱସ୍ତିକ ବର୍ତ୍ତମାନ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କୋଚ ଗୌରୀ ଶଙ୍କର ମିଶ୍ର ଙ୍କ ଠାରୁ ପ୍ରଶିକ୍ଷଣ ନେଉଛନ୍ତି । ସ୍ୱସ୍ତିକଙ୍କ ଏହି ସଫଳତା ପାଇଁ ଓଡିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ ସମ୍ପାଦକ ଙ୍କ ମାନସ କୁମାର ସିଂ, କୋଷଦକ୍ଷ ଶୀତେନ୍ଦ୍ରନାଥ ଦାସ, ଭୁବନେଶ୍ୱର ହ୍ୟାଣ୍ଡବଲ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଓ ଅନ୍ତର୍ଜାତୀୟ କୋଚ ଗୌରୀ ଶଙ୍କର ମିଶ୍ର ସ୍ୱସ୍ତିକଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

ସୂଚନା

ସମୟ

BHIM
BHARAT INTERFACE FOR MONEY
SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# ଫ୍ରେଞ୍ଚ୍ ଓପନ ଚାମ୍ପିଅନ ଆନ୍ଦ୍ରେଭାଙ୍କ ସମ୍ପତ୍ତି କେତେ ?

ନୂଆଦିଲ୍ଲୀ, ୭।୬ (ଏଜେନ୍ସି) : ମହିଳା ଟେନିସ ଜଗତର ଉଜ୍ଜ୍ୱଳ ଯୁବ ତାରକା ୧୯ ବର୍ଷୀୟା ଋଷୀୟ ଯୁବ ଖେଳାଳି ମୀରା ଆନ୍ଦ୍ରେଭା ଡବ୍ଲ୍ୟୁଟିଏ ଟୁର୍‌ରେ ଚମତ୍କାର ସଫଳତା ହାସଲ କରିଛନ୍ତି । ଗ୍ରାଣ୍ଡ ସ୍ଲାମ ଏବଂ ଡବ୍ଲ୍ୟୁଟିଏ ୧ ହଜାର ପ୍ରତିଯୋଗିତାରେ ନିଜର ଦମଦାର ପ୍ରଦର୍ଶନ ବଳରେ ସେ ଟେନିସ କୋର୍ଟ ଭିତରେ ଓ ବାହାରେ ସମସ୍ତଙ୍କ ପାଇଁ ଆଲୋଚନାର ବିଷୟ ପାଲଟିଛନ୍ତି । ବିଶେଷ କରି ୬ ଜୁନ୍ ୨୦୨୬ରେ ଫ୍ରେଞ୍ଚ୍ ଓପନ ଜିତିବା ତାଙ୍କ କ୍ୟାରିୟରରେ ନୂଆ କୀର୍ତ୍ତିମାନ ଯୋଡିଛି ।

ମାତ୍ର କିଛି ବର୍ଷ ମଧ୍ୟରେ ଆନ୍ଦ୍ରେଭା ବିଶ୍ୱସ୍ତରୀୟ ଟେନିସ ଷ୍ଟାର୍ ପାଲଟିଛନ୍ତି । ଗତ ୬ ତାରିଖରେ ସେ ଫ୍ରେଞ୍ଚ୍ ଓପନ ଫାଇନାଲ ଜିତି କ୍ୟାରିୟରର ପ୍ରଥମ ଗ୍ରାଣ୍ଡ ସ୍ଲାମ ଟାଇଟଲ ହାସଲ କରିଛନ୍ତି । ଏହି ବଡ ବିଜୟରୁ ତାଙ୍କୁ ପ୍ରାୟ ୩.୨ ନିୟୁତ ଡଲାର ପୁରସ୍କାର ରାଶି ମିଳିଛି । ଏହା ପୂର୍ବରୁ ୨୦୨୫ରେ ସେ ଦୁବାଇ ଏବଂ ଇଣ୍ଡିଆନ ୱେଲସ୍‌ରେ ଟାଇଟଲ ଜିତିଥିଲେ । ତାଙ୍କୁ ୪.୭ ନିୟୁତ ଡଲାରୁ ଅଧିକ ପୁରସ୍କାର ମିଳିଥିଲା । ତାଙ୍କ ରୋଜଗାର ମୁଖ୍ୟତଃ ଟୁର୍ଣ୍ଣାମେଣ୍ଟ ପୁରସ୍କାର ରାଶି ଏବଂ ବିଭିନ୍ନ ବ୍ରାଣ୍ଡ ବିଜ୍ଞାପନ ଚୁକ୍ତିରୁ ଆସିଥାଏ । ଦିଲ୍ଲୀ ଏକ୍ସପ୍ରେସ୍ ରିପୋର୍ଟ ଅନୁଯାୟୀ ୨୦୨୬ ମସିହାରେ ଆନ୍ଦ୍ରେଭାଙ୍କ ଆନୁମାନିକ ମୋଟ ସମ୍ପତ୍ତି ବା ନେଟ୍ ୱର୍ଥ ପ୍ରାୟ




୭୪୩,୦୦୦ ରୁ ୩.୭ ନିୟୁତ ବ୍ରିଟିସ୍ ପାଉଣ୍ଡ ମଧ୍ୟରେ ରହିଛି । ବିଶ୍ୱର ୮ ନମ୍ବର ଖେଳାଳି ହୋଇଥିବା ମୀରାଙ୍କ ରୋଜଗାର ନିଜର ସଫଳତା ସହ ତାଳ ଦେଇ ବଢିଚାଲିଛି । ଡବ୍ଲ୍ୟୁଟିଏ ରେକର୍ଡ ଅନୁଯାୟୀ ୨୦୨୬ ସିଜନର ମଧ୍ୟ ଭାଗ ସୁଦ୍ଧା ଆନ୍ଦ୍ରେଭା ୯.୫ ନିୟୁତ ଡଲାରୁ ଅଧିକ ରୋଜଗାର କରିସାରିଲେଣି । ୨୦୨୨ ମସିହାରେ ତାଙ୍କ ଆୟ ମାତ୍ର ୨୫ ହଜାର ଡଲାରରୁ ସାମାନ୍ୟ ଅଧିକା ଥିଲା । ୨୦୨୩ ଓ ୨୦୨୪ ର ଭଲ ପ୍ରଦର୍ଶନ ତାଙ୍କ ପାଇଁ ବଡ ସଫଳତା ଆଣି ଦେଇଥିଲା ।

ଟେନିସ୍ କୋର୍ଡ ବାହାରେ ମଧ୍ୟ ଆନ୍ଦ୍ରେଭା ବହୁ ବଡ ବ୍ରାଣ୍ଡ ସହ ଚୁକ୍ତି କରିଛନ୍ତି । ୨୦୧୮ ମସିହାରୁ ସେ ବିଶ୍ୱର ପ୍ରସିଦ୍ଧ ସ୍ପୋର୍ଟ୍ସ ବ୍ରାଣ୍ଡ ନାଇକ୍ ସହ ଜଡିତ ଅଛନ୍ତି । ଖେଳିବା ପାଇଁ ୱିଲସନ୍ କମ୍ପାନୀର ର୍‍ୟାକେଟ୍ ବ୍ୟବହାର କରିନ୍ତି । ୨୦୧୫ ମସିହାରେ ଅନ୍ତର୍ଜାତୀୟ ଘଣ୍ଟା ନିର୍ମାତା କମ୍ପାନୀ ରୋଲେକ୍ସ ତାଙ୍କୁ ନିଜ ବ୍ରାଣ୍ଡ ଆମ୍ବାସାଡାର ତାଲିକାରେ ସାମିଲ କରିଥିଲା । ଯାହା ଦ୍ୱାରା ସେ ଟେନିସ ଜଗତରେ କିଛି ବଡ ବଡ ନାମ ସହ ଯୋଡି ହୋଇଥିଲେ । ଏତେ ଧନ ଏବଂ ପ୍ରସିଦ୍ଧି ସତ୍ତ୍ୱେ ମଧ୍ୟ ଆନ୍ଦ୍ରେଭା ସାଧାରଣ ଜୀବନ ବିତାଉଛନ୍ତି । ସେ ଫ୍ରାନ୍ସର କାନ୍ସ ଠାରେ ରହିବା ସହ ନିଜର ଟ୍ରେନିଂ ନେଉଛନ୍ତି । କୌଣସି ବିଳାସପୂର୍ଣ୍ଣ ସମ୍ପତ୍ତି କିଣିବାର ଖବର ନାହିଁ ।

### ଡିଫା କପ

## ସେମିରେ ୟଙ୍ଗ ଉତ୍କଳ

ଧର୍ମଶାଳା, ୭।୬(ସବ୍ୟୁ) : ଧର୍ମଶାଳା ଫୁଟବଲ ଆସସିଏସନ ପକ୍ଷରୁ ବାନିପୀଠ ପଡିଆରେ ଚାଲାକଥିବା ୨୮ ତମ ଓ ଅଷ୍ଟମ ରଂଜିତ ସ୍ୱାଇଁ ଡିଫାକପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ କଳିଙ୍ଗ ସ୍ପୋର୍ଟ୍ସ କ୍ଲବ ଭୁବନେଶ୍ୱରକୁ ୧/୦ ଗୋଲରେ ପରାସ୍ତ କରିୟଙ୍ଗ ଉତ୍କଳ କ୍ଲବ କଟକ ସେମି ଫାଇନାଲରେ ପ୍ରବେଶ କରିଛି । ଆଜିର ଖେଳରେ ଚହାଟା ସରପଞ୍ଚ ସୁମିତ୍ରା ସଓ୍ୱାଇଁ ଓ ରାଜ୍ୟ ରଗବି ସଂଘର ଯୁଗ୍ମ ସମ୍ପାଦକ ଭରତ ସାହୁ ଅତିଥି ଭାବେ ଯୋଗଦେଇଥିଲେ । ଆଜିର ମ୍ୟାଚରେ କଟକରେୟଙ୍ଗ ଉତ୍କଳ କ୍ଲବ ଭୁବନେଶରର କଳିଙ୍ଗ ସ୍ପୋଟିଙ୍ଗ କ୍ଲବକୁ ୧/୦ ଗୋଲରେ ପରାସ୍ତ କରି ସେମିରେ ପ୍ରବେଶ କରିଛି । ସୋମବାର ୟୁନାଇଟେଡ୍ କ୍ଲବ ଭଦ୍ରକ ଓ ଆୟୋଜକ ଡିଫା ଧର୍ମଶାଳା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଡିଫା କ୍ଲବର ସଭାପତି ପ୍ରମୋଦ କୁମାର ଦାସ ଓ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି